


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 34 | ISSUE 45 | ଭାଗ ୩୪ | ସଂଖ୍ୟା ୪୫ | Bhubaneswar |Thursday 8 May 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୮ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ‘ଘରେ ପଶି ମାରିଲୁ’



ନୂଆଦିଲ୍ଲୀ,୭।୫: ପହଲଗାମ୍‌ରେ ବର୍ବର ଆତଙ୍କୀ ହମଲାର ଜବରଦସ୍ତ ବଦଲା ନେଇଛି ଭାରତ। ଗତକାଲି ମଧ୍ୟରାତ୍ରିରେ ପାକିସ୍ତାନ ଛାତିରେ ଭାରତ ବଡ଼ ଧରଣର ଏୟାରଷ୍ଟ୍ରାଇକ୍ କରି ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ବ୍ୟାପକ ମାତ୍ରାରେ ଆତଙ୍କୀ ଆଡ୍ଡାକୁ ଧ୍ୱସ୍ତ କରିଦେଇଛି। ଲଢୁଆ ଯୁଦ୍ଧ ବିମାନ ଓ ମିସାଇଲ ଯୋଗେ ଆତଙ୍କୀ ଶିବିରରେ ଭାରତୀୟ ସେନା ପକ୍ଷରୁ ଆକ୍ରମଣ କରାଯାଇଛି। ମୋଟ୍ ୯ଟି ସ୍ଥାନକୁ ଟାର୍ଗେଟ୍ କରାଯାଇଥିବା ବେଳେ ଏହି ଅପରେସନ ନାମ ରହିଛି ‘ସିନ୍ଦୂର’। ପହଲଗାମ୍‌ରେ ପାକ୍ ପ୍ରାୟୋଜିତ ଆତଙ୍କୀମାନେ ଧର୍ମ ପଚାରି ପୁରୁଷ ପର୍ଯ୍ୟଟକଙ୍କୁ ସେମାନଙ୍କ ପତ୍ନୀ ଓ ପରିବାର ➪ପୃଷ୍ଠା-୬




# ରାଷ୍ଟ୍ରପତିଙ୍କୁ ବିବରଣୀ ଦେଲେ ମୋଦି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟି ଅପରେଶନ ସିନ୍ଦୁର ବିଷୟରେ ସୂଚନା ଦେଇଛନ୍ତି। ଏହି ଅପରେଶନ ଭାରତୀୟ ସେନା, ବାୟୁସେନା ଏବଂ ନୌସେନାର ମିଳିତ କାର୍ଯ୍ୟ ଥିଲା, ଯେଉଁଥିରେ ପାକିସ୍ତାନ ଅଧୀନସ୍ଥ କାଶ୍ମୀରରେ ଥିବା ଆତଙ୍କବାଦୀ ଶିବିର ଉପରେ ମିସାଇଲ ମାଡ କରାଯାଇଥିଲା। ସୂଚନା ଅନୁଯାୟୀ, ମୋଦି କ୍ୟାବିନେଟ ବୈଠକ ପରେ ରାଷ୍ଟ୍ରପତିଙ୍କୁ ଏହି ଅପରେଶନର ସଫଳତା ଏବଂ ଏହାର ଗୁରୁତ୍ୱ ବିଷୟରେ ଅବଗତ କରାଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ମୋଦିଙ୍କ କ୍ୟାବିନେଟରେ ଏହି ଅପରେଶନ ଦେଶ ପାଇଁ ଗର୍ବର ବିଷୟ ବୋଲି ବର୍ଣ୍ଣନା କରିଥିଲେ। ‘ଅପରେସନ ସିନ୍ଦୂର’ରେ ମୁଜାଫରାବାଦ, କୋଟଲି, ଭିମ୍ବେର ଏବଂ ସିଆଲକୋଟରେ ଥିବା ଲସ୍କର-ଏ-ତୋଇବା, ଜୈଶ-ଏ-ମହମ୍ମଦ ଏବଂ ହିଜବୁଲ ମୁଜାହିଦ୍ଦୀନ ଭଳି ଆତଙ୍କବାଦୀ ସଂଗଠନର ➪ପୃଷ୍ଠା-୬

# ଆଜି ଆମ ପାଇଁ ଗର୍ବର ଦିନ: ମୋଦି

ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଭାରତୀୟ ବାୟୁସେନା ପକ୍ଷରୁ ଗତକାଲି ରାତିରେ ପାକିସ୍ତାନ ଉପରେ ବଡ଼ ଧରଣର ବିମାନ ଆକ୍ରମଣ କରାଯାଇଛି। ବହୁ ଯୋଜନା ପରେ ଏହି ମିଶନ ସଫଳ ହୋଇଛି। ଏହାର ନାମ ରଖାଯାଇଛି ‘ଅପରେଶନ ସିନ୍ଦୂର’। ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ୟାବିନେଟ ବୈଠକରେ କହିଛନ୍ତି, ଆଜି ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ଦିନ।’ ସମଗ୍ର କ୍ୟାବିନେଟ ଭାରତର ବାୟୁସେନା ଆକ୍ରମଣକୁ ପ୍ରଶଂସା କରିଛି। ଅପରେଶନ ପରେ ବୁଧବାର ପ୍ରଧାନମନ୍ତ୍ରୀ ମୋଦି ସୁରକ୍ଷା ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଏସ୍)ବୈଠକରେ ଯୋଗ ଦେଇଥିଲେ। ଏହାପରେ ଏକ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା।

### ଆତ୍ମସନ୍ତୁଷ୍ଟି ଲଭିଲେ ପ୍ରଶାନ୍ତଙ୍କ ପତ୍ନୀ

# ସିନ୍ଦୂରର ବଦଲା ନେଇଛି ‘ସିନ୍ଦୂର’



**ବାଲେଶ୍ୱର:** ‘ମୋ ସିନ୍ଦୂରର ବଦଲା ନେଇଛନ୍ତି ମୋଦି ସରକାର। ଏଥିପାଇଁ ମୁଁ କେନ୍ଦ୍ର ସରକାରଙ୍କୁ ବହୁତ ଧନ୍ୟବାଦ ଜଣାଉଛି।’ ଏପରି କିଛି କୋହଭରା କଣ୍ଠରେ କହିଛନ୍ତି ପହଲାଗାମ ଆତଙ୍କୀ ହମଲାରେ ମୃତ୍ୟୁବରଣ କରିଥିବା ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ। ଗତ ୨୨ ତାରିଖରେ ତାଙ୍କ ଆଖି ସାମ୍ନାରେ ଆତଙ୍କୀମାନେ ପ୍ରଶାନ୍ତଙ୍କ ଜୀବନ ନେଇଥିବା ବେଳେ କୋହ ଓ କ୍ରୋଧରେ ସନ୍ତୁଳିତ ହେଉଥିଲେ ପ୍ରିୟଦର୍ଶିନୀ। ତେବେ ଗତକାଲି ରାତିରେ ପାକିସ୍ତାନ ଉପରେ ହୋଇଥିବା ଏୟାରଷ୍ଟ୍ରାଇକ୍ ପରେ ସେ କିଛି ମାତ୍ରାରେ ଆଶ୍ୱସ୍ତ ହୋଇଛନ୍ତି। ଭାରତୀୟ ସେନାର ଅପରେସନ୍ ସିନ୍ଦୂର ସମ୍ପର୍କରେ ସେ କହିଛନ୍ତି ଯେ ପହଲଗାମ ହମଲା ପରେ ଆମେ ଭାବୁଥିଲୁ ସରକାର କାହିଁକି ବଦଲା ନେଉନାହାନ୍ତି। ହେଲେ ସରକାର ପୂରା ପ୍ଲାନ କରି ବଦଲା ➪ପୃଷ୍ଠା-୬

# ପୂରା ହମ୍‌ଲା ଉପରେ ଥିଲା ମୋଦିଙ୍କ ନଜର

ମଧ୍ୟରାତ୍ରରେ ହଜିଗଲା ପାକିସ୍ତାନର ନିଦ। ରାତିଅଧିଆ ଭାରତୀୟ ସେନା ପାକିସ୍ତାନ ଉପରେ ଏୟାର ଷ୍ଟ୍ରାଇକ କରିବା ସହ ମିସାଇଲ ମାଡ଼ରେ ଛାରଖାର କରିଦେଲା ୯ଟି ଆତଙ୍କୀ ଆଡ୍ଡା। ପାକିସ୍ତାନ ଭିତରେ ଆତଙ୍କବାଦୀଙ୍କ ଶିବିର ଉପରେ ବର୍ଷିଲା ବୋମା। ଘନ ଘନ ମିସାଇଲ ମାଡ଼ରେ ଧ୍ୱଂସ ହୋଇଗଲା ଆତଙ୍କୀଗଡ଼। ତେବେ ଭାରତୀୟ ସେନାର ଏହି ଅପରେସନ୍‌ର ପ୍ରତି ମୁହୂର୍ତ୍ତ ଉପରେ ଥିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନଜର। ଅପରେସନ୍ ସଂକ୍ରାନ୍ତରେ ପ୍ରତିଟି ସୂଚନା ମଧ୍ୟ ନେଉଥିଲେ ସେ। ଏଥିସହ ପ୍ରଧାନମନ୍ତ୍ରୀଙ୍କ ସାଥୀରେ ବରାବର ➪ପୃଷ୍ଠା-୬

# ପ୍ରତିଆକ୍ରମଣ କରିପାରେ ପାକ୍



**ଇସଲାମାବାଦ:** ପାକିସ୍ତାନ ଏବଂ ପିଓକେରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରି ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତୀୟ ସେନା। ଯାହାପରେ ବୁଧବାର ପାକିସ୍ତାନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଭାରତୀୟ ଏୟାରଷ୍ଟ୍ରାଇକ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶହବାଜ ସରିଫଙ୍କ ଅଧ୍ୟକ୍ଷତାରେ ଜାତୀୟ ସୁରକ୍ଷା ପରିଷଦ (ଏନଏସସି)ର ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ କ୍ୟାବିନେଟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସମସ୍ତ ସଶସ୍ତ୍ର ବାହିନୀ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏନଏସସି ବୈଠକ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା ବେଳେ ପାକିସ୍ତାନୀ ସେନା ପ୍ରଧାନମନ୍ତ୍ରୀ ଶହବାଜ ସରିଫଙ୍କଠାରୁ ସ୍ୱାଧୀନତା ଚାହିଁଥିଲେ। ଏହା ଉପରେ ଶହବାଜ କହିଥିଲେ ଯେ ସେନାର ପୂର୍ଣ୍ଣ କ୍ଷମତା ରହିଛି।

ପାକିସ୍ତାନ ପ୍ରତିଥର ପରି ପୁଣିଥରେ କହିଛି ଯେ ତାଙ୍କ ଅଞ୍ଚଳରେ କୌଣସି ଆତଙ୍କବାଦୀ ଶିବିର ନାହିଁ। ➪ପୃଷ୍ଠା-୬

# ମାସୁଦ ଆଜ୍ହାର ବଂଶ ନିପାତ



ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କୀ ନରସଂହାରର ଜବାବ ଦେଇଛି ଭାରତୀୟ ସେନା। ଅପରେସନ ସିନ୍ଦୂରରେ ଭାରତୀୟ ସେନା କଡା ଜବାବ ଦେଇଥିଲା। ଏକକାଳୀନ ୯ଟି ଆତଙ୍କବାଦୀଙ୍କ ବେସ ଉପରେ ହୋଇଥିଲା ଆକ୍ରମଣ। ଏହି ଆକ୍ରମଣରେ ଜୈଶ-ଏ-ମହମ୍ମଦ (ଜେଇଏମ୍)ର ମୁଖ୍ୟ ମୌଲାନା ମାସୁଦ ଆଜ୍ହାରର ସମ୍ପୂର୍ଣ୍ଣ ପରିବାର ନିପାତ ହୋଇଛି। ପାକିସ୍ତାନର ବାହାବଲ୍‌ପୁର ହେଉଛି ଆତଙ୍କୀ ସଂଗଠନ ଜେଇଏମ୍‌ର ମୁଖ୍ୟ କାର୍ଯ୍ୟାଳୟ। ସେଠାରେ ମାସୁଦ ତା’ର ସଂଗଠନକୁ ଚଳାଇଆସୁଥିଲା। ସେହିଠାରୁ ହିଁ ସେ ଆତଙ୍କୀ ହମଲାର ପ୍ଲାନ କରିଆସିଛି। ଗତ ୨୦୦୧ ସଂସଦ ଆକ୍ରମଣ ହେଉ କି ପୁଲୱାମା ସୁଇସାଇଡ ବୋମା ଆକ୍ରମଣ, ଭାରତରେ ପ୍ରମୁଖ ଆତଙ୍କୀ ହମଲାର ମାଷ୍ଟର ମାଇଣ୍ଡ ଥିଲା ମାସୁଦ। ତେବେ ମାସୁଦ୍‌କୁ ଭାରତୀୟ ସେନା ଟାର୍ଗେଟ୍ କରି ମାସୁଦ୍ ପରିବାରର ୧୦ ଜଣ ସଦସ୍ୟଙ୍କୁ ନିପାତ କରାଯାଇଥିବା ନେଇ ସ୍ପଷ୍ଟ ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ମାସୁଦ୍‌ର ଭଉଣୀ ଓ ଭିଣୋଇ ମଧ୍ୟ ଥିବା କୁହାଯାଉଛି।

# ଅର୍ଦ୍ଧସାମରିକ ବାହିନୀର ଛୁଟି ବାତିଲ୍

ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପ୍ରତିଶୋଧମୂଳକ ଆକ୍ସନ ସ୍ୱରୂପ ଭାରତ ନେଇଛି ବଡ ବଦଲା। ରାତାରାତି ବିନା ସୂଚନାରେ ପାକିସ୍ତାନ ଉପରେ କରିଛି ଏୟାର ଷ୍ଟ୍ରାଇକ୍। ପାକିସ୍ତାନର ସବୁଠୁ ବଡ ସହଯୋଗୀ ଚୀନ୍ ମଧ୍ୟ ଏ ନେଇ ଟେର୍ ପାଇନଥିଲା । ସେନା ମୁଖ୍ୟଙ୍କ ସହ ଘନଘନ ବୈଠକ ପରେ ପାକିସ୍ତାନର ଆତଙ୍କୀ ଆଡ୍ଡା ଉପରେ ହମଲା କରିଛି ଭାରତ । ଭାରତର ଆକ୍ରମଣକୁ ଦେଖି ଛାନିଆରେ ଥରହର ପାକିସ୍ତାନ । ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ଭାରତୀୟ ଅର୍ଦ୍ଧ ସାମରିକ ବାହିନୀର ସମସ୍ତ ମୁଖ୍ୟଙ୍କ ଛୁଟି ବାତିଲ ଘୋଷଣା କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହ। କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହ ଜମ୍ମୁ- କାଶ୍ମୀରର ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନା ଓ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସହ ଯୋଗାଯୋଗରେ ଅଛନ୍ତି। ଭୟଙ୍କର ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୀମା ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରୁରୀ ପରିସ୍ଥିତି ସମୟରେ ଲୋକଙ୍କ ରହିବା ପାଇଁ ସୁରକ୍ଷିତ ସ୍ଥାନ ଭାବେ ବଙ୍କର ପ୍ରସ୍ତୁତ କରିବାକୁ ମଧ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସିଏପିଏଫର ମୁଖ୍ୟଙ୍କୁ ଚିଠି ଲେଖି ଛୁଟିରେ ଥିବା ସେନା ଯବାନଙ୍କୁ ତୁରନ୍ତ କାର୍ଯ୍ୟସ୍ଥଳୀକୁ ଫେରିବାକୁ ନିର୍ଦ୍ଦେଶ ଦେବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଉପରେ ମଧ୍ୟ ନଜର ରଖିଛନ୍ତି।

# ୨୫ ବିମାନବନ୍ଦର ବନ୍ଦ

ନୂଆଦିଲ୍ଲୀ: ପହଲଗାମ୍ ହମଲାର ବଦଲା ନେବାକୁ ଯାଇ ପାକିସ୍ତାନ ଓ ପିଓକରେ ଭାରତୀୟ ସେନା ରାତିଅଧିଆ ଏୟାରଷ୍ଟ୍ରାଇକ୍ କରିଥିବା ବେଳେ ଭାରତ ପକ୍ଷରୁ ମୋଟ ୨୫ଟି ସମ୍ବେଦନଶୀଳ ବିମାନବନ୍ଦରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଉଡ଼ାଣ ବନ୍ଦ ରଖାଯାଇଛି। ପରିବର୍ତ୍ତିତ ପରିସ୍ଥିତି କାରଣରୁ ଜାମ୍ମୁ, ଶ୍ରୀନଗର, ଲେହ, ଯୋଧପୁର, ଅମୃତସର, ଭୁଜ, ଜାମନଗର, ଚଣ୍ଡିଗଡ଼, ରାଜକୋଟ ସମେତ ୨୫ଟି ବିମାନବନ୍ଦରକୁ ବନ୍ଦ କରାଯାଇଛି। ତା’ଛଡ଼ା ୩୦୦ରୁ ଉର୍ଦ୍ଧ୍ୱ ବିମାନର ଉଡ଼ାଣକୁ ମଧ୍ୟ ରଦ୍ଦ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହିସବୁ ବିମାନବନ୍ଦରରେ ଉଡ଼ାଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅମୃତସର ଆସିବାକୁ ଥିବା ୨ ଅନ୍ତର୍ଜାତୀୟ ବିମାନ ଦିଲ୍ଲୀ ଆସିବ ବୋଲି ମଧ୍ୟ ସୂଚନା ଦିଆଯାଇଛି।

# ଶାନ୍ତି ଚାହୁଁଛି ଚୀନ୍

**ନୂଆଦିଲ୍ଲୀ:** ‘ଅପରେସନ ସିନ୍ଦୂର’ ମାଧ୍ୟମରେ ଭାରତ ପହଲଗାମ୍ ଆତଙ୍କୀ ହମ୍‌ଲାର ପ୍ରତିଶୋଧ ନେଇଥିବା ବେଳେ ପଡ଼ୋଶୀ ଚୀନ୍ କିନ୍ତୁ ଦୁଇ ଦେଶ ମଧ୍ୟରେ ଶାନ୍ତି ଚାହୁଁଛି। ମନେ ହେଉଛି ପହଲଗାମ୍ ଆତଙ୍କୀ ହମ୍‌ଲା ପରେ ପାକିସ୍ତାନକୁ ସମର୍ଥନ କରୁଥିବା ଚୀନ୍‌ରେ ଭାରତୀୟ ସେନା ରାତିଅଧିଆ ଏୟାର୍‌ଷ୍ଟ୍ରାଇକ୍‌ରେ ଛାନିଆ ହୋଇପଡ଼ିଛି। ଏଥିସହ ଆଗକୁ ବଡ଼ ଧରଣର ଆକ୍ରମଣ ହେବା ଆଶଙ୍କାରେ ଚୀନ ଉଭୟ ଦେଶକୁ ସାମ୍ପ୍ରତିକ ପରିସ୍ଥିତିରେ ସଂଯମତା ରକ୍ଷା କରିବାକୁ ନିବେଦନ କରିଛି। ପାକିସ୍ତାନ ସହଯୋଗୀ ତଥା ତା’ର ପଡ଼ୋଶୀ ରାଷ୍ଟ୍ର ଚୀନ୍‌ର ସ୍ଥଳସୀମା ଉଭୟ ପାକ୍ ଓ ଭାରତକୁ ଲାଗିଛି। ତେଣୁ ଭାରତର ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଚୀନ୍ ପକ୍ଷରୁ ଉଦବେଗ ପ୍ରକାଶ କରାଯାଇଛି। ଭାରତ ଓ ପାକିସ୍ତାନ ଉଭୟ ପଡ଼ୋଶୀ ଦେଶ। ସେମାନେ ଚୀନର ମଧ୍ୟ ପଡୋଶୀ। ତେଣୁ ଉଭୟ ପରସ୍ପରଠାରୁ ଅଲଗା ହୋଇପାରିବେ ନାହିଁ। ଚୀନ୍ ସମସ୍ତ ପ୍ରକାର ଆତଙ୍କବାଦକୁ ବିରୋଧ କରେ ବୋଲି ଦେଶର ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ଏଥିସହ ସାମ୍ପ୍ରତିକ ପରିସ୍ଥିତିରେ ଭାରତ ଓ ପାକିସ୍ତାନ ଶାନ୍ତି ରକ୍ଷା କରିବା ସହ ପରିସ୍ଥିତିକୁ ଆହୁରି ଜଟିଳ ନ କରିବାକୁ ଚୀନ ଆହ୍ୱାନ ଦେଇଛି।

# ମୁର୍ଦ୍ଦିକେ ମରକଜରେ ଟ୍ରେନିଂ ନେଇଥିଲା କସାବ



**ନୂଆଦିଲ୍ଲୀ:** ଜମ୍ମୁ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କୀ ନରସଂହାରର ଜବାବ ଦେଇଛି ଭାରତୀୟ ସେନା। ଅପରେସନ ସିନ୍ଦୂରରେ ଭାରତୀୟ ସେନା କଡ଼ା ଜବାବ ଦେଇ ଏକକାଳୀନ ୯ଟି ଆତଙ୍କବାଦୀ ବେସ ଉପରେ କରିଥିଲା ଆକ୍ରମଣ। ଏହା ମଧ୍ୟରେ ସାମିଲ ଥିଲା ମୁର୍ଦ୍ଦିକେ ମରକଜରେ ଥିବା ଲସ୍କର-ଏ-ତୋଏବାର ଟ୍ରେନିଂ ସେଣ୍ଟର। ଏହାକୁ ମଧ୍ୟ ଉଡ଼ାଇ ଦିଆଯାଇଥିଲା। ଏହି ଟ୍ରେନିଂ ସେଣ୍ଟର ଜରିଆରେ ଲସ୍କର ଓ ଜୈସ-ଏ-ମହମ୍ମଦ ଆତଙ୍କୀ ତିଆରି ଫ୍ୟାକ୍ଟ୍ରି ଚଳାଇଥିଲେ। ପାକିସ୍ତାନର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ଲାହୋରରେ ଏହି ଟ୍ରେନିଂ ସେଣ୍ଟର ଅବସ୍ଥିତ। ମୁର୍ଦ୍ଦିକେ ସହରର ଏକ ପ୍ରସିଦ୍ଧ ମସଜିଦ ହେଉଛି ଏହି ସ୍ଥାନ। ଧର୍ମ ଆଢୁଆଳରେ ଆତଙ୍କୀ ସୃଷ୍ଟି କରାଯାଉଥିବା ବେଳେ ଏହାକୁ ସମୂଳେ ଧ୍ୱଂସ କରିଛି ଭାରତୀୟ ସେନା। ମୁର୍ଦ୍ଦିକେ ମରକଜ ପାକିସ୍ତାନର ଆତଙ୍କବାଦୀଙ୍କ ପାଇଁ ଥିଲା ହୋମ ଗ୍ରାଉଣ୍ଡ। ଏଠାରେ ପ୍ରଶିକ୍ଷଣ ନେଇ ଆତଙ୍କବାଦୀମାନେ ସମଗ୍ର ବିଶ୍ୱରେ ନରସଂହାର କରୁଥିଲେ। ଏପରିକି ୨୦୦୮ ମୁମ୍ବାଇ ଆକ୍ରମଣର ଆକ୍ରମଣକାରୀମାନେ ମଧ୍ୟ ଏଠାରେ ଟ୍ରେନିଂ ନେଇଥିଲେ। ୨୦୦୮ ନଭେମ୍ବର ୨୬ ତାରିଖରେ ଥରିଉଠିଥିଲା ମାୟାନଗରୀ ମୁମ୍ବାଇ। ଲସ୍କର-ଏ-ତୋଏବା ଦ୍ୱାରା ତାଲିମପ୍ରାପ୍ତ ୧୦ ଆତଙ୍କୀ ସମୁଦ୍ରପଥରେ ମୁମ୍ବାଇରେ ପହଞ୍ଚିଥିଲେ, ଆଉ ➪ପୃଷ୍ଠା-୬

# ସେନା ସାହସକୁ ମୁଖ୍ୟମନ୍ତ୍ରୀଙ୍କ ସାଲ୍ୟୁଟ୍

### ଦେଶର ସମ୍ମାନ ରଖିଛନ୍ତି ବୀର ସୈନିକ



ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ): ଅପରେସନ୍ ସିନ୍ଦୂର ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭାରତୀୟ ସେନାର ଉଚ୍ଚ ପ୍ରଶଂସା କରିଛନ୍ତି। ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବା ସହ ଦୃଢ଼ ପଦକ୍ଷେପ ଗ୍ରହଣ କରିଆସିଛି। ‘ଅପରେସନ୍ ସିନ୍ଦୂର’ ଏହାର ପ୍ରକୃଷ୍ଟ ନିଦର୍ଶନ। ସିନ୍ଦୂର ଆମ ପରମ୍ପରା, ତ୍ୟାଗ ଓ ➪ପୃଷ୍ଠା-୬

ରାଜ୍ୟ କ୍ୟାବନେଟ୍‌ରେ ୮ ପ୍ରସ୍ତାବକୁ ମଞ୍ଜୁରୀ ପୃଷ୍ଠା-୩



### କାନ ଡେରିଥା

ବାପା ମାଡ଼ ଏବେ ସମ୍ଭାଳରେ ପୁଅ
ଆତଙ୍କୀକୁ ପୋଷିଥିଲୁ
ମିଥ୍ୟା ବାହ୍ୟସ୍ଫଷ୍ଟ ଆଉ ମାରିବୁନି
ନିଆଁଟା ଲଗେଇ ଥିଲୁ
ବାମ୍ଫଟା ଏବେ ତୁ ନେଲୁ...
ଶାଗୁଣା ଉଡ଼ିବେ ଆତଙ୍କୀ
ଦେଶରେ
ଆଜିଠାରୁ ମରିଗଲୁ !

■ ଦେବାଶିଷ

# ସୀମାରେ ଲଢୁଛନ୍ତି ଦୁଇ ଓଡ଼ିଆ ବୀରପୁତ୍ର



ରାଜନଗର, ୭।୫ (ସଂଚାର ବ୍ୟୁରୋ) : ପହଲଗାମ୍ ଆତଙ୍କୀ ହମ୍‌ଲାର ପ୍ରତିଶୋଧ ଭାରତୀୟ ସେନା ଏୟାର୍‌ଷ୍ଟ୍ରାଇକ୍ ମାଧ୍ୟମରେ ନେଇଥିବା ବେଳେ ଏହାକୁ ସମଗ୍ର ଦେଶରେ ପ୍ରଶଂସା କରାଯାଉଛି। ସେନାବାହିନୀର ଯବାନମାନେ ଭାରତୀୟଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ବେଳେ ଦୁଇ ଓଡ଼ିଆ ଏବେ ସୀମାନ୍ତରେ ଲଢ଼େଇ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍‌ର ଡାଙ୍ଗମାଳର ଏହି ଦୁଇ ବୀର ଯବାନ ଜାମ୍ମୁ-କାଶ୍ମୀରରେ ପାକିସ୍ତାନ ବିପକ୍ଷରେ ଲଢ଼େଇ କରୁଥିବାରୁ ସେମାନଙ୍କ ପାଇଁ ଗାଁ ଓ ପରିବାରରେ ଖୁସିର ଲହରୀ ଖେଳିଯାଇଛି। ଡାଙ୍ଗମାଳର ସଦାଶିବ ବେଦୀ ଓ ଶ୍ୟାମାମଣି ବେଦୀଙ୍କ ପୁଅ ଶଶିକାନ୍ତ (୨୪) ଦୁଇ ବର୍ଷ ହେଲା ସେନାବାହିନୀରେ ବିଏସଏଫ ଯବାନ ଭାବେ ଦେଶମାତୃକାର ସେବା କରିଆସୁଛନ୍ତି। ପହଲଗାମ ହମ୍‌ଲା ପରେ ସେଠାରେ ସର୍ଚ୍ଚ ଅପରେସନ ଓ ଉଦ୍ଧାର କାର୍ଯ୍ୟରେ ସେ ନିୟୋଜିତ ଥିଲେ। ଏବେ ସେ କାଶ୍ମୀରର ବାରାମୁଲାରେ ଡ୍ୟୁଟି କରୁଛନ୍ତି। ପରିବାର ଲୋକେ ପୁଅର ଦେଶମାତୃକା ପ୍ରତି କର୍ତ୍ତବ୍ୟରେ ନିଜକୁ ଭାଗ୍ୟବାନ ମଣିବା ସହ ସ୍ଥାନୀୟ ଲୋକେ ମଧ୍ୟ ଶଶିକାନ୍ତଙ୍କ ପାଇଁ ଗର୍ବିତ ଅନୁଭବ କରୁଛନ୍ତି। ସେହିପରି ଗାଁର ଆଉ ଜଣେ ବୀର ଯବାନ ହେଲେ ପ୍ରିୟବ୍ରତ ବେହୁରା (୪୫)। ସେ କାଶ୍ମୀରର କୁପୱାଡାରେ ଡ୍ୟୁଟି କରୁଛନ୍ତି। ସେ ସମ୍ପ୍ରତି ବିଏସଏଫର ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ଓ କମ୍ପାନୀ କମାଣ୍ଡର ଭାବେ କାର୍ଯ୍ୟ କରୁଛନ୍ତି। ପ୍ରିୟବ୍ରତଙ୍କ ପାଇଁ ତାଙ୍କ ପରିବାର ଗର୍ବିତ ବୋଲି ତାଙ୍କ ସାନଭାଇ ପ୍ରୀତି ରଞ୍ଜନ କହିଛନ୍ତି। ଆଗାମୀ ଦିନରେ ଡାଙ୍ଗମାଳର ଏହି ➪ପୃଷ୍ଠା-୬




# ଚୋରା ମଦ ଓ ବାଇକ ଜବତ, ୮ କୋର୍ଟ ଚାଲାଣ

**କେନ୍ଦ୍ରାପଡା,୭।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢାଉ କରି ବ୍ୟାପକ ଚୋରା ମଦ ଜବତ କରିବା ସହ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ପଟ୍ଟାମୁଣ୍ଡାଇ ଟାଉନ, ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ, ରାଜକନିକା, ଆଳି, ମହାକାଳପଡ଼ା ଓ ଜମ୍ବୁ ମେରାଇନ ଥାନା ଅଧିନିସ୍ତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ସାନବଡ଼ ବସନ୍ତ ଗ୍ରାମର ରମାକାନ୍ତ ସେଠିଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ, ତିଗିରିଆ ଗ୍ରାମର ଅନନ୍ତ ମଳିକଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ ସହିତ ଗୋଟିଏ ମୋଟର ସାଇକଲ, ପାଟୁଳି ଗ୍ରାମର ନିରଞ୍ଜନ ସାହୁଙ୍କ ଠାରୁ ୪୦ ଲିଟର ଦେଶ ମଦ, ପଡ଼ିନିପାଳ ଗ୍ରାମର ପ୍ରଭାକର ମଳିକଙ୍କ ଠାରୁ ୩୦ ଲିଟର ବିଦେଶୀ ମଦ, ଅହମଦପୁର ଗ୍ରାମାର ବାବାଜି ମଳିକଙ୍କ ଠାରୁ ୨୦ ଲିଟର ଦେଶୀ ମଦ, ବାହାର ଶୁବାଳା ଗ୍ରାମର ରମେଶ ଚନ୍ଦ୍ର ରାଉତଙ୍କ ଠାରୁ ୪୫ ଲିଟର ବିଦେଶୀ ମଦ, ବାରିଆ ବାଲିବତ ଗ୍ରାମର ସୁର ସାମଲଙ୍କ ଠାରୁ ୮୫୦ ଲିଟର ରନ୍ଧା ମଦ ଏବଂ ବାଲିବତା ଗ୍ରାମର ଅଜୟ ସାମଲଙ୍କ ଠାରୁ ୪୫୦ ଲିଟର ଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୧୪୯୫ ଲିଟର ବିଦେଶ, ଦେଶୀ ଓ ରନ୍ଧା ମଦ ଜବତ କରାଯାଇ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ, କେନ୍ଦ୍ରାପଡ଼ା କହିଛନ୍ତି। ଏହି ଚଢା ଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲ୍ଲିକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ଛାୟାକନ୍ତ ନାୟକ, ନରେଶ କୁମାର ପଣ୍ଡା ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।



## ଜିଲ୍ଲାରେ ୧୭ଟି ସ୍ଥାନରେ ସୁରକ୍ଷା ମକଡ୍ରିଲ

# ସାଇରନ୍ ବାଜିଲା, ଲୋକେ ସୁରକ୍ଷିତ ସ୍ଥାନକୁ ଗଲେ



**କେନ୍ଦ୍ରାପଡା, ୭।୫(ସଂଚାର ବ୍ୟୁରୋ):** ପହଲଗାଓଁ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପାକିସ୍ତାନ ସହିତ ଲାଗି ରହିଥିବା ଯୁଦ୍ଧ ଉତ୍ତେଜନାକୁ ନେଇ କେନ୍ଦ୍ର ଗୃହମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଓଡ଼ିଶାରେ ସିଭିଲ ଡିଫେନସ ଭିତିଭୂମିକୁ ଉନ୍ନତ କରିବାକୁ ସୁରକ୍ଷା ମକଡ୍ରିଲ କରିବା ନିମନ୍ତେ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଯୁଦ୍ଧ ସମୟରେ ସାଧାରଣ ନାଗରିକ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେଥିପାଇଁ କେନ୍ଦ୍ରାପଡା ଜିଲ୍ଲାରେ ୧୭ଟି ସ୍ଥାନରେ ସୁରକ୍ଷା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଏହି ମକଡ୍ରିଲ ପାଖାପାଖି ଏକ ସପ୍ତାହ ଧରି ଚାଲିବ ବୋଲି ଗୃହ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ମକଡ୍ରିଲ କରିବା ଲାଗି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ସିଭିଲ ଡିଫେନସ ମହାନିର୍ଦ୍ଦେଶକ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି କ୍ରମରେ ଜିଲ୍ଲାର ସଦର ମହକୁମା ସ୍ଥିତ ପୁରୁଣା ବସଷ୍ଟାଣ୍ଡ ଓ ୮ଟି ବ୍ଲକର ୧୬ଟି ସ୍ଥାନରେ ଅପରାହ୍ନ ୪ ଟା ସମୟରେ ସାଇରନ ୫ ମିନିଟ ଧରି ବାଜି ଉଠିଥିଲା। ଏହି ସୁରକ୍ଷା ସତର୍କତା ସାଇରନ ବାଜିଉଠିବା ସମୟରେ ସାଧାରଣ ଜନସାଧାରଣ, ଛାତ୍ରଛାତ୍ରୀମାନଙ୍କୁ ବାହାରେ ବୁଲାବୁଲି ନ କରି ନିକଟସ୍ଥ ଛାତ ଘରେ ଆଶ୍ରୟ ନେବା ପାଇଁ ପୌରପରିଷଦ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି। ଆକାଶ ମାର୍ଗାରୁ ଆକ୍ରମଣ ହେଲେ ନିଜ ଧନ ଜୀବନକୁ ସୁରକ୍ଷା ଦେବା ସହ ଅନ୍ୟମାନଙ୍କୁ ଏ ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ମକଡ୍ରିଲରେ ସାମିଲ ହୋଇଥିବା, ସ୍ୱଚ୍ଛାସେବୀ, ଅପଦାମିତ୍ର, ଏନସିସି, ଏନଏସଏସ ଓ ସିଭିଲ ଡିଫେନସର କର୍ମକର୍ତ୍ତା, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ (ଓସଡମା) ପକ୍ଷରୁ ସଚେତନ କରାଯାଇଥିଲା। ଏହି ସୁରକ୍ଷା ମକଡ୍ରିଲ ମାଧ୍ୟମରେ ଆପଦକାଳୀନ ଜୀବନରକ୍ଷା, ମୂର୍ମୁଷ ଅବସ୍ଥାରେ ଥିବା ଜୀବନକୁ ବଞ୍ଚାଇବା, ଯୁଦ୍ଧାସ୍ତ୍ର ଯୋଗୁଁ ଅଗ୍ନିକାଣ୍ଡ ଘଟିଲେ ତାର କିପରି ସଫଳ ମୁକାବିଲା କରାଯିବ ସେ ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ମକଡ୍ରିଲ ଯୋଗୁଁ ଜନସାଧାରଣ ଭୟଭୀତ ନ ହୋଇ ଜୀବନ ରକ୍ଷାର ସମସ୍ତ କୌଶଳ ଶିକ୍ଷା କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବରୁ ପ୍ରଚାର କରାଯିବ ସହ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। କେନ୍ଦ୍ରାପଡ଼ା ସହରର ପୁରୁଣା ବସଷ୍ଟାଣ୍ଡ, ମହାକାଳପଡ଼ାର ଖରିନାସୀ ବାତ୍ୟା ଆଶ୍ରୟ ସ୍ଥଳ ଓ ବ୍ଲକ ଅଫିସ ତଥା ନିକଟସ୍ଥ ବଜାର ଅଞ୍ଚଳ, ରାଜକନିକାର କାଟାଣା ଓ କୋଇଲିପୁର ବହୁମୂଖୀ ବାତ୍ୟା ଆଶ୍ରୟ ସ୍ଥଳ, ରାଜନଗରର



ଏନସିସି ଛାତ୍ରୀ ଛାତ୍ରୀ ଆପଦ ମିତ୍ର, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମୀ, ସିଭିଲ ଡିଫେନ୍ସ କର୍ମକର୍ତ୍ତା ପ୍ରମୁଖ ମକଡ୍ରିଲ କାର୍ଯ୍ୟକ୍ରମରେ ସାମିଲ ଥିଲେ। କେନ୍ଦ୍ରାପଡ଼ର ପୁରୁଣା ବଷ୍ଟାଣ୍ଡ ରେ

ମହିଷାସୁର ଓ ପ୍ରସନ୍ନପୁର ବାତ୍ୟା ଆଶ୍ରୟ ସ୍ଥଳ, ଆଳିର ବ୍ଲକ ଅଫିସ ଓ ପଦାନିପାଳ ବାତ୍ୟା ଆଶ୍ରୟ ସ୍ଥଳ, ମାର୍ଶାଘାଇର ପୋଦନା ଓ ପରକୁଳା ବାତ୍ୟା ଆଶ୍ରୟ ସ୍ଥଳ, ପଟ୍ଟାମୁଣ୍ଡାଇର ବଡମୂଳବସନ୍ତ ସେଣ୍ଟ ହାଇସ୍କୁଲ ଓ ପୌରପରିଷଦ ପରିସର, ଡେରାବିଶ ବ୍ଲକ ଓ ଡେରାବିଶ ଅଗ୍ନିଶମ କାର୍ଯ୍ୟାଳୟ ଏବଂ ଗରଦପୁର ବ୍ଲକର କୋରୁଆ ଓ ଗରଦପୁର ଅଗ୍ନିଶମ କାର୍ଯ୍ୟାଳୟରେ ସୁରକ୍ଷା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏହି ମକଡ୍ରିଲ କାର୍ଯ୍ୟକ୍ରମରେ ପୋଲିସ ପ୍ରଶାସନ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ଆମ୍ବୁଲାନ୍ସ, କେନ୍ଦ୍ରାପଡା ସଂୟ ଶାସିତ ମହାବିଦ୍ୟାଳୟ ଅନୁଷ୍ଠିତ ମକ ଡ୍ରିଲରେ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ମୁଖ୍ୟଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ )ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, କେନ୍ଦ୍ରାପଡ଼ା ପୌରପରିଷଦ ଅଧକ୍ଷା ସରିତା ସାହୁ, ଉପାଧକ୍ଷା ଆକବରୀ ଖାତୁନ, ନିର୍ବାହୀ ଅଧିକାରୀ, ଜିଲ୍ଲା ବିଜେପି ସଭାପତି ଶସାଙ୍କ ଙ୍କ ଶେଖର ସେଠୀ ଓ ଦଳିଓ କର୍ମକର୍ତ୍ତା, ଜିଲ୍ଲା ସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ଜନସାଧାରଣ, ବିଭିନ୍ନ ଗଣମାଧମର ପ୍ରତିନିଧି ଉପସ୍ଥିତ ଥିଲେ।

# ଜିଲ୍ଲାର ୨୦ ମଣ୍ଡିରେ କିଣାହେବ ମୁଗ, ବିରି



**କେନ୍ଦ୍ରାପଡା,୭।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ୨୦ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ବିରି, ମୁଗ କ୍ରୟ ପାଇଁ ନିଷ୍ପତି ନିଆଯାଇଛି। ଭାରପ୍ରାପ୍ତ ଜିଲ୍ଲପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା ସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଗ କେଜି ୮୬.୮୨ ପଇସା ଓ ବିରି କେଜି ୭୪ ଟଙ୍କା ହାରରେ ଚାଷୀ ମାନଙ୍କ ଠାରୁ କ୍ରୟ କରାଯିବ। ପ୍ରତି ବ୍ଲକରେ ୨/୩ ଟି କରି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ମୁଗ, ବିରି କ୍ରୟ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି। ପ୍ରତ୍ୟେକ ଚାଷୀ ଏକର ପିଛା ୨ କ୍ୱିଣ୍ଟାଲ କରି ମୁଗ ଓ ବିରି ମଣ୍ଡିରେ ବିକ୍ରୟ କରିପାରିବେ। ସେମାନଙ୍କ ଆକାଉଣ୍ଟ କୁ ୪ ଦିନ ମଧ୍ୟରେ ବିକ୍ରୟ ଅର୍ଥ ପଠାଯିବ ବୋଲି ଭାରପ୍ରାପ୍ତ ମାରଫେଡ ଅଧିକାରୀ ପ୍ରଶାନ୍ତ କୁମାର ରାଉତ ସୂଚନା ଦେଇଛନ୍ତି। ଆତ୍ମାର ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ରାଉତ ବୈଠକ ପରିଚାଳନା କରିଥିଲେ।

# ଅଧା ଗଡ଼ାରେ ରହିଗଲା ଆରଡ଼ି ରାସ୍ତା ଲୋକେ ହେଉଛନ୍ତି ହିନସ୍ଥା

**ଡେରାବିଶ, ୭।୫(ସଂଚାର ବ୍ୟୁରୋ):** ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକଠାରୁ ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଛକ ପର୍ଯ୍ୟନ୍ତ ରାସ୍ତା ଦୀର୍ଘଦିନ ଧରି ଅଧପକ୍ତରିଆ ହୋଇ ପଡ଼ିରହିଛି। ଏହି ରାସ୍ତାର ଭାଗ୍ୟ ଏମିତି ହୋଇଛି ଯେ ବର୍ଷେ ପରେ ବି ରାସ୍ତା କାମ ସରୁନି। ପ୍ରାୟ ୮ ମାସ ଧରି ପଞ୍ଚୁପାଣ୍ଡବ ଛକଠାରୁ ପଣସୁଧା ପର୍ଯ୍ୟନ୍ତ ଅଧୁରା ପିଚୁକାମ ହୋଇ ପଡ଼ିରହିଥିଲା।



ଏବେ ପୁଣି କିଛିଦିନ ହେବ ପଣସୁଧାଠାରୁ ବଡ଼ଚଣା ବ୍ଲକ ଭରତ୍ନପୁର ପଞ୍ଚାୟତର ମାତା ମଠ ଛକ ପର୍ଯ୍ୟନ୍ତ ପିଚୁ ରାସ୍ତା କାମ ହୋଇଥିବା ଦେଖିବାକୁ ମିଳୁଛି। କିନ୍ତୁ ମାତା ମଠ ଛକଠାରୁ ସଦାନନ୍ଦପୁର ଛକ ପର୍ଯ୍ୟନ୍ତ ପ୍ରାୟ ଦେଢ଼କିମି ରାସ୍ତା ଖଣ୍ଡିଆ ଖାବରା ହୋଇ ପଡ଼ିରହିଥିବା ଦେଖିବାକୁ ମିଳୁଛି। ଫଳରେ ଲୋକେ ଯାତାୟାତରେ ଦୁର୍ଦ୍ଦଶା ଭୋଗୁଛନ୍ତି। ଆରଡ଼ି ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ନ ଥିବାରୁ ଏ ରାସ୍ତାର ଏଭଳି ଅବସ୍ଥା ହୋଇଛି। ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।ଉକ୍ତ ରାସ୍ତାଟି ଯାଜପୁର ଓ କେନ୍ଦ୍ରାପଡ଼ା ଦୁଇ ଜିଲ୍ଲା ଅଧୀନରେ ରହିଥିବାରୁ ଦୁଇ ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରୁ ନଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ବିଭିନ୍ନ ସ୍କୁଲ, କଲେଜ, ଡାକ୍ତରଖାନାକୁ ବିଭିନ୍ନ ଗାଡ଼ି ଚଳାଚଳ କରୁଥିବାବେଳେ ଏହି ରାସ୍ତାରେ ଦୁଇରୁ ତିନୋଟି ବସ୍ କଟକ ଓ ଭୁବନେଶ୍ୱର ଚଳାଚଳ କରୁଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାର ଚାରି ଭାଗରୁ ତିନି ଭାଗ ସରିଥିବାବେଳେ ଆଉ ଏକଭାଗ କେବେ ସରିବ, ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ ରାସ୍ତାର ସମ୍ପୂର୍ଣ୍ଣ କାମ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଉଚ୍ଛେଦ ହେବ ଜବରଦଖଲ

# ବସୁନ୍ଧରା ଯୋଜନାରେ ଦିଆଯିବ ଜମି ପଟା

**କେନ୍ଦ୍ରାପଡା,୭।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜସ୍ୱ ବିଭାଗର ଏକ ସମୀକ୍ଷା ବୈଠକ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧ୍ୟକ୍ଷତା ରେ କାର୍ଯ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀ, ୯ଟି ତହସିଲର ତହସିଲଦାର, ଅତିରିକ୍ତ ତହସିଲଦାର, ସୁପର ଭାଇଜର ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ବସୁନ୍ଧରା ଯୋଜନା ରେ ଭୂମିହୀନ ମାନଙ୍କୁ ଚିହ୍ନଟ କରି ଯୋଗ୍ୟ ହିତାଧିକାରୀ ମାନଙ୍କୁ ୨ ରୁ ୪ ଡିସିମିଲ ପର୍ଯ୍ୟନ୍ତ ଜମି ପଟା ପ୍ରଦାନ ପାଇଁ ସମୀକ୍ଷା କରିଥିଲେ। ପ୍ରତ୍ୟେକ ଗ୍ରାମ ସର୍ଭେ କରି ଯୋଗ୍ୟ ହିତାଧିକାରୀ



ମାନଙ୍କୁ ତାଲିକା ପ୍ରସ୍ତୁତ କରିବା ସହ ଜବରଦଖଲ ରେ ଥିବା ଭୂମୀକୁ ଉଦ୍ଧାର କରିବା ଓ ଆବଶ୍ୟକ ସ୍ଥଳେ କୌଣସି ନିର୍ମାଣ କରାଯାଇ ଥିଲେ, ତାହାକୁ ଭାଙ୍ଗିବା କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଚୋରା ଲଘୁ ଖଣିଜ ପଦାର୍ଥ ଚାଲାଣ ରୋକିବା ସହ ଜିଲ୍ଲା ଖଣି ଅଧିକାରୀଙ୍କ ସହ ସମସ୍ତ ତହସିଲଦାର ଚୋରା ବାଲି ପରିବହନ କରୁଥିବା ଯାନ ବାହାନକୁ ଜବତ କରିବା ଓ ଜରିମାନା ଆଦାୟ କରିବା ସଂପର୍କରେ ସରକାରଙ୍କ ନିର୍ଦ୍ଦେଶନାମା ଉପରେ ଆଦେଶନାମା କରାଯାଇଥିଲା।

## ଦେଶ ପ୍ରେମରେ ଅରବିନ୍ଦ

# ଦେଶ ପାଇଁ ଏକ ମାସର ଦରମା ଦେବାକୁ ଘୋଷଣା



**ମହାକାଳପଡ଼ା,୭।୫(ସଂଚାର ବ୍ୟୁରୋ):** ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ଭାରତୀୟ ପର୍ଯ୍ୟଟକମାନଙ୍କ ହତ୍ୟା ଘଟଣାରେ ସାରା ବିଶ୍ୱ ଏବେ ଚକିତ ହୋଇଛି। ଯାହାକୁ କେନ୍ଦ୍ର କରି ଗତକାଲି ଭାରତ ତରଫରୁ ପାକିସ୍ଥାନର ଏକ ଆତଙ୍କବାଦୀ ଆଡ୍ଡା ଉପରେ ସିନ୍ଦୂର ମିଶନ ଜରିଆରେ ଆକ୍ରମଣ କରାଯାଇଛି। ସରକାର ମଧ ଜନସାଧାରଣଙ୍କୁ ଏହି ସମୟରେ ସଚେତନ କରିବା ପାଇଁ ମକ୍ ଡ୍ରିଲ ଜରିଆରେ ପ୍ରୟାସ ଆରମ୍ଭ କରିଛନ୍ତି। ଏହି ଘଡିସନ୍ଧି ମୁହୂର୍ତ୍ତରେ ଜଣେ ବ୍ୟକ୍ତି ଦେଶ ଭାରତ ଉଦ୍ଦେଶ୍ୟରେ ନିଜର ଏକ ମାସର ଦରମା ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ଅଧୀନ ଦଶିପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲଣା ଗ୍ରାମର ଅରବିନ୍ଦ ରାଉତ ନିଜର ଏକ ମାସର ଦରମା ଦେଶ ଉଦ୍ଦେଶ୍ୟରେ ପ୍ରଦାନ କରିବାକୁ ସେ ସାମାଜିକ ଗଣମାଧମରେ ଘୋଷଣା କରିଛନ୍ତି। ଏନେଇ ସେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଙ୍କୁ ଟ୍ୟାଗ୍ କରିଛନ୍ତି। ଅରବିନ୍ଦ କହିଛନ୍ତି ସାରା ଦେଶବାସୀ ଏବେ ଭାରତ ସହିତ ଯୋଡ଼ି ହେବାର ଆବଶ୍ୟକତା ରହିଛି। ଯବାନ ମାନେ ଜୀବନକୁ ପାଣି ଛଡାଇ ଦେଶର ସୁରକ୍ଷା ପାଇଁ ସୀମାରେ କାମ କରୁଛନ୍ତି। ଏହି ଘଡିସନ୍ଧି ମୁହୂର୍ତ୍ତରେ ଆମେ ସମସ୍ତେ ଦେଶ ସହିତ ରହିବାର ଆବଶ୍ୟକତା ରହିଛି। ମୁଁ ସିନା ପ୍ରତ୍ୟକ୍ଷରେ ଆକ୍ରମଣରେ ଅଂଶୀଦାର ହୋଇ ପାରୁନି ହେଲେ ମୋର ଛୋଟିଆ ସହାୟତା ଏହି ଘଡିସନ୍ଧି ମୁହୂର୍ତ୍ତରେ ଛୋଟିଆ ଗୁଣ୍ଡୁଚି ମୂଷା ର ପ୍ରୟାସ କରିବ ବୋଲି ଅରବିନ୍ଦ କହିଛନ୍ତି।

# କ୍ରେଡିଟ ସୋସାଇଟି ପକ୍ଷରୁ ମାଟ୍ରିକ ପରୀକ୍ଷା ଜିଲ୍ଲା ଟପ୍ପରଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା,୭।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି ପକ୍ଷରୁ ଏହାର ମୁଖ୍ୟାଳୟରେ ୨୦୨୫ ମସିହା ମାଟ୍ରିକ ପରୀକ୍ଷାରେ ଅବିଭକ୍ତ କଟକ ଜିଲ୍ଲାରେ ଟପ୍ପର ହୋଇଥିବା କୃତି ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବର୍ଦ୍ଧିତ ପ୍ରତିଭାମାନେ ହେଲେ କଟକ ଜିଲ୍ଲା ଟପ୍ପର ଚନ୍ଦନ କୁମାର ମହାନ୍ତ, କେନ୍ଦ୍ରାପଡ଼ା ଜିଲ୍ଲା ଟପ୍ପର ଶୁଭମ ଜ୍ୟୋତି ରାଉତ, ଯାଜପୁର ଜିଲ୍ଲା ଟପ୍ପର ପ୍ରତୀକ୍ଷା ପ୍ରିୟଦର୍ଶିନୀ ପଣ୍ଡା, ଜଗତସିଂହପୁର ଜିଲ୍ଲା ଟପ୍ପର ଧୃତି ସୁନ୍ଦର ସ୍ୱାଇଁ। ସେହିପରି ଚଳିତ ବର୍ଷ ଯୁକ୍ତ ୨ ଆଇସିଏସସି ପରୀକ୍ଷାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସେଣ୍ଟ ଜୋସେଫ ହାଇସ୍କୁଲର ଛାତ୍ରୀ ବିନିଶା ପ୍ରିୟଦର୍ଶିନୀଙ୍କୁ




ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସୋସାଇଟିର ସଭାପତି ତଥା ବିଶିଷ୍ଟ ସମବାୟବିତ୍ତ ଶ୍ରୀ ପ୍ରମୋଦ କୁମାର ସାହୁ ସଭାପତିତ୍ୱ କରି କହିଲେ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା କରିବା ଦ୍ୱାରା ସେମାନଙ୍କୁ ପ୍ରେରଣା ମିଳିଥାଏ। ଏହି ସମ୍ବର୍ଦ୍ଧିତ ପ୍ରତିଭା ମାନେ ଆଗାମୀ ଦିନରେ ରାଜ୍ୟ ଓ ଦେଶ ଗଠନରେ ସହାୟକ ହେବେ ବୋଲି ସେ କହିଥିଲେ। ତେଣୁ ସେମାନେ ଏବେଠାରୁ ନିଷ୍ଠାର ସହ ଉଚ୍ଚ ଶିକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ। ଏହି କାର୍ଯ୍ୟକ୍ରମରେ ସୋସାଇଟିର ସମ୍ପାଦକ ପ୍ରହଲ୍ଲାଦ କୁମାର ସାହୁ, ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ, ସିଜିଏମ ମନୋଜ ସାହୁ, ନୋଡାଲ ଅଫିସର ଦିଲ୍ଲୀପ ସ୍ୱାଇଁ, ଏହାସହ ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକ, କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ମାଟ୍ରିକ ପରୀକ୍ଷାର କୃତ୍ତି ଛାତ୍ରଛାତ୍ରୀ ମାନଙ୍କୁ ୫ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଚୋରି

# ଲୁଟିନେଲେ ୪ଲକ୍ଷ ୫୩ହଜାର ୯୦୦ ଟଙ୍କା

**କେନ୍ଦ୍ରାପଡ଼ା,୭।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ବାରମ୍ବାର ଚୋରି ବା ଲୁଟ୍ ହେଉଛି।କିଛିଦିନ ପୂର୍ବେ ଦୁଇ ଦୁଇଟି ବାଇକ୍ ଚୋରି ହୋଇଥିବା ବେଳେ ମଙ୍ଗଳବାର ମଧ୍ୟାହ୍ନ ରେ ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତିଙ୍କ ବାଇକ ଡିକିରୁ ୪ ଲକ୍ଷ ୫୩ ହଜାର ଟଙ୍କା ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଏକ ସିମେଣ୍ଟ ଗୋଦାମର ମ୍ୟାନେଜର ଭାବଗ୍ରାହୀ ସାହୁ।



କରିଛି। ସିସିଟିଭି ଫୁଟେଜରୁ ଜଣାପଡୁଛି ଯେ ଭାବଗ୍ରାହୀଙ୍କୁ ଅନୁସରଣ କରି ଏକ ବାଇକରେ ଦୁଇଜଣ ଲୁଟେରା ଏକ ବାଇକରେ ଆସୁଛନ୍ତି। ସିସିଟିଭି ଫୁଟେଜରୁ ଲୁଟେରା ଦ୍ୱୟଙ୍କୁ ପୁଲିସ ଚିହ୍ନଟ କରିଛି। ଖବର ନେବାରୁ ଜଣାପଡ଼ିଛି ଭାବଗ୍ରାହୀ ଦୁହୁରିଆଠାରେ ଥିବା ଏକ ସିମେଣ୍ଟ ଗୋଦାମରେ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ସେ ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ୪ ଲକ୍ଷ ୫୩ ହଜାର ୯୦୦ ଟଙ୍କା ଉଠାଇଥିଲେ।

ଲୁଟ୍ ହେବା ପରେ ପୁଲିସକୁ ଖବର ଦିଆଯାଇଥିଲା। ଖବର ପାଇ ଟାଉନ୍ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଏହାସହ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ଓ ଟାଉନ୍ ଥାନା ଇନ୍ସପେକ୍ଟର ଦିଲ୍ଲୀପ ସାହୁ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଯୋଗାଣ ବିଭାଗର ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ ଟଙ୍କାକୁ ବାଇକରେ ରଖି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଯୋଗାଣ ବିଭାଗ କାର୍ଯ୍ୟାଳୟ ମଧ୍ୟକୁ ଯାଇଥିଲେ। ସେଠାରୁ କାମ ସାରି ଫେରିବା ବେଳକୁ ଦେଖନ୍ତି ତ ତାଙ୍କ ଡିକି ଭଙ୍ଗାଯାଇ ଟଙ୍କା ଲୁଟ୍ ହୋଇଛି। ଏହାପରେ ସେ ଟାଉନ୍ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ତଦନ୍ତ ଚଳାଇଛି।

## ଆଜି ବ୍ରତଘର ହୋଇଥାନ୍ତା କିନ୍ତୁ କୋକେଇ ଉଠିଲା

# ବଚସାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା, ଦୁଇ ଆହତ

**କେନ୍ଦ୍ରାପଡ଼ା,୭।୫(ସଂଚାର ବ୍ୟୁରୋ):** ରାତି ପାଇଥିଲେ ଘର ଉତ୍ସବ ପାଳନ ହୋଇଥାନ୍ତା। ଦିନକୁ ପୂର୍ବରୁ ସବୁ ପ୍ରସ୍ତୁତ ହୋଇଥିଲା। କୁଣିଆ ମୈତ୍ର ଘରେ ଭର୍ତ୍ତି ହୋଇଥିଲେ। ଟେଣ୍ଟ ପାଖରୁ ଆରମ୍ଭ କରି ଭୋଜି ଭାତ ପାଇଁ ସମ୍ପୂର୍ଣ୍ଣ ସରଞ୍ଜାମ ଯୋଗାଡ଼ ହୋଇଥିଲା। କାରଣ ଘରେ ଦୁଇ ଭାଇଙ୍କ ବ୍ରତଘର ଉତ୍ସବ ପାଳନ କରାଯାଇଥାନ୍ତା। କିନ୍ତୁ ସବୁ ଆଶା ପୁରା ପରିବାରକୁ ନିରାଶା କରିଦେଇଛି। ଯେଉଁ ଘରେ ବୁଧବାର ଉତ୍ସବ ପାଳନ ହୋଇଥାନ୍ତା କିନ୍ତୁ ସେହିଘରେ ପୁଅର କୋକେଇ ଉଠିଛି। ଯେଉଁ ଘରେ ହସ ଖୁସି ଭରିଯାଇଥନ୍ତା ତାହା ବଦଳରେ ଲୁହ ଆଣି ଦେଇଛି। କାରଣ ପୁରା ପରିବାର ଆଗରେ ଘରର ସାନ ପୁଅ ମୃତ୍ୟୁ ଘଟିଛି। ଏଭଳି ଏକ ଘଟଣା ପୁରା ଅଞ୍ଚଳକୁ ଶୋକାକୁଳ ପରିବେଶ ସୃଷ୍ଟି କରିଛି। କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଅଧୀନ ହରିଦାସପୁର ଗ୍ରାମରେ ଦେଖିବାକୁ ମିଳିଛି। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକକୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଏହି ହତ୍ୟା କାଣ୍ଡ ଘଟଣାରେ ଏକାଧିକ ଅସାମାଜିକ ଯୁବକ ଏବଂ ଜଣେ ମହିଳା ସଂପୃକ୍ତ ଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ହରିଦାସପୁର ଗ୍ରାମର ରାଜକିଶୋର ପରିଡା ଙ୍କ ୧୮ ବର୍ଷୀୟ ସାନ ପୁଅ ଜ୍ୟୋତି ରଞ୍ଜନ ପରିଡ଼ା ସେହି ଗ୍ରାମରେ ଅନୁଷ୍ଠିତ ହେଉଥିବା ଚିତ୍ରୋତ୍ପଳା ମହୋତ୍ସବ ଦେଖି ଫେରୁଥିବା ସମୟରେ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକ ଜ୍ୟୋତି ରଞ୍ଜନ ଙ୍କ ସହ ବସଚା ହୋଇଥିଲା। ଘଟଣା ଏତେ ଉଗ୍ରରୂପ





ନେଇଥିଲା ଯେ ଜ୍ୟୋତି କୁ ଜୀବନରୁ ମାରିଦେବାକୁ ପଛାଇନଥିଲେ। ସେହି ସମୟରେ ଜ୍ୟୋତିର ବଡ଼ ଭାଇ ଏବଂ ଗାଁ ର ଦୁଇଜଣ ଯୁବକ କାମାକ୍ଷା ଏବଂ ରାଜେଶ ଆକ୍ରମଣରୁ ରକ୍ଷା ପାଇଁ ଚେଷ୍ଟା କରିଥିଲେ ମଧ ସେମାନେ କାମାକ୍ଷା ଓ ରାଜେଶ କୁ ମଧ ଆକ୍ରମଣ କରି ଗୁରୁତର କରିଦେଇଥିଲେ। ଜ୍ୟୋତି ରଞ୍ଜନ କୁ ଛୁରୀ, ଠେଙ୍ଗା, ବ୍ଲେଡ୍ ଏବଂ ବିଭିନ୍ନ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିବାରୁ ଜ୍ୟୋତି ର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପାଟକୁରା ଥାନାରେ ଏନେଇ ଅଭିଯୋଗ ପରେ ଘଟଣା ସ୍ଥଳରେ କେନ୍ଦ୍ରାପଡା ଏସପି, ଏସଡ଼ିପିଓ, ଆଇଆଇସି ଏବଂ ସାଇଣ୍ଟିଫିକ୍ସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହାସହ ଏହି ହତ୍ୟା କାଣ୍ଡରେ ସଂପୃକ୍ତ ଥିବା ୫ଜଣଙ୍କୁ ପୋଲିସ ଅଟକ ରଖିଥିବା ଜାଣିବାକୁ ମିଳିଛି। ସୂଚନା ଅନୁଯାୟୀ ଅସାମାଜିକ ଯୁବକଙ୍କ ସହ ମହୋତ୍ସବ ରେ ହୋଇଥିବା ତିର ଖେଳରେ ପ୍ରଥମେ ବଚସା ଆରମ୍ଭ ହୋଇଥିଲା। ଏହା ପରେ ସ୍ଥାନୀୟ ଯୁବକ ମାନେ ଘଟଣାକୁ ସମାଧାନ ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଉକ୍ତ ଅସାମାଜିକ ଯୁବକ ବା ଦୁର୍ବୃତ୍ତ ମାନେ ମାନିବାକୁ ନାରାଜ ଥିଲେ ଜ୍ୟୋତି କୁ ଜୀବନରେ ମାରିଦେବାକୁ ପୁରା ପ୍ରସ୍ତୁତ ହୋଇଥିଲେ। ଜ୍ୟୋତି ନିଜ ଘରକୁ ଯିବା ସମୟରେ ଦୁର୍ବୃତ୍ତ ମାନେ ଛକି ରହିଥିଲେ। ନିରଳିଆ ସ୍ଥାନ ଦେଖି ବିଭିନ୍ନ ମରଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ। ଘଟଣା ସ୍ଥଳରେ ଜ୍ୟୋତି ର ବଡ଼ ଭାଇ ଏବଂ ପଡ଼ୋଶୀ ଦୁଇ ଯୁବକ ଅଟକାଇବାକୁ ଚେଷ୍ଟା କରୁଥିବା ସମୟରେ ସେମାନଙ୍କୁ ମଧ ଛାଡ଼ିନଥିଲେ। ଜ୍ୟୋତି ରଞ୍ଜନକୁ ଜୀବନରୁ ଅତି ନୃଶଂସ ଭାବେ ହତ୍ୟା କରିଥିଲେ।

# ମହିଂସାସୁର ଓ ପେଣ୍ଠରେ ଯୁଦ୍ଧ ପ୍ରସ୍ତୁତି ପାଇଁ ମକ୍ ଡ୍ରିଲ୍

**ରାଜନଗର,୭।୫(ସଂଚାର ବ୍ୟୁରୋ):** ଜମ୍ମୁ କଶ୍ମୀରର ପହଲଗାମରେ ଗତମାସ ୨୨ ତାରିଖ ଦିନ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ପରିସ୍ଥିତି ଉପୁଜିଛି। ଗତକାଲି ରାତିରେ ଭାରତ ପାକିସ୍ତାନ ଭିତରେ ପଶି ଆତଙ୍କବାଦୀଙ୍କ ଆଡା ଉପରେ ଆକ୍ରମଣ କରିଛି। ପାକିସ୍ତାନ ମଧ୍ୟ ପ୍ରତି ଆକ୍ରମଣ କରିପାରେ। କେନ୍ଦ୍ରାପଡା ବିଶେଷକରି ସମୁଦ୍ର କୁଳ ଅଞ୍ଚଳ ରାଜନଗର ସଂବେଦନଶୀଳ ଅଞ୍ଚଳ ମଧ୍ୟରେ ଥିବାରୁ ଲୋକେ କିପରି ସଚେତନ ହେବେ, ଯଦି ପାକିସ୍ତାନ ଏ ଅଞ୍ଚଳ ଉପରେ ଆକ୍ରମଣ କରେ ଆମେ କରିବା ଆବଶ୍ୟକ ସେ ନେଇ ଆଜି ପ୍ରଶାସନ ପକ୍ଷରୁ ମକଡ୍ରିଲ କରାଯାଇଛି। ମକ୍ ଡ୍ରିଲ୍ ପାଇଁ ଆଜି ସାଇରନ୍ ବାଜିଛି। ପ୍ରଥମ ସାଇରନ୍ ବାଜିବା ପରେ ମକ୍ ଡ୍ରିଲ ଆରମ୍ଭ ହୋଇଥିଲା, ଲୋକେ ସୁରକ୍ଷିତ ସ୍ଥାନକୁ ଦୌଡିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ୧୫ ମିନିଟ ପରେ ଆଉଥରେ ସାଇରନ୍ ବାଜିଲା ପରେ ଘର ଭିତରୁ ଲୋକେ ବାହାରିଥିଲେ। ଯୁଦ୍ଧ ସମୟରେ ଓ ବୋମା ବିସ୍ଫୋରଣ ହେବ କି ଅଗ୍ନିକାଣ୍ଡ ଘଟଣାର ପରବର୍ତ୍ତୀ ସମୟରେ କିଭଳି ମୁକାବିଲା କରାଯାଇପାରିବ ସେନେଇ ପୁଲିସ, ଅଗ୍ନିଶମ ବାହିନୀ ଅଭ୍ୟାସ କରିଛନ୍ତି। ଏହି ଅଭ୍ୟାସ ଦ୍ୱାରା ଲୋକମାନେ ପରିସ୍ଥିତିକୁ ଭଲ ଭାବରେ ବୁଝିବେ। ଜରୁରୀକାଳୀନ ସମୟରେ କିଭଳି ଆତ୍ମରକ୍ଷା କରିବେ ଶିକ୍ଷାଲାଭ କରିପାରିବେ। ସେହିପରି ଉଦ୍ଧାରକାରୀ ଟିମ୍ ଅସୁବିଧାରେ ପଡ଼ିଥିବା ଲୋକଙ୍କୁ କିଭଳି ଉଦ୍ଧାର କରିବେ ତାହାର ଅଭ୍ୟାସ ଏହି ମକ୍ ଡ୍ରିଲ ମାଧ୍ୟମରେ ଆଜି ପଦର୍ଶନ କରଯାଇଥିଲା।

### ଡାଟା ଏଣ୍ଟି ଅପ୍‌ରେଟ୍‌ର (DEO) ନିଯୁକ୍ତି ସମ୍ବନ୍ଧରେ

ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ୩୮ଟି ଡ଼ାଟା ଏଣ୍ଟି ଅପ୍‌ରେଟ୍‌ର (DEO) ପଦ ଖୁବ୍ ଶିଘ୍ର ଓଡ଼ିଶା ସରକାରଙ୍କ ନିଯୁକ୍ତି ମେଳାରେ ନିଯୁକ୍ତି ନେବା ପାଇଁ ସ୍ଥିର କରାଯାଇଅଛି।




## ଆହାର କେନ୍ଦ୍ର ତଦାରଖ କଲେ ଏନ୍ଏସି ଇଓ



**ଗୋପାଳପୁର,୭।୫(ସଂଚାର ବ୍ୟୁରୋ):** ଗୋପାଳପୁର ବସଷ୍ଟାଣ୍ଡ ନିକଟରେ ଥିବା ଆହାର କେନ୍ଦ୍ରକୁ ଯାଇ ବୁଧବାର ଅଚାନକ ତଦାରଖ କରିବା ସହ ରନ୍ଧା ଖାଦ୍ୟ ଯାଞ୍ଚ କରିଛନ୍ତି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ପ୍ରମୋଦ କୁମାର ପାଢ଼ୀ। ଆହାର କେନ୍ଦ୍ରର ସଫାସୁତରା, ପାନୀୟ ଜଳ ଆଦିର ବ୍ୟବସ୍ଥା ବୁଲି ଦେଖିବା ସହ ଶ୍ରୀ ପାଢ଼ୀ ରନ୍ଧାଖାଦ୍ୟ ମଧ୍ୟ ଖାଇଥିଲେ। ଗତବର୍ଷ ଶ୍ରୀ ଗୁପ୍ତେଶ୍ୱର ମହିଳା ସଙ୍ଘକୁ ଆହାର କେନ୍ଦ୍ର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ସହ ଯୋଗାଯୋଗ ବେଳେ କେନ୍ଦ୍ର ପରିସର ସଫା ସୁତରା ରହିଛି ଏବଂ ରନ୍ଧାଖାଦ୍ୟ ଉନ୍ନତ ମାନର ରହିଛି ବୋଲି ସେ କହିଛନ୍ତି। ଏହିଭଳି ତଦାରଖ ଜାରି ରଖିବାକୁ ସଂଘକୁ କୁହାଯାଇଥିବା ମଧ୍ୟ ସେ କହିଛନ୍ତି। ତଦାରଖ ସମୟରେ ଏନ୍ଏସି ଅଧ୍ୟକ୍ଷ ଏ.ଜାନକୀ ରାମ, ସିଇଓ ସାଗରିକା ବିଷୋୟୀ, କାଉନସିଲର ଜି.ମୋହନ, କେ. କଲେଶୁ, ଜି. ମୋହନ ରାଓ, ଏସ. ବୀରେନ ମଧ୍ୟ ଉପସ୍ଥିତ ଥିଲେ।

## ସିଏମ୍ସିର ହୋର୍ଡିଂ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ




**କଟକ,୭।୫(ସଂଚାର ବ୍ୟୁରୋ):** କଟକ ସହରର ଜନଗହଳିପୂର୍ଣ୍ଣ ସ୍ଥାନରେ ଏକାଧିକ ଠିକାସଂସ୍ଥା ଶତାଧିକ ବିଜ୍ଞାପନ ହୋର୍ଡିଂ ଲଗାଇଥିବା ବେଳେ କେତେକ ସଂସ୍ଥା ବକେୟା ଅର୍ଥ ରଖିଥିବା ଯୋଗୁଁ କଟକ ମହାନଗର ନିଗମ (ସିଏମସି)ର ବ୍ୟାପକ ରାଜସ୍ୱ ହାନୀ ହେଉଛି ଏବଂ କେତେକ ସ୍ଥାନରେ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ନିର୍ଦ୍ଦିଷ୍ଟ ଠିକାସଂସ୍ଥା ବେଆଇନ ହୋର୍ଡିଂ ଲଗାଇ ବ୍ୟାପକ ଅର୍ଥ ରୋଜଗାର କରୁଥିଲେ ଯାହାକି ସୂଚନାଅଧିକାର ଆଇନରେ ସଠିକ ତଥ୍ୟ ମିଳୁନଥିଲା । ଏନେଇ ପୂର୍ବରୁ ଅନେକ ଥର ଅଭିଯୋଗ ସହ କାଉନସିଲରେ ବାରମ୍ବାର ତୁମ୍ବିତୋଫାନ ହୋଇଥିବା ସତ୍ତ୍ୱେ କୌଣସି କାର୍ଯ୍ୟକାରୀ ହେଉନଥିବା ପରିଲକ୍ଷିତ ହେଉଥିଲା। ଫଳରେ ସିଏମସିର ବ୍ୟାପକ ରାଜସ୍ୱ ହାନି ହେଉଥିଲା। ଏହାଛଡ଼ା ସହରରେ ଅନେକ ବିପଦସଙ୍କୁଳ ସ୍ଥାନରେ ବେଆଇନ ହୋର୍ଡିଂ ଲଗାଯାଇଥିବା ଯୋଗୁଁ ବର୍ତ୍ତମାନ କାଳବୈଶାଖୀଜନିତ ପବନ ଯୋଗୁଁ ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ରହିଛି। ରାଜସ୍ୱ ବୃଦ୍ଧି ଓ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କଟକ ସିଏମ୍ସି ଉପଆୟୁକ୍ତ ଅଶୋକ ଲେଙ୍କାଙ୍କ ନେତୃତ୍ୱରେ ଏକ ଟିମ୍ କଟକ ୪୬, ୪୭ ନମ୍ବର ୱାର୍ଡର ରାସ୍ତାକଡ, ଛାତ ଉପରେ ଲାଗିଥିବା ବେଆଇନ, ବିପଦସଙ୍କୁଳ ଓ ବକେୟା ଟିକସ ହୋର୍ଡିଂ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ସହରରେ ପ୍ରତ୍ୟେକ ୱାର୍ଡରେ ହେବ ବୋଲି ଶ୍ରୀ ଲେଙ୍କା କହିଛନ୍ତି। ଚଳିତ ବର୍ଷ ହୋର୍ଡିଂ ଟିକସ ବାବଦରେ ବକେୟା ଅର୍ଥ ସିଏମସି ଆଦାୟ କରି ରାଜସ୍ୱ ବୃଦ୍ଧି କରିବା ସହ ହୋର୍ଡିଂ ଲଗାଇବା ବାବଦରେ ନିର୍ଦ୍ଦିଷ୍ଟ ନିୟମାବଳୀ ଲାଗୁ କରି ସହରକୁ ସୁନ୍ଦର କରାଯିବା ଦିଗରେ ଗୁରୁତ୍ୱ ଦେବା ପାଇଁ ସମସ୍ତ ପ୍ରକାର କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।

# ରାଜଧାନୀରେ ମକଡ୍ରିଲ୍

## ଲୋକେ ଦେଖାଇଲେ ଉତ୍ସାହ ଆଉ ସଚେତନତା ଆଗ୍ରହ



**ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ):** କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶ ଓ ରାଜ୍ୟ ସରକାରଙ୍କ ପ୍ରସ୍ତୁତି କ୍ରମେ ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଅଞ୍ଚଳରେ ମକଡ୍ରିଲ୍ ହୋଇଛି। କୌଣସି ପ୍ରକାର ଜରୁରୀକାଳୀନ ବା ଯୁଦ୍ଧ ପରିସ୍ଥିତିରେ ସମ୍ଭାବ୍ୟ ଆକାଶ ମାର୍ଗରୁ ଆକ୍ରମଣ କବଳରୁ ଧନଜୀବନ ସୁରକ୍ଷା ନିମନ୍ତେ ବିଏମ୍ସି ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ପରାମର୍ଶ କ୍ରମେ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଦ୍ୱାରା ପ୍ରସ୍ତାବିତ ଆଜି ସକାଳୁ ଶିଶୁ ଭବନ ଛକ, ବାପୁଜୀ ନଗର, ରାଜମହଲ ଛକ ପର୍ଯ୍ୟନ୍ତ ମକଡ୍ରିଲ ହେବା ନେଇ ମାଇକ୍ ଯୋଗେ ସୂଚନା ଦିଆଯାଇଥିଲା। ଏଥିସହ ସ୍ଥାନୀୟ ଅଞ୍ଚଳର ଦୋକାନୀମାନଙ୍କୁ ବିଏମ୍ସି ପକ୍ଷରୁ ଏ ସମ୍ପର୍କରେ ଅବଗତ କରାଯିବା ସହ ଆବଶ୍ୟକୀୟ ନିୟମ ଅନୁପାଳନ କରିବାକୁ କୁହାଯାଇଥିଲା।

ପୂର୍ବ ଘୋଷଣା ଅନୁଯାୟୀ, ଠିକ୍ ଅପରାହ୍ନ ୪ଟା ସମୟରେ ଆରମ୍ଭ ହୋଇଥିଲା ମକଡ୍ରିଲ୍। ସାଇରନ୍ ବାଜିଲା। ଯିଏ ଯେଉଁଠି ଥିଲେ କାନରେ ହାତ ଦେଇ ଫଟାଫଟ୍ ତଳେ ଶୋଇପଡ଼ିଲେ। କେହି କେହି ନିରାପଦ ସ୍ଥାନକୁ ବି ପଳାଇଲେ। କେହି ଛାତ ତଳେ ତ ଆଉ କେହି ଅଣ୍ଡରଗ୍ରାଉଣ୍ଡ ବା ବେସମେଣ୍ଟରେ ଆତ୍ମଗୋପନ କଲେ। ମିଛିମିଛିକା ବୋମା ପଡ଼ିବା, ନିଆଁ ଲାଗିବା, ବହୁ ଲୋକ ଆହତ ହେବାର ମକଡ୍ରିଲ କରାଗଲା। ଘରେ ଫସି ରହିଥିବା ଲୋକଙ୍କୁ କିପରି ଉଦ୍ଧାର କରାଯିବ ଓ ଆହତ ଲୋକଙ୍କୁ କିପରି ଡାକ୍ତରଖାନା ନେବାକୁ ହେବ। ଅଗ୍ନିକାଣ୍ଡରୁ ଲୋକମାନଙ୍କୁ କିପରି ଉଦ୍ଧାର କରାଯିବ, ଏ ସମସ୍ତ କାର୍ଯ୍ୟର ମକଡ୍ରିଲ କରାଯାଇଥିଲା। ଜନସଚେତନତା ନିମନ୍ତେ ସମସ୍ତ ଗଣମାଧ୍ୟମ ପ୍ରତିନିଧି କ୍ଷେତ୍ରରେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରିଥିଲେ।

ଏହି ମକଡ୍ରିଲରେ ଅଗ୍ନିଶମ ବାହିନୀ, ପୁଲିସ ବାହିନୀ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ, ଆମ୍ବୁଲାନ୍ସ, ଏନ୍ସିସି, ସ୍କାଉଟ୍ ଆଣ୍ଡ ଗାଇଡ୍ ସହ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ସେଠାରେ ଉପସ୍ଥିତ ଥିଲେ। ଅଗ୍ନିଶମ ବାହିନୀ ନିଆଁ ଲିଭାଇବା ସହ ଭଗ୍ନକୋଠା ଭିତରେ ଫସି ରହିଥିବା ଲୋକମାନଙ୍କୁ ସିଡ଼ିରେ ଦଉଡି ବାନ୍ଧି ଉଦ୍ଧାର କରିବାର ଦୃଶ୍ୟ ବେଶ ଚମତ୍କାର ଥିଲା। ଏନ୍ସିସି ଓ ସ୍କାଉଟଗାଇଡ୍ କ୍ୟାଡେଟମାନେ ଆହତ ଲୋକମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତରଖାନାରେ ଡାକ୍ତରଙ୍କ ସହ ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ସଜାଗ ରହିଥିଲେ। ସଙ୍ଗେ ସଙ୍ଗେ ଆହତମାନଙ୍କର ଚିକିତ୍ସା ଆରମ୍ଭ କରିଦେଲେ। ଅପରାହ୍ନ ୪ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଅଧଘଣ୍ଟାଏ ଧରି ଚାଲିଥିଲା ଏହି ମକଡ୍ରିଲ୍।

ଅନ୍ୟପକ୍ଷରେ ଭୁବନେଶ୍ୱର ମହାନଗର ନିଗମ କମାଣ୍ଡ କଣ୍ଟ୍ରୋଲ ରୁମରେ ଖୋଲାଯାଇଥିବା ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷରେ ଜିଲ୍ଲାପାଳ ଶ୍ରୀ ରାଣା, ଅତିରିକ୍ତ ପୁଲିସ କମିଶନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଓ ରାଜମହଲ ଛକରେ ବିଏମସି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ବିଭିନ୍ନ କାର୍ଯ୍ୟର ନିରୀକ୍ଷଣ କରିଥିଲେ। ପରେ ବିଏମ୍ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଜିଲ୍ଲାପାଳ ଶ୍ରୀ ରାଣାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ କମିଶନର ଶ୍ରୀ ସାହୁଙ୍କୁ ସମେତ ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ସାଫଲ୍ୟ ମଣ୍ଡିତ ପ୍ରଧାନ, ଭୁବନେଶ୍ୱର ଉପଜିଲ୍ଲାପାଳ ଡକ୍ଟର ମନୋରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ମକଡ୍ରିଲରେ ଅଂଶଗ୍ରହଣ କରିଥିବା ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ଏନ୍ସିସି ଓ ସ୍କାଉଟଗାଇଡ୍ କ୍ୟାଡେଟ୍ ଯୋଗଦେଇଥିଲେ।



### ନୂଆ ଅପରାଧିକ ଆଇନ୍ର କାର୍ଯ୍ୟକାରିତା ନେଇ ସମୀକ୍ଷା

# ଜିରୋ ଏଫ୍ଆଇଆର୍ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ



● ହସ୍ପିଟାଲ, କୋର୍ଟ, ଜେଲ୍, ଫରେନସିକ୍ ଲ୍ୟାବକୁ ଯୋଡ଼ିବାକୁ ପରାମର୍ଶ
● ଖୁବ୍ଶୀଘ୍ର ୩୨ଟି ଅତ୍ୟାଧୁନିକ ମୋବାଇଲ ଫରେନସିକ୍ ଭ୍ୟାନ୍

**ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଦେଶର ତିନୋଟି ନୂଆ ଅପରାଧିକ ଆଇନ୍ର ଫଳପ୍ରଦ କାର୍ଯ୍ୟକାରିତା ନେଇ ସମୀକ୍ଷା କରିଛନ୍ତି। ଏଥିରେ ମୁଖ୍ୟମନ୍ତ୍ରୀ ଜିରୋ ଏଫଆଇଆର୍ ଉପରେ ଗୁରୁତ୍ୱାରୋପ କରିବା ସହ ଇ-ଏଫ.ଆଇ.ଆର୍, ଇ-ସମନ୍, ଇ-ସାକ୍ଷ୍ୟ ପ୍ରଦାନ ଆଦି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ନ୍ୟାୟ ପ୍ରଦାନ ବ୍ୟବସ୍ଥା ସହଜ, ସରଳ ହେବା ସହିତ ତ୍ୱରିତ ବେଗରେ କାର୍ଯ୍ୟକାରୀ କରାଯାଇ ପାରିବ। ଏଥିପାଇଁ ଜେଲ୍, ହସ୍ପିଟାଲ, ଫରେନସିକ୍ ଲ୍ୟାବ, କୋର୍ଟ ଇତ୍ୟାଦିକୁ ଭିଡିଓ କନ୍ଫରେନ୍ସ ଜରିଆରେ ଯୋଡିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସାକ୍ଷୀ ମାନେ ଯେଉଁ ସ୍ଥାନରେ ଥିବେ, ସେହି ସ୍ଥାନରୁ ହିଁ ସାକ୍ଷ୍ୟ ପ୍ରଦାନ କରିପାରିବେ। ତଦନ୍ତ ଓ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଯେତେଦୂର ସମ୍ଭବ ଇଲେକ୍ଟ୍ରୋନିକ୍ ମୋଡ୍ରେ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଫରେନସିକ୍ ବ୍ୟବସ୍ଥାର ଉନ୍ନତି ପାଇଁ ଅତ୍ୟାଧୁନିକ ମୋବାଇଲ ଫରେନସିକ୍ ଭ୍ୟାନ ନିୟୋଜିତ କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରୁ ଜଣାଯାଇଛି ଯେ, ରାଜ୍ୟରେ ଖୁବଶୀଘ୍ର ୩୨ଟି ମୋବାଇଲ ଫରେନସିକ୍ ଭ୍ୟାନ ନିୟୋଜିତ କରାଯିବ।

ସେହିପରି ଭିଡ ହିଂସା, ଉଗ୍ରବାଦୀ କାର୍ଯ୍ୟକଳାପ ଏବଂ ସଂଗଠିତ ଅପରାଧ କ୍ଷେତ୍ରରେ ଏସ୍ପିଙ୍କ ତଳ ର୍ୟାଙ୍କର କୌଣସି ଅଧିକାରୀ ତଦାରଖ କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ବୈଠକରେ ନୂଆ ଆଇନ୍ର ଫଳପ୍ରଦ କାର୍ଯ୍ୟକାରୀତା ପାଇଁ ପୋଲିସ, ଜେଲ୍, ଆଇନଗତ କାର୍ଯ୍ୟାନୁଷ୍ଠାନ (ପ୍ରୋସିକ୍ୟୁସନ) ଓ ବିଚାର ବିଭାଗୀୟ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ସୂଚନାନୁଯାୟୀ, ନୂଆ ଅପରାଧିକ ଆଇନ ସଂପର୍କରେ ୯୮ ପ୍ରତିଶତରୁ ଅଧିକ ପୁଲିସ କର୍ମଚାରୀ ଓ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବା ସହିତ ଦକ୍ଷ ତଦନ୍ତ ପ୍ରକ୍ରିୟା ପାଇଁ ଆଧୁନିକ ଜ୍ଞାନକୌଶଳର ଉପଯୋଗ ପାଇଁ ପଦକ୍ଷେପ ନିଆଯାଉଛି। ଫରେନ୍ସିକ ଲ୍ୟାବଗୁଡ଼ିକର ଉନ୍ନତିକରଣ କରାଯାଉଛି ଏବଂ ଫରେନ୍ସିକ ଓ ସାଇବର ଫରେନ୍ସିକ ବିଶେଷଜ୍ଞ ମାନଙ୍କ ପାଇଁ ୨୪୭ଟି ଅତିରିକ୍ତ ପଦବୀ ସୃଷ୍ଟି କରାଯାଇଛି। ସେହିପରି ଜେଲ୍ ବିଭାଗର ଶତପ୍ରତିଶତ କର୍ମଚାରୀଙ୍କୁ ମଧ୍ୟ ନୂଆ ଆଇନ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଜେଲ୍ରେ ଭିଡିଓ କନ୍ଫରେନ୍ସିଂ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ସେହିପରି ପ୍ରୋସିକ୍ୟୁସନ କ୍ୟାଡରରେ ମଧ୍ୟ ୨୬୭ଟି ଅତିରିକ୍ତ ପଦବୀ ସୃଷ୍ଟି କରାଯିବା ସହିତ ବିଏନ୍ଏସ୍ଏସ୍ ଆଇନ ଅନୁଯାୟୀ ଓଡ଼ିଶା ପ୍ରୋସିକ୍ୟୁସନ ନିୟମାବଳୀରେ ମଧ୍ୟ ପରିବର୍ତ୍ତନ କରାଯିବ। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀ ମୋ ବସ୍ ସେବାକୁ କ୍ୟାବିନେଟ୍ ମଞ୍ଜୁରୀ



● ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ଜୀବନ ରେଖା ହେବ ମୁଖ୍ୟମନ୍ତ୍ରୀ ସଡକ ଯୋଜନା
● ଗ୍ରାମାଞ୍ଚଳ ରାସ୍ତା ପାଇଁ ନିର୍ବାଚନମଣ୍ଡଳୱାରୀ ଅର୍ଥ ବ୍ୟବସ୍ଥା
● ନିଦାନ ଦ୍ୱିତୀୟ ପର୍ଯ୍ୟାୟ ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ

**ଭୁବନେଶ୍ୱର,୭।୫ (ସଂଚାର ବ୍ୟୁରୋ) :** ରାଜ୍ୟ କ୍ୟାବିନେଟରେ ଆଜି ଆଠଟି ପ୍ରସ୍ତାବକୁ ମଂଜୁରୀ ମିଳିଛି । ମୁଖ୍ୟମନ୍ତ୍ରୀ ସଡକ ଯୋଜନାକୁ କ୍ୟାବିନେଟ ମଂଜୁରୀ ମିଳିଛି । ରାଜ୍ୟର ବିପର୍ଯ୍ୟୟ ପ୍ରଭାବିତ ଅଂଚଳରେ ବିପର୍ଯ୍ୟୟ ସମୟରେ ଏବଂ ପରେ ଜରୁରୀ ସେବା ଯେପରି ବାଧା ସୃଷ୍ଟି ନହୁଏ ତାହା ସୁନିଶ୍ଚିତ କରିବାକୁ ଏହି ଯୋଜନାକୁ ଆଜି ମଂଜୁରୀ ମିଳିଛି । ଏହା ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ଜୀବନରେଖା ଭାବେ କାମ କରିବ। ୨୦୨୫-୨୬ରୁ ୨୦୨୯-୩୦ ଏହି ଚାରି ବର୍ଷରେ ୫୦୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ହଜାରେ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ସେହିଭଳି ସବୁ ନିର୍ବାଚନମଣ୍ଡଳୀରେ ଥିବା ଗ୍ରାମାଞ୍ଚଳ ରାସ୍ତା ନିର୍ମାଣ କରିବା ଏବଂ ସଡକ ଉନ୍ନତିକରଣ ପାଇଁ ନିର୍ବାଚନମଣ୍ଡଳୀୱାରୀ ଅର୍ଥ ବ୍ୟବସ୍ଥା ଯୋଜନାକୁ କ୍ୟାବିନେଟ ମଂଜୁରୀ ମିଳିଛି। ଏହି ଯୋଜନାରେ ୨୦୨୪-୨୫ରୁ ୨୦୨୬-୨୭ ଏହି ତିନି ବର୍ଷରେ ୪୨୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିଭଳି ମୁଖ୍ୟମନ୍ତ୍ରୀ ମୋ ବସ ସେବାକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି । ଗ୍ରାମାଞ୍ଚଳର ଲୋକଙ୍କୁ ସୁରକ୍ଷିତ, ନିର୍ଭରଯୋଗ୍ୟ, ସୁଲଭ ପରିବହନ ସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି । ଏହାର ତଦାରଖ ଓ ନିୟନ୍ତ୍ରଣ ଦାୟିତ୍ୱ ଓଏସଆରଟିସିକୁ ଦିଆଯିବ। ସବୁ ବସରେ ସିସିଟିଭି, ଲାଇଭ ଭ୍ୟାନ ଟ୍ରାକିଂ, ଯାତ୍ରୀ ସୂଚନା ବ୍ୟବସ୍ଥା ସହ ପାନିକ ବଟନ ବି ରହିବ। ମହିଳା, ଛାତ୍ରଛାତ୍ରୀ, ଭିନ୍ନକ୍ଷମ ଓ ବରିଷ୍ଠଙ୍କ ପାଇଁ ବସ ଭଡାରେ ୫୦ ପ୍ରତିଶତ ରିହାତି ପ୍ରଦାନ କରାଯିବ। ଏହି ଯୋଜନାକୁ ୨୦୩୨-୩୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଜାରି ରଖିବାକୁ କ୍ୟାବିନେଟରେ ମଂଜୁରୀ ମିଳିଛି। ଏଥିସହିତ ସରକାରୀ ଡାକ୍ତରଖାନାରେ ମାଗଣା ଡାଇଗ୍ନୋଷ୍ଟିକ ଓ ଡାଏଲିସିସ ସେବା ଯୋଗାଇଦେବାକୁ ପୂର୍ବରୁ କାର୍ଯ୍ୟକାରୀ ହେଉଥିବା ନିଦାନ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟକୁ କ୍ୟାବିନେଟ ମଂଜୁରୀ ମିଳିଛି। ଏଥିପାଇଁ ଆଗାମୀ ୫ ବର୍ଷ ପାଇଁ ୨୪୫୯ କୋଟି ୫୧ ଲକ୍ଷ ଟଙ୍କାକୁ କ୍ୟାବିନେଟ ଅନୁମୋଦନ ଦେଇଛି। ସେହିଭଳି ପୂର୍ବରୁ କାର୍ଯ୍ୟକାରୀ ହେଉଥିବା ନିର୍ମଳ ଦ୍ୱିତୀୟ ପର୍ଯ୍ୟାୟ ଯୋଜନାକୁ ମଧ୍ୟ ମଂଜୁରୀ ମିଳିଛି। ଏହାଦ୍ୱାରା ସରକାରୀ ଡାକ୍ତରଖାନାରେ ସ୍ୱଚ୍ଛତା, ସୁରକ୍ଷା, ଆଟେଣ୍ଡାଣ୍ଟ ଭଳି ଆନୁସଙ୍ଗୀକ ସେବାକୁ ସୁନିଶ୍ଚିତ କରାଯାଇପାରିବ। ଏହି ଯୋଜନାରେ ଆଗାମୀ ୫ ବର୍ଷ ପାଇଁ ୫୧୭୪ କୋଟି ୭୯ ଲକ୍ଷ ଟଙ୍କାର ବ୍ୟୟ ଅଟକଳକୁ ମଂଜୁରୀ ମିଳିଛି । ସବୁ ସରକାରୀ ଡାକ୍ତରଖାନାରେ ଉପଯୁକ୍ତ ଜୈବ ଚିକିତ୍ସା ବର୍ଯ୍ୟ ପରିଚାଳନା ଭଳି ସଂକ୍ରମଣ ନିୟନ୍ତ୍ରଣ ବ୍ୟବସ୍ଥା ନିଶ୍ଚିତ କରି ପ୍ରଦୂଷଣ ରୋକିବାକୁ ରାଜ୍ୟ ବଜେଟରୁ ୨୦୨୧ କୋଟି ୮୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳକୁ ମଂଜୁରୀ ମିଳିଛି । ଡାକ୍ତରଖାନାରେ ଜୈବ ପରିଚାଳନା ସୁନିଶ୍ଚିତ କରାଗଲେ ଜଳବାହିତ, ଭେକ୍ଟର ବାହିତ, ଶ୍ୱାସକ୍ରିୟା ଜନିତ ରୋଗ, ଏଚଆଇଭି, କୋଭିଡ ପରି ରୋଗ ବ୍ୟାପିନଥାଏ । ତେଣୁ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ରାଜ୍ୟ ପ୍ରାଣୀ ଚିକିତ୍ସା ବୈଷୟିକ ସେବା କ୍ୟାଡରରେ ୧୩୩ଟି ନୂଆ ପଦବୀ ସୃଷ୍ଟି କରି ଏହାର କ୍ଷମତା ୪୧୫୮କୁ ବୃଦ୍ଧି କରିବା ପାଇଁ ପ୍ରାଣୀ ଚିକିତ୍ସା ବୈଷୟିକ ସେବା ନିୟମରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଂଜୁରୀ ମିଳିଛି ।

## ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ନେବେ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ



**କଟକ, ୭।୫ (ସଂଚାର ବ୍ୟୁରୋ) :** ଆସନ୍ତା ୧୨ ତାରିଖରେ ଶପଥ ନେବେ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ। ଓଡିଶା ହାଇକୋର୍ଟର ବିଚାରପତି ଭାବେ ନେବେ ଶପଥ । ସକାଳ ୧୦ଟାରେ ହାଇକୋର୍ଟ ପରିସରରେ ଆୟୋଜିତ ହେବ ଶପଥ ଗ୍ରହଣ ଉତ୍ସବ। କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଥିଲେ ଜଷ୍ଟିସ ଶ୍ରୀପଦ । ଜଷ୍ଟିସ ଶ୍ରୀପଦଙ୍କର କର୍ଣ୍ଣାଟକ ହାଇକୋର୍ଟରୁ ଓଡିଶା ହାଇକୋର୍ଟ ବଦଳି ହୋଇଛି । ଜଷ୍ଟିସ ଶ୍ରୀପଦ ଜୁଲାଇ ୨୦,୧୯୬୪ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ୨୦୧୮ ମସିହା ଫେବୃଆରୀ ୧୪ ତାରିଖ ରେ ସେ କର୍ଣ୍ଣାଟକ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବରେ କାର୍ଯ୍ୟରେ ଯୋଗ ଦେଇଥିଲେ । ୨୦୨୦ ଜାନୁଆରୀ ୭ ତାରିଖରେ କର୍ଣ୍ଣାଟକ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବରେ ଶପଥ ଗ୍ରହଣ କରିଥିଲେ ।

## ୯ରୁ ଜାଳିବ ଖରା , ଆସନ୍ତା ୨୪ଘଣ୍ଟାରେ କାଳବୈଶାଖୀ

**ଭୁବନେଶ୍ୱର,୭।୫ (ସଂଚାର ବ୍ୟୁରୋ) :** କାଳବୈଶାଖୀ ଯୋଗୁ ରାଜ୍ୟରେ ଦିନ ତାପମାତ୍ରା ହ୍ରାସ ପାଇଛି । ସମସ୍ତ ଅଞ୍ଚଳରେ ପାରଦ ୪୦ଡିଗ୍ରୀ ତଳେ ରହିଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି ଯେ, କିଛିଦିନ ବ୍ୟବଧାନରେ ପୁଣି ରାଜ୍ୟକୁ ଫେରିବ ତାତି । ଆସନ୍ତା ୯ରୁ ରାଜ୍ୟର ଅନେକ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହର ସମ୍ଭାବନା ରହିଛି । ଆସନ୍ତା ୨ଦିନ ପର୍ଯ୍ୟନ୍ତ ରାଜ୍ୟର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ପରବର୍ତ୍ତୀ ସମୟରେ ପାରଦ ୨ରୁ ୪ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ ଏବଂ ନବରଙ୍ଗପୁର ଜିଲାକୁ କାଳବୈଶାଖୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଉପରୋକ୍ତ ଜିଲାଗୁଡିକ ମଧ୍ୟରୁ କିଛି ଅଞ୍ଚଳରେ ଘଣ୍ଟାପ୍ରତି ୩୦ରୁ ୪୦କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି।

SANCHAR
ସଂଚାର
ସମ୍ପାଦକୀୟ
sanchar.live

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଶ୍ରୀକ୍ଷେତ୍ରର ବିକଳ୍ପ ନାହିଁ

ଈଶ୍ୱରଙ୍କ ସୃଷ୍ଟିରେ ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ସ୍ଥାନ ବା ସାମଗ୍ରୀର ସ୍ୱତନ୍ତ୍ରତା ରହିଛି। କେହି କାହାର ବିକଳ୍ପ ହୋଇପାରିବେ ନାହିଁ। ଜଗନ୍ନାଥ ଧାମ ପୁରୀ ବା ଶ୍ରୀକ୍ଷେତ୍ରର ମହତ୍ୱ ଅନନ୍ୟ। ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରର ବିକଳ୍ପ ନାହିଁ। ଏକଥା କହିବାର ଆବଶ୍ୟକତା ନାହିଁ ଯେ, ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥ ସର୍ବତ୍ର ବିଦ୍ୟମାନ। ବିଶ୍ୱର କୋଣ ଅନୁକୋଣରେ ତାଙ୍କର ମନ୍ଦିର ରହିଛି। ଓଡ଼ିଶାର ଘରେ ଘରେ ମହାପ୍ରଭୁଙ୍କୁ ପୂଜା କରାଯାଏ। ଗାଁ ଗାଁରେ ମହାପ୍ରଭୁଙ୍କ ମନ୍ଦିର ରହିଛି। ଗଳିକନ୍ଦିରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଛି। ଆମେରିକାଠାରୁ ଆରମ୍ଭ କରି ଆଫ୍ରିକା ପର୍ଯ୍ୟନ୍ତ ସବୁଠି ନନ୍ଦିଘୋଷ ଗଡ଼ୁଛି। କିନ୍ତୁ ଏହା ଦ୍ୱାରା ପୁରୀର ଗୁରୁତ୍ୱ ବା ଗରିମା ହ୍ରାସ ପାଇନି। ବରଂ ଏହା ଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ସାରା ବିଶ୍ୱରେ ପ୍ରଚାରିତ ହେଉଛି। ଏହା ହିଁ ମହାପ୍ରଭୁଙ୍କ ଇଚ୍ଛା। କାରଣ ତାଙ୍କ ଇଚ୍ଛା ବିନା ଗଛ ପତ୍ରଟିଏ ବି ହଲିବ ନାହିଁ। ବିଶ୍ୱର କୋଣ ଅନୁକୋଣରେ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ହେଉଛି, ସବୁଠି ରଥଯାତ୍ରା ହେଉଛି ଏହା ତାଙ୍କ ଇଚ୍ଛାରେ ହେଉଛି। କିନ୍ତୁ ଶ୍ରୀକ୍ଷେତ୍ର ସବୁ ବେଳେ ଶ୍ରୀକ୍ଷେତ୍ର। ପୁରୀରେ ଶ୍ରୀମନ୍ଦିର ଅନନ୍ୟ। ଏଠାରେ ମହାପ୍ରଭୁଙ୍କ ପୂଜା ପାଉଛନ୍ତି ଯାହା ଅନ୍ୟ କେଉଁଠାରେ ନାହିଁ। ଦାରୁରେ ବ୍ରହ୍ମସ୍ୱରୂପ କେବଳ ଶ୍ରୀମନ୍ଦିରରେ ହୋଇଥାଏ। ମହାପ୍ରଭୁଙ୍କ ଲୀଳା ଖେଳା ଦେଖିବାକୁ ପ୍ରତି ବର୍ଷ ପୁରୀକୁ ଲକ୍ଷ ଲକ୍ଷ ଲୋକ ଆସୁଛନ୍ତି। ବିଶ୍ୱର କୋଣ ଅନୁକୋଣରେ ମସଜିଦ ରହିଛି, କିନ୍ତୁ ମୁସଲମାନ ଧର୍ମାବଲମ୍ବୀମାନେ ମକ୍କା ମଦିନା ଯାଉଛନ୍ତି। ତେଣୁ ହିନ୍ଦୁ ଧର୍ମର ଚାରି ଧାମ ମଧ୍ୟରୁ ଅନ୍ୟତମ ପୁରୀର ଜଗନ୍ନାଥ ଧାମ ହେଉଛି ଅନନ୍ୟ। ଏହାର ବିକଳ୍ପ ନାହିଁ। ବିଶ୍ୱର ଅନ୍ୟ କେଉଁଠି ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ ହେଲେ ବି ଏହାକୁ ଶ୍ରୀମନ୍ଦିର କୁହାଯାଇପାରିବ ନାହିଁ କିମ୍ବା ସେହି ସ୍ଥାନକୁ ଜଗନ୍ନାଥ ଧାମ କୁହାଯାଇପାରିବ ନାହିଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ପଶ୍ଚିମବଙ୍ଗର ଦୀଘାରେ ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ ହେବା ପରେ ଏହାକୁ ଜଗନ୍ନାଥ ଧାମ ବୋଲି କୁହାଯାଉଛି। ଏହା ଗ୍ରହଣୀୟ ନୁହେଁ। ଏହାକୁ ନେଇ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ବିବାଦ ଚାଲିଛି। କଥା ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଗଲାଣି। ଏହାକୁ ନେଇ ରାଜନୀତି ମଧ୍ୟ ଚାଲିଛି। ଏଠାରେ କହିବାର ଆବଶ୍ୟକତା ନାହିଁ ଯେ, ଓଡ଼ିଶାର ପଡ଼ୋଶୀ ପଶ୍ଚିମବଙ୍ଗ ଆଜିକୁ ବହୁ ବର୍ଷ ହେବ ଓଡ଼ିଶା ଏବଂ ଓଡ଼ିଆଙ୍କ ବିରୋଧରେ ଷଡ଼ଯନ୍ତ୍ର କରି ଆସୁଛି। ଯେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଲାଗି ଆନ୍ଦୋଳନ ହୋଇଥିଲା ସେତେବେଳେ ବଙ୍ଗଳାର ଜଣେ ବିଶିଷ୍ଟ ବ୍ୟକ୍ତି ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କହିଥିଲେ। ଏହାକୁ ଅନେକ ବର୍ଷ ବିତିଗଲାଣି କିନ୍ତୁ ଆଜି ପର୍ଯ୍ୟନ୍ତ ଏହାକୁ କେହି ଭୁଲି ନାହାଁନ୍ତି। ବଙ୍ଗଳାର ଓଡ଼ିଶା ବିରୋଧୀ ଆଭିମୁଖ୍ୟ ଏବଂ ଷଡ଼ଯନ୍ତ୍ରକୁ ସମସ୍ତେ ଅନୁଭବ କରିଛନ୍ତି। ବିଶେଷ କରି ମମତା ବାନାର୍ଜୀଙ୍କ ଶାସନ କାଳରେ ଏହା ଅଧିକ ଅନୁଭବ କରାଯାଉଛି। ଜ୍ୟୋତିବସୁଙ୍କ ଦୀର୍ଘ ବର୍ଷର ଶାସନ କାଳରେ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ସୁସମ୍ପର୍କ ରହିଥିଲା। କିନ୍ତୁ ମମତା ବାନାର୍ଜୀ ଆସିବା ପରେ ଓଡ଼ିଶା ଅନେକ ସମୟରେ ଅପମାନିତ ହେଉଛି। ଏକଥା ସତ ଯେ, ଇଂରେଜମାନେ ପ୍ରଥମେ କଲିକତାକୁ ରାଜଧାନୀ କରିଥିଲେ। ତେଣୁ ବେଙ୍ଗଲରେ ଆଧୁନୀକ ଶିକ୍ଷା ଏବଂ ସଭ୍ୟତା ପ୍ରଥମେ ବିକଶିତ ହୋଇଥିଲା। ତେଣୁ ଶିକ୍ଷାଗତ, ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ବେଙ୍ଗଲ ଓଡ଼ିଶା ତୁଳନାରେ ଯଥେଷ୍ଟ ଆଗୁଆ। କିନ୍ତୁ ପୁରାତନ ଐତିହ୍ୟ ଏବଂ ସଂସ୍କୃତିକୁ ବିଚାର କଲେ ଓଡ଼ିଶା ଅନେକ ଆଗରେ ରହିବ। କବି ଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କଠାରୁ ବହୁ ଉତ୍କୃଷ୍ଟ କବିତା ଓଡ଼ିଆରେ ଲେଖାଯାଇଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସହ ଭାରତର କୌଣସି କବି ସମକକ୍ଷ ନୁହଁନ୍ତି। କିନ୍ତୁ ଓଡ଼ିଆମାନେ କେବେ ନିଜ ସ୍ୱାର୍ଥ ବା ସମ୍ମାନ ପାଇଁ ଏକତାବଦ୍ଧ ଭାବେ ଲଢ଼ନ୍ତି ନାହିଁ। ତେଣୁ ବିଶ୍ୱଦରବାରରେ ଓଡ଼ିଆ ଆଜି ପଛରେ ପଡ଼ିଛି। ଯାହା ବି ହେଉ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ଅନେକ ବିବାଦ ରହିଛି ଯାହା ପଶ୍ଚିମବଙ୍ଗର ଓଡ଼ିଶା ବିରୋଧୀ ଷଡ଼ଯନ୍ତ୍ରରୁ ସୃଷ୍ଟି ହୋଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆଞ୍ଚଳିକବାଦ ନୀତି ସମ୍ପର୍କରେ ସମସ୍ତଙ୍କୁ ଊଣା ଅଧିକେ ଜଣା। ସେ ଯେତେବେଳେ କେନ୍ଦ୍ରରେ ରେଳବାଇ ମନ୍ତ୍ରୀ ଥିଲେ, ରେଳ ବଜେଟର ସିଂହଭାଗ ପଶ୍ଚିମବଙ୍ଗକୁ ଯାଉଥିଲା। ଓଡ଼ିଶାକୁ ଅବହେଳା କରୁଥିଲେ। ପୂର୍ବତଟ ରଳପଥ ଦାବିକୁ ସେ ଚାପି ରଖିଥିଲେ। ପରେ ନୀତିଶ କୁମାର ରେଳମନ୍ତ୍ରୀ ହେବା ପରେ ଏହା କାର୍ଯ୍ୟକାରୀ ହୋଇଥିଲା। ମମତା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ହେବା ପରେ ଦୁଇ ରାଜ୍ୟ ମଧ୍ୟରେ ଅନେକ ବିବାଦ ମୁଣ୍ଡ ଟେକିଛି ବା ପୁରୁଣା ବିବାଦ ଉଗ୍ରରୂପ ନେଇଛି। ଗତ କିଛି ବର୍ଷ ହେବ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ଆମଦାନୀ ନେଇ ବିବାଦ ଲାଗି ରହିଛି। ମଝିରେ ମଝିରେ ମମତା ବାନାର୍ଜୀ ଓଡ଼ିଶାକୁ ଆଳୁ ପଠାଇବାକୁ ବନ୍ଦ କରନ୍ତି। ଫଳରେ ଓଡ଼ିଶାରେ ଆଳୁର ଅଭାବ ଏବଂ ଦରବୃଦ୍ଧି ପାଇଥାଏ। ଏବେ ଦୀଘାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାକୁ ନେଇ ଏକ ନୂଆ ବିବଦ ଆରମ୍ଭ ହୋଇଛି। ଦୀଘାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ସ୍ୱାଗତ ଯୋଗ୍ୟ। ସାରା ବିଶ୍ୱରେ ମହାପ୍ରଭୁଙ୍କ ବହୁ ମନ୍ଦିର ରହିଛି। କିନ୍ତୁ ପୁରୀ ବ୍ୟତିତ ଅନ୍ୟ କୌଣସି ସ୍ଥାନକୁ ଶ୍ରୀକ୍ଷେତ୍ର ବୋଲି କୁହାଯାଇପାରିବ ନାହିଁ କିମ୍ବା ଏହାକୁ ଜଗନ୍ନାଥ ଧାମ ବୋଲି କୁହାଯାଇପାରିବ ନାହିଁ। ଦୀଘାକୁ ଜଗନ୍ନାଥଧାମ ବୋଲି କୁହାଯାଉଥିବାରୁ ବିବାଦର ସୂତ୍ରପାତ ହୋଇଛି। ସବୁଠାରୁ ବଡ଼ କଥା ହେଲା ମହାପ୍ରଭୁଙ୍କ ଦାରୁ ଦୀଘା ପଠାଯାଇଛି ଏବଂ ଏଥିରେ ଶ୍ରୀଜଗନ୍ନାଥଙ୍କ ସେବକୁ ସମ୍ପୃକ୍ତ ବୋଲି ଅଭିଯୋଗ ଉଠିଛି। ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କୁ ନେଇ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେବା ପରେ ରାଜ୍ୟ ସରକାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। ଦାରୁ ଚୋରୀ ଘଟଣାରରେ ଅଭିଯୁକ୍ତ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ କୈଫିୟତ ତଲବ କରାଯାଇଛି। ଯଦି ସେ ସନ୍ତୋଷଜନକ ଉତ୍ତର ନଦିଅନ୍ତି ତେବେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ନିଶ୍ଚିତଭାବେ ଏକ ଉଦବେଗର ବିଷୟ ଏବଂ ବାସ୍ତବରେ ଏଥିରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବା ଉଚିତ। ଏବେ ପଶ୍ଚିମବଙ୍ଗରେ ଏକ ବାର୍ତ୍ତା ସୋସିଆଲ ମିଡିଆ ମାଧ୍ୟମରେ ଘୁରିବୁଲୁଛି। ଏଥିରେ ପୁରୀକୁ ବୟକଟ କରିବାକୁ ଆହ୍ୱାନ ଦିଆଯାଉଛି। ଏହା ଏକ ହାସ୍ୟାସ୍ପଦ ଅଭିଯାନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବୟକଟ କରିବା ସମ୍ଭବ କି? ଏହା ଏକ ଅତି ନିମ୍ନସ୍ତରର ଚିନ୍ତାଧାରା। ବାସ୍ତବରେ ମମତାଙ୍କୁ ଓଡ଼ିଶାବାସୀ ବୟକଟ କରିବା ଉଚିତ। ଶହ ଶହ ବର୍ଷ ତଳେ ଏବେକାର ବଙ୍ଗୋପସାଗରକୁ କଳିଙ୍ଗ ସାଗର କୁହାଯାଉଥିଲା। ବେଙ୍ଗଲବାସୀ ଇଂରେଜମାନଙ୍କୁ ପ୍ରଭାବିତ କରି ଏହାକୁ ବେଙ୍ଗାପସାଗର କରିଦେଲେ। ଓଡ଼ିଶାବାସୀ ପ୍ରଥମେ ରସଗୋଲା ପ୍ରସ୍ତୁତ କରିଥିଲେ। କିନ୍ତୁ ଏବେ ପଶ୍ଚିମବଙ୍ଗ ଏହାକୁ ନିଜର ବୋଲି ଦାବି କରୁଛି। ଆଉ କିଛି ବର୍ଷ ପରେ ହୁଏତ ଦୀଘାକୁ ସେମାନେ ଆଦି ଶ୍ରୀଜଗନ୍ନାଥ କ୍ଷେତ୍ର ବୋଲି କହିପାରନ୍ତି। ଏହାକୁ ମମତାଙ୍କୁ କୁତ୍ସିତ ରାଜନୀତି ବୋଲି କୁହାଯାଇପାରେ। ଗଜପତି ମହାରାଜ ଏଥିନେଇ ମମତାଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି ଏବଂ ଦୀଘାର ଜଗନ୍ନାଥ ମନ୍ଦିରରୁ ଜଗନ୍ନାଥଧାମ ଫଳକ ହଟାଇବାକୁ ଅନୁରୋଧ କରିଛନ୍ତି। ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖି ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ଇତିମଧରେ ଆଇନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବଳକା ଦାରୁ ଦୀଘା ଯିବା କଥା ମିଛ। ବଡ଼ ମୂର୍ତ୍ତୀ ନିର୍ମାଣ ହେଲା ଭଳି ଦାରୁ ଶ୍ରୀମନ୍ଦିରରେ ନାହିଁ। କହିବା ବାହୁଲ୍ୟ ଯେ, ଆଜିକୁ ୧୦ ବର୍ଷ ତଳେ ଶ୍ରୀଜଗନ୍ନାଥଙ୍କ ନବକଳେବର ହୋଇଥିଲା। ସେତେବେଳେ ଯେଉଁ ଦାରୁ ଆସିଥିଲା, ଶ୍ରୀବିଗ୍ରହ ନିର୍ମାଣ ପରେ ସେଥିରୁ ଖୁବ କମ ଅଂଶ ବଳକା ରହିଛି। ତେଣୁ ସେଥିରେ ବଡ଼ ମୂର୍ତ୍ତୀ ନିର୍ମାଣ ଅସମ୍ଭବ। ତାହା ବି ଶ୍ରୀ ମନ୍ଦିର ପରିସରରୁ ବାହାରକୁ ଯିବା ସମ୍ଭବ ନୁହେଁ। କିନ୍ତୁ ଏହି ଘଟଣାରେ ସେବାୟତଙ୍କ ଭୂମିକା ନିନ୍ଦନୀୟ। ଏହାର ତଦନ୍ତ କରାଯାଇ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏହି ଘଟଣା ପରେ ମହାପ୍ରଭୁଙ୍କ ରତ୍ନଭଣ୍ଡାରର ସୁରକ୍ଷା ନେଇ ସନ୍ଦେହ ଆହୁରି ଘନୀଭୂତ ହୋଇଛି। ତୁରନ୍ତ ରତ୍ନଭଣ୍ଡାରର ସମ୍ପତ୍ତି ଗଣନା କରାଯାଇ ଏହା ସୁରକ୍ଷିତ ଅଛି କି ନାହିଁ ତାହା ସ୍ପଷ୍ଟ ହେବା ଉଚିତ।



# ଅପରେସନ୍ ସିନ୍ଦୂରଃ ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇରେ ଏକ ନୂତନ ଯୁଗ



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ନଅଟି ଆତଙ୍କବାଦୀ ଶିବିର ବିରୁଦ୍ଧରେ ଏକ ସଠିକ୍ ଆକ୍ରମଣ, ଆତଙ୍କବାଦ ବିରୋଧରେ ଭାରତର ଲଢେଇରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା କରାଯାଇଥିବା ଏହି ଅଭିଯାନ ଦେଶର ସାମରିକ କ୍ଷମତା ଏବଂ ରଣନୈତିକ ଚମତ୍କାରିତାକୁ ପ୍ରଦର୍ଶନ କରେ।

୨୨ ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା ଯେଉଁଥିରେ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ। ଏହି ଆକ୍ରମଣ ଭାରତର ଜାତୀୟ ସୁରକ୍ଷା ପ୍ରତି ଆତଙ୍କବାଦ ଦ୍ୱାରା ସୃଷ୍ଟି ହୋଇଥିବା ନିରନ୍ତର ବିପଦର ଏକ କଠୋର ସ୍ମରଣକାରୀ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଆତଙ୍କବାଦ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତି ନେଇଥିଲେ। ସଠିକ କ୍ଷତିକୁ କମ କରିବା ଏବଂ ପାକିସ୍ତାନୀ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିବା ଏଡାଇବା ପାଇଁ ଏହି ସଠିକ୍ ଆକ୍ରମଣ ଡିଜାଇନ୍ କରାଯାଇଥିଲା। ଏହି ଅଭିଯାନ ଭାରତର ସାମରିକ ଶକ୍ତି ଏବଂ ରଣନୈତିକ ସଂଯମତା ପ୍ରଦର୍ଶନ କରେ। ଭାରତୀୟ ସଶସ୍ତ୍ର ବାହିନୀ ସେମାନଙ୍କର କ୍ଷମତା ପ୍ରଦର୍ଶନ କରିଥିଲେ, ଏବଂ ଏହି ଅଭିଯାନ ପାକିସ୍ତାନକୁ ଏକ ଦୃଢ଼ କୂଟନୈତିକ ସଙ୍କେତ ପଠାଇଥିଲା।

ଏହି ଅଭିଯାନ ଭାରତର ଜାତୀୟ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ। ଏହା ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ ଏବଂ ଯେଉଁମାନେ ଆତଙ୍କବାଦକୁ ସମର୍ଥନ ଏବଂ ପୃଷ୍ଠପୋଷକତା କରନ୍ତି ସେମାନଙ୍କୁ ଏକ ଦୃଢ଼ ବାର୍ତ୍ତା ପଠାଏ। ଏହି ଅଭିଯାନ ଆତଙ୍କବାଦ ବିରୋଧୀ ଅଭିଯାନରେ ଗୁପ୍ତଚର ସଂଗ୍ରହ ଏବଂ ରଣନୈତିକ ଯୋଜନାର ଗୁରୁତ୍ୱକୁ ମଧ ଉଲ୍ଲେଖ କରେ। ଅନ୍ତର୍ଜାତୀୟ ସମ୍ପ୍ରଦାୟ ଅପରେସନ ସିନ୍ଦୂରକୁ ଧାନ ଦେଇଛନ୍ତି। ଏହି ଅଭିଯାନ ଗଣମାଧମରେ ବ୍ୟାପକ ଭାବରେ ରିପୋର୍ଟ ହୋଇଛି, ଏବଂ ଅନେକ ଦେଶ ଆତଙ୍କବାଦ ବିରୋଧରେ ଭାରତର ପ୍ରୟାସକୁ ସମର୍ଥନ ଜଣାଇଛନ୍ତି। ଏହି ଅଭିଯାନ ଆତଙ୍କବାଦ ବିରୋଧୀ ଅଭିଯାନରେ ସାମରିକ କାର୍ଯ୍ୟାନୁଷ୍ଠାନର ପ୍ରଭାବ ବିଷୟରେ ମଧ ଏକ ବିତର୍କ ସୃଷ୍ଟି କରିଛି।

ପାକିସ୍ତାନ ଏହି ଅଭିଯାନ ପାଇଁ ଭାରତ ବିରୁଦ୍ଧରେ ପ୍ରତିଶୋଧ ନେବାକୁ ପ୍ରତିଶ୍ରୁତି ଦେଇଛି। ତଥାପି, ଭାରତ ଏହାର ସାମରିକ କ୍ଷମତା ଏବଂ ରଣନୈତିକ ଯୋଜନାରେ ବିଶ୍ୱାସ ରଖିଛି। ଏହି ଅଭିଯାନ ଆତଙ୍କବାଦ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଭାରତର କ୍ଷମତା ପ୍ରଦର୍ଶନ କରିଛି, ଏବଂ ଦେଶ ଏହାର ଜାତୀୟ ସୁରକ୍ଷାକୁ ସୁରକ୍ଷା ଦେବା ପାଇଁ ସାହସିକ ପଦକ୍ଷେପ ନେବା ଜାରି ରଖିବ ବୋଲି ସମ୍ଭାବନା ରହିଛି। ଅପରେସନ ସିନ୍ଦୂରର ସଫଳତା ବିଭିନ୍ନ କାରଣ ଉପରେ ନିର୍ଭର କରେ, ଯେପରିକି ଆକ୍ରମଣର ପ୍ରଭାବ, ପାକିସ୍ତାନର ପ୍ରତିକ୍ରିୟା ଏବଂ ଅଞ୍ଚଳ ଉପରେ ପ୍ରଭାବ। ତଥାପି, ଗୋଟିଏ କଥା ସ୍ପଷ୍ଟଃ ଭାରତ ଆତଙ୍କବାଦ ବିରୁଦ୍ଧରେ ଲଢେଇରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି, ଏବଂ ଏହି ଅଭିଯାନ ଦେଶର ଜାତୀୟ ସୁରକ୍ଷା ପାଇଁ ସୁଦୂର ପ୍ରସାରୀ ପ୍ରଭାବ ପକାଇବ। ଶେଷରେ, ଅପରେସନ ସିନ୍ଦୂର ଭାରତର ଆତଙ୍କବାଦ ବିରୁଦ୍ଧରେ ଲଢେଇରେ ଏକ ନୂତନ ଯୁଗର ଚିହ୍ନିତ କରେ। ଏହି ଅଭିଯାନ ଭାରତର ସାମରିକ କ୍ଷମତା ଏବଂ ରଣନୈତିକ ଚମତ୍କାରିତାକୁ ପ୍ରଦର୍ଶନ କରେ, ଏବଂ ଏହା ଆତଙ୍କବାଦକୁ ସମର୍ଥନ ଏବଂ ପୃଷ୍ଠପୋଷକତା କରୁଥିବା ଲୋକଙ୍କୁ ଏକ ଦୃଢ଼ ବାର୍ତ୍ତା ପଠାଏ। ଭାରତ ଆତଙ୍କବାଦର ବିପଦର ସମ୍ମୁଖୀନ ହେବା ସହିତ, ଅପରେସନ ସିନ୍ଦୁର ଦେଶର ଜାତୀୟ ସୁରକ୍ଷାକୁ ସୁରକ୍ଷା ଦେବା ପାଇଁ ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ସ୍ୱରୂପ କାର୍ଯ୍ୟ କରେ।

ଏହି ଅଭିଯାନ ପ୍ରଶଂସାଠାରୁ ସମାଲୋଚନା ପର୍ଯ୍ୟନ୍ତ ବିଭିନ୍ନ ପ୍ରତିକ୍ରିୟା ସୃଷ୍ଟି



କରିଛି। କେତେକ ଏହି ଅଭିଯାନକୁ ଆତଙ୍କବାଦ ବିରୁଦ୍ଧରେ ଏକ ସାହସିକ ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଭାବରେ ପ୍ରଶଂସା କରିଛନ୍ତି, ଯେତେବେଳେ ଅନ୍ୟମାନେ ଏହି ଅଭିଯାନର ସମ୍ଭାବ୍ୟ ପରିଣାମ ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି। ଭିନ୍ନ ପ୍ରତିକ୍ରିୟ ସତ୍ତ୍ୱେ ଗୋଟିଏ କଥା ସ୍ପଷ୍ଟଃ ଅପରେସନ ସିନ୍ଦୁର ଭାରତର ଆତଙ୍କବାଦ ବିରୁଦ୍ଧରେ ଲଢେଇରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ। ଏହି ଅଭିଯାନ ଜାତୀୟ ସୁରକ୍ଷା ପ୍ରତି ଭାରତର ପ୍ରତିବଦ୍ଧତା ଏବଂ ଏହାକୁ ବିପଦରେ ପକାଇଥିବା ଲୋକଙ୍କ ବିରୁଦ୍ଧରେ ସାହସିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଚ୍ଛୁକତାକୁ ପ୍ରଦର୍ଶନ କରେ।

ପରିସ୍ଥିତି ବିସ୍ତାରିତ ହେବା ସହିତ, ପାକିସ୍ତାନ ଏହି ଅଭିଯାନର କିପରି ପ୍ରତିକ୍ରିୟା ଦେବ ତାହା ଦେଖିବା ବାକି ଅଛି। ତଥାପି, ଗୋଟିଏ କଥା ନିଶ୍ଚିତଃ ଭାରତ ଆତଙ୍କବାଦ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ, ଏବଂ ଅପରେସନ ସିନ୍ଦୁର ଏହି ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଏହି ଅଭିଯାନ ଆତଙ୍କବାଦ ବିରୋଧୀ ଅଭିଯାନରେ କୂଟନୀତିର ଭୂମିକା ବିଷୟରେ ମଧ ପ୍ରଶ୍ନ ଉଠାଇଛି। କେତେକ ଯୁକ୍ତି ଦେଇଛନ୍ତି ଯେ ଜାତୀୟ ସୁରକ୍ଷାକୁ ସୁରକ୍ଷା ଦେବା ପାଇଁ କୂଟନୀତି ପସନ୍ଦିତ ହେବା ଉଚିତ, ଯେତେବେଳେ ଅନ୍ୟମାନେ ବିଶ୍ୱାସ କରନ୍ତି ଯେ ଜାତୀୟ ସୁରକ୍ଷାକୁ ସୁରକ୍ଷା ଦେବା ପାଇଁ ସାମରିକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ।

ଶେଷରେ, ଅପରେସନ ସିନ୍ଦୁରର ସଫଳତା ବିଭିନ୍ନ କାରଣ ଉପରେ ନିର୍ଭର କରିବ, ଯେଉଁଥିରେ ହମଲାର ପ୍ରଭାବ, ପାକିସ୍ତାନର ପ୍ରତିକ୍ରିୟା ଏବଂ ଅଞ୍ଚଳ ଉପରେ ପ୍ରଭାବ ଅନ୍ତର୍ଭୁକ୍ତ। ତଥାପି, ଗୋଟିଏ କଥା ସ୍ପଷ୍ଟଃ ଭାରତ ଆତଙ୍କବାଦ ବିରୁଦ୍ଧରେ ଲଢେଇରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି, ଏବଂ ଏହି ଅଭିଯାନ ଦେଶର ଜାତୀୟ ସୁରକ୍ଷା ପାଇଁ ସୁଦୂର ପ୍ରସାରୀ ପ୍ରଭାବ ପକାଇବ। ଅପରେସନ ସିନ୍ଦୁର ହେଉଛି ଭାରତର ଜାତୀୟ ସୁରକ୍ଷାକୁ ସୁରକ୍ଷା ଦେବା ପାଇଁ ଦୃଢ଼ ସଂକଳ୍ପର ଏକ ପ୍ରମାଣ। ଏହି ଅଭିଯାନ ଦେଶର ସାମରିକ କ୍ଷମତା ଏବଂ ରଣନୈତିକ ଚମକକୁ ପ୍ରଦର୍ଶନ କରେ, ଏବଂ ଏହା ଆତଙ୍କବାଦକୁ ସମର୍ଥନ ଏବଂ ପୃଷ୍ଠପୋଷକତା ପ୍ରଦାନ କରୁଥିବା ଲୋକଙ୍କୁ ଏକ ଦୃଢ଼ ବାର୍ତ୍ତା ପଠାଏ। ଭାରତ ଆତଙ୍କବାଦର ବିପଦର ସମ୍ମୁଖୀନ ହେବା ଜାରି ରଖିଥିବାରୁ, ଅପରେସନ ସିନ୍ଦୁର ଜାତୀୟ ସୁରକ୍ଷାର ଗୁରୁତ୍ୱକୁ ସ୍ମରଣ କରାଏ। ଏହି ଅଭିଯାନ ଭାରତର ଜାତୀୟ ସୁରକ୍ଷାକୁ ବିପଦରେ ପକାଇଥିବା ଲୋକଙ୍କ ବିରୁଦ୍ଧରେ ନିରନ୍ତର ସତର୍କତା ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତାକୁ ଉଜ୍ଜ୍ୱଳ କରିଥାଏ।

ଶେଷ ବିଶ୍ଳେଷଣରେ, ଅପରେସନ ସିନ୍ଦୁର ଭାରତର ଆତଙ୍କବାଦ ବିରୁଦ୍ଧରେ ଲଢେଇରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଏହି ଅଭିଯାନ ଜାତୀୟ ସୁରକ୍ଷା ପ୍ରତି ଭାରତର ପ୍ରତିବଦ୍ଧତା ଏବଂ ଯେଉଁମାନେ ଏହାକୁ ବିପଦରେ ପକାଇଛନ୍ତି ସେମାନଙ୍କ ବିରୁଦ୍ଧରେ ସାହସିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଚ୍ଛୁକତାକୁ ପ୍ରଦର୍ଶନ କରେ। ଅପରେସନ୍ ସିନ୍ଦୂର ସହିତ, ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ୧, ୧୮୨ / ୫, ୦୦୦ ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇ। ଏହି ଅଭିଯାନ ଜାତୀୟ ସୁରକ୍ଷା ପ୍ରତି ଭାରତର ପ୍ରତିବଦ୍ଧତା ଏବଂ ଏହାକୁ ବିପଦରେ ପକାଇଥିବା ଲୋକଙ୍କ ବିରୁଦ୍ଧରେ ସାହସିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଇଚ୍ଛୁକତାକୁ ପ୍ରଦର୍ଶନ କରେ। ଅପରେସନ୍ ସିନ୍ଦୂର ସହିତ, ଭାରତ ଆତଙ୍କବାଦ ବିରୁଦ୍ଧରେ ଲଢେଇରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଏହି ଅଭିଯାନ ଦେଶର ଜାତୀୟ ସୁରକ୍ଷା ପାଇଁ ସୁଦୂର ପ୍ରସାରୀ ପ୍ରଭାବ ପକାଇବ, ଏବଂ ଏହା ଭାରତର ଜାତୀୟ ସୁରକ୍ଷାକୁ ସୁରକ୍ଷା ଦେବାର ଦୃଢ଼ ପ୍ରତିପାଦନ କରେ। ଏହି ଅଭିଯାନ ବିଭିନ୍ନ ପ୍ରତିକ୍ରିୟା ସୃଷ୍ଟି କରିଛି, ଏବଂ ପରିସ୍ଥିତି କିପରି ହେବ ତାହା ଦେଖିବାକୁ ବାକି ଅଛି। ତଥାପି, ଗୋଟିଏ କଥା ନିଶ୍ଚିତଃ ଭାରତ ଆତଙ୍କବାଦ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ, ଏବଂ ଅପରେସନ୍ ସିନ୍ଦୂର ଏହି ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଅପରେସନ୍ ସିନ୍ଦୂର ହେଉଛି ଭାରତର ଆତଙ୍କବାଦ ବିରୁଦ୍ଧରେ ଲଢେଇରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ। ଏହି ଅଭିଯାନ ଭାରତର ସାମରିକ କ୍ଷମତା ଏବଂ ରଣନୈତିକ ଚମକ ପ୍ରଦର୍ଶନ କରେ, ଏବଂ ଏହା ଆତଙ୍କବାଦକୁ ସମର୍ଥନ ଏବଂ ପୃଷ୍ଠପୋଷକତା କରୁଥିବା ଲୋକଙ୍କୁ ଏକ ଦୃଢ଼ ବାର୍ତ୍ତା ପଠାଏ। ଅପରେସନ୍ ସିନ୍ଦୂରର ସଫଳତା ବିଭିନ୍ନ କାରଣ ଉପରେ ନିର୍ଭର କରିବ, ଯେଉଁଥିରେ ହମଲାର ପ୍ରଭାବଶାଳୀତା, ପାକିସ୍ତାନର ପ୍ରତିକ୍ରିୟା ଏବଂ ଅଞ୍ଚଳ ଉପରେ ପ୍ରଭାବ ଅନ୍ତର୍ଭୁକ୍ତ। ତଥାପି, ଗୋଟିଏ କଥା ସ୍ପଷ୍ଟଃ ଭାରତ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮ ୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ମୋହିନୀ ଏକାଦଶୀ ଓ ବିଷ୍ଣୁଙ୍କ ମୋହିନୀ ଅବତାର

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ସରସ୍ୱତୀ ନଦୀ କୂଳରେ ଭଦ୍ରାବତୀ ନାମକ ନଗର ଥିଲା। ଏଠି ଧୃତିମାନ ନାମକ ରାଜା ରାଜୁତି କରୁଥିଲେ। ଏହି ନଗରରେ ଜଣେ ବଣିଆ ରହୁଥିଲା, ତାର ନାଁ ଥିଲା ଧନପାଳ। ସେ ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ଥିଲା ଏବଂ ସର୍ବଦା ପୁଣ୍ୟକର୍ମରେ ଲାଗି ରହୁଥିଲା। ଧନପାଳର ୫ଜଣ ପୁତ୍ର ଥିଲେ ସୁମନା, ଧୃତିକାମ, ମେଧାବୀ, ସୁକୃତ ଏବଂ ଧୃଷ୍ଟବୁଦ୍ଧି। ଧୃଷ୍ଟବୁଦ୍ଧି ସର୍ବଦା ପାପ କର୍ମରେ ଲିପ୍ତ ରହୁଥିଲା। ଅନ୍ୟାୟ ମାର୍ଗରେ ଯାଇ ସେ ନିଜ ପିତାଙ୍କ ଧନ ବରବାଦ କରି ଦେଇଥିଲେ। ଏଣେ ତେଣେ ବୁଲି ବୁଲି ଧୃଷ୍ଟବୁଦ୍ଧି ଶେଷରେ ମହର୍ଷି କୌଣ୍ଡିନ୍ୟଙ୍କ ଆଶ୍ରମରେ ପହଞ୍ଚିଲା। ହାତଯୋଡ଼ି ମୁନିଙ୍କୁ ପୁଣ୍ୟ ପ୍ରାପ୍ତିର ମାର୍ଗ କହିବା ଲାଗି ଅନୁରୋଧ କଲା। ମହର୍ଷି କୌଣ୍ଡିନ୍ୟ ତାକୁ ବିଧିପୂର୍ବକ ମୋହିନୀ ଏକାଦଶୀ ବ୍ରତ କରିବାକୁ କହିଲେ। ଏହି ବ୍ରତ ପ୍ରଭାବରେ ସେ ନିଷ୍ପାପ ହୋଇଗଲା ଏବଂ ଗରୁଡ଼ ଉପରେ ବସି ବୈକୁଣ୍ଠପୁରକୁ ଚାଲିଗଲା। ବୈଶାଖ ମାସ ଶୁକ୍ଳ ପକ୍ଷ ଏକାଦଶୀକୁ ମୋହିନୀ ଏକାଦଶୀ କୁହନ୍ତି। ଏହି ବ୍ରତ ଧାରଣ କଲେ ଏକ ହଜାର ଗୋଦାନର ପୁଣ୍ୟ ପ୍ରାପ୍ତି ହୋଇଥାଏ। ମନୁଷ୍ୟର ସମସ୍ତ ପାପ ଦୂର ହୋଇଥାଏ। ବ୍ରତ ପ୍ରଭାବରୁ ମୋହ ଜାଲରୁ ମଧ ମୁକ୍ତି ମିଳିଥାଏ। ଏଥର ୧୦ ମଇ, ଶନିବାର ମୋହିନୀ ଏକାଦଶୀ ବ୍ରତ ପଡ଼ୁଛି। ମୋହିନୀ ଏକାଦଶୀ ତିଥିରେ ପ୍ରତ୍ୟୁଷରୁ ସ୍ନାନ କରି ଭଗବାନ ବିଷ୍ଣୁ ଏବଂ ଶ୍ରୀରାମଙ୍କ ପୂଜା କରିବା ସହ ବ୍ରତ ଧାରଣ କଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ। ଶ୍ରୀହରି ମୋହିନୀ ଅବତାର ନେଇଥିଲେ। ସେ ଏହି ଅବତାର ସେତେବେଳେ ନେଇଥିଲେ, ଯେତେବେଳେ ସମୁଦ୍ର ମନ୍ଥନରେ ଅମୃତ ବାହାରିଥିଲା। ଦେବତା ଓ ରାକ୍ଷସଙ୍କ ମଧ୍ୟରେ ଏହା ବିତରଣ ହେବାର ଥାଏ। ମାତ୍ର ମୋହିନୀ ଅବତାରରେ ଶ୍ରୀହରି ଛଳରେ ଦେବତାଙ୍କୁ ଅମୃତ ଓ ରାକ୍ଷସମାନଙ୍କୁ ଅନ୍ୟ ଦ୍ରବ୍ୟ ପିଇବାକୁ ଦେଇଥିଲେ। ଶ୍ରୀହରି ମୋହିନୀ ରୂପରେ ଖୁବ୍ ଆକର୍ଷଣ ଥିଲେ। ସେ ଏହି ରୂପ ଲୋକକଲ୍ୟାଣ ପାଇଁ ନେଇଥିଲେ। ଏଥିରେ ସେ ଜଣେ ସୁନ୍ଦର ଯୁବା ସ୍ତ୍ରୀ ରୂପରେ ଉଭା ହୋଇଥିଲେ। ଅଗ୍ନି ପୁରାଣର ୩.୧୨ରେ ବର୍ଣ୍ଣିତ ଅଛି ଯେ, ଅମୃତ ବିତରଣ ପାଇଁ ଶ୍ରୀହରି ମୋହିନୀରୂପ ଧାରଣ କରିଥିଲେ। ଏହି ସମୟରେ ଭଗବାନ ଶିବ ମୋହିନୀ ରୂପ ଦେଖି ଆକର୍ଷିତ ହୋଇଉଠିଥିଲେ। ସେହି ସ୍ଥାନ ଗଙ୍ଗୋତ୍ରି ଅଟେ। ସେଠାରେ ତାଙ୍କ ବୀଜ ପତନ ଘଟିଥିଲା। ଏହା ଅମୂଲ୍ୟ ପାରଦ ଅଟେ। ଗଙ୍ଗା ଜଳର ପ୍ରତି ବିନ୍ଦୁରେ ଏହା ରହିଛି। ହିନ୍ଦୁ ଶାସ୍ତ୍ର ଅନୁସାରେ ଏହି ପାରଦ ସମ୍ପୂର୍ଣ୍ଣ ଜଗତର ଆଧାର ଅଟେ। କାରଣ ଏହି ସଂସାରର ଆଦି ଶକ୍ତି ରଜ ଅର୍ଥାତ୍ ଗନ୍ଧକ ଅଟେ ଓ ଶିବଙ୍କ ବୀଜ ଅର୍ଥାତ ପାରଦରେ ଏହା ପ୍ରସ୍ତୁତ।

**ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**

# ରକ୍ତଦାନଃ ଶ୍ରେଷ୍ଠ ଓ ମହାନ ପୁଣ୍ୟ



**ଡାକ୍ତର ରାମ ପ୍ରସାଦ ରାୟ**

ଅନ୍ୟ ମାନଙ୍କ ପ୍ରତି ସଦୟ ଭାବ ପୋଷଣ କରିବା ତଥା ଅନ୍ୟ ମାନଙ୍କର ଉପକାର କରିବା ମନୋଭାବକୁ ଦାନ ଶୀଳତା ବୋଲାଯାଏ। ଦାନ ହିଁ ବିଶ୍ୱ ପ୍ରେମ। ଦରିଦ୍ର୍ୟ ଅଭାବୀ ଓ ଅସହାୟ ମାନଙ୍କ ପ୍ରତି ଉଦାରତାର ଅନ୍ୟ ନାମ ଦାନ। ବ୍ୟାପକ ଅର୍ଥରେ ଦାନ, ପ୍ରେମ, ବଦାନ୍ୟତା ଓ ସଦଭାବନାକୁ ବୁଝାଏ। ବ୍ରହ୍ମଦର୍ଶୀ ମାନଙ୍କ ଦୃଷ୍ଟିରୁ ମାନବ ସମାଜ ପ୍ରତି ସାର୍ବଜନୀନ ସଦଭାବନା ଓ ପରମାତ୍ମାଙ୍କ ପ୍ରତି ବିଶୁଦ୍ଧତମ ଭକ୍ତିକୁ ଦାନ ବୋଲାଯାଏ। ପ୍ରଶଂସା, ପୁରସ୍କାର ଓ ପାରିଶ୍ରମିକ ପାଇବାର ସମସ୍ତ ଭାବନା ଦୂର କରିଦେଇ ଅନ୍ୟର ମଙ୍ଗଳ ବିଧାନରେ ଆତ୍ମନିଯୋଗ କରିବାର ଆକାଂକ୍ଷା ହିଁ ପ୍ରକୃତ ଦାନ। ପ୍ରେମ କ୍ରିୟାଶୀଳ ହେଲେ ଦାନର ରୂପ ଧାରଣ କରେ। ଆଗେ ଘର, ପଛେ ପର। ଦାନ ପ୍ରଥମେ ଘରେ ଆରମ୍ଭ ହୁଏ, କିନ୍ତୁ ଏହା ଦୂରକୁ ପ୍ରସାରିତ ହେବା ଉଚିତ। ସମଗ୍ର ଜଗତଟା ତ ଆପଣଙ୍କ ଘର, ଆପଣ ଏହି ବିଶ୍ୱର ଜଣେ ନାଗରିକ। ତେଣୁ ଜଗତର ପ୍ରତ୍ୟେକର ଉପକାର କରିବା ପାଇଁ ବଦାନ୍ୟ ମନୋଭାବ ପୋଷଣ କରନ୍ତୁ।

ଆଜି ବିଶ୍ୱରେଡ଼କ୍ରସ ଦିବସ। ପ୍ରତି ବର୍ଷ ମେ ୮ ତାରିଖରେ ସାରା ବିଶ୍ୱରେ ପାଳନ କରାଯାଏ ବିଶ୍ୱ ରେଡ଼କ୍ରସ ଆଣ୍ଡ ରେଡ଼କ୍ରସ ଡ଼େ ଦିବସ। ୧୮୨୮ ମେ ଏହି ଦିନରେ ଜନ୍ମ ହୋଇଥିଲେ ଇଣ୍ଟରନେସ୍‌ନାଲ କମିଟି ଅଫ ଦ ରେଡ଼ କ୍ରସର ପ୍ରତିଷ୍ଠାତା ହେନରି ଡୁନାଣ୍ଟ। ମାନବ ଜାତିକୁ ରେଡ଼କ୍ରସ ଭଳି ଏକ ମହାନ ଅନୁଷ୍ଠାନର ଦାନ ପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ବିଶ୍ୱର ପ୍ରଥମ ନୋବେଲ ଶାନ୍ତି ପୁରସ୍କାର ବିଜେତା। ୧୯୪୮ରେ ପ୍ରଥମ ବିଶ୍ୱ ରେଡ଼କ୍ରସ ଦିବସ ପାଳନ କରାଯାଇଥିଲା। ୧୯୮୪ରୁ ଏହାକୁ ବିଶ୍ୱ ରେଡ଼କ୍ରସ ଆଣ୍ଡ ରେଡ଼ କ୍ରେସ ଡ଼େ ଦିବସ ଭାବେ ପାଳନ କରାଯାଉଛି। ରକ୍ତଦାନ ଦ୍ୱାରା ସାମାଜିକ ସେବା ଦାୟିତ୍ୱବୋଧତାର ଅଙ୍ଗୀକାରତାକୁ ସମାଜରେ ଦିଗ୍‌ଦର୍ଶନ ଦେବା ପାଇଁ ଯେଉଁ ମହାନ କ୍ରାନ୍ତୀଦର୍ଶୀ ଏହି ଦିବସଟିକୁ ସ୍ମରଣୀୟ କରିଥିଲେ ତାଙ୍କରି ପାଇଁ ବିଶ୍ୱ ରେଡ଼କ୍ରସ ଦିବସର ମହତ୍ତ୍ୱ ଅନୁରଣିତ ହେଉଛି। ବାସ୍ତବିକ ରକ୍ତ ଏପରି ଏକ ସୃଷ୍ଟିର ଅନବଦ୍ୟ ଶ୍ରେଷ୍ଠତା ଯାହାର ବିକଳ୍ପ ନାହିଁ। ଅନେକ କ୍ଷେତ୍ରରେ ଦେଖାଯାଏ ଏହି ରକ୍ତଟି ପାଇଁ ଅଭାବନୀୟ ଭାବରେ ଜଣଙ୍କର ଜୀବନ ଦୀପ ଅକାଳରେ ଚାଲିଯାଇଥାଏ। ଆସନ୍ତୁ ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଏହି ସମ୍ବନ୍ଧୀୟ କିଛି ଜ୍ଞାତବ୍ୟ ତଥ୍ୟ ଏଠାରେ ଉଲ୍ଲେଖ କରିବା। ଅଷ୍ଟ୍ରୀୟ ବିଜ୍ଞାନୀ କାର୍ଲ ଲାଣ୍ଡଷ୍ଟେଇନ୍‌ର ୧୯୦୧ ମସିହାରେ ପ୍ରଥମ ତିନିଟି ରକ୍ତବର୍ଗ (ଓ, ଏ, ଏବଂ ବି) ଆବିଷ୍କାର କରିଥିଲେ। ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି। ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି। ଏଣୁ ଏହାର ଚାହିଦା ସର୍ବାଧିକ। ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ। ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ। ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ। ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୧୨୦ ପିଣ୍ଟ ରକ୍ତ ଏବଂ ଅଙ୍ଗ ପ୍ରତିରୋପଣ ବେଳେ ୪୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ। ତା’ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ। ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ। ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ। ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲେଟଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ। ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ। ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ। ସେହିପରି ରକ୍ତଦାନ କରିବାବେଳେ ରକ୍ତଦାତାର ରକ୍ତପରୀକ୍ଷା ହେଉଥିବାରୁ ଏହା ଦ୍ୱାରା ହେପାଟାଇଟିସ୍, ମ୍ୟାଲେରିଆ, ଡାଇବେଟିସ ଓ ଏଚ୍‌ଆଇଭି ପରି ବିଭିନ୍ନ ରୋଗ ସମ୍ପର୍କରେ ପରୀକ୍ଷାରୁ ସୂଚନା ମିଳିଥାଏ। ଆହୁରି ମଧ ପ୍ରକାଶ ଯେ, ପ୍ରତି ବର୍ଷ କେବଳ ଭାରତରେ ଆବଶ୍ୟକ ହୁଏ ୪ କୋଟି ପିଣ୍ଟ ରକ୍ତ। ତେବେ ସଂଗୃହୀତ ହୁଏ ମାତ୍ର ୪୦ ଲକ୍ଷ ପିଣ୍ଟ। ଏଠାରେ ପ୍ରତି ଦୁଇ ସେକେଣ୍ଡରେ କେହି ନା କେହି ଜଣେ ରକ୍ତ ଦରକାର କରିଥାଏ। ଏଣୁ ପ୍ରତିଦିନ ୩୮୦୦୦ ମଣିଷ ରକ୍ତଦାନ କରିବା ଆବଶ୍ୟକ। ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ। କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ। ଜଣେ ଯଦି ୧୮ ବର୍ଷରୁ ରକତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ। ଯାହାଦ୍ୱାରା କି ଅନ୍ୟୁନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ। ସ୍ୱେଚ୍ଛାକୃତ ରକ୍ତଦାନ ଠାରୁ ବଳି ଅନ୍ୟ କିଛି ନାହିଁ। କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ। ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ।

ପ୍ରତ୍ୟେକଟି ସତକର୍ମ ଗୋଟିଏ ଗୋଟିଏ ଦାନ। ତୃଷାର୍ତ୍ତକୁ ଜଳ ଦେବା ଏକ ଦାନ। ଦୁଃଖୀ ଲୋକଙ୍କୁ ଆଶାଭରସା ଦେଇ ପଦେ କତାକହିବା ଏକ ଦାନ। ଗରିବ ଓ ରୁଗଣ ଲୋକଙ୍କୁ ଔଷଧ ପାନେ ଦେବା ଏକ ଦାନ। ରାସ୍ତାରେ ପଡ଼ିଥିବା କଣ୍ଟାଟିଏ ବା ଭଙ୍ଗାକାଚ ଖଣ୍ଡିଏ ବାହାର କରିଦେବା ମଧ ଏକ ଦାନ। ଅନ୍ୟ ମାନଙ୍କ ପ୍ରତି ସଦୟ ହେବା, ଶ୍ରଦ୍ଧାବାନ ହେବା ମଧ ଦାନ। କେହି ଯଦି ଆପଣଙ୍କର ତି କଲା, ତେବେ ତାଙ୍କୁ କ୍ଷମା ଦେଇ ସେ ବିଷୟ ମନରୁ ପୋଛି ଦେବା ମଧ ଦାନ। ଯନ୍ତ୍ରଣା ପାଉଥିବା ଲୋକକୁ ଦେଖିଦେଲେ ଆହା ବୋଲି ପଦେ କହିଦେବା ମଧ ଏକ ଦାନ।

ପୀ। ତାଙ୍କୁ ସର୍ବତ୍ର ଦର୍ଶନ କରନ୍ତୁ। ଧନସମ୍ପଦ ବଣ୍ଟନ କରି କରି ଉପଭୋଗ କରନ୍ତୁ; ବଣ୍ଟନ କଲାବେଳେ ନିଜ ପାଇଁ ସାମାନ୍ୟ କିଛି ରଖି ଅଧିକାଂଶ ଭାଗ ଅନ୍ୟ ମାନଙ୍କୁ ଦେଇ ଦିଅନ୍ତୁ। ମନ ଭିତରେ ବଦ୍ଧମୂଳ ହୋଇ ରହିଥିବା କୃପଣ ସ୍ୱଭାବ ସମୂଳେ ବିନାଶ କରନ୍ତୁ। ଦେଖିବେ, ହୃଦୟ ପ୍ରଶସ୍ତ ହୋଇଯିବ, ଜୀବନ ସମ୍ବନ୍ଧରେ ଦୃଷ୍ଟିକୋଣ ବ୍ୟାପକ ହୋଇଯିବ; ଦୃଷ୍ଟି ପଥର ନାଚି ଉଠିବ ସୁଦୂରପ୍ରସାରୀ ନୂତନ ଦୃଶ୍ୟାବଳୀ। ଆପଣ ଅନୁଭବ କରିବାକୁ ପାଇବେ ଯେ, ଆପଣଙ୍କ ଅନ୍ତରରେ ଯେଉଁ ଅନ୍ତର୍ଯ୍ୟାମୀ ବାସ କରଛନ୍ତି, ସେ ଆପଣଙ୍କୁ ସାହାଯ୍ୟ କରୁଛନ୍ତି। ଆପଣ ଅନୁଭବ କରିବେ ଯେ, ଆପଣ ଏକ ଅନିର୍ବଚନୀୟ ଦିବ୍ୟ ଉନ୍ମାଦନାରେ, ଏକ ଆଧାତ୍ମିକ ଆନନ୍ଦରେ ଉଲ୍ଲସିତ ହୋଇଉଠୁଛନ୍ତି। ସେହି ଉଲ୍ଲାସ ଉନ୍ମାଦନା ଆପଣଙ୍କୁ ଅସୀମ ଅନ୍ତର୍ବଳ ପ୍ରଦାନ କରିବ। ଏହି ମର୍ମରେ କବିବର ରାଧାନାଥ ରାୟଙ୍କ ସ୍ମରଣୀୟ ଧାଡ଼ିଟି ଉଲ୍ଲେଖ କରୁଛୁ - ‘ବିତରେ ଅକାତରେ ଜୀବନ ଘନ, ଧନ୍ୟ ସେ ଦାତା ଜଣେ ଯାଚକ ମନ।’

**କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ**
**ମୋବାଇଲ୍: ୮୨୬୦୪୦୮୮୩୬**

# ପ୍ୟାରୀମୋହନ ଆଚାର୍ଯ୍ୟ

**ଡକ୍ଟର ତପନ କୁମାର ପାଳ**



ପ୍ୟାରୀମୋହନ ଜଣେ ଐତିହାସିକ ଓ ସମ୍ପାଦକ ଥିଲେ। ୧୮୫୧ ମସିହା ମଇ ୮ ତାରିଖରେ ଏକ ବଙ୍ଗୀୟ ବ୍ରାହ୍ମଣ ପରିବାରରେ କଟକ ଜିଲ୍ଲା କୁଆଁପାଳ ନିକଟବର୍ତ୍ତୀ ପଶୁଲୁଣ୍ଠା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ୨୦ବର୍ଷ ବୟସରୁ ସେ ମଧୁସୂଦନ ରାଓ ଗୋବିନ୍ଦ ରଥଙ୍କ ସହ ମିଶି ଓଡ଼ିଆ ଭାଷାରେ ଉତ୍କଳପୁତ୍ର ନାମକ ସମ୍ବାଦପତ୍ରର ଆରମ୍ଭ କରିଥିଲେ। ସେ ଏହି ସମ୍ବାଦପତ୍ରର ପ୍ରକାଶକ ଓ ସମ୍ପାଦକ ଥିଲେ। ସେଥିରେ ସେ ଜୋତାର ଦରଖାସ୍ତ ନାମକ ଲେଖାଟିଏ ପ୍ରକାଶ କରିଥିଲେ। ଏହାର ପ୍ରତ୍ୟେକ୍ଷ ଅର୍ଥ ହେଲା ଯେ ତତ୍‌କାଳୀନ କଟକ ନଗର ପରିଚାଳନା ଅଧିକାରୀ ନଗରକୁ ନିର୍ମଳ ରଖିବାରେ ଅସମର୍ଥ ଅଟନ୍ତି। ଏହାଦ୍ୱାରା ସେ ମାଜିଷ୍ଟରେଟଙ୍କ କ୍ରୋଧର ଶିକାର ହେଲେ।

ମାଜିଷ୍ଟ୍ରେଟ ତାଙ୍କୁ ସ୍କୁଲରୁ ବହିଷ୍କାର କରିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସେ ମାଜିଷ୍ଟରେଟଙ୍କୁ ଭୁଲ ନମାଗି କମିଶନର ସାହେବଙ୍କୁ ଭେଟିବା ଲାଗି ବାହାରି ପଡ଼ିଲେ। ଏହାପରେ ସେ ଏକ ପ୍ରାଇଭେଟ ସ୍କୁଲ ପ୍ରତିଷ୍ଠା କରିଥିଲେ। ସ୍କୁଲଟି ଏବେ ପ୍ୟାରିମୋହନ ଏକାଡ଼େମୀ ନାମରେ ମଧ ଜଣାଶୁଣା। ତତ୍କାଳୀନ ସମୟରେ ଉତ୍କଳର ଇତିହାସ କାହାକୁ ଏତେ ଜଣାନଥିଲା ଓ ଓଡ଼ିଆ ଭାଷା ଏକ ଗଭୀର ସନ୍ଧୀକ୍ଷଣ ଭିତରେ ରହିଥିଲା। ସବୁଠାରୁ ବଡ଼କଥା ହେଉଛି ଓଡ଼ିଆ ଭାଷାକୁ ନେଇ ସେ ସମୟରେ ଏକ ଭାଷା ଆନ୍ଦୋଳନ ଅତ୍ୟନ୍ତ ତୀବ୍ର ହୋଇଥିଲା। ତେଣୁ ସେ ଉତ୍କଳର ଇତିହାସକୁ ନେଇ ବହୁ ଗ୍ରନ୍ଥ, ପୁରାତନ ରାଜକୀୟ ନଥି ଓ ମାଦଳା ପାଞ୍ଜି ଆଦି ଗବେଷଣା କରି ଗୋଟିଏ ଓଡ଼ିଆ ଇତିହାସ ସଂକଳନ କରିଥିଲେ। ନିଜ ମାତୃଭୂମି ପ୍ରତି ତାଙ୍କର ଖୁବ୍ ପ୍ରେମ ଥିଲା। ୧୮୮୧ ମସିହାରେ ସେ ମୃତ୍ୟୁବରଣ କରିଥିଲେ।

**ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ, ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩**



# କାହିଁକି ମୋଦି ଏହାର ନାମ ରଖିଲେ ଅପରେସନ୍ ସିନ୍ଦୂର










**ନୂଆଦିଲ୍ଲୀ,୭।୫:**ପାକିସ୍ତାନରେ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରିବା ପାଇଁ ଭାରତ ଦ୍ୱାରା କରାଯାଇଥିବା ବଡ଼ ଅପରେସନକୁ 'ଅପରେସନ ସିନ୍ଦୂର' ନାମ ଦିଆଯାଇଛି । କିନ୍ତୁ ଏହା ପଛରେ କାରଣ କ'ଣ? ଏହାର ପ୍ରତୀକାତ୍ମକ ଏବଂ ଭାବପ୍ରବଣ ମହତ୍ତ୍ୱ ରହିଛି । ଏହି ଅପରେସନ୍ ୨୨ ଏପ୍ରିଲ୍, ୨୦୨୫ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର କଡା ଜବାବ ଥିଲା, ଯେଉଁଥିରେ ୨୫ ଜଣ ଭାରତୀୟ ଏବଂ ଜଣେ ନେପାଳୀ ନାଗରିକଙ୍କ ସମେତ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ପର୍ଯ୍ୟଟକ ଥିଲେ।

ଏହି ଆକ୍ରମଣରେ କେବଳ ପୁରୁଷ ମାନଙ୍କୁ ଟାର୍ଗେଟ କରାଯାଇଥିଲା । ଯେଉଁଥିପାଇଁ ଅନେକ ବିବାହିତ ମହିଳା ନିଜ ସିନ୍ଦୁର ହରାଇଥିଲେ ଯାହାକୁ ରକ୍ଷା କରିବା ପାଇଁ ଏହାକୁ ଅପରେସନ ସିନ୍ଦୁର ନାମ ଦିଆଯାଇଥିଲା । "ସିନ୍ଦୁର" ନାମ ଆକ୍ରମଣର ସାଂସ୍କୃତିକ ଏବଂ ଭାବପ୍ରବଣ ପ୍ରତିଧ୍ୱନିତ ସହିତ ଜଡିତ ବୋଲି ବିଶ୍ୱାସ କରାଯାଏ । ବିଶେଷକରି ପୀଡିତମାନଙ୍କ ମଧ୍ୟରୁ କିଛି ନବବିବାହିତ ଦମ୍ପତିଙ୍କ ଉପରେ ଏହାର ପ୍ରଭାବ ଅଧିକ ପଡିଥିଲା । ଆତଙ୍କବାଦୀମାନେ ଯେଉଁଭଳି ଭାବରେ ସାଧାରଣ ମହିଳାଙ୍କ ସୁହାଗକୁ ଧ୍ୱଂସ କଲେ ତାହାର ବଦଳା ନେଇଛି ଭାରତ ।

ଏହା ଏକ ପ୍ରତୀକାତ୍ମକ ପ୍ରତିଶୋଧ ଏବଂ ଚେତାବନୀ ମଧ୍ୟ । ଏକ ଶକ୍ତିଶାଳୀ ସାଂସ୍କୃତିକ ଏବଂ ଭାବପ୍ରବଣ ପ୍ରତିକ୍ରିୟା ସୃଷ୍ଟି କରିବା ପାଇଁ "ଅପରେସନ୍ ସିନ୍ଦୂର" ନାମ ବଛାଯାଇଥିଲା । ପହଲଗାମ ଆକ୍ରମଣରେ ଆତଙ୍କୀମାନେ ନୌସେନା ଲେଫ୍ଟନାଣ୍ଟ ବିନୟ ନରୱାଲଙ୍କ ସମେତ ଅନେକ ନବ ବିବାହିତ ଲୋକଙ୍କୁ ହତ୍ୟା କରିଥିଲେ । ଯେଉଁ ସମୟରେ ତାଙ୍କ ବିଧବା ସ୍ତ୍ରୀଙ୍କ କପାଳରେ ସିନ୍ଦୁର ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଥିଲା । ଏହା ଆତଙ୍କବାଦୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମଗ୍ର ଭାରତରେ ତୀବ୍ର ଭାବନା ଜାଗ୍ରତ କରିଥିଲା।

ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶ ଅନୁଯାୟୀ ଏହି କାର୍ଯ୍ୟକୁ 'ଅପରେସନ୍ ସିନ୍ଦୂର' ନାମ ଦିଆଯାଇଛି । ପହଲଗାମରେ ହୋଇଥିବା ଆକ୍ରମଣରେ ଆତଙ୍କବାଦୀମାନେ କେବଳ ପୁରୁଷମାନଙ୍କୁ ଟାର୍ଗେଟ କରିଥିଲେ, ଯେଉଁଥିରେ ଅନେକ ମହିଳା ବିଧବା ହୋଇଛନ୍ତି। ତେଣୁ, ଭାରତ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ 'ଅପରେସନ୍ ସିନ୍ଦୂର' ନାମ ଦିଆଯାଇଛି। "ଅପରେସନ୍ ସିନ୍ଦୁର" ନାମଟି ଏହି ପୀଡିତଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ଭାରତର ସଂକଳ୍ପକୁ ପ୍ରତିଫଳିତ କରେ । ଏହା ମଧ୍ୟ ସୁନିଶ୍ଚିତ କରେ ଯେ ଏବେ ସମସ୍ତଙ୍କ ସିନ୍ଦୁର ସୁରକ୍ଷିତ ରହିବ ଏବଂ ଏହାର କୌଣସି କ୍ଷତି ହେବ ନାହିଁ । ପହଲଗାମରେ ଯେଉଁ ମହିଳାମାନେ ବିଧବା ହୋଇଛନ୍ତି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ, ଏହା ସହିଦମାନଙ୍କ ପ୍ରତି ସମ୍ମାନ ଏବଂ ନ୍ୟାୟର ସୁରକ୍ଷାର ପ୍ରତୀକ ମଧ୍ୟ। ପହଲଗାମ ଆକ୍ରମଣ ପରେ, ନରେନ୍ଦ୍ର ମୋଦି ବିହାରର ଏକ ନିର୍ବାଚନୀ ରାଲିରେ କହିଥିଲେ ଯେ ଭାରତ ଏହା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରଠାରୁ, ଭାରତ ସରକାର ଏବଂ ସଶସ୍ତ୍ର ବାହିନୀ ନିରନ୍ତର ପ୍ରସ୍ତୁତି କରୁଥିଲେ । ଜାତୀୟ ରାଜଧାନୀ ଦିଲ୍ଲୀରେ ଏକାଧିକ ବୈଠକ ଚାଲିଥିଲା। ପ୍ରଧାନମନ୍ତ୍ରୀ ମୋଦି ତିନି ସେନା ମୁଖ୍ୟଙ୍କ ସହ ଏକ ବୈଠକ କରିଥିଲେ । ଏବେ ଶେଷରେ ଏକ ମିଳିତ ଅଭିଯାନ ଅଧୀନରେ ଭାରତର ତିନି ସେନା ପାକିସ୍ତାନରେ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିଛନ୍ତି ଏବଂ ଏହା ସହିତ ପାକିସ୍ତାନର ଗର୍ବ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି ।

## ବଙ୍କର ଏବେ ସୁରକ୍ଷିତ ସ୍ଥାନ

**ନୂଆଦିଲ୍ଲୀ,୭।୫:** ବୁଧବାର ନିୟନ୍ତ୍ରଣ ରେଖା (ଏଲଓସି) ନିକଟରେ ପାକିସ୍ତାନର ୯ଟି ସ୍ଥାନ ଉପରେ ଆକ୍ରମଣ କରିଛି ଭାରତ। ଆତଙ୍କୀ ଆଡ୍ଡାକୁ ଟାର୍ଗେଟ କରି ହୋଇଥିବା ଏହି ଆକ୍ରମଣରେ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା ଲୋକେ ଆଜିର ରାତିକୁ ଭୟଙ୍କର ବୋଲି ବର୍ଣ୍ଣନା କରିଛନ୍ତି। ପ୍ରବଳ ଗୁଳିଚାଳନା ଯୋଗୁଁ ଘରଗୁଡିକ ସବୁ କ୍ଷତିଗ୍ରସ୍ତ ହୋଇଥିବାର ସ୍ଥାନୀୟ ଲୋକେ କହିଛନ୍ତି। ସୀମା ନିକଟରେ ଅଧିକ ଉତ୍ତେଜନା ସୃଷ୍ଟି ହୋଇଥିବାରୁ ସ୍ଥାନୀୟ ଲୋକଙ୍କୁ ଭୂତଳ ବଙ୍କର ଓ ଗାଁ ବାହାରକୁ ଯିବାକୁ ପଡ଼ିଛି। ବାରାମୁଲ୍ଲା ଓ କୁପୱାରା ଜିଲ୍ଲାରେ ଥିବା ନିୟନ୍ତ୍ରଣ ରେଖା ନିକଟ ଉରି ଓ ତଙ୍ଗଧର ସେକ୍ଟରରେ ହୋଇଥିବା ଗୁଳିଚାଳନାକୁ କିଛି ବର୍ଷ ମଧ୍ୟରେ ହୋଇଥିବା ଆକ୍ରମଣ ମଧ୍ୟରୁ ଭୟଙ୍କର ବୋଲି କହିଛନ୍ତି । ମଙ୍ଗଳବାର ବିଳମ୍ବିତ ରାତି ବା ବୁଧବାର ଭୋର ସମୟରେ ଭାରତ ଆକ୍ରମଣ କରିଥିବାରୁ ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା ପାକିସ୍ତାନ ସେନା। ରାତି ପ୍ରାୟ ୧୧ଟା ବେଳେ ପାକ ପଟୁ ଗୁଳି ଚାଳନା ହୋଇଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା। ଗୁଳିମାଡରେ ଅନେକ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ କେତେକ ଘରେ ନିଆଁ ଲାଗିଥିବା ସୂଚନା ମିଳିଛି । କିନ୍ତୁ ଏହି ସେକ୍ଟରରେ ଥିବା ବାନ୍ଦିପୋରା ଜିଲ୍ଲାର ଗୁରେଜ ଅଂଚଳରେ ସ୍ଥିତି ଶାନ୍ତ ରହିଛି । ଏଠାରେ କୌଣସି ପ୍ରକାର ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇନାହିଁ । ସ୍ଥାନୀୟ ଲୋକେ କହିଛନ୍ତି ଆମେ ଗୁରେଜ ଛାଡି କଞ୍ଜଲୱନକୁ ଯାଉଥିଲୁ । କିନ୍ତୁ ସେନା ଅଧିକାରୀମାନେ ଆମକୁ ଅଟକାଇଥିଲେ ଏବଂ ସକାଳ ୬ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲେ। ଏହି ଅଞ୍ଚଳରେ ଆତଙ୍କିତ ଅବସ୍ଥାରେ ଥିବା ଲୋକମାନେ ଶାନ୍ତି ପାଇଁ ପ୍ରାର୍ଥନା କରିଛନ୍ତି । ତେଣୁ ସୁରକ୍ଷିତ ସ୍ଥାନକୁ ଯିବା ସହ ସାଥିରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ମଧ୍ୟ ମହଜୁଦ୍ ରଖିଛନ୍ତି । ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହୁଥିବା ବେଳେ ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧ ହେବାର ଆଶଙ୍କା କରି ପ୍ରତିକୂଳ ପରିସ୍ଥିତିର ସାମନା କରିବାକୁ ପ୍ରସ୍ତୁତ ଅଛନ୍ତି ଏହି ଅଂଚଳର ଲୋକେ । ବହୁ ଲୋକେ ନିଜକୁ ଯୁଦ୍ଧ ଆଢୁଆଳରେ ରଖୁଥିବା ବେଳେ ସେନା ବାହିନୀ ସେମାନଙ୍କୁ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ସ୍ଥାନକୁ ନେଇଯିବାରେ ସାହାଯ୍ୟ କରୁଛନ୍ତି ।

## ଭାରତୀୟ ସେନାକୁ ନେଇ ଆମେ ଗର୍ବିତ: ରାଜନାଥ



**ନୂଆଦିଲ୍ଲୀ,୭।୫:**ପହଲଗାମ ଆତଙ୍କୀ ହମଲାର ପ୍ରତିଶୋଧ ନେଇ ଭାରତୀୟ ସେନା ପକ୍ଷରୁ ଲଞ୍ଚ କରାଯାଇଥିବା ଅପରେସନ ସିନ୍ଦୁରର ପ୍ରଶଂସାରେ ଶତମୁଖ ହୋଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। ବୁଧବାର ସକାଳେ ଭାରତୀୟ ସେନା ପକ୍ଷରୁ ପ୍ରେସ ମିଟ କରାଯାଇ ଅପରେସନ ସିନ୍ଦୁର ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ପ୍ରେସ ମିଟରେ ଭାରତୀୟ ସେନା ପକ୍ଷରୁ କଲୋନେଲ ସୋଫିଆ କ୍ୟୁରେସୀ, ବାୟୁସେନା ପକ୍ଷରୁ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂ ଓ ବୈଦେଶିକ ସଚିବ ବିକ୍ରମ ମିଶ୍ରି ମିଳିତ ଭାବେ ପ୍ରେସ ମିଟରେ ଆକ୍ରମଣ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ।

ଆକ୍ରମଣ ପରେ ପ୍ରଥମ ଥର ମିଡିଆ ସମ୍ମୁଖମକୁ ଆସିବା ସହ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭାରତୀୟ ସେନାର ସୌର୍ଯ୍ୟ ଓ ପରାକ୍ରମକୁ ଭୂରି ଭୂରି ପ୍ରଶଂସା କରିଥିଲେ। ୬ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳରେ ବର୍ଡର ରୋଡ ଅର୍ଗାନାଇଜେସନର ୫୦ଟି ପ୍ରକଳ୍ପ ଲଞ୍ଚ କରିବା ସମୟରେ ରାଜନାଥ ଏହି ବୟାନ ଦେଇଥିଲେ। ପାକିସ୍ତାନ ଓ ପାକିସ୍ତାନ ଅଧିକୃତ ଜମ୍ମୁ ଓ କାଶ୍ମୀରରେ ଭାରତୀୟ ଯବାନ ମାନେ ଯେଉଁ ଭଳି ବୀରତ୍ୱର ସହ ଷ୍ଟ୍ରାଇକ କରିଛନ୍ତି ତାହା ପ୍ରଶଂସାର ପାତ୍ର ବୋଲି ରାଜନାଥ କହିଛନ୍ତି। ଯିଏ ଆମ ସହିତ ଲାଗିବ ସେ ମରିବ ବୋଲି ରାଜନାଥ କହିଥିଲେ।

ଆତଙ୍କବାଦୀଙ୍କୁ କଡ଼ା ଜବାବ ଦିଆଯାଇଛି । ଯିଏ ଆମ ନୀରିହ ଲୋକଙ୍କୁ ମାରିଥିଲେ ସେମାନଙ୍କୁ ଟାର୍ଗେଟ କରିଛୁ । ପହଲଗାମ ଆକ୍ରମଣର ବଦଳା ନେଇଛି ଭାରତ । ସେନାବାହିନୀ ପାଇଁ ଆମେ ଆଜି ଗର୍ବିତ ବୋଲି ରାଜନାଥ କହିଥିଲେ। ଏହା ସହିତ ସେ କହିଛନ୍ତି ଆତଙ୍କୀ ମାନେ ଯେଉଁଭଳି ଢଙ୍ଗରେ ୨୬ ଜଣ ନୀରିହ ପର୍ଯ୍ୟଟକଙ୍କୁ ହତ୍ୟା କଲେ ତାହା ନିନ୍ଦନୀୟ। ଆମ ସହ ଯେମିତି ହୋଇଥିଲା ତାକୁ ସମାନ ଢଙ୍ଗରେ ଆମେ ଉତ୍ତର ଦେଇଛୁ ବୋଲି ରାଜନାଥ କହିଥିଲେ। ଏହା ସହ ରାମାୟଣର ଏକ ପଙ୍କ୍ତି ମଧ୍ୟ କହିଥିଲେ। ଜିନ ମୋହି ମାରା, ତେ ମାଇ ମାରା... ଅର୍ଥାତ ମୁଁ ତାକୁ ହିଁ ମାରିଛି ଯିଏ ମୋତେ ଆକ୍ରମଣ କରିଛି। ଯିଏ ଆମକୁ ଆକ୍ରମଣ କରିଥିଲେ ଆମେ ସେହି ମାନଙ୍କୁ ଆକ୍ରମଣ କରିଛୁ ଆମର ଆକ୍ରମଣରେ କୌଣସି ସାଧାରଣ ଲୋକ ଆହତ ହୋଇ ନାହାନ୍ତି ବୋଲି କହିଥିଲେ ରାଜନାଥ।

## ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ମିଳିବ ତୁରନ୍ତ ମାଗଣା ଚିକିତ୍ସା

### ସାରା ଦେଶରେ ଲାଗୁ ହେଲା ନିୟମ



**ନୂଆଦିଲ୍ଲୀ,୭।୫:** ଦିନକୁ ଦିନ ବଢ଼ିବାରେ ଲାଗିଛି ସଡ଼କ ଦୁର୍ଘଟଣା । ପ୍ରତିବର୍ଷ ଅନେକ ଲୋକ ଦୁର୍ଘଟଣାର ଶିକାର ହୋଇ ମୃତ୍ୟବରଣ କରୁଛନ୍ତି । ତେବେ ବର୍ତ୍ତମାନ ଏନେଇ ସରକାର ଏକ ବଢ଼ିଆ ପଦକ୍ଷେପ ନେଇଛନ୍ତି। ସାରା ଦେଶରେ ପାଳନ ହେଉଛି ଜାତୀୟ ସୁରକ୍ଷା ମାସ। ଏହାରି ମଧ୍ୟରେ ବଡ଼ ଘୋଷଣା କରିଛନ୍ତି ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ। ଏଣିକି ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ଲୋକମାନଙ୍କୁ ମିଳିବ ମାଗଣା ଚିକିତ୍ସା। କେନ୍ଦ୍ର ସରକାର ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ଲୋକ ଏବଂ ସେମାନଙ୍କ ପରିବାର ପାଇଁ ଏକ ବଡ଼ ସହାୟତା ଘୋଷଣା କରିଛନ୍ତି । କେନ୍ଦ୍ର ସରକାର ମଙ୍ଗଳବାର ଦିନ ଏକ ବିଜ୍ଞପ୍ତି ଜାରି କରି ସାରା ଦେଶରେ ସଡ଼କ ଦୁର୍ଘଟଣା ପୀଡିତଙ୍କ ପାଇଁ ଏକ କ୍ୟାସଲେସ୍ ଚିକିତ୍ସା ଯୋଜନା ଘୋଷଣା କରିଛନ୍ତି। ସଡ଼କ ପରିବହନ ମନ୍ତ୍ରଣାଳୟର ଏକ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ଏହି ଯୋଜନା ଅଧୀନରେ, ପୀଡିତ ବ୍ୟକ୍ତି ଦୁର୍ଘଟଣା ତାରିଖରୁ ସାତ ଦିନ ପାଇଁ ଯେକୌଣସି ସ୍ୱୀକୃତିପ୍ରାପ୍ତ ହସ୍ପିଟାଲରେ ସର୍ବାଧିକ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାସଲେସ୍ ଚିକିତ୍ସା ପାଇପାରିବେ । ଏହି ଯୋଜନା ୫ ମଇ ୨୦୨୫ ଅର୍ଥାତ ଗତକାଲି ଠାରୁ କାର୍ଯ୍ୟକାରୀ ହୋଇଛି । କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ, "ଯେକୌଣସି ରାସ୍ତାରେ ମୋଟର ଯାନ ଦ୍ୱାରା ହୋଇଥିବା ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ଯେକୌଣସି ବ୍ୟକ୍ତି ଏହି ଯୋଜନାର ବ୍ୟବସ୍ଥା ଅନୁଯାୟୀ କ୍ୟାସଲେସ୍ ଚିକିତ୍ସା ପାଇବାକୁ ହକଦାର ହେବେ ।" ଆପଣଙ୍କୁ କହିରଖୁଛୁ ଯେ ଚଳିତ ବର୍ଷ ଜାନୁଆରୀ ମାସରେ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଭାରତରେ ବଢୁଥିବା ସଡ଼କ ଦୁର୍ଘଟଣା ଉପରେ ଚିନ୍ତା ପ୍ରକାଶ କରି ଘୋଷଣା କରିଥିଲେ ଯେ ସରକାର ଖୁବ୍ ଶୀଘ୍ର ସଡ଼କ ଦୁର୍ଘଟଣା ପୀଡିତଙ୍କ ପାଇଁ ଏପରି ଏକ ଯୋଜନା ଆଣିବାକୁ ବିଚାର କରୁଛନ୍ତି । ଏକ ରିପୋର୍ଟ ଅନୁଯାୟୀ, ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (NHA) ରାଜ୍ୟ ପୋଲିସ, ହସ୍ପିଟାଲ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ସଂସ୍ଥା ସହିତ ମିଳିତ ଭାବରେ କାର୍ଯ୍ୟ କରିବ । ଆପଣଙ୍କୁ କହିରଖୁଛୁ ଯେ ପ୍ରତିବର୍ଷ ଭାରତରେ ପ୍ରାୟ ୫ ଲକ୍ଷ ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରନ୍ତି । ଯେତେବେଳେ ପ୍ରାୟ ୪ ଲକ୍ଷ ଲୋକ ଗୁରୁତର ଆହତ ହୁଅନ୍ତି । ଏକ ରିପୋର୍ଟ ଅନୁଯାୟୀ, ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି ଦୁଇଚକିଆ ଯାନ ଚାଳକ ଏବଂ ପଦଯାତ୍ରୀ । ଯାହାକୁ ଦୃଷ୍ଟିରେ ରଖି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି ।

## ଭାରତର ଏୟାରଷ୍ଟ୍ରାଇକ୍ ପରେ ଇସ୍ରାଏଲର ବଡ଼ ଘୋଷଣା



**ନୂଆଦିଲ୍ଲୀ, ୭।୫:** ଭାରତୀୟ ସଶସ୍ତ୍ର ବାହିନୀ ମଙ୍ଗଳବାର ରାତିରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ ଜାମ୍ମୁ ଓ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଶିବିର ଉପରେ ଏୟାରଷ୍ଟ୍ରାଇକ୍ କରିଛି। ଏହି ସାମରିକ କାର୍ଯ୍ୟକୁ "ଅପରେସନ ସିନ୍ଦୁର" ନାମ ଦିଆଯାଇଛି। ଏପ୍ରିଲ ୨୨ରେ ଜମ୍ମୁ ଓ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ହମଲାର ପ୍ରତିଶୋଧ ସ୍ୱରୂପ ଏହି ହମଲା କରାଯାଇଛି, ଯେଉଁଥିରେ ୨୬ ଜଣ ନାଗରିକଙ୍କର ମୃତ୍ୟୁ ହୋଇଥିଲା। "ଅପରେସନ ସିନ୍ଦୁର" ଏହି ହମଲାକୁ ଇସ୍ରାଏଲ ସମର୍ଥନ କରିଛି। ଭାରତସ୍ଥିତ ଇସ୍ରାଏଲର ରାଷ୍ଟ୍ରଦୂତ ରୁଭେନ ଆଜାର ଏକ୍ସରେ ପୋଷ୍ଟ କରି କହିଛନ୍ତି, "ଇସ୍ରାଏଲ ଭାରତର ଆତ୍ମରକ୍ଷା ଅଧିକାରକୁ ସମର୍ଥନ କରୁଛି। ଆତଙ୍କବାଦୀମାନେ ଜାଣି ରଖନ୍ତୁ ଯେ ନିରୀହ ଲୋକଙ୍କ ବିରୋଧରେ କରାଯାଇଥିବା ଅପରାଧରୁ ସେମାନେ କେଉଁଠି ଲୁଚି ପାରିବେ ନାହିଁ।" ଏହା ବ୍ୟତୀତ, ଭାରତୀୟ ଅଧିକାରୀମାନେ ଯୁକ୍ତରାଷ୍ଟ୍ର, ଯୁକ୍ତରାଜ୍ୟ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟସ ଓ ରୁଷିଆ ଆଦି ଦେଶମାନଙ୍କ ସହ ଯୋଗାଯୋଗ କରି ଏହି ଅପରେଶନ ବିଷୟରେ ସୂଚନା ଦେଇଛନ୍ତି। ପାକିସ୍ତାନ ଏହି ହମଲାକୁ "ଭୀରୁତାପୂର୍ଣ୍ଣ ଆକ୍ରମଣ" ବୋଲି ନିନ୍ଦା କରିଛି ଏବଂ ପ୍ରତିଶୋଧ ନେବାକୁ ଧମକ ଦେଇଛି। ପାକିସ୍ତାନ ଦାବି କରିଛି ଯେ ଏହି ହମଲାରେ ୨୬ ଜଣ ନାଗରିକଙ୍କର ମୃତ୍ୟୁ ହୋଇଛି ଏବଂ ୪୬ ଜଣ ଆହତ ହୋଇଛନ୍ତି। ତେବେ, ଭାରତ କହିଛି ଯେ କେବଳ ଆତଙ୍କବାଦୀ ଶିବିରଗୁଡ଼ିକୁ ଲକ୍ଷ୍ୟ କରାଯାଇଛି ଏବଂ ନାଗରିକ ଅଞ୍ଚଳକୁ କୌଣସି କ୍ଷତି ପହଞ୍ଚାଯାଇ ନାହିଁ। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ କହିଛନ୍ତି ଯେ ସେମାନେ ତୁରନ୍ତ କୌଣସି ପଦକ୍ଷେପ ନେବେ ନାହିଁ।

## ଆଜି ସର୍ବଦଳୀୟ ବୈଠକ




**ନୂଆଦିଲ୍ଲୀ,୭।୫:** ପହଲଗାମ ଆତଙ୍କବାଦୀ ଆକ୍ରମଣର ୧୪ ଦିନ ପରେ, ଭାରତୀୟ ସେନା ପାକିସ୍ତାନ ଏବଂ ଅଧିକୃତ ଜମ୍ମୁ-କଶ୍ମୀର (ପିଓକେ)ରେ ମିଶାଇଲ ଆକ୍ରମଣ କରିଥିଲା। ସେନାର ଏହି କାର୍ଯ୍ୟକୁ 'ଅପରେଶନ ସିନ୍ଦୂର' ନାମ ଦିଆଯାଇଥିଲା। ଏହି ଆକ୍ରମଣରେ, ସେନା ପିଓକେ ଓ ପାକିସ୍ତାନରେ ଥିବା ୯ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଦେଇଛି। ଏହି ଅଞ୍ଚଳଗୁଡ଼ିକ ଲସ୍କର-ଏ-ତୋଇବା ଏବଂ ଜୈଶ-ଏ-ମହମ୍ମଦର ଗଡ଼। ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନ ପରେ ପାକିସ୍ତାନ ଭୟଭୀତ ହୋଇଯାଇଛି। ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ପାକିସ୍ତାନ ଯୁଦ୍ଧବିରତି ଘୋଷଣା କରିଥିଲା। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଏକ ଟିଭି ଚ୍ୟାନେଲକୁ କହିଛନ୍ତି ଯେ ଯଦି ଭାରତ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ, ତେବେ ଆମେ ମଧ୍ୟ କିଛି କରିବୁ ନାହିଁ। ଅନ୍ୟପକ୍ଷରେ, ଅପରେଶନ ସିନ୍ଦୂର ନାମରେ ସେନା ଦ୍ୱାରା ଚାଲିଥିବା ଏହି ଅପରେଶନ ସମ୍ପର୍କରେ ବୁଧବାର ଏକ ପ୍ରେସ ବ୍ରିଫିଂ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରୀ, ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ ଏବଂ କର୍ଣ୍ଣେଲ ସୋଫିଆ କୁରେଶୀ ଅପରେଶନ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ର କ୍ୟାବିନେଟ ବୈଠକର ଅଧ୍ୟକ୍ଷତା କରିଥିଲେ। ଏହାପରେ ଆସନ୍ତାକାଲି ସକାଳ ୧୧ଟାରେ ସଂସଦ ଭବନରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି ବୋଲି ସୂଚନା ମିଳିଛି।

## ଉତ୍ତରପ୍ରଦେଶରେ ରେଡ୍ ଆଲର୍ଟ, ସମସ୍ତ ଜିଲ୍ଲା ପୁଲିସକୁ ଡିଜିପିଙ୍କ ନିର୍ଦ୍ଦେଶ



**ନୂଆଦିଲ୍ଲୀ,୭।୫:**ପାକିସ୍ତାନରେ ଆତଙ୍କୀ ଆଡ୍ଡା ଉପରେ ଭାରତୀୟ ବାୟୁସେନାର ଏୟାରଷ୍ଟ୍ରାଇକ୍ । ବାୟୁସେନାର 'ଅପରେସନ ସିନ୍ଦୂର' ପରେ ଏବେ ପୂରା ଉତ୍ତର ପ୍ରଦେଶରେ ରେଡ୍ ଆଲର୍ଟ ଘୋଷଣା କରାଯାଇଛି । ଡିଜିପି ପ୍ରଶାନ୍ତ କୁମାର ସୋସିଆଲ ମିଡିଆରେ ଏ ନେଇ ସୂଚନା ଦେଇଛନ୍ତି । ସେ ସମସ୍ତ ଜିଲ୍ଲା ପୋଲିସକୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ଆଜି ମେ' ୭ରେ ପୂରା ରାଜ୍ୟରେ 'ମକ୍ ଡ୍ରିଲ୍' କରାଯିବ ।

କହି ରଖୁଛୁ ଯେ ଭାରତୀୟ ସେନା ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ଦେଢ଼ଟାରେ 'ଅପରେସନ ସିନ୍ଦୂର' ଆରମ୍ଭ କରିଥିଲା । ଏହା ଅଧୀନରେ ପାକିସ୍ତାନ ଭିତରେ ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା । ଏଥିରେ ୫୦ରୁ ଅଧିକ ଆତଙ୍କୀ ନିହତ ହୋଇଥିବା ବେଳେ ୧୦ରୁ ଅଧିକ ଆତଙ୍କୀ ଠିକଣା ଧ୍ୱଂସ ହୋଇଯାଇଛି । ଏହାକୁ ନେଇ ବର୍ତ୍ତମାନ ୟୁପିରେ ରେଡ୍ ଆଲର୍ଟ ଘୋଷଣା କରାଯାଇଛି ।

ୟୁପି ଡିଜିପି କହିଛନ୍ତି, 'ଅପରେସନ ସିନ୍ଦୂର' ପରେ ଉତ୍ତର ପ୍ରଦେଶରେ ରେଡ୍ ଆଲର୍ଟ ଘୋଷଣା କରାଯାଇଛି । ଭାରତୀୟ ସେନା ଦ୍ୱାରା ପାକିସ୍ତାନରେ ଥିବା ଆତଙ୍କୀ ଠିକଣାଗୁଡ଼ିକ ଉପରେ ଲକ୍ଷ୍ୟଭେଦୀ ଆକ୍ରମଣ କରାଯାଇଛି । ପ୍ରତିରକ୍ଷା ୟୁନିଟଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରିବା ଏବଂ ମହତ୍ତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷାକୁ ସୁଦୃଢ଼ କରିବାକୁ ସମସ୍ତ କ୍ଷେତ୍ରର ପୋଲିସ ବାହିନୀକୁ ନିର୍ଦ୍ଦେଶ ଦିଆଯାଇଛି। ଉତ୍ତର ପ୍ରଦେଶ ପୋଲିସ ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସତର୍କ, ସୁସଜ୍ଜିତ ଏବଂ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛି ।

## ଏୟାରଷ୍ଟ୍ରାଇକ ବିବରଣୀ ଦେଲେ ସୋଫିଆ କ୍ୟୁରେଶୀ ଓ ଭ୍ୟୋମିକା ସିଂ



**ନୂଆଦିଲ୍ଲୀ,୭।୫:** ଜମ୍ମୁ-କାଶ୍ମୀର ପହଲଗାମ ଆକ୍ରମଣ ପରେ ୨୬ ଜଣ ପ୍ରାଣ ହରାଇଥିଲେ । ଯେଉଁଥି ପାଇଁ ପାକିସ୍ତାନ ଉପରେ ଭାରତୀୟଙ୍କ ମନରେ କ୍ରୋଧ ସୃଷ୍ଟି ହୋଇଥିଲା । ଯାହାର ବଦଳା ନେବାକୁ ଯାଇ ମେ ୭ତାରିଖରେ ଭାରତ ପାକିସ୍ତାନ ଉପରେ ଆକ୍ରମଣ କରିଛି । ଏହି ଆକ୍ରମଣରେ ପାକିସ୍ତାନର ୯ଟି ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରିଥିଲା ଭାରତ । କିନ୍ତୁ ଏହି ଆକ୍ରମଣରେ କୌଣସି ସାଧାରଣ ନାଗରିକଙ୍କ ଜୀବନ ଯାଇନାହିଁ। ଯେଉଁ ଆକ୍ରମଣରେ ମଧ୍ୟ ଭାରତ ସଫଳ ହୋଇଛି। ଯାହାର ଅପଡେଟ୍ ଦେଇଛନ୍ତି ଭାରତୀୟ ସେନାର ଦୁଇ ମହିଳା ଅଧିକାରୀ । ବୁଧବାର ଦିନ 'ଅପରେସନ ସିନ୍ଦୂର'ବିଷୟରେ ସୂଚନା ଦେବା ପାଇଁ ଭାରତୀୟ ସେନା ପକ୍ଷରୁ ପ୍ରେସମିଟ୍ ଡକାଯାଇଥିଲା। ଏହି ପ୍ରେସମିଟରେ ୩ଜଣ ମୁଖ୍ୟ ଉପସ୍ଥିତ ରହି ଘଟଣାର ସମ୍ପୂର୍ଣ୍ଣ ସୂଚନା ଦେଇଥିଲେ । ଭାରତର ବିଦେଶ ସଚିବ ବିକ୍ରମ ମିସରୀଙ୍କ ସହିତ ଦୁଇ ଜଣ ଭାରତୀୟ ମହିଳା ସେନା ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ । ସେହି ଦୁଇ ମହିଳା ଅଧିକାରୀ ହେଲେ କର୍ଣ୍ଣେଲ ସୋଫିଆ କ୍ୟୁରେଶୀ ଏବଂ ଅନ୍ୟ ଜଣେ ହେଲେ ୱିଙ୍ଗ୍ କମାଣ୍ଡର ଭ୍ୟୋମିକା ସିଂ ସାମ୍ନାକୁ ଆସି ଭାରତୀୟ ସେନାର ସାହସିକତାକୁ ଜଣାଇଥିଲେ। ଏହା ସହିତ ଭାରତୀୟ ସେନା କିପରି ପାକିସ୍ତାନକୁ ଧ୍ୱଂସବିଧ୍ୱଂସ କରିଛି ସେ ସମ୍ପର୍କରେ ମଧ୍ୟ ଜଣାଇଛନ୍ତି । ଏପଟେ ଭାରତୀୟ ସେନାଙ୍କ ଏପରି ସାହାସିକତାକୁ ଦେଖି ସୋସିଆଲ ମିଡିଆରୁ ସେମାନଙ୍କ ପାଇଁ ପ୍ରଶଂସାର ସୁଅ ଛୁଟୁଛି। ଭାରତ ସରକାର ଗୁରୁତ୍ୱପୂର୍ଣ୍ଣ ପ୍ରେସମିଟରେ ଏହି ଦୁଇ ମହିଳାଙ୍କୁ ବାଛିଛନ୍ତି । ସେମାନେ କିଏ ଆସନ୍ତୁ ସେମାନଙ୍କ ସମ୍ପର୍କରେ ଜାଣିବା ।

# ଅପରେଶନ ସିନ୍ଦୂର ପରେ ଧର୍ମଶାଳାରୁ ମୁମ୍ବାଇ ସ୍ଥାନାନ୍ତରଣ ହେଲା ଆଇପିଏଲ ମ୍ୟାଚ୍

ମୁମ୍ବାଇ, ୭।୫: ଇଣ୍ଡିଆନ ପ୍ରିମିୟର ଲିଗ ୨୦୨୫ (ଆଇପିଏଲ ୨୦୨୫)ର ପଞ୍ଜାବ କିଙ୍ଗସ (ପିବିକେଏସ) ବନାମ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ମ୍ୟାଚ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମ, ଧର୍ମଶାଳାରୁ ସ୍ଥାନାନ୍ତର ହେବାର ସମ୍ଭାବନା ରହିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଧର୍ମଶାଳା ବିମାନବନ୍ଦର ବନ୍ଦ ହେବା ଯୋଗୁଁ ଉଭୟ ଦଳର ଯାତ୍ରା ବ୍ୟବସ୍ଥା ଉପରେ ପ୍ରଭାବ ପଡ଼ିବ।



ଭାରତର 'ଅପରେସନ ସିନ୍ଦୁର' ସାମରିକ ଅଭିଯାନ, ଯାହା ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା, ପରେ ଉତ୍ତର-ପଶ୍ଚିମ ଭାରତର ଅନେକ ବିମାନବନ୍ଦରରେ ଉଡ଼ାଣ କାର୍ଯ୍ୟକ୍ଷମତା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରହିଛି। ତେଣୁ, ମେ ୧୧, ରବିବାର ଖେଳାଯିବାକୁ ଥିବା ଆଇପିଏଲ ୨୦୨୫ର ୬୧ ନମ୍ବର ମ୍ୟାଚ ପାଇଁ ଏମଆଇ ଏବଂ ପିବିକେଏସର ଯାତ୍ରା ବ୍ୟବସ୍ଥା ଉପରେ ବ୍ୟାପକ ପ୍ରଭାବ ପଡ଼ିଛି। ରିପୋର୍ଟ ଅନୁଯାୟୀ ଏହି ମ୍ୟାଚର ସ୍ଥାନ ଧର୍ମଶାଳାରୁ ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମକୁ ସ୍ଥାନାନ୍ତର କରିବା ନେଇ ଆଲୋଚନା ଚାଲିଛି। ଏହା ପୂର୍ବରୁ ରିପୋର୍ଟ ଆସିଥିଲ ଯେ ମୁମ୍ବାଇ ଇଣ୍ଡିଆନ୍ସ, ମେ ୮ ସୁଦ୍ଧା ଧର୍ମଶାଳାରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା, ସେମାନେ ବିକଳ୍ପ ଯାତ୍ରା ବ୍ୟବସ୍ଥା ଖୋଜୁଛନ୍ତି। ଧର୍ମଶାଳା ଏବଂ ଚଣ୍ଡିଗଡ଼ ବିମାନବନ୍ଦର ବନ୍ଦ ଥିବାରୁ, ଦଳଟି ଦିଲ୍ଲୀକୁ ଉଡ଼ାଣ କରି ରାସ୍ତା ମାର୍ଗରେ ଯାତ୍ରା ସମ୍ପୂର୍ଣ୍ଣ କରିପାରେ, ଯଦିଓ ଏକ ଆଧିକାରିକ ଅପଡେଟର ଅପେକ୍ଷା ରହିଛି। ତେବେ ଅପରେସନ ସିନ୍ଦୁର ପରେ ଆଞ୍ଚଳିକ ଯାତାୟାତ ବାଧା ସତ୍ତ୍ୱେ, ମେ ୮ ତାରିଖରେ ନିର୍ଦ୍ଧାରିତ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ପଞ୍ଜାବ କିଙ୍ଗସ ମ୍ୟାଚ ଯୋଜନା ଅନୁସାରେ ଆଗେଇ ଚାଲିବ। କାରଣ ଦିଲ୍ଲୀ ସ୍ଥାନୀୟ ବିମାନବନ୍ଦର ବନ୍ଦ ହେବା ପୂର୍ବରୁ ଧର୍ମଶାଳାରେ ପହଞ୍ଚି ସାରିଥିଲା।

ତଥାପି, ଉତ୍ତର-ପଶ୍ଚିମ ଭାରତର ବିମାନବନ୍ଦରଗୁଡ଼ିକ ବନ୍ଦ ରହିଥିବାରୁ, ଦିଲ୍ଲୀ କ୍ୟାପିଟାଲ୍ସ ମେ ୧୧ ତାରିଖରେ ଗୁଜରାଟ ଟାଇଟାନ୍ସ ବିରୁଦ୍ଧରେ ଖେଳିବା ପାଇଁ ଧର୍ମଶାଳାରୁ ନୂଆ ଦିଲ୍ଲୀକୁ ରାସ୍ତା ମାର୍ଗରେ ଯାତ୍ରା କରିବାକୁ ଆଶା କରାଯାଉଛି। ଭାରତ ଓ ପାକିସ୍ତାନ ମଧ୍ୟରେ ବ୍ୟାପକ ଉତ୍ତେଜନା ସତ୍ତ୍ୱେ, ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ଜଣେ ଶୀର୍ଷ ସୂତ୍ର ଇଣ୍ଡିଆ ଟୁଡେକୁ ନିଶ୍ଚିତ କରିଛି ଯେ ଆଇପିଏଲ ୨୦୨୫ ନିର୍ଦ୍ଧାରିତ ସୂଚୀ ଅନୁସାରେ ଚାଲିବ।

## ରୁଡ୍‌ଙ୍କୁ ପ୍ରଥମ ମାଷ୍ଟର୍ସ ଟାଇଟଲ



**ମାଡ୍ରିଡ୍, ୭।୫:** କାସ୍ପର ରୁଡ୍ ମାଡ୍ରିଡ୍ ଓପନ ଫାଇନାଲ ଜିତିଛନ୍ତି। ସେ ଜ୍ୟାକ୍ ଡ୍ରାପରଙ୍କୁ ୭-୫, ୩-୬, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଏଥିସହିତ ସେ ନରଓ୍ୱେର ପ୍ରଥମ ଖେଳାଳି ହିସାବରେ ମାଷ୍ଟର୍ସ ୧,୦୦୦ ଟାଇଟଲ ହାସଲ କରିଛନ୍ତି। ୧୫ତମ ର୍‍ୟାଙ୍କିଂପ୍ରାପ୍ତ ୨୬ ବର୍ଷୀୟ ରୁଡ୍ ସୋମବାର ପ୍ରକାଶିତ ସଦ୍ୟତମ ର୍‍ୟାଙ୍କିଂ ତାଲିକାରେ ଟପ୍ ୧୦ରେ ପ୍ରବେଶ କରିବା ସହ ୭ମ ସ୍ଥାନ ଅଧିକାର କରି ନେଇଛନ୍ତି। ୧୯୯୦ରେ ମାଷ୍ଟର୍ସ ସିରିଜର ପ୍ରଚଳନ ହେବାପରଠାରୁ ୧୩ ଥର ଟୁର୍ ଚାମ୍ପିୟନ ନରଓ୍ୱେର ପ୍ରଥମ ଖେଳାଳି ଭାବେ ଏକ ମାଷ୍ଟର୍ସ ୧୦୦୦ ଟ୍ରଫି ହାସଲ କରିଥିବା ଏଟିପି କହିଛି। ଗତବର୍ଷ ମଣ୍ଟେ କାର୍ଲୋଠାରେ ଷ୍ଟିଫାନସ ସିତ୍‌ସିପାସ ଏବଂ ୨୦୨୨ରେ ମାୟାମିରେ କାର୍ଲୋସ ଅଲ୍‌କରାଜଙ୍କ ପରେ ରୁଡ୍‌ଙ୍କର ଏହାଥିଲା ତୃତୀୟ ଫାଇନାଲ। ଆହୁରି ମଧ୍ୟ ୨୦୨୦ ଆରମ୍ଭରୁ ଅନ୍ୟ ଯେକୌଣସି ଖେଳାଳିଙ୍କ ତୁଳନାରେ ରୁଡ୍ ସବୁଠାରୁ ଅଧିକ ୧୨ଟି କ୍ଲେ ଟାଇଟଲ ହାସଲ କରିଛନ୍ତି। ଡ୍ରାପର ମାର୍ଚ୍ଚରେ ଇଣ୍ଡିଆନ ଓ୍ୱେଲ୍ସ ଚାମ୍ପିୟନ ହୋଇଥିଲେ। ମାଡ୍ରିଡ୍‌ରେ କ୍ୱାର୍ଟରଫାଇନାଲ ଜିତିବା ପରେ ର୍‍ୟାଙ୍କିଂ ତାଲିକାର ୫ମ ସ୍ଥାନ ଅଧିକାର କରିନେଇଛନ୍ତି।

## ଫ୍ରେଞ୍ଚ ଓପନ ଲାଗି ଇଭା ଜୋଭିକ, ଏମିଲିଓ ନାଭାଙ୍କୁ ୱାଇଲ୍ଡ କାର୍ଡ



ଫ୍ଲୋରିଡା,୭।୫: ୧୭ ବର୍ଷୀୟା ଇଭା ଜୋଭିକ ଓ ୨୩ ବର୍ଷୀୟ ଏମିଲିଓ ନାଭା ଫ୍ରେଞ୍ଚ ଓପନ ୱାଇଲ୍ଡ କାର୍ଡ ହାସଲ କରିଛନ୍ତି। ଗତ ୫ ସପ୍ତାହ ଧରି ହୋଇଥିବା ଟୁର୍ନାମେଣ୍ଟରେ ସର୍ବାଧିକ ପଏଣ୍ଟ ହାସଲ କରିଥିବାରୁ ଦୁହିଁଙ୍କୁ ୟୁଏସ୍ ଟେନିସ ଆସୋସିଏଶନ ପକ୍ଷରୁ ସୋମବାର ଫ୍ରେଞ୍ଚ ଓପନ ଲାଗି ୱାଇଲ୍ଡ କାର୍ଡ ଦିଆଯାଇଛି। ଜୋଭିକ ଲଗାତର ତୃତୀୟ ଥର ପାଇଁ ଗ୍ରାଣ୍ଡସ୍ଲାମ ଇଭେଣ୍ଟରେ ଭାଗ ନେବାକୁ ଯାଉଛନ୍ତି। ସେ ଗତ ସେପ୍ଟେମ୍ବରରେ ୟୁଏସ୍ ଓପନ ଓ ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ବର୍ତ୍ତମାନ ସେ ୧୨୦ତମ ର୍‍ୟାଙ୍କରେ ଅଛନ୍ତି। ଅନ୍ୟପକ୍ଷରେ ୧୩୭ତମ ସ୍ଥାନରେ ନାଭା ଫ୍ରେଞ୍ଚ ଓପନରେ ଦ୍ୱିତୀୟ ଥର ପାଇଁ ଖେଳିବାକୁ ଯାଉଛନ୍ତି।

## ଇତିହାସ ରଚିଲେ ସୂର୍ଯ୍ୟକୁମାର ଯାଦବ

**ମୁମ୍ବାଇ,୭।୫:** ଆଇପିଏଲ୍ ୨୦୨୫ର ୫୬ତମ ମ୍ୟାଚ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଟାଇଟାନ୍ସ ମଧ୍ୟରେ ହୋଇଛି। ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବ ଏକ ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କ ପୂର୍ବରୁ, ଆଜି ପର୍ଯ୍ୟନ୍ତ କୌଣସି ଖେଳାଳି ମୁମ୍ବାଇ ପାଇଁ ଏହା କରିପାରି ନଥିଲେ। ସୂର୍ଯ୍ୟକୁମାର ଯାଦବ ଏହି ସିଜିନରେ ବହୁତ ଭଲ ଫର୍ମରେ ଅଛନ୍ତି। ଗୁଜରାଟ ବିପକ୍ଷ ଏହି ମ୍ୟାଚ୍‌ରେ ସେ ୩୫ ରନ୍‌ର ଏକ ଇନିଂସ ଖେଳିଥିଲେ ଏବଂ ଏହି ସମୟରେ ସେ ସଚିନ ତେନ୍ଦୁଲକରଙ୍କ ଏକ ବଡ଼ ରେକର୍ଡ ଭାଙ୍ଗିଥିଲେ। ସୂର୍ଯ୍ୟକୁମାର ଏହି ସିଜିନରେ ୩୫ ରନର ଇନିଂସ କରିବା ସହ ୫୦୦ ରନ ଅତିକ୍ରମ କରିଥିଲେ।



ସେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ସର୍ବାଧିକ ଥର ଗୋଟିଏ ସିଜିନରେ ୫୦୦ କିମ୍ବା ତା'ଠାରୁ ଅଧିକ ରନ୍ କରିଥିବା ବ୍ୟାଟର ହୋଇଯାଇଛନ୍ତି। ଏହା ପୂର୍ବରୁ ସେ ୨୦୧୮ ଏବଂ ୨୦୨୩ ଆଇପିଏଲ ସିଜିନରେ ୫୦୦ ରୁ ଅଧିକ ରନ କରିଥିଲେ। ଏହା ତୃତୀୟ ଥର ଯେତେବେଳେ ସୂର୍ଯ୍ୟକୁମାର ଯାଦବ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଗୋଟିଏ ସିଜିନରେ ୫୦୦ କିମ୍ବା ତା'ଠାରୁ ଅଧିକ ରନ କରିଛନ୍ତି। ଯେଉଁଠାରେ କିମ୍ବଦନ୍ତୀ ବ୍ୟାଟର ସଚିନ ତେନ୍ଦୁଲକର ୨୦୧୦ ଏବଂ ୨୦୧୧ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ୫୦୦ରୁ ଅଧିକ ରନ୍ କରିଥିଲେ। କ୍ୱିଣ୍ଟନ୍ ଡି କକ୍ ମଧ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଦୁଇଟି ସିଜିନରେ ୫୦୦ରୁ ଅଧିକ ରନ୍ କରିଥିଲେ। ସେ ୨୦୧୯ ଏବଂ ୨୦୨୦ ମସିହାରେ ଏହି ସଫଳତା ହାସଲ କରିଥିଲେ। IPL 2025 ରେ ସର୍ବାଧିକ ରନ ସ୍କୋରରଙ୍କ ତାଲିକାରେ ସୂର୍ଯ୍ୟକୁମାର ଯାଦବ ନମ୍ବର ୧ ରେ ଅଛନ୍ତି। ସେ ୧୨ ଟି ମ୍ୟାଚରେ ୫୧୦ ରନ କରିଛନ୍ତି। ସେ ଏପର୍ଯ୍ୟନ୍ତ ୩ଟି ଅର୍ଦ୍ଧଶତକ ମାରିସାରିଛନ୍ତି। ଦ୍ୱିତୀୟ ସ୍ଥାନରେ ବିରାଟ କୋହଲି ଅଛନ୍ତି, ଯିଏ ୫୦୫ ରନ୍ କରିଛନ୍ତି। ତୃତୀୟ ସ୍ଥାନରେ ସାଇ ସୁଦର୍ଶନ ଅଛନ୍ତି, ଯିଏ ଏପର୍ଯ୍ୟନ୍ତ ୫୦୪ ରନ୍ କରିଛନ୍ତି।

## ଇଂଲଣ୍ଡ ଟୁରରେ ଯିବ ଭାରତ ଏ' ଦଳ

**ନୂଆଦିଲ୍ଲୀ,୭।୫:** ଆସନ୍ତା ୨୫ ତାରିଖରେ ଭାରତ ଏ' ଦଳ ଇଂଲଣ୍ଡ ଟୁର କରିବାର ବିଶେଷ ସମ୍ଭାବନା ରହିଛି। ଏପର୍ଯ୍ୟନ୍ତ ଦଳ ଘୋଷଣା ହୋଇ ନ ଥିବା ବେଳେ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ଚିହ୍ନଟ କରିଥିବା ଖେଳାଳିଙ୍କ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବ୍ୟବସ୍ଥା ଆରମ୍ଭ କରିଛି। ପ୍ରାରମ୍ଭିକ ଯୋଜନା ଅନୁଯାୟୀ, ଆଇପିଏଲ୍‌ର



ପ୍ଲେଅଫ୍‌ରେ ସ୍ଥାନ ପାଇ ନ ଥିବା ଭାରତ ଏ' ଖେଳାଳିମାନେ ଏକାଠି ଇଂଲଣ୍ଡ ଅଭିମୁଖେ ଯାତ୍ରା କରିବେ। ଅନ୍ୟମାନେ ଆଇପିଏଲ୍ ଶେଷ ହେବା ପରେ ଇଂଲଣ୍ଡରେ ପହଞ୍ଚିବେ। ବିସିସିଆଇ ପକ୍ଷରୁ ଅନେକ ଖେଳାଳିଙ୍କୁ ଯୋଗାଯୋଗ କରାଯାଇଛି। ସେମାନଙ୍କ ପାସପୋର୍ଟ ବ୍ୟବସ୍ଥା କରାଯିବା ସହ ଜର୍ସି ଆକାର ନିଆଯାଇଛି। ଭାରତ ଏ' ଆସନ୍ତା ୩୦ ତାରିଖରୁ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୩ଟି ୪ ଦିନିଆ ମ୍ୟାଚ୍ ଖେଳିବ। ପ୍ରଥମ ମ୍ୟାଚ୍ ୩୦ ତାରିଖରୁ କାଣ୍ଟରବୁରୀରେ ଖେଳାଯିବ। ଏହି ସିରିଜ୍‌ରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଜୁନ ୨୦ ତାରିଖରୁ ଇଂଲଣ୍ଡ ବିପକ୍ଷରେ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ଭାରତୀୟ ଦଳରେ ଚୟନ କରାଯିବ। ଏହି ସିରିଜ୍ ପାଇଁ ମୁଖ୍ୟ ଭାରତୀୟ ଦଳ ଜୁନ ପ୍ରଥମ ସପ୍ତାହରେ ଇଂଲଣ୍ଡ ଯାତ୍ରା କରିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘରେ ...



ସାମ୍ନାରେ ହତ୍ୟା କରି ସିନ୍ଦୂର ଉଜାଡ଼ି ଦେଇଥିବା ବେଳେ ସେମାନଙ୍କୁ ନ୍ୟାୟ ଦେବା ସକାଶେ ଆତଙ୍କବାଦୀଙ୍କୁ 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ଭାରତୀୟ କଡ଼ାଗଣ୍ଡା ଜବାବ ଦେଇଛି।

ଯେଉଁ ମୁହୂର୍ତ୍ତକୁ ପ୍ରତିଟି ଭାରତୀୟଙ୍କ ଅପେକ୍ଷା ଥିଲା, ସେହି ପହଲଗାମ୍ ନରସଂହାରର ପ୍ରତିଶୋଧ ନେଇଛି ଭାରତ। ପହଲଗାମ ବଦଲା ବିରୋଧରେ 'ଅପରେସନ୍ ସିନ୍ଦୂର' ସଫଳ ହୋଇଛି। ରାତିଅଧିଆ ମିସାଇଲ୍ ମାଡ଼ କରି ପାକିସ୍ତାନ ଓ ପିଓକରେ ଧ୍ୱଂସଲୀଳା ରଚିଛି ଭାରତୀୟ ସେନା। ଏହି ଅପରେସନ୍‌ରେ ସାମିଲ ହୋଇଥିଲେ ୮ ସୁଖୋଇ ଓ ୪ ରାଫେଲ୍ ସାମରିକ ବିମାନ। ଏଥିସହ ବ୍ରହ୍ମୋସରୁ ମଧ୍ୟ ମିସାଇଲ୍ ମାଡ଼ ହୋଇଛି। ମିସାଇଲ୍ ମାଡ଼ରେ ଛାରଖାର ହୋଇଛି ଆତଙ୍କବାଦୀଙ୍କ ୯ ଶିବିର। ଏଥିସହ ଏହି ଆକ୍ରମଣରେ ୭୦ରୁ ଉର୍ଦ୍ଧ୍ୱ ଆତଙ୍କୀ ନିପାତ ହୋଇଥିବା ବେଳେ ୬୦ରୁ ଅଧିକ ଆହତ ହୋଇଥିବା ଭାରତୀୟ ସେନା ସ୍ପଷ୍ଟ କରିଛି। ଅପରେସନ୍ ସଫଳ ହେବା ପରେ ସୋସିଆଲ୍ ମିଡିଆ ପୋଷ୍ଟରେ 'ମିଳିଲା ନ୍ୟାୟ, ଜୟ ହିନ୍ଦ' ଲେଖି ସେନା ଦେଶବାସୀଙ୍କ ମନରେ କୁହୁଳିଥିବା ପ୍ରତିଶୋଧ ନିଆଁକୁ ନିର୍ବାପିତ କରିଛି।

ବିଳମ୍ବିତ ରାତି ୧ଟା ୫୪ ମିନିଟରେ ସେନା ପକ୍ଷରୁ ସୋସିଆଲ୍ ମିଡିଆରେ ସୂଚନା ଦିଆଯାଇଛି ଯେ ଯେଉଁଠୁ ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ କରୁଥିଲେ ଓ ଯୋଜନା ପ୍ରସ୍ତୁତ କରୁଥିଲେ, ସେସବୁକୁ ଟାର୍ଗେଟ କରାଯାଇଛି। ପାକିସ୍ତାନର କୌଣସି ସାମରିକ ବ୍ୟବସ୍ଥାକୁ ଟାର୍ଗେଟ କରାଯାଇନି। ପହଲଗାମ ହମଲାର ଦୁଇ ସପ୍ତାହ ପରେ ପ୍ରତିଶୋଧ ନେଇଛି ଭାରତ। 'ଅପରେସନ୍ ସିନ୍ଦୂର'ରେ ଆତଙ୍କବାଦୀ ମାସୁଦ ଆଜ୍ହାରର ବାହାବଲପୁର ଠିକଣାରେ ହୋଇଛି ବଡ଼ ଧରଣର ହମଲା।

ପାକିସ୍ତାନର ମୁଜାଫରାବାଦ, କୋଟଲି ଓ ବାହାବଲପୁର ଭଳି ସ୍ଥାନକୁ ଟାର୍ଗେଟ କରାଯାଇଛି। ପାକିସ୍ତାନୀ ଗଣମାଧ୍ୟମ ମଧ୍ୟ ଭାରତର ଆଟାକ୍ ନେଇ ସ୍ପଷ୍ଟ କରିଛି ଯେ ପିଓକେରେ ପ୍ରଚଣ୍ଡ ବିସ୍ଫୋରଣ ଶୁଣିବାକୁ ମିଳିଛି। ମଧ୍ୟରାତ୍ରି ପରେ ମୁଜାଫରାବାଦ ସହରକୁ ଘେରି ରହିଥିବା ପର୍ବତ ନିକଟସ୍ଥ ପିଓକେ ଅଞ୍ଚଳରେ ଶୁଣିବାକୁ ମିଳିଥିଲା ଜୋରଦାର ବିସ୍ଫୋରଣ। ବିସ୍ଫୋରଣ ପରେ ସହରରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏଥିପାଇଁ ମଧ୍ୟରାତ୍ରିରେ ପାକିସ୍ତାନ ରାସ୍ତାରେ ଲୋକଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳିଛି।

ଜବାବୀ ହମଲା ବାବଦରେ ଆମେରିକା, ବ୍ରିଟେନ୍, ରୁଷ୍ ଓ ସାଉଦି ଆରବକୁ ଅବଗତ କରାଇଛି ଭାରତ। ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କୁ ଅବଗତ କରାଇଛନ୍ତି ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲ୍। ଇସଲାମାବାଦରୁ ପାକ୍ ଅଧିକାରୀ କହିଛନ୍ତି ଯେ ଭାରତର ଏହି ଆକ୍ରମଣରେ ୮ ଜଣଙ୍କର ମୃତ୍ୟୁ ହୋଇଛି। ସେହିଭଳି ଭାରତ କହିଛି ଯେ ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଙ୍ଘନରେ ଏଲଓସି ନିକଟରେ ୧୦ ଜଣ ସାଧାରଣ ନାଗରିକ ମୃତ୍ୟୁବରଣ କରିଛନ୍ତି।

୧୯୭୧ ଯୁଦ୍ଧ ପରେ ପ୍ରଥମ କରି ପାକିସ୍ତାନ ଭିତରେ ପଶି ଆକ୍ରମଣ କରିଛି ଭାରତ। ତେବେ ପାକିସ୍ତାନର କୌଣସି ସାମରିକ ବ୍ୟବସ୍ଥାକୁ କୌଣସି ପ୍ରକାର କ୍ଷତି ପହଞ୍ଚାଯାଇନାହିଁ।

### ରାଷ୍ଟ୍ରପତିଙ୍କୁ ...

ଶିବିରକୁ ଟାର୍ଗେଟ କରାଯାଇଥିଲା। ସରକାର ଏହି ଅପରେଶନ ବିଷୟରେ ଆଲୋଚନା ପାଇଁ ମେ ୮ ତାରିଖରେ ସଂସଦୀୟ ଲାଇବ୍ରେରୀ ଭବନରେ ସର୍ବଦଳୀୟ ବୈଠକ ଡାକିଛନ୍ତି।

### ପ୍ରତିଆକ୍ରମଣ...

ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ପାକିସ୍ତାନ ତଦନ୍ତ ଦାବି କରିଥିବା କଥା ଦୋହରାଇଛି। ତେବେ ଭାରତର ଏୟାର ଷ୍ଟ୍ରାଇକରେ ଭୟଭୀତ ପାକିସ୍ତାନ ଶାନ୍ତି ଚାହୁଁଥିବା କହିଛି। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନର କିଛି ଘଣ୍ଟା ପରେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ କହିଥିଲେ ଯେ ଯଦି ଭାରତ ନରମ ମନୋଭାବ ଦେଖାଇବ ତେବେ ପାକିସ୍ତାନ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ସମାପ୍ତ କରିବାକୁ ପ୍ରସ୍ତୁତ।

### ସିନ୍ଦୂରର...

ନେଇଛନ୍ତି। ସରକାର ବହୁତ ଭଲ କାମ କରିଛନ୍ତି। ସେମାନେ ଯେପରି କାହାକୁ କିଛି ନ କହି ନୀରିହ ଲୋକଙ୍କ ଜୀବନ ନେଇଥିଲେ, ମୋଦି ସରକାର ମଧ୍ୟ ସମାନ ତରିକାରେ ଏହାର ବଦଲା ନେଇଛନ୍ତି। ଏଥିପାଇଁ ମୁଁ ସରକାରଙ୍କୁ ବହୁତ ବହୁତ ଧନ୍ୟବାଦ ଜଣାଉଛି। ଆତଙ୍କୀଙ୍କୁ ଏମିତି ଆକ୍ରମଣ କରନ୍ତୁ ଯେ ସେମାନେ ଆଉଥରେ କାହାକୁ ଆକ୍ରମଣ କରିବା ପୂର୍ବରୁ ପାଞ୍ଚ ଥର ଚିନ୍ତା କରିବେ ବୋଲି ପ୍ରିୟଦର୍ଶିନୀ କହିଛନ୍ତି।

### ପୂରା ହମ୍‌ଲା...

ଯୋଗାଯୋଗ କରୁଥିଲେ ୩ ସେନାମୁଖ୍ୟ। ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଅପରେସନ୍ ସମ୍ପର୍କରେ ଟିକିନିଖିବ ସୂଚନା ଦେଉଥିଲେ ଏନ୍‌ଏସ୍‌ଏ ଅଜିତ ଡୋଭାଲ୍।

### ମୁର୍ତ୍ତିକେ...

ରଚିଥିଲେ ଆତଙ୍କର ବିଭୀଷିକା। ହୋଟେଲ୍ ତାଜ୍, ଓବରଏ, ଛତ୍ରପତି ଶିବାଜୀ ଟର୍ମିନସ୍, ନରିମାନ ହାଉସ ଭଳି ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଆଖିବୁଜା ଗୁଳିମାଡ଼ କରିବା ସହ ବିସ୍ଫୋରଣ ଘଟାଇଥିଲେ । ଏଥିରେ ୧୭୦ରୁ ଅଧିକ ଲୋକଙ୍କ ଜୀବନ ଯିବା ସହ ୩ ଶହରୁ ଅଧିକ ଆହତ ହୋଇଥିଲେ। ଆକ୍ରମଣ ସ୍ଥଳରେ ପୁଲିସ ଓ ସୁରକ୍ଷାକର୍ମୀଙ୍କ କାର୍ଯ୍ୟାନୁଷ୍ଠାନରେ ସବୁ ଆତଙ୍କୀ ପ୍ରାଣ ହରାଇଥିବା ବେଳେ ଏକମାତ୍ର ଅଜମଲ କସାବ ଜୀବିତାବସ୍ଥାରେ ଧରାପଡ଼ିଥିଲା। ପରବର୍ତ୍ତୀ ସମୟରେ କସାବକୁ ନଭେମ୍ବର ୨୧, ୨୦୧୨ରେ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା।

### ସୀମାରେ...

ଦୁଇ ବୀର ସନ୍ତାନ ଦେଶକୁ ବିଜୟର ଟୀକା ପିନ୍ଧାଇବେ ବୋଲି ଗ୍ରାମବାସୀ ଆଶା କରିଛନ୍ତି। ଦେଶ ପାକିସ୍ତାନ ବିରୁଦ୍ଧରେ ଏକପ୍ରକାର ଯୁଦ୍ଧକୁ ଓହ୍ଲାଇବା ସ୍ଥିତିରେ ରହିଥିବାରୁ ଏଥିରେ ବିଜୟ କାମନା କରି ଗ୍ରାମବାସୀ ଆରାଧ୍ୟ ଦେବୀ ମା' ଜୟଦୁର୍ଗାଙ୍କ ପୀଠରେ ଦୀପଦାନ ସହ କୀର୍ତ୍ତନ କରୁଛନ୍ତି।

### ସେନା ସାହସକୁ...

ସଂକଳ୍ପର ପ୍ରତୀକ। ଭାରତୀୟ ସୈନିକମାନେ ସେହି ସଂକଳ୍ପର ସମ୍ମାନ ରକ୍ଷା କରିବାକୁ ସଦାସର୍ବଦା ପ୍ରସ୍ତୁତ ବୋଲି ଗତକାଲି ମିଡ୍‌ନାଇଟ୍ ଅପରେସନ୍ ମାଧ୍ୟମରେ ପ୍ରମାଣିତ କରିଛନ୍ତି। କୌଣସି ପରିସ୍ଥିତିରେ ଆତଙ୍କବାଦକୁ ବରଦାସ୍ତ କରାଯିବନାହିଁ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ପଦକ୍ଷେପ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ପାକିସ୍ତାନ ନେଲାଣି ୧୫ ଭାରତୀୟଙ୍କ ଜୀବନ

ଶ୍ରୀନଗର: ମଙ୍ଗଳବାର ବିଳମ୍ବିତ ରାତିରେ ଭାରତୀୟ ସେନା ପାକିସ୍ତାନ ଓ ପାକ୍ ଅଧ୍ୟୁଷିତ କାଶ୍ମୀର (ପିଓକେ)ରେ ଆକ୍ରମଣ କରିଥିବା ବେଳେ ଏହାର ଜବାବରେ ପାକିସ୍ତାନ ନିୟନ୍ତ୍ରଣ ରେଖା (ଏଲଓସି) ଓ ଅନ୍ତର୍ଜାତୀୟ ସୀମାରେ ଗୁଳିଚାଳନା ଓ ଗୋଳାବର୍ଷଣ କରି ପାକିସ୍ତାନୀ ସେନା ୧୫ ଜଣ ଭାରତୀୟଙ୍କ ଜୀବନ ନେଇଛନ୍ତି। ଏଥିସହ ଜମ୍ମୁ-କାଶ୍ମୀରର ପୁଞ୍ଚ ଓ ତାଙ୍ଗଧାର ଅଞ୍ଚଳରେ ୪୩ ଜଣ ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ ସୂଚନା ଦେଇ ଏସଏଡି ମୁଖ୍ୟ ସୁଖବୀର ସିଂ ବାଦଲ 'ଏକ୍ସ'ରେ କହିଛନ୍ତି ଯେ ପୁଞ୍ଚ ଜିଲ୍ଲାରେ କେନ୍ଦ୍ରୀୟ ଗୁରୁଦ୍ୱାର ଶ୍ରୀଗୁରୁ ସିଂ ସଭା ସାହିବ ଉପରେ ପାକିସ୍ତାନୀ ବାହିନୀ ଆକ୍ରମଣ କରିବାରୁ ୧୦ ଜଣଙ୍କ ମଧ୍ୟରେ ୩ ଜଣ ଗୁରଶିଖ ନିହତ ହୋଇଛନ୍ତି।

### ନବୀନ ଲେଖିଲେ 'ଜୟହିନ୍ଦ'

ଭୁବନେଶ୍ୱର: ଭାରତ ଗତକାଲି ମଧ୍ୟରାତ୍ରରେ ପହଲଗାମ୍ ଆତଙ୍କୀ ହମ୍‌ଲାର ପ୍ରତିଶୋଧ ନେଇଥିବା ବେଳେ ଏହାକୁ ରାଜ୍ୟ ବିରୋଧୀ ଦଳ ନେତା ତଥା ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ଭାରତୀୟ ସେନାର ପ୍ରଶଂସା କରିବାକୁ ଯାଇ ନବୀନ ତାଙ୍କ ସୋସିଆଲ୍ ମିଡିଆ 'ଏକ୍ସ'ରେ 'ଜୟହିନ୍ଦ' ବୋଲି ଲେଖିଛନ୍ତି। ଏପରି ଏକ ସଫଳତା ପାଇଁ ସେ ଭାରତୀୟ ସେନାକୁ ଅଭିନନ୍ଦନ ମଧ୍ୟ ଜଣାଇଛନ୍ତି। ନବୀନଙ୍କ ଏହି ପୋଷ୍ଟକୁ ୫୦ ହଜାରରୁ ଅଧିକ ଭ୍ୟୁ ମିଳିଛି। ଏହା ଉପରେ ମଧ୍ୟ ଅନେକ ଲୋକ ପ୍ରତିକ୍ରିୟା ଦେବା ସହ ନବୀନଙ୍କୁ ସମର୍ଥନ କରିଛନ୍ତି।

## ପୁରୀ ବିମାନବନ୍ଦର ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା

# ଆଧ୍ୟାତ୍ମିକ ପର୍ଯ୍ୟଟନ ଓ ଆର୍ଥିକ ବୃଦ୍ଧି ପାଇଁ ଏକ ଗେଟୱେ

**ପୁରୀ,୭।୫(ସଂଚାର ବ୍ୟୁରୋ):** ଓଡିଶା ପାଇଁ ଏକ ଐତିହାସିକ ଘଟଣାରେ, ପୁରୀର ପ୍ରସ୍ତାବିତ ବିମାନବନ୍ଦରକୁ ଭାରତ ସରକାର ଦ୍ୱାରା ଗ୍ରୀନଫିଲ୍ଡ ବିମାନବନ୍ଦର ଭାବରେ ଅନୁମୋଦନ ମିଳିଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପୁରୀର ବିମାନ ଯୋଗାଯୋଗକୁ ବୃଦ୍ଧି କରିବା ସହ ବ୍ୟାପକ ଭାବେ ପର୍ଯ୍ୟଟନ ଓ ଆର୍ଥିକ ସମ୍ଭାବନାକୁ ଖୋଲିବ।



ଆଜି ଗୃହ ଓ ନଗର ଉନ୍ନୟନ ତଥା ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ ପ୍ରକଳ୍ପ ସ୍ଥଳୀକୁ ପରିଦର୍ଶନ କରିଥିଲେ। ପରିଦର୍ଶନ ପରେ ସେ ଉକ୍ତ ପ୍ରକଳ୍ପର ଜମି ଅଧିଗ୍ରହଣ, ପୁନଃସ୍ଥାପନ ଇତ୍ୟାଦି ଦିଗରେ ସମୀକ୍ଷା କରିଥିଲେ। ସେ କହିଛନ୍ତି ଯେ "ପୁରୀ ବିମାନବନ୍ଦର କେବଳ ଗଠନାତ୍ମକ ପ୍ରକଳ୍ପ ନୁହେଁ; ଏହା ଏକ ଭବିଷ୍ୟତ ମୁଖୀ ଗେଟୱେ ଯାହା ପୁରୀକୁ ଜାଗତିକ ଆଧ୍ୟାତ୍ମିକ ପର୍ଯ୍ୟଟନ ମାନଚିତ୍ରରେ ଉତ୍ତୋଳନ କରିବ। ଗ୍ରୀନଫିଲ୍ଡ ମାନ୍ୟତା ପାଇଁ ଆମେ ବର୍ତ୍ତମାନ ବିଶ୍ୱ ମାନଦଣ୍ଡ ଅନୁଯାୟୀ ଉନ୍ନୟନକୁ ତ୍ୱରାନ୍ୱିତ କରିପାରିବୁ।" ଭାରତର ସବୁଠୁ ପବିତ୍ର ତୀର୍ଥକ୍ଷେତ୍ରମାନଙ୍କ ମଧ୍ୟରେ ଗଣ୍ୟ, ଏବଂ ଚାରିଧାମ ମଧ୍ୟରୁ ଗୋଟିଏ ଥିବା ପୁରୀ ପ୍ରତିବର୍ଷ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ନୂତନ ବିମାନବନ୍ଦର ରାଷ୍ଟ୍ରୀୟ ଓ ଆନ୍ତର୍ଜାତୀୟ ପର୍ଯ୍ୟଟକମାନେ ସହଜ ଭାବେ ଆସିପାରିବେ ବୋଲି ଆଶା, ଯାହା ଅତିଥିଶାଳୀ, ପରିବହନ ଓ ସେବା, ନିବେଶ ଓ ଚାକିରି ସୃଷ୍ଟିକୁ ଉତ୍ସାହିତ କରିବ।

ଓଡିଶା ସରକାର, ଏୟାରପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସାଥୀଙ୍କ ସହିତ ମିଳି ଏହି ପ୍ରକଳ୍ପକୁ ଦ୍ରୁତ କାର୍ଯ୍ୟକାରୀ କରିବା ଦିଗରେ କାମ କରୁଛନ୍ତି। ପରିବେଶ ସନ୍ତୁଳନ, ପୌରାଣିକ ଧାରାହାର ରକ୍ଷା, ଓ ସମାବେଶମୂଳକ ବିକାଶକୁ ଗୁରୁତ୍ୱ ଦିଆଯାଉଛି।

# ନାମଲେଖା ଋତୁରେ ମନଇଚ୍ଛା ଫି' ଆଦାୟ

**ଭୁବନେଶ୍ୱର,୭।୫:** ସମ୍ପ୍ରତି ରାଜ୍ୟରେ ଏବେ ନାମଲେଖା ଋତୁ ଚାଲିଥିବା ବେଳେ ଘରୋଇ ବିଦ୍ୟାଳୟଗୁଡ଼ିକର ନାମଲେଖା ଫି' ଆଦାୟ ଉପରେ ସରକାରଙ୍କ କୌଣସି କଟକଣା ନଥିବାରୁ ସେମାନେ ମନଇଚ୍ଛା ଅର୍ଥ ଆଦାୟ କରୁଛନ୍ତି। ଅର୍ଥ ଆଦାୟ ସହ ଅଭିଭାବକଙ୍କ ପକେଟକୁ ଦେଖି ବିଦ୍ୟାଳୟ ପାଇଁ ବିଭିନ୍ନ ସାମଗ୍ରୀ ମଧ୍ୟ ଆଦାୟ କରୁଛନ୍ତି। ନିଜ ନିଜ ପିଲାଙ୍କ ନାଖଲେଖା ପାଇଁ ବ୍ୟାକୁଳ ଥିବା ଅଭିଭାବକମାନେ ବି ନିରବରେ ସବୁ ସହିଯାଉଛନ୍ତି।

ରାଜଧାନୀ ସମେତ ରାଜ୍ୟର ସହରାଞ୍ଚଳରେ ଥିବା ଇଂରାଜୀ ମାଧ୍ୟମ ଘରୋଇ ବିଦ୍ୟାଳୟରେ ଏବେ ପ୍ରାଥମିକ ସ୍ତରରେ ନାମଲେଖା ଚାଲିଛି। ଏହି ଶ୍ରେଣୀରେ ନାମଲେଖା ପାଇଁ ଅଭିଭାବକମାନଙ୍କଠାରୁ ୩୦ ହଜାରରୁ ଦେଢ ଓ ଦୁଇ ଲକ୍ଷ ଟଙ୍କା ଆଦାୟ କରାଯାଉଛି। କେଉଁ ବିଦ୍ୟାଳୟ କେତେ ଟଙ୍କା ଆଦାୟ କରିବ, ସେନେଇ କୌଣସି ନିୟମ ଏପର୍ଯ୍ୟନ୍ତ ହୋଇପାରିନାହିଁ।

ପ୍ରଥମେ ଏହି ଘରୋଇ ବିଦ୍ୟାଳୟଗୁଡ଼ିକ ନାମଲେଖା ଫର୍ମ ବିକ୍ରି କରି ଲକ୍ଷାଧିକ ଟଙ୍କା ଆଦାୟ କରିଥିଲେ। ଘରୋଇ ବିଦ୍ୟାଳୟଗୁଡ଼ିକ ଫର୍ମ ଗୋଟିକୁ ହଜାରେରୁ ଦେଢ ହଜାର ଟଙ୍କାରେ ବିକ୍ରି କରିଥିଲେ । ଲୋକେ ବି ଅନ୍ୟ ଉପାୟ ନ ପାଇ ଏହାକୁ ଖରିଦ ମଧ୍ୟ କରିଥିଲେ। ଏଥିପାଇଁ ଅଭିଭାବକମାନେ ବ୍ୟାପକ ଖର୍ଚ୍ଚାନ୍ତ ହୋଇଥିଲେ।

ତେବେ ନାମଲେଖା ବେଳକୁ ଘରୋଇ ବିଦ୍ୟାଳୟଗୁଡ଼ିକ ଲଟେରୀ ଠାରୁ ଆରମ୍ଭ କରି ପିତାମାତାଙ୍କ ପାଠପଢ଼ା, ଅଭିଜ୍ଞତା, ଆୟ ଆଦିକୁ ବିଚାରକୁ ନେଇ ପିଲାଙ୍କୁ ଚୟନ କରୁଛନ୍ତି। ନାମୀଦାମୀ ବିଦ୍ୟାଳୟରେ ନିଜ ପିଲାଙ୍କ ନାମ ଲେଖାଇବା ସକାଶେ ଅଭିଭାବକମାନଙ୍କ ଧାଡି ଲାଗୁଥିବାରୁ ନାମଲେଖା ବାବଦରେ ବିଦ୍ୟାଳୟଗୁଡ଼ିକ ମନଇଚ୍ଛା ଫି' ଆଦାୟ କରୁଛନ୍ତି। ନାମଲେଖା ପରେ ମଧ୍ୟ କେତେକ ବିଦ୍ୟାଳୟ ଏସି, ୱାଟର ପ୍ୟୁରିଫାୟର, ଫ୍ୟାନ୍, ଆଲମିରା ଆଦି ଖରିଦ ପାଇଁ ଅର୍ଥ ଦାବି କରୁଛନ୍ତି। ବିଦ୍ୟାଳୟଗୁଡ଼ିକ ଅଭିଭାବକମାନଙ୍କୁ ମଧ୍ୟ ଏକକାଳୀନ ସ୍କୁଲ ଫି' ପଇଠର ଅଫର ଦେଉଛନ୍ତି।

ତେବେ ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ବିଦ୍ୟାଳୟଗୁଡ଼ିକ କେତେ ଫି' ଆଦାୟ କରିବେ ସେ ନେଇ ସରକାରଙ୍କର କୌଣସି ନୀତି ନିୟମ ନାହିଁ । ଘରୋଇ ବିଦ୍ୟାଳୟଗୁଡ଼ିକୁ ଏ କ୍ଷେତ୍ରରେ ଏକ ପ୍ରକାର ଖୋଲା ଛାଡି ଦିଆଯାଇଛି । ଯେହେତୁ ଅଭିଭାବକମାନେ ସରକାରୀ ବିଦ୍ୟାଳୟ ବଦଳରେ ଘରୋଇ ଇଂରାଜୀମାଧ୍ୟମ ବିଦ୍ୟାଳୟରେ ନିଜ ନିଜ ପିଲାଙ୍କ ନାମଲେଖାଇବାକୁ ଚାହୁଁଛନ୍ତି ଓ ଏହି ସଂଖ୍ୟା ବଢ଼ିବାରେ ଲାଗିଛି ତେଣୁ ଘରୋଇ ବିଦ୍ୟାଳୟଗୁଡ଼ିକ ଏହାକୁ ଏକ ମଉକା ଭାବେ ଧରି ନେଇଛନ୍ତି ।

ଉଲ୍ଲେଖନୀୟ ଯେ ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ୨୦୨୩-୨୪ ବର୍ଷରେ ୭୬ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପଢ଼ୁଥିବାବେଳେ ଏମାନଙ୍କ ମଧ୍ୟରୁ ଘରୋଇ ବିଦ୍ୟାଳୟରେ ପଢ଼ୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ପାଖାପାଖି ୧୬ ଲକ୍ଷ ରହିଛି। ରାଜ୍ୟରେ ଘରୋଇ ବିଦ୍ୟାଳୟର ଫି' ଆଦାୟ ଉପରେ ନିୟନ୍ତ୍ରଣ ନଥିବାରୁ ଏବେ ରାଜ୍ୟ ବାହାରର ସଂସ୍ଥାମାନେ ଆସି ଓଡ଼ିଶାରେ ଇଣ୍ଟରନ୍ୟାସନାଲ ଭଳି ବିଭିନ୍ନ ଆକର୍ଷଣୀୟ ନାଁ ଦେଇ ବିଦ୍ୟାଳୟ ଖୋଲିବାରେ ଲାଗିଛନ୍ତି। ତେଣୁ ସରକାର ଏହିସବୁ ବିଦ୍ୟାଳୟର ଭିତ୍ତିଭୂମି, ପାଠପଢ଼ା, ଛାତ୍ରାବାସ ଆଦିର ସମୀକ୍ଷା କରି ସେମାନେ କେତେ ଫି' ଆଦାୟ କରିବା ଆବଶ୍ୟକ ତାହା ସ୍ଥିର କରିବାକୁ ଶିକ୍ଷାବିତ୍‌ମାନେ ମତ ଦେଉଛନ୍ତି। (ତଥ୍ୟ)

# ଆକ୍ସନ ମୋଡ଼ରେ ଭିଜିଲାନ୍ସ ବିଭାଗ

- ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହ ମୂଲ୍ୟବାନ କାଠ ଜବତ
- ଯାହା ଚର୍ଚ୍ଚା ଭିତିରି ବୁଝାମଣା ହେତୁ ବର୍ତ୍ତିଲେ କୁହୁଡି ଓ ବେଢ଼ାବନ୍ଧ କରତକଳ



କାକଟପୁର/ଅସ୍ତରଙ୍ଗ,୭।୫(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ରେ ବେଆଇନି ଭାବେ କରତ କଳ ଚାଲୁଥିବା ବେଳେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଓ କଟକ ଭିଜିଲାନ୍ସ ର ଏକ ସ୍ୱତନ୍ତ୍ର ଟିମ୍ ବୁଧବାର ପ୍ରତ୍ୟୁଷ ରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବନାଞ୍ଚଳ ଅଧିନ ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଂଚାୟତ ନିକଟରେ ଥିବା ବେଆଇନି କରତ କଳରେ ଅତର୍କିତ ଚଢ଼ାଉ କରିଥିଲେ।ବୁଧବାର ସକାଳ ୬ ଘଟିକା ରୁ ବେଆଇନି କରତ କଳ ଉପରେ ଚଢ଼ାଉ ହୋଇଥିବା ବେଳେ ସେଠାରୁ ମୂଲ୍ୟବାନ ଚାଖୁଣ୍ଡା ଓ ଆକାଶିଆ କାଠ ଜବତ ହେବା ସହ ବିଭିନ୍ନ ଯନ୍ତ୍ରାଂଶ କୁ ଗ୍ୟାସ କଟର ମାଧ୍ୟମ ରେ କଟାଯାଇଥିଲା। ପୋକଲୀନ ସାହାଯ୍ୟରେ ଏହି ମିଲର ମେସିନ କୁ ଉଠାଇ ନିଆଯାଇଥିବା ବେଳେ ବହୁ ପରିମାଣର କାଠ ଲଗ ଗୁଡିକ ସିଜ ହୋଇଥିଲା। ଭିଜିଲାନ୍ସ ଟିମ୍ ଚଢ଼ାଉ କରିବାର କିଛି ଘଣ୍ଟା ପରେ ଅସ୍ତରଙ୍ଗ ବନବିଭାଗ ଟିମ୍, ପୋଲିସ ମିଳିତ ଭାବେ ବେଆଇନି କରତ କଳରେ ଚଢାଉ ସାମିଲ ହୋଇଥିଲେ। ସିଜ ହୋଇଥିବା ଯନ୍ତ୍ରାଂଶ ମଧ୍ୟରେ ପମ୍ପ, ମଟର, ଡାଇନାମା, କଟର, କରତ, ବହୁତ ସରଞ୍ଜାମ ରହିଛି। ସମସ୍ତ ଯନ୍ତ୍ରାଂଶ ଅସ୍ତରଙ୍ଗ ବନାଞ୍ଚଳ ଅଧିନ ପାଣିଛତ୍ର କାର୍ଯ୍ୟାଳୟ ରେ ରଖାଯିବ ବୋଲି ସୂଚନା ମିଳିଛି। ଅଚାନକ ବେଆଇନି କରତ କଳ ଅତର୍କିତ ଚଢାଉରେ ଭୁବନେଶ୍ୱର ଭିଜିଲାନ୍ସ ଏ ସି ଏଫ ସାଧନା ସ୍ୱାଇଁ, କଟକ ଭିଜିଲାନ୍ସ ଏ ସି ଏଫ ବବିତା ସୋରେନ, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ କର୍ମଚାରୀ ଙ୍କ ସହ ୧୫ଜଣ ଭିଜିଲାନ୍ସ ଫୋର୍ସ, ବନବିଭାଗ ସ୍କ୍ୱାଡ଼, ଅସ୍ତରଙ୍ଗ ପୁଲିସ, ବିଦ୍ୟୁତ ବିଭାଗ ସହ ପ୍ରମୁଖ ଉପସ୍ଥିତ ଥିଲେ।କିନ୍ତୁ ଗତ ନଭେମ୍ବର ୨୬ତାରିଖ ରେ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ଓ ବନ ବିଭାଗ ତରଫରୁ ଅସ୍ତରଙ୍ଗ କୁହୁଡି ଛକ ନିକଟରେ ଚଢ଼ାଉ ହୋଇଥିବା ବେଳେ ପୁନର୍ବାର କୁହୁଡି ଛକ ଉପରେ ତିନୋଟି ବେଆଇନି କରତ କଳ ଖୁଲମଖୁଲ୍ଲା ଚାଲୁଛି। ତାହା ପୁଣି ବନ ବିଭାଗ ଜଣାତ ରେ। କିନ୍ତୁ ଚଢ଼ାଉ ୬ମାସ ମଧ୍ୟରେ କାଠ ମାଫିଆ ମାନେ ପୁନର୍ବାର ଅସ୍ତରଙ୍ଗ ନିକଟସ୍ଥ କୁହୁଡି ଛକରେ ତିନୋଟି କରତ କଳ ଓ କେନ୍ଦ୍ରାପଟି ପଂଚାୟତ ବେଢାବନ୍ଧ ରେ ଏକ ବେଆଇନି କରତ କଳ ଚାଲୁଥିବା ବେଳେ ବନ କର୍ମଚାରୀ ଓ ମାଫିଆ ଙ୍କ ଭିତିରି ବୁଝାମଣା ଚାଲୁଥିବାରୁ ବନ କର୍ମଚାରୀ ସଫେଇ ଦେଇ କହିଛନ୍ତି ଭିଜିଲାନ୍ସ ଚଢ଼ାଉ ଖବର ପାଇଁ ଅନ୍ୟ କରତ କଳ ଯନ୍ତ୍ରାଂଶ ଖୋଲି ଦେଇଛନ୍ତି। କାହିଁକି ସ୍ଥାନୀୟ ବନ ବିଭାଗ କରତ କଳ ବନ୍ଦ କରିବା ପରିବର୍ତ୍ତେ କଥା ରେ ସଫେଇ ଦେଉଛନ୍ତି। କାହିଁକି କୁହୁଡି ଓ ବେଢାବନ୍ଧରେ ଚାଲୁ ଥିବା କରତ କଳ ଚଢ଼ାଉ ପୁନର୍ବାର ହେଉନାହିଁ। ନାଁ କିଛି ଭିତିରି ବୁଝା ମଣା ହେଉଛି ତାହା ପ୍ରଶ୍ନ ଉଙ୍କି ମାରୁଛି। ତେବେ ଆଗାମୀ ଦିନରେ ଭିଜିଲାନ୍ସ ଙ୍କ ତରଫରୁ ଏ ଦିଗରେ ତୀକ୍ଷ୍ଣ ନଜର ଦିଆଯିବ ବୋଲି ଚଢ଼ାଉ ରେ ସାମିଲ ଥିବା ଭିଜିଲାନ୍ସ ବିଭାଗ ଅଧିକାରିଣୀ କହିଛନ୍ତି।

# ଏସବିଆଇ ଏଟିଏମ ନିକଟରେ କୃତ୍ରିମ ବନ୍ୟା, ଗ୍ରାହକ ହନ୍ତସନ୍ତ




ନୀଳଗିରି,୭।୫(ସଂଚାର ବ୍ୟୁରୋ): ନୀଳଗିରି କେ.ସି.ହାଇସ୍କୁଲ ନିକଟରେ ଥିବା ଏସବିଆଇ ଏଟିଏମ ସାମ୍ନାରେ ପାଣିଲହଡ଼ି ମାରୁଥିବାରୁ ଗ୍ରାହକ ମାନେ ଟଙ୍କାଉଠାଣ ପାଇଁ ଯାଇପାରୁନଥିବା ବେଳେ ଜନଅସନ୍ତୋଷ ବୃଦ୍ଧିପାଇଛି। ଏହାବ୍ୟତୀତ ସେଠାରେ ଥିବା ୪/୫ଟି ଦୋକାନୀ ମଧ୍ୟ ନାହିଁ ନଥିବାର ଅସୁବିଧା ଭୋଗକରୁଛନ୍ତି।ଏପରିକି ଦୋକାନକୁ ଯିବାପାଇଁ ଗ୍ରାହକ ମଧ୍ୟ ମୁହଁ ଫେରାଉଛନ୍ତି।ମୁଖ୍ୟତଃ ବର୍ଷାପାଣି ନିଷ୍କାସନ ପାଇଁ ସଠିକ୍ ବ୍ୟବସ୍ଥା ନଥିବାରୁ ଉକ୍ତସ୍ଥାନରେ ପାଣିଜମି ରହୁଛି। ଗ୍ରାହକମାନେ ବୁଲିବୁଲି ଏଟିଏମକୁ ଯାଇ ଟଙ୍କା ଉଠାଉଥିବା ଦେଖିବାକୁ ମିଳିଛି। ସୂଚନା ଥାଉକି ଏନ୍ଏସି କର୍ତ୍ତୃପକ୍ଷ ସମସ୍ତ ପ୍ରକାରର ଟିକସ ଆଦାୟ କରୁଥିବା ବେଳେ ଏଥିପ୍ରତି ନଜର ନଦେବା, ଦୋକାନୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶପାଇଛି।ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ପାଣି ନିଷ୍କାସନର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର




ନବରଙ୍ଗପୁର,୭।୫(ସଂଚାର ବ୍ୟୁରୋ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଉମରକୋର୍ଟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ "ନାଲସା ଟୋଲ ଫ୍ରୀ ହେଲ୍ପଲାଇନ ନମ୍ବର -୧୫୧୦୦ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଇଥିବା ଅନ୍ୟାନ୍ୟ ସାହାଯ୍ୟ ଓ ନାଲସା ୱେବ ପୋର୍ଟାଲରେ ଅନଲାଇନରେ ଆଇନଗତ ସାହାଯ୍ୟ ପାଇବା ପାଇଁ ଆବେଦନ ଓ ଅନ୍ଧ ବିଶ୍ୱାସ ଯଥା ଗୁଣୀ ଗାରେଡି, ଛୋଟ ପିଲାମାନଙ୍କୁ ଦିଆଯାଉଥିବା ଚେଙ୍କ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର, ସଚିବ ଶ୍ରୀମତୀ ସାଇ ଅଭୀପ୍ସା ଗୋଛାୟତ, ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଠାରେ ଅନ୍ୟାନ୍ୟ ଅତିଥି ଭାବେ ଜିତେନ୍ଦ୍ର କୁମାର ସାମଲ ଉପଗୋଷ୍ଠି ଉନ୍ନୟନ ଅଧିକାରୀ, ଉମରକୋଟ ଡାଃ ଆୟୁସୀ ମଣ୍ଡଳ ରିପ୍ରେଜେନ୍ଟେଟିଭ ଓଫ ସିଡ଼ିଏମଓ, ନବରଙ୍ଗପୁର, ସୁରେଶ କୁମାର ପଟ୍ଟନାୟକ, ଡ଼ିସିପିଓ, ନବରଙ୍ଗପୁର, ମନୋରମା ମାଝି, ଶୋସିଆଲ ଆକ୍ଟିଵିଷ୍ଟ, ନବରଙ୍ଗପୁର, ଶୁଭେନ୍ଦୁ କୁମାର ଶବର ଉପ ଭାରପ୍ରାପ୍ତ ଅଧିକ୍ଷକ, ଉମରକୋର୍ଟ ପ୍ରମୁଖ ଯୋଗ ଦେଇ ଲୋକମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ବିଷୟରେ ସଚେତନ କରାଇଥିଲେ। ଏହି ସଚେତନତା ଶିବିରରେ ଜିତେନ୍ଦ୍ର କୁମାର ସାମଲ ଉପ ଗୋଷ୍ଠି ଉନ୍ନୟନ ଅଧିକାରୀ, ଉମରକୋର୍ଟ, ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ପରିଚାଳନା କରାଯାଇଥିଲା

- ଭବିଷ୍ୟତ ରେ ଡକ୍ଟର ହେବାକୁ ଲକ୍ଷ୍ୟ

## ଲବଣ ସତ୍ୟାଗ୍ରହ ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ



କାକଟପୁର/ଅସ୍ତରଙ୍ଗ,୭।୫(ସଂଚାର ବ୍ୟୁରୋ): ମାଧମିକ ଶିକ୍ଷା ପରିଷଦ (ବୋର୍ଡ)ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ୨୦୨୪-୨୫ଶିକ୍ଷା ବର୍ଷର ପ୍ରକାଶ ପାଇଥିବା ଫଳାଫଳ ଅନୁସାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଲବଣ ସତ୍ୟାଗ୍ରହ ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠ, କୁହୁଡି ଛାତ୍ର ପ୍ରସାଦ କୁମାର ନାୟକ ଅସ୍ତରଙ୍ଗ ବ୍ଲକରେ ଟପ୍ପର ରେ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ମୋଟ ୬୦୦ନମ୍ବର ରୁ ୫୪୫ନମ୍ବର ରଖି ବିଦ୍ୟାଳୟ ପାଇଁ ତଥା ଅସ୍ତରଙ୍ଗ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଖବର ମୁତାବକ ବୁଧବାର ପୂର୍ବାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଲବଣ ସତ୍ୟାଗ୍ରହ ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠ, କୁହୁଡି ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ତରୁଣ କୁମାର ନାୟକଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବିଦ୍ୟାଳୟ ଶିକ୍ଷୟତ୍ରୀ ନିରୁପମା ମିଶ୍ର, କବିତା ନାୟକ, ଶିକ୍ଷକ ସନାତନ ପରିଡା, ଅମୀୟ କୁମାର ମିଶ୍ର, ସୁଧାକର ତ୍ରିପାଠୀ, କବିସୂର୍ଯ୍ୟ ମଲ୍ଲ, ହୃଷିକେଶ ନାୟକ, ପ୍ରତାପ ନାୟକ, ବନ ବିହାରୀ ଜେନା ଙ୍କ ସହ ବିଦ୍ୟାଳୟ ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଯୋଗଦାନ କରି ସଦ୍ୟ ପ୍ରକାଶିତ ମାଟ୍ରିକ ପରୀକ୍ଷାରେ ଅସ୍ତରଙ୍ଗ ବ୍ଲକରେ ଟପ୍ପର ରେ ପଞ୍ଚମ ସ୍ଥାନରେ ଥିବା ପ୍ରସାଦ କୁମାର ନାୟକ (୫୪୫) ଙ୍କ ସହ ଲିପ୍ସା ପ୍ରିୟଦର୍ଶିନୀ ମୁଦୁଲି ଓ ସୋମ୍ୟ ରଞ୍ଜନ ପାତ୍ର ବିଦ୍ୟାଳୟ ରେ ଭଲ ନମ୍ବର ରଖିଥିବା ବେଳେ ମେଧାବୀ ଛାତ୍ର, ଛାତ୍ରୀ ଙ୍କୁ ଉପସ୍ଥିତ ଶିକ୍ଷକ, ଶିକ୍ଷୟତ୍ରୀ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

## ଏମପିଏସ ସଙ୍ଘ ତରଫରୁ ଶିକ୍ଷୟତ୍ରୀଙ୍କୁ ଅବସକାଳୀନ ସମ୍ବର୍ଦ୍ଧନା

ଗୋପ,୭।୫(ସଂଚାର ବ୍ୟୁରୋ): ମନୁଷ୍ୟ ଜୀବନ ରେ ଯଦି କିଛି ଅଧିକ ଜାଣିବାର ଇଛା ଥାଏ ତେବେ ଶିକ୍ଷାହିଁ ଏକମାତ୍ର ମାର୍ଗ ଯାହାପାଖରେ ଯେତେ ଅଧିକ ସୂଚନା ସିଏ ସେତେ ଶକ୍ତିଶାଳୀ ଆଉ ସିଏ ସମସ୍ତ ଜ୍ଞାନ କୌଶଳର ଅଧିକାରୀ ମଧ୍ୟ ହୋଇଥାଏ। ସମସ୍ତ ଶିଶୁଙ୍କର ପ୍ରାରମ୍ଭରୁ ଗୁରୁ ହେଲେ ପିତାମାତା ଦ୍ୱିତୀୟ ଗୁରୁ ହେଲେ ଶ୍ରେଣୀର ଶିକ୍ଷକ ଓ ଶିକ୍ଷୟତ୍ରୀ। ଏମିତି କିଛି ଅନେକ ହିତଉପଦେଶ ଦେଇଥିଲେ ସ୍ମୃତିରାଣୀ ମିଶ୍ର ତାଙ୍କ ଅବସକାଳୀନ ସମ୍ବର୍ଦ୍ଧନା ଉତ୍ସବ ରେ। ଗୋପ ଶିକ୍ଷା ମଣ୍ଡଳ ଅଧିନସ୍ତ ତରଙ୍ଗୀର ଗଜାନନ ଉପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ଶ୍ରୀମତୀ ସ୍ମୃତିରାଣୀ ମିଶ୍ରଙ୍କୁ ବିଦାୟୀ ଦେଲାବେଳେ ଉପସ୍ଥିତ ଅତିଥିଙ୍କ ମୁହରୁ ଅନେକ ଭାବପୂର୍ଣ୍ଣ ବକ୍ତ୍ୟବ୍ୟ ଶୁଣିବାକୁ ମିଳିଥିଲା। ସମସ୍ତ ଛାତ୍ର ଛାତ୍ରୀଙ୍କ ଗହଣରେ ସ୍ମୃତିରାଣୀ ସ୍ମୃତି ସାଉଁଠିଥିଲେ ଆଉ ଉପସ୍ଥିତ ଥିବା ସମସ୍ତ ଅତିଥି ବୃନ୍ଦ ନିଜ ନିଜର ଅନୁଭୂତି କୁ ତାଙ୍କ ଅବିଭାଷଣ ମାଧ୍ୟମରେ ପ୍ରଦାନ କରିଥିଲେ। ଉକ୍ତ ଅବସରକାଳୀନ ଉତ୍ସବ ରେ ସଭାପତିତ୍ୱ କରିଥିଲେ ତରଙ୍ଗୀରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ବେହେରା, ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ପୂର୍ବତନ ପ୍ରଧାନଶିକ୍ଷକ ଯୁବରାଜ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ରବୀନ୍ଦ୍ର ବେହେରା, ସମ୍ମାନୀତ ଅତିଥି ଭାବେ ସୁକାନ୍ତ କୁମାର ଶତୃଶଲ୍ୟ, ଦୀପକ କୁମାର ସେନାପତି ସି ଆର ସି ସି ଗୋପ କ୍ଲଷ୍ଟୋର, ଶେକ ମକସୁଦ ହୋସେନ ସମ୍ପାଦକ ଏନ ପି ଏସ ଶିକ୍ଷକ ସଂଘ ଗୋପ ବ୍ଲକ, ମୁସାହିଦ ତହସିନ ପରୁୱାଜ ଉପ-ସଭାପତି ଶିକ୍ଷକ ସଂଘ ପ୍ରଦୀପ ପ୍ରଜ୍ୱଳନ କରି ସମ୍ବର୍ଦ୍ଧନା ସଭାଟିକୁ ଉଦଘାଟନ କରିଥିଲେ।

## ଆତ୍ମାର ନୂତନ ଅଧ୍ୟକ୍ଷ ହେଲେ ଲଡୁ କିଶୋର

ଡେଲାଙ୍ଗ,୭।୫(ସଂଚାର ବ୍ୟୁରୋ): କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର, ଡେଲାଙ୍ଗ (ଆତ୍ମା)ନୂତନ ଅଧକ୍ଷ ଭାବେ ଲଡୁ କିଶୋର ରାୟ ସର୍ବସମିତ କ୍ରମେ ମନୋନୀତ ହୋଇଛନ୍ତି। ଏହି ଉପଲକ୍ଷେ ଏକ ବୈଠକ ଆତ୍ମା କାର୍ଯ୍ୟାଳୟ, ଡେଲାଙ୍ଗ, ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ କୃଷି ଅଧିକାରୀ ମାନସି ମଧୁବାସିନୀ ପଶାୟତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ମାନ୍ୟବର ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇ ପ୍ରଥମେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ନୂତନ ସମ୍ପ୍ରସାରଣ ଗୃହକୁ ଲୋକାର୍ପଣ କରିଥିଲେ। ତାଙ୍କ ସହିତ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ପ୍ରଜ୍ଞା ଛୋଟରାୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ, କୃଷି ଜିଲ୍ଲା ଅଧିକାରୀ ଡ଼ ପରେଶ କୁମାର ପଣ୍ଡା, ଏବଂ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ର ପ୍ରାକ୍ତନ କମିଶନର ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ଏଏଓ ମନୋଜ କୁମାର ବାରିକ ଓ ବିଟିଏମ ଜ୍ଞାନ ରଞ୍ଜନ ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏଥିସହିତ ମଣ୍ଡଳ ସ୍ତରୀୟ କୃଷି, ଉଦ୍ୟାନ, ମୃତ୍ତିକା ସଂରକ୍ଷଣ, ପଶୁ




ଓ ମତ୍ସ୍ୟ ବିଭାଗ ଅଧିକାରୀ ଓ ଭିଏଡଲୁଙ୍କ ସମେତ ନବଗଠିତ ଆତ୍ମା କମିଟି ର ସଦସ୍ୟ/ସଦସ୍ୟା ମାନେ ଉପସ୍ଥିତ ଥିଲେ। ସର୍ବସମିତି କ୍ରମେ ଆତ୍ମାର ନୂତନ ଅଧକ୍ଷ ଭାବେ ଲଡୁ କିଶୋର ରାୟଙ୍କୁ ମନୋନୀତ କରାଯାଇଥିଲା। ନୂତନ ଅଧକ୍ଷ ଶ୍ରୀ ରାୟଙ୍କୁ ବିଧାୟକ ଉତ୍ତରୀୟ ଓ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସେହିପରି କମିଟି ର ନୂତନ ସଦସ୍ୟ ଅଜୟ ମାର୍ଥା ଓ ଅନ୍ୟ ସଦସ୍ୟ /ସଦସ୍ୟା ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।ଏହା କୃଷକ ଶଶକ୍ତିକରଣ ଓ କୃଷି ର ବିକାଶ ଦିଗରେ କରିବ ବୋଲି ବିଧାୟକ ଶ୍ରୀ ପଟ୍ଟନାୟକ ଅଭିଭାଷଣ ରଖିଥିଲେ । ଶେଷରେ ଆତ୍ମର ନୂଆ ଅଧକ୍ଷ ଶ୍ରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

### ବ୍ଲକରେ ଫଳକ ରାଜନୀତି

## ଗୋଟିଏ ପ୍ରକଳ୍ପ ପାଇଁ ଦୁଇ ଥର ହେଲା ଶିଳାନ୍ୟାସ



ନାଉଗାଁ,୭।୫(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅନ୍ତର୍ଗତ ଡେରିକି ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ବୁଧବାର ଶିଳାନ୍ୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇ ନୂତନ କାର୍ଯ୍ୟାଳୟର ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୫ ମାସ ତଳେ ଅର୍ଥାତ ୨୦୨୪ ଫେବୃଆରୀ ୨୯ରେ ତତ୍କାଳୀନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଦ୍ୱାରା ପ୍ରଥମେ ଶିଳାନ୍ୟାସ କରାଯାଇଥିଲା। ଏପରିକି ଏହି ଗୃହ ନିର୍ମାଣ ପାଇଁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରାଯିବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗର ଜଗତସିଂହପୁର ବିଭାଜନ ଦ୍ୱାରା ଟେଣ୍ଡର କରାଯାଇ ଠିକାଦାର ମଧ ଚୟନ କରାଯାଇଥିଲା। ଯେଉଁ ସ୍ଥାନରେ ଉକ୍ତ କାର୍ଯ୍ୟାଳୟ ନିର୍ମାଣ କରାଯିବା ପାଇଁ ସ୍ଥାନ ଚିହ୍ନଟ କରାଯାଇଥିଲା। ସେଠାରେ ଜନୈକ ବ୍ୟକ୍ତି ଜବରଦଖଲ କରିଥିବା ହେତୁ ତହସିଲ ପକ୍ଷରୁ ଉକ୍ତ ସ୍ଥାନକୁ ଜବରଦଖଲ ମୁକ୍ତ ମଧ କରାଯାଇଥିଲା। କିନ୍ତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇନଥିଲା। ଦ୍ୱିତୀୟ ଥର ପାଇଁ ପୁନର୍ବାର ଶିଳାନ୍ୟାସ କରାଯାଇଥିବାରୁ ଉକ୍ତ ବ୍ଲକରେ ଫଳକ ରାଜନୀତି ଜୋର ଧରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏବିଷୟରେ ବିଧାୟକ ଅମରେନ୍ଦ୍ର ଦାସଙ୍କୁ ପଚାରିବାରେ ପ୍ରଥମେ ଶିଳାନ୍ୟାସ କରିଥିଲେ କାହିଁକି ଗୃହ ନିର୍ମାଣ କରିପାରି ନଥିଲେ ସେବିଷୟରେ ସେମାନେ କହିପାରିବେ। ଆଜି ଯେଉଁ ଶିଳାନ୍ୟାସ କରାଗଲା ୬ ମାସ ମଧରେ କାର୍ଯ୍ୟ ଶେଷ କରାଯାଇ ଉଦ୍ଘାଟନ କରାଯିବ। କାର୍ଯ୍ୟାଳୟ ସହ ଆବାସିକ ଗୃହ ରହୁଥିବାରୁ ଜନସାଧାରଣମାନେ ଆଠ ଘଣ୍ଟା ପରବର୍ତ୍ତେ ୨୪ଘଣ୍ଟା ସେବା ପାଇ ପାରିବେ। ଉକ୍ତ ପ୍ରକଳ୍ପ ପାଇଁ ୧ କୋଟି ୬ ଲକ୍ଷ ୫୬ ହଜାର ଟଙ୍କା ବ୍ୟୟ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଥର ଶିଳାନ୍ୟାସ ବିଷୟରେ ବିଭାଗର ଏସଡିଓ ଇଂ.ମଞ୍ଜୁଲତା ଟୁଡୁଙ୍କୁ ପଚାରିବାରେ ଜମିଜମା ବିବାଦ ଥିବାରୁ ଗୃହ ନିର୍ମାଣ କରାଯାଇ ପାରି ନଥିବା କହିଥିଲେ।

## କ୍ରୀଡ଼ାମନ୍ତ୍ରୀଙ୍କ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିଦର୍ଶନ



ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ): ଆଜି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତମାଣ୍ଡୋସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ ମହାବିଦ୍ୟାଳୟର ଏକାଡେମିକ୍ ବିଲଡିଂ, ପାଠାଗାର, ଛାତ୍ରାବାସ, କ୍ରୀଡ଼ା ଭିତ୍ତିଭୂମି ଯଥା ଫୁଟବଲ୍ ଗ୍ରାଉଣ୍ଡ, ଆଥଲେଟିକ୍ ଟ୍ରାକ୍, ଇଣ୍ଡୋର ସୁଇମିଂ ପୁଲ୍ ଆଦି ବୁଲି ଦେଖିବା ସହ ବିଭିନ୍ନ ନିର୍ମାଣଧୀନ ପ୍ରକଳ୍ପ ଏବଂ ମହାବିଦ୍ୟାଳୟରେ ମଲ୍ଟି ପରପଜ୍ ହଲ୍ ଓ ମର୍ଡନ୍ ଆଇସିଟି ଲ୍ୟାବ୍ ନିର୍ମାଣ ପାଇଁ କରାଯାଉଥିବା କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ମହାବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ କରାଯାଉଥିବା ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମାପ୍ତ କରିବା ନିମନ୍ତେ ମନ୍ତ୍ରୀ ଶ୍ରୀ ସୂରଜ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ସମସ୍ତ ଛାତ୍ରଛାତ୍ରୀମାନଙ୍କ ସହ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କ ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରିଥିଲେ। ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ବିକାଶ ନିମନ୍ତେ ତୃଣମୂଳ ସ୍ତରରୁ ଆମ ସରକାର କାର୍ଯ୍ୟ କରୁଛନ୍ତି। ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଯିବା ସହିତ ସେମାନଙ୍କର ଦକ୍ଷତା ବିକାଶ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯିବା ଉଚିତ।




'ଅପରେସନ୍ ସିନ୍ଦୂର'ର ସଫଳତା ପରେ ଭୁବନେଶ୍ୱର ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ସେଲିବ୍ରେସନ୍

## ୩ ବଙ୍ଗ ଏଟିଏମ ଲୁଟେରା ଗିରଫ

- ୫୧ ଏଟିଏମ କାର୍ଡ ଲକ୍ଷାଧିକ ଟଙ୍କା ମୋବାଇଲ ଫୋନ ଜବତ



ଖୋର୍ଦ୍ଧା,୭।୫(ସଂଚାର ବ୍ୟୁରୋ): ଜଙ୍କିଆ ପୋଲିସକୁ ମିଳିଛି ବଡ ସଫଳତା। ସ୍ଥାନୀୟ ଅଞ୍ଚଳରେ ଏଟିଏମ୍ ରୁ ଲୁଟ କରୁଥିବା ପଶ୍ଚିମବଙ୍ଗର ୩ଜଣ ଲୁଟେରାଙ୍କୁ ଗିରଫ କରିଛି ପୋଲିସ। ଗିରଫ ଲୁଟେରା ମାନଙ୍କ ଠାରୁ ବିଭିନ୍ନ ବ୍ୟାଙ୍କର ୫୧ଟି ଏଟିଏମ କାର୍ଡ ନଗଦ ୧, ୨୦, ୦୦୦, (ଏକଲକ୍ଷ କୋଡିଏ ହଜାର)ଟଙ୍କା ଦୁଇଟି ମୋବାଇଲ ଫୋନ ଜବତ ହୋଇଛି ବୋଲି ଆଜି ପୁଲିସ ମୁଖ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି। ସୂଚନାରୁ ଜଣାପଡ଼ିଛି ଗିରଫ ୩ଜଣ ଲୁଟେରା ସୋମବାର ସଂନ୍ଧ୍ୟା ସମୟରେ ଜଙ୍କିଆ ଛକ ଠାରେ ଥିବା ଏସବିଆଇ ଏଟିଏମ ରୁ ଜଣେ ବ୍ୟକ୍ତି ଟଙ୍କା ଉଠାଇବାକୁ ଯାଇଥିବା ବେଳେ ଦୁଇ ଜଣ ଯୁବକ କୌଶଳ କରି ଉକ୍ତ ବ୍ୟକ୍ତିଙ୍କ ଏଟିଏମ କାର୍ଡକୁ ଲୁଟି ନେଇ ପଳାଉଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଦୁଇ ଜଣଙ୍କୁ ଧରି ଜଙ୍କିଆ ପୋଲିସରେ ଜିମା ଦେଇଥିଲେ।ପୋଲିସ ଦୁଇଜଣଙ୍କୁ ଅଟକ ରଖି ଖୋଳତାଡ କରିବା ପରେ ଏଟିଏମ ଲୁଟେରା ଦଳକୁ ଧରିବାରେ ସଫଳ ହୋଇଛି। ଗିରଫମାନେ ହେଲେ ପଶ୍ଚିମବଙ୍ଗ ସାଉଥ ୨୪ ପ୍ରଗଣା ଜିଲ୍ଲା ବାରିୟୁପୁର ଥାନା ଦେଓପଡା ଗ୍ରାମର ଜଗନ୍ନାଥ ଘରଣୀ (୪୨) ଓ ରାଜୁ ବର୍ମନ (୩୨) ଏବଂ ସାଉଥ ୨୪ ପ୍ରଗଣା ଜିଲ୍ଲା ସୁନାରପୁର ଥାନା ହସନପୁରର ରୋହିତ ଖାନ (୨୪)। ଗିରଫ ଲୁଟେରାଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ। ଗିରଫ ଅଭିଯୁକ୍ତ ମାନେ ପେସାଦାର ଏଟିଏମ ଲୁଟେରା। ନିୟମିତ ଭାବରେ ଯୋଜନା ବଦ୍ଧ ଭାବରେ ଲୁଟେରା ମାନେ ଏଟିଏମ କାଉଁଟର ଭିତରେ ଠିଆ ହୋଇଥାନ୍ତି କୌଣସି ବ୍ୟକ୍ତି ଏଟିଏମ କୁ ଟଙ୍କା ଉଠାଇବାକୁ ଯିବା ବେଳେ ଲୁଟେରା ମାନେ କୌଶଳ କରି ଏଟିଏମ ର ସିକ୍ରେଟ ନମ୍ବର ସହିତ ଏଟିଏମ କୁ ଲୁଟି ନେଇଥାନ୍ତି। ପରବର୍ତ୍ତୀ ସମୟରେ ଏଟିଏମ ରେ ଥିବା ସମସ୍ତ ଟଙ୍କା କୁ ଉଠାଇ ମଉଜ ମଜଲିସ କରି ସୌଖିନ ଜୀବନ ବିତାଇଥାନ୍ତି।

## ଗୋଟିଏ ଜଗନ୍ନାଥ ଧାମ, ତାହା ହେଉଛି ପୁରୀ: ବୈଜୟନ୍ତ



ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ): ଦୀଘାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ 'ଜଗନ୍ନାଥ ଧାମ' ନାମ ଦେଇ ଓଡ଼ିଶାବାସୀଙ୍କ ଭାବାବେଗକୁ ଆଘାତ ଦେଇଛନ୍ତି। ମମତାଙ୍କୁ ଏଥିପାଇଁ ଓଡ଼ିଶାରେ କଡ଼ା ସମାଲୋଚନା କରାଯାଉଥିବା ବେଳେ ମନ୍ଦିରରୁ 'ଧାମ' ହଟାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଚିଠି ଲେଖି ନିବେଦନ କରିସାରିଛନ୍ତି। ଏବେ ଏହି ପ୍ରସଙ୍ଗରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ମୁହଁ ଖୋଲିଛନ୍ତି। ଏହି ପ୍ରମୁଖ ବରିଷ୍ଠ ନେତା ସୋସିଆଲ୍ ମିଡିଆ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ଦେଶରେ ଏକମାତ୍ର ଜଗନ୍ନାଥ ଧାମ ରହିଛି ଆଉ ତା' ପୁରୀରେ ହିଁ ରହିଛି ବୋଲି ସେ କହିଛନ୍ତି। ବିଶ୍ୱରେ ଯେପରି କେବଳ ଗୋଟିଏ ଭାଟିକାନ୍ ଓ ଗୋଟିଏ କାବା ରହିଛି, ସମାନ ଢଙ୍ଗରେ ଧାମ ଶବ୍ଦ ମଧ୍ୟ କେବଳ ପୁରୀ ଜଗନ୍ନାଥ ମନ୍ଦିର ପାଇଁ ଉଦ୍ଦିଷ୍ଟ ବୋଲି ସାଂସଦ ଶ୍ରୀ ପଣ୍ଡା କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପଶ୍ଚିମବଙ୍ଗରେ ନିର୍ମିତ ମନ୍ଦିର ଜଗନ୍ନାଥଙ୍କ ପ୍ରତିକୃତି ହୋଇପାରେ। କିନ୍ତୁ ଏହାକୁ କଦାପି ଶ୍ରୀକ୍ଷେତ୍ରର ଜଗନ୍ନାଥ ଧାମ ହୋଇପାରିବ ନାହିଁ। ବିଶ୍ୱରେ ମଧ୍ୟ ଅନେକ ଜଗନ୍ନାଥ ମନ୍ଦିର ଅଛି। କିନ୍ତୁ କେହି ନିଜକୁ ଧାମ ବୋଲି କହୁନାହାଁନ୍ତି। ସେହିପରି ଧାମ ଏକ ପବିତ୍ର ନାମ। ଭାରତରେ କେବଳ ୪ଟି ଏପରି ପବିତ୍ର ସ୍ଥଳ ଅଛି। ତେଣୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ହିନ୍ଦୁ ପରମ୍ପରା ଓ ଓଡ଼ିଆ ଭାବନାକୁ ଉପହାସ କରିଛନ୍ତି ବୋଲି ସାଂସଦ କହିଛନ୍ତି।

## ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏନ୍‌କ୍ୱାସ୍ ଟିମ୍ ଦ୍ୱାରା ପରୀକ୍ଷଣ



ବୋରିଗୁମ୍ମା,୭।୫ (ସଂଚାର ବ୍ୟୁରୋ): ବୋରିଗୁମ୍ମା ବ୍ଲକ ବିଜାପୁର ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କୁ ଦୁଇ ଜଣିଆ ନେସନାଲ୍ କ୍ୱାଲିଟି ଆସୁରାନ୍ସ ଟିମ୍ ଦ୍ୱାରା ଭର୍ଚୁଆଲ ମୋଡ ରେ ଆଜି ପରୀକ୍ଷଣ ହୋଇଯାଇଛି। ଦୁଇ ଜଣିଆ ଉଚ୍ଚ ସ୍ତରୀୟ ଏନ୍ କ୍ୱା ସ୍ ଟିମ୍ ଦ୍ୱାରା ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତ୍ୟକ୍ଷ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ରେ ଆନୁସଙ୍ଗିକ ବ୍ୟବସ୍ଥା, ରୋଗୀଙ୍କୁ ମିଳୁଥିବା ସେବା ଓ ପାରିବେଶିକ ସ୍ୱଚ୍ଛତା ଭଳି ସାତ ଗୋଟି ପେକେଜ୍ କୁ ଏହି ଟିମ୍ ପରଖିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ଆର୍ ବିଭିନ୍ନ ବ୍ୟବସ୍ଥା ଉପରେ ଏହି ଟିମ୍ ତନ୍ନତନ୍ନ କରି ତଦାରଖ କରିଥିବା ଜଣାପଡ଼ିଛି। ନିରାମୟ ଯୋଜନା, ନିଦାନ, ଅଣ ସଂକ୍ରମିତ ରୋଗ, ଯକ୍ଷ୍ମା, ସ୍ତ୍ରୀ ଓ ପ୍ରସୂତି ବିଭାଗ, ବର୍ଯ୍ୟ ବସ୍ତୁ ପରିଚାଳନା ଭଳି ଅନେକ ଗୁଡ଼ିଏ ବିଭାଗ ର ସ୍ଥିତି ପରଖିଥିଲେ। ବିଜାପୁର ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ବିଭାଗ ବୁଲି କର୍ମଚାରୀ ମାନଙ୍କୁ ସ୍ୱାସ୍ଥ୍ୟ ସେବା ବାବଦରେ ତନ୍ନ ତନ୍ନ କରି ପଚାରି ବୁଝି ଥିଲେ। ଡାକ୍ତର ବର୍ଷା ବସନ୍ତ ଗଡ଼ଭେ ଏବଂ ମିସ୍ ଅନ୍ନଧି ସତ୍ୟା କୁମାର ଭର୍ଚୁଆଲ ମାଧ୍ୟମ ରେ ବିଭିନ୍ନ ସ୍ୱାସ୍ଥ୍ୟ ସେବା ର ପରୀକ୍ଷଣ କରିଥିଲେ।ଏହି କାର୍ଯ୍ୟକ୍ରମ ବେଳେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଭାସ୍କର ପାଣିଗ୍ରାହୀ, ଶ୍ରୀନିବାସ ରାଓ, ଗୋଲକ ବିହାରୀ ଚୌଧୁରୀ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

ଡଃ ଅଭିନ୍ନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଛାତ୍ର ସଂସଦ ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ଖୋଲିବ 'ହୋମିଓପାଥି ଗବେଷଣା ଓ ବିଶ୍ଳେଷଣ ବିଭାଗ'



**ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ସ୍ଥାନୀୟ ଡଃ ଅଭିନ୍ନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ ଏମର୍ଜେନ୍ସି ୟୁନିଟ୍‌ର ଶିଳାନ୍ୟାସ କରିବା ସହ

- ଏମର୍ଜେନ୍ସି ୟୁନିଟର ଶିଳାନ୍ୟାସ
- ପ୍ରତିଷ୍ଠା ହେବ ୩ ସମନ୍ୱିତ ଆୟୁଷ ଚିକିତ୍ସାଳୟ

କଲେଜ୍‌ରେ 'ହୋମିଓପାଥି ଗବେଷଣା ଓ ବିଶ୍ଳେଷଣ ବିଭାଗ' ଖୋଲାଯିବ ବୋଲି ଘୋଷଣା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ହୋମିଓପାଥିକ୍ ଶିକ୍ଷାର ପ୍ରସାର ଓ ଚିକିତ୍ସାର ଲୋକପ୍ରିୟତା ବୃଦ୍ଧି ଦିଗରେ ଡଃ ଅଭିନ୍ନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଅବଦାନ ଅତୁଳନୀୟ। ଏହା ରାଜ୍ୟର ଏକ ପ୍ରତିଷ୍ଠିତ କଲେଜ ହୋଇଥିବା ବେଳେ ହୋମିଓପାଥିକ୍ ଶିକ୍ଷା, ଗବେଷଣା ଓ ପ୍ରଶିକ୍ଷଣ କ୍ଷେତ୍ରରେ ସାରା ଦେଶରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ବହନ କରେ। ଦୀର୍ଘ ୫୬ ବର୍ଷ ଧରି ଏହା ଅବିରତ ଶିକ୍ଷାର ପ୍ରସାର କରିଚାଲିଛି। ରାଜ୍ୟରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ରାଜ୍ୟ ସରକାର କ୍ରମାଗତ ଭାବେ ଉଦ୍ୟମ କରିଚାଲିଛନ୍ତି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ସାରା ଭାରତର ଆୟୁଷ ଅର୍ଥନୀତିର ପ୍ରାୟ ୧୫ ପ୍ରତିଶତ ହୋମିଓପାଥିକ ଚିକିତ୍ସା ବ୍ୟବସ୍ଥା ଦ୍ୱାରା ପରିଚାଳିତ। ରାଜ୍ୟରେ ବର୍ତ୍ତମାନ ଏହି ମହାବିଦ୍ୟାଳୟକୁ ମିଶାଇ ୪ଟି ସରକାରୀ ହୋମିଓପାଥିକ୍ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଅଛି। ଏଥିସହ ୫୬୭ଟି ସରକାରୀ ହୋମିଓପାଥିକ୍ ଡାକ୍ତରଖାନା ମଧ୍ୟ କାର୍ଯ୍ୟ କରୁଛନ୍ତି। ଆୟୁଷ ଚିକିତ୍ସାର ଉନ୍ନତି ପାଇଁ ରାଜ୍ୟ ସରକାର ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରଠାରେ ୩ଟି ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋମିଓପାଥିକ ଚିକିତ୍ସା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବେଳେ ଡଃ ଅଭିନ୍ନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ରଛାତ୍ରୀ ଏହାକୁ ଆହୁରି ଜନାଭିମୁଖୀ କରିଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ଡବଲ ଇଞ୍ଜିନ ସରକାର ଜୋରଦାର ଉଦ୍ୟମ ଆରମ୍ଭ କରିଛନ୍ତି। ଉଦ୍ୟମ ଏ କ୍ଷେତ୍ରରେ ଆମେ ଧାର୍ଯ୍ୟ ଲକ୍ଷ୍ୟକୁ ଅତିକ୍ରମ କରିବୁ ବୋଲି ମୋର ଦୃଢ଼ ବିଶ୍ୱାସ। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱଥି ଏସ, ପଦ୍ମଶ୍ରୀ ଡକ୍ଟର ଅଶୋକ ମହାପାତ୍ର, ମୁଖ୍ୟବକ୍ତା, ଡକ୍ଟର ଏଲ୍‌ଡେକ, ନନ୍ଦ ମଞ୍ଚାସୀନ ଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପୁଷ୍ପାଞ୍ଜଳି ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ଲିପକ ମହାପାତ୍ର ବିବରଣୀ ପାଠ କରିଥିବା ବେଳେ ସାଧାରଣ ସମ୍ପାଦକ ସୌମ୍ୟ ଦର୍ଶନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ଦୀଘା 'ଜଗନ୍ନାଥ ଧାମ' ନାମକରଣ ବିବାଦ

## ଇସ୍କନ ମାୟାପୁରୀ ଅଧ୍ୟକ୍ଷଙ୍କୁ ଗଜପତିଙ୍କ ଚିଠି



**ପୁରୀ,୭।୫(ସଂଚାର ବ୍ୟୁରୋ):** ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗ। ଦୀଘା ଜଗନ୍ନାଥ ମନ୍ଦିର ପରିଚାଳନା ଦାୟିତ୍ୱ ବା ଟ୍ରଷ୍ଟି ହେଉଛି ଇସ୍କନ। ଇସ୍କନକୁ ଚିଠି ଲେଖିଛନ୍ତି ଗଜପତି ମହାରାଜା। ଇସ୍କନ ମାୟାପୁରୀର ପରିଚାଳନା ମୁଖ୍ୟ ଗୋବର୍ଦ୍ଧନ ଦାସଙ୍କୁ ଚିଠି ଲେଖିଛନ୍ତି ଗଜପତି ଦିବ୍ୟସିଂହ ଦେବ। ଚିଠିରେ ଗଜପତି ମହାରାଜ ଜଣାଇଛନ୍ତି ଯେ, ଶ୍ରୀକ୍ଷେତ୍ର ବ୍ୟତୀତ ଆଉ କୌଣସି ସ୍ଥାନ କିମ୍ବା ମନ୍ଦିରକୁ ଜଗନ୍ନାଥ ଧାମ କୁହାଯିବା ଉଚିତ୍ ନୁହେଁ। ସନାତନ ବୈଦିକ ଧର୍ମର ସର୍ବୋଚ୍ଚ ଧାର୍ମିକ ଅଧିକାରୀ ହେଉଛନ୍ତି ପରମ ପୂଜ୍ୟ ଜଗତଗୁରୁ ଶଙ୍କରାଚାର୍ଯ୍ୟ। ସେହିପରି ଜଗତଗୁରୁ ଶଙ୍କରାଚାର୍ଯ୍ୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରା ଓ ସଂସ୍କୃତିର ଆଦି ଗୁରୁ ଏବଂ ପରମଗୁରୁ। ମୁକ୍ତିମଣ୍ଡପ ପଣ୍ଡିତ ସଭା କହିଛନ୍ତି ଦୀଘାର ଶ୍ରୀଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ଭାବରେ ନାମିତ କରାଯାଇପାରିବ ନାହିଁ। ଶ୍ରୀଜଗନ୍ନାଥ ଧାମ, ଶ୍ରୀ ପୁରୁଷୋତ୍ତମ ଧାମ ବା କ୍ଷେତ୍ର , ଶ୍ରୀକ୍ଷେତ୍ର ଓ ଶ୍ରୀ ନୀଳାଚଳ ଧାମ ପରି ନାମକରଣ କେବଳ ପୁରୀରେ ଥିବା ମହାପ୍ରଭୁ ପ୍ରଭୁ ଜଗନ୍ନାଥଙ୍କର ମୂଳ ପୀଠକୁ ବୁଝାଏ। ଅନ୍ୟ କୌଣସି ସ୍ଥାନ କିମ୍ବା ମନ୍ଦିର ପାଇଁ ଏହା ବ୍ୟବହାର ହୋଇପାରିବ ନାହିଁ ବୋଲି ଚିଠିରେ ଦର୍ଶାଇଛନ୍ତି।

## ବୁଲା କୁକୁର ଭୟରେ ଗାଁରେ ପଶିଲା ହରିଣ

- ଜଙ୍ଗଲରେ ଛାଡ଼ିଲା ବନ ବିଭାଗ

**ଆନନ୍ଦପୁର,୭।୫(ସଂଚାର ବ୍ୟୁରୋ):** ବୁଲା କୁକୁର ଆକ୍ରମଣ ଭୟରେ ଗାଁ ଭିତରେ ଏକ ହରିଣ ପଶିଯାଇଥିବା ବେଳେ ଏହାକୁ ସ୍ଥାନୀୟ ବନ ବିଭାଗର ଅଧିକାରୀମାନେ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି। ଆନନ୍ଦପୁର ବନଖଣ୍ଡ ଅଧୀନସ୍ଥ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ନିକଟବର୍ତ୍ତୀ ପୁରୁଣାବାନ୍ଧଗୋଡା ଗାଁ ଭିତରେ ଏହି ହରିଣଟି ବୁଲୁଥିବା ସମୟରେ ତାକୁ ବନ ବିଭାଗ କାବୁ କରିଥିଲା। ମିଳିଥିବା ସୂଚନାନୁସାରେ, ବୁଲା କୁକୁର ଆକ୍ରମଣ ଭୟରେ ଆଜି ସକାଳୁ ଉକ୍ତ ହରିଣଟି ପୁରୁଣା ବାନ୍ଧଗୋଡା ଗାଁ ଭିତରେ ପଶିଯାଇଥିଲା। ଗ୍ରାମର କେତେକ ଯୁବକ ହରିଣଟିକୁ ବୁଲା କୁକୁରଙ୍କ କବଳରୁ ଉଦ୍ଧାର କରି ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ପୁନର୍ବାର ବରାଙ୍ଗ ଜଙ୍ଗଲରେ ଛାଡ଼ି ଦେଇଥିଲେ। ଗ୍ରାମବାସୀଙ୍କ କହିବାନୁସାରେ, ଗ୍ରୀଷ୍ମଦିନ ଆରମ୍ଭରୁ ହରିଣ ଓ କୁଟୁରା ଶୋଷ ମେଣ୍ଟାଇବା ସକାଶେ ଗାଁମୁହାଁ ହେଉଥିବାରୁ ଅନେକ ସମୟରେ ଶିକାରୀ କୁକୁରଙ୍କ ହାବୁଡ଼ରେ ପଡ଼ି ମୃତ୍ୟୁବରଣ କରୁଛନ୍ତି। ତେଣୁ ହରିଣ ଓ କୁଟୁରାମାନଙ୍କୁ ବୁଲା କୁକୁରଙ୍କଠାରୁ ଉଦ୍ଧାର କରିବା ଦିଗରେ ବନ ବିଭାଗ ପକ୍ଷରୁ ତୀକ୍ଷଣ ନଜର ରଖିବା ସକାଶେ ଗ୍ରାମବାସୀ ଦାବି କରିଛନ୍ତି।

## ଏନ୍‌କାଉଣ୍ଟର୍‌ରେ ୨୨ ମାଓବାଦୀ ନିହତ

**ମାଲକାନଗିରି,୭।୫(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର କାରେଗୁଟା ଜଙ୍ଗଲରେ ପୁଲିସ ଓ ମାଓବାଦୀ ମଧ୍ୟରେ ବଡ଼ ଧରଣର ଗୁଳିବିନିମୟ ହୋଇଛି। ଏଥିରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨୨ ଜଣ ମାଓବାଦୀ ନିହତ ହୋଇଛନ୍ତି। ଏଥିସହ ଆହୁରି ୨୦ରୁ ୨୨ ମାଓବାଦୀ ନିହତ ହୋଇଥିବା ସୁରକ୍ଷାକର୍ମୀ ଦାବି କରିଛନ୍ତି। ଏନ୍‌କାଉଣ୍ଟର୍ ପରେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି। ଘଟଣାସ୍ଥଳରୁ ସୁରକ୍ଷାକର୍ମୀମାନେ ବନ୍ଧୁକ ସହ ବିପୁଳ ପରିମାଣର ମାଓ ବିସ୍ଫୋରକ ମଧ୍ୟ ଜବତ କରିଛନ୍ତି। ଏହି ଅପରେସନ୍‌ରେ ଡିଆର୍‌ଜି, ଏସ୍‌ଟିଏଫ୍ ଓ ସିଆରପିଏଫ୍‌ର କୋବ୍ରା ବାହିନୀର ପାଖାପାଖି ୧୦ ହଜାର ସୁରକ୍ଷାକର୍ମୀ ମିଳିତ ଭାବେ ଅଂଶଗ୍ରହଣ କରିଥିଲେ। ପାଖାପାଖି ୧୫ ଦିନ ତଳୁ ଏହି ଅପରେସନ୍ ଆରମ୍ଭ ହୋଇଥିବା ବେଳେ ଏବେ ସୁରକ୍ଷାକର୍ମୀମାନଙ୍କୁ ବଡ଼ ଧରଣର ସଫଳତା ମିଳିଛି। ଛତିଶଗଡ଼ ସରକାରଙ୍କ ସମେତ ପୁଲିସ ବିଭାଗ ଓ ସିଆରପିଏଫର ଉଚ୍ଚ ପଦାଧିକାରୀମାନେ ଏହି ଘଟଣା ଉପରେ ନଜର ରଖିଛନ୍ତି। ଗତ କିଛି ଦିନ ମଧ୍ୟରେ କାରେଗୁଟ୍ଟା ଜଙ୍ଗଲରୁ ୨୫୦ଟି ଲ୍ୟାଣ୍ଡମାଇନ ମଧ୍ୟ ଉଦ୍ଧାର କରାଯାଇଛି।

କ୍ୟାବିନେଟର ନିଷ୍ପତ୍ତିକୁ ଧର୍ମେନ୍ଦ୍ରଙ୍କ ସ୍ୱାଗତ

# ଉନ୍ନତ ପ୍ରଶିକ୍ଷଣ ପାଇଁ ସୁଦୃଢ଼ ହେବ ଭିତ୍ତିଭୂମି

**ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଭାରତରେ ଧନ୍ଦାମୂଳକ ଶିକ୍ଷାରେ ପରିବର୍ତ୍ତନ ଆଣିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ମୋଟ୍ ୬୦ ହଜାର କୋଟି ଟଙ୍କା ବ୍ୟୟରେ ଜାତୀୟ ଦକ୍ଷତା

- ୧ ହଜାର ସରକାରୀ ଆଇଟିଆଇର ଉନ୍ନତିକରଣକୁ ଗୁରୁତ୍ୱ
- ୫ଟି ଆଇଆଇଟିର ଭିତ୍ତିଭୂମି ସମ୍ପ୍ରସାରଣ ପାଇଁ ୧୧,୮୨୮ କୋଟି ମଞ୍ଜୁର



ପ୍ରଶିକ୍ଷଣ ପ୍ରତିଷ୍ଠାନ (ଆଇଟିଆଇ)ର ଉନ୍ନତିକରଣ ଯୋଜନା ଓ ଦକ୍ଷତା ବୃଦ୍ଧି ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାକୁ ଅନୁମୋଦନ ମିଳିଥିବା ବେଳେ ଏହାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। ଏହି ଯୋଜନାରେ ୧ ହଜାର ସରକାରୀ ଆଇଟିଆଇର ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯିବା ସହ ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ସହ ଶିଳ୍ପସଂଯୁକ୍ତ ସଂଶୋଧିତ ଟ୍ରେଡ୍ (ପାଠ୍ୟକ୍ରମ) ଓ ୫ଟି ଜାତୀୟ ଦକ୍ଷତା ପ୍ରଶିକ୍ଷଣ ଅନୁଷ୍ଠାନର ଦକ୍ଷତା ବୃଦ୍ଧି ଉପରେ ଆଲୋଚନା କରାଯିବ। ଏହି ଯୋଜନା ଅଧୀନରେ ଭୁବନେଶ୍ୱର, ଚେନ୍ନାଇ, ହାଇଦ୍ରାବାଦ, କାନପୁର ଓ ଲୁଧିଆନା ଭଳି ଜାତୀୟ ଦକ୍ଷତା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପ୍ରଶିକ୍ଷକଙ୍କୁ ଉନ୍ନତ ପ୍ରଶିକ୍ଷଣ ଦେବା ସକାଶେ ଭିତ୍ତିଭୂମିର ଉନ୍ନତିକରଣ ହେବ। ଏଥିସହ ୫୦ ହଜାର ପ୍ରଶିକ୍ଷକଙ୍କୁ ପ୍ରାକ୍ ସେବା ଓ ଚାକିରିକାଳୀନ ପ୍ରଶିକ୍ଷଣ ଦିଆଯିବ। ଏହି ନିଷ୍ପତ୍ତି ଦକ୍ଷତା ବିକାଶ ପରିସଂସ୍ଥାନକୁ ପ୍ରୋତ୍ସାହିତ କରିବା ସହ ଦୀର୍ଘଦିନର ଚ୍ୟାଲେଞ୍ଜର ସମାଧାନ ହେବ। ପାରମ୍ପରିକ ଓ ନୂତନ ଯୁଗର ବାଣିଜ୍ୟରେ ଶିଳ୍ପ-କର୍ମଚାରୀ ବ୍ୟବଧାନ ଦୂର ହେବ। ଆଇଟିଆଇଗୁଡ଼ିକୁ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରାଯିବ। ଆଗାମୀ ୫ ବର୍ଷରେ ୨୦ ଲକ୍ଷରୁ ଅଧିକ ଯୁବକଙ୍କ ଦକ୍ଷତାକୁ ଉନ୍ନତ କରାଯିବା ଦିଗରେ ଏହା ବିଶେଷ ସହାୟକ ହେବ ବୋଲି କେନ୍ଦ୍ର ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦକ୍ଷତା ବିକାଶ ଏକ ବିକଳ୍ପ ନୁହେଁ। ବରଂ ଏକ ଜାତୀୟ ଆବଶ୍ୟକତା। ଏହି ଦୂରଦର୍ଶୀ ନିଷ୍ପତ୍ତି ଭବିଷ୍ୟତର ଭାରତକୁ ବିଶ୍ୱର ଦକ୍ଷତା ରାଜଧାନୀର ପରିଚୟ ଦେବ। ସେହିପରି କେନ୍ଦ୍ର କ୍ୟାବିନେଟ୍ ୫ଟି ଆଇଆଇଟି ଯଥା ଆଇଆଇଟି ତିରୁପତି, ଆଇଆଇଟି ପଲକ୍କଡ, ଆଇଆଇଟି ଭିଲାଇ, ଆଇଆଇଟି ଜମ୍ମୁ ଓ ଆଇଆଇଟି ଧାରୱାଡର ଶୈକ୍ଷିକ ଓ ଭିତ୍ତିଭୂମି ସମ୍ପ୍ରସାରଣ ପାଇଁ ମୋଟ ୧୧ ହଜାର ୮୨୮ କୋଟି ୭୯ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ବିଶ୍ୱସ୍ତରୀୟ ଶିକ୍ଷା, ନବସୃଜନ ଓ ଗବେଷଣାର ଅଧିକ ସୁଯୋଗ ସହ ଦେଶର ଯୁବପିଢ଼ିକୁ ସଶକ୍ତ କରିବା ଦିଗରେ ନିଆଯାଇଥିବା ପଦକ୍ଷେପ ସକାଶେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ଏଥିସହ ଶ୍ରୀ ପ୍ରଧାନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ର କ୍ୟାବିନେଟ୍‌ଙ୍କ ନିଷ୍ପତ୍ତି ଫଳରେ ଆଇଆଇଟିଗୁଡ଼ିକରେ ଛାତ୍ରଛାତ୍ରୀ ସଂଖ୍ୟା ସାଢ଼େ ୬ ହଜାରକୁ ବୃଦ୍ଧି ପାଇବ। ୫ଟି ନୂତନ ଅତ୍ୟାଧୁନିକ ଗବେଷଣା ପାର୍କ ପାଇଁ ରାସ୍ତା ପ୍ରଶସ୍ତ ହେବ। ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ଉଦ୍ଭାବନ ଓ ପ୍ରଗତିକୁ ପ୍ରୋତ୍ସାହନ ମିଳିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ଗତି ମିଳିବ। ମୋଦି ସରକାରରେ ୨୩ଟି ଆଇଆଇଟିରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୦୦ ପ୍ରତିଶତ ବୃଦ୍ଧି ପାଇଛି। ପୂର୍ବରୁ ଏହା ୬୫ ହଜାର ଥିବା ବେଳେ ଏବେ ୧ ଲକ୍ଷ ୩୫ ହଜାରରେ ପହଞ୍ଚିଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।



ସରକାରୀ ଦପ୍ତରରେ ଅୟସ

କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କନିଷ୍ଠ କିରାଣୀ ଦୀକ୍ଷିତ କୁମାର ସ୍ୱାଇଁ ଓ ଭବାନୀ ଶଙ୍କର ସ୍ୱାଇଁଙ୍କ ମଦର ଆସର, ଶୋଇବା ବି ଛାଡ଼ ନାହିଁ

# ନିଶ୍ଚିନ୍ତକୋଇଲିରେ ମୋହନ-ନବୀନ ମୁହାଁମୁହିଁ

**ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ):** କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ବ୍ଲକରେ ଏବେ ମୋହନ-ନବୀନ ମୁହାଁମୁହିଁ। ବ୍ଲକର ଅଧ୍ୟକ୍ଷ ପରିବର୍ତ୍ତନକୁ ନେଇ ରାଜ୍ୟର ଦୁଇ ସର୍ବୋଚ୍ଚ ନେତାଙ୍କ ଇଜ୍ଜତ ଏଠାରେ ବାଜିରେ ଲାଗିଥିବା ବେଳେ ଦୁଇ ଦଳ ପକ୍ଷରୁ ଜୋରଦାର କସରତ ଚାଲିଛି। ତେବେ ବ୍ଲକ ଅଧ୍ୟକ୍ଷାଙ୍କୁ ବଦଳାଇବା ପାଇଁ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଖୋଲାଖୋଲି ଭାବେ ମଇଦାନକୁ ଆସିଥିବା ବେଳେ କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ କାର୍ଯ୍ୟ କିନ୍ତୁ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି।

- ଇଜ୍ଜତ ରକ୍ଷା ଲାଗି ଲାଗିଛନ୍ତି ସେନାପତି
- ସାରଦା ସ୍ପଷ୍ଟ - ପ୍ରକାଶ ଅସ୍ପଷ୍ଟ



ପୂର୍ବରୁ ନିଶ୍ଚିନ୍ତକୋଇଲି ବ୍ଲକର ଉପାଧ୍ୟକ୍ଷ ପଦବୀ ପାଇଁ ଲଢେଇରେ ସାରଦା ବାଜିମାତ୍ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମସ୍ତ ରଣକୌଶଳ ସତ୍ତ୍ୱେ ରେ ସାରଦାଙ୍କ ସମର୍ଥିତ ଉପାଧ୍ୟକ୍ଷ ପ୍ରାର୍ଥୀ ବିଜୟୀ ହୋଇଥିଲେ। ସେତେବେଳେ ଉପାଧ୍ୟକ୍ଷ ପଦବୀ ପାଇଁ ସଦର ବିଧାୟକ ପ୍ରକାଶ ସେଠୀ ନିଜର ସମର୍ଥକଙ୍କୁ ଛିଡ଼ା କରାଇ ସାରଦାଙ୍କ ବାଟ ଓଗାଳିଥିଲେ ମଧ୍ୟ ସେଥିରେ ସଫଳ ହୋଇନଥିଲେ। ଶେଷରେ ବିଜେପି ଏଠାରେ ସଫଳ ହୋଇଥିଲା।

ଏବେ ଅଧ୍ୟକ୍ଷା ରୋଜି ସେଠୀଙ୍କୁ ହଟାଇବା ପାଇଁ ଲାଗି ପଡ଼ିଛନ୍ତି ସାରଦା। ଆସନ୍ତା ୧୩ ତାରିଖରେ ଏଥିପାଇଁ ଅନାସ୍ଥା ଭୋଟ ହେବ। ତେବେ ଏଠାରେ ଏବେ ଉଭୟ ମୋହନ ଓ ନବୀନଙ୍କ ଇଜ୍ଜତ ଏକପ୍ରକାର ବାଜିରେ ଲାଗିଛି। କାରଣ ବିଜେଡିର ଅଧ୍ୟକ୍ଷା ଥିବା ବେଳେ ତାକୁ ବିଜେପି ହାତେଇବାକୁ ଲାଗିପଡ଼ିଛି। ନବୀନ ପୁନର୍ବାର ସଭାପତି ପଦରେ ବସିବା ପରେ ଏହି ଆସନ ଯେଭଳି ହାତରୁ ନଯାଏ, ସେଥିପାଇଁ ଲାଗିପଡ଼ିଛନ୍ତି। ପୂର୍ବତନ ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କୁ ଡାକି ଏନେଇ ଆଲୋଚନା କରିଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ବି ଲାଗିଛନ୍ତି। ହେଲେ ଉଭୟ ମିଶି ସାରଦାଙ୍କ ମୁକାବିଲା କରିପାରୁନାହାନ୍ତି ।

ତେବେ ଏଠାରେ ବଡ଼ ସମସ୍ୟା ପାଲଟିଛନ୍ତି ବିଜେପିର ବିଧାୟକ ପ୍ରକାଶ ସେଠୀ। ସିଏ କେଉଁ ଆଡକୁ ଢଳିବେ, ତାହା ଅସ୍ପଷ୍ଟ ହୋଇ ରହିଛି। ଉଲ୍ଲେଖନୀୟ ଯେ ନିଶ୍ଚିତକୋଇଲି ବ୍ଲକ ଅଧୀନରେ ୪୧ଟି ପଞ୍ଚାୟତ ଥିବା ବେଳେ ସେଥିରୁ ୧୪ଟି କଟକ ସଦର ବିଧାୟକଙ୍କ ଇଲାକାରେ ରହିଛି। ତେଣୁ ତାଙ୍କ ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟମାନେ କେଉଁଆଡେ ଯିବେ ତାହା ଜାଣିହେଉନାହିଁ। ପ୍ରକାଶ ବି ଏମାନଙ୍କୁ ଡାକି ଘନ ଘନ ବୈଠକ କରୁଛନ୍ତି। ଯେହେତୁ ଉପାଧ୍ୟକ୍ଷ ନିର୍ବାଚନରେ ପ୍ରକାଶ ପ୍ରାର୍ଥୀ ଦେଇଥିଲେ, ତେଣୁ ଏବେ ଅଧ୍ୟକ୍ଷ ଭୋଟରେ ତାଙ୍କର ନିଷ୍ପତ୍ତି କ'ଣ ହେବ, ତାହା ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଛି।

ଏଣେ କିନ୍ତୁ କୌଣସି ପରିସ୍ଥିତିରେ ବିଜେପି କିମ୍ବା ବିଜେଡି ଏଠାରେ ହାରିବାକୁ ଚାହୁଁନାହାନ୍ତି। କାରଣ ମୋହନଙ୍କ ପାଇଁ ଏହି ଲଢେଇ ଏବେ ସମ୍ମାନର ପ୍ରଶ୍ନ ହୋଇଛି। ତାଙ୍କ ପାଇଁ ସ୍ୱାଧୀନ ବିଧାୟକ ସାରଦା ଶିଙ୍ଗ ପକାଇ ଲଢୁଥିବା ବେଳେ ନିଜ ଦଳର ବିଧାୟକଙ୍କ ଅସ୍ପଷ୍ଟତା ଏବେ ଚିନ୍ତାର କାରଣ ହୋଇଛି। ଏଣେ ନବୀନଙ୍କ ଇଜ୍ଜତ ସହ ଗଡ଼ରକ୍ଷା ପାଇଁ ବିଜେଡି ଟିମ୍ ଲାଗିଛି। ତେଣୁ ସମସ୍ତଙ୍କ ଅପେକ୍ଷା ଆସନ୍ତା ୧୩କୁ।

## ମାଇଁ ୧୧ ସର୍କଲ୍‌ରେ କୋଟିପତି ହେଲେ ସୁକାନ୍ତ

- କରଜ ଶୁଝିବେ, ସମାଜ କଲ୍ୟାଣ ପାଇଁ ଖର୍ଚ୍ଚ କରିବେ



**ପୁରୀ,୭।୫(ସଂଚାର ବ୍ୟୁରୋ):** କଥାରେ ଅଛି ଭଗବାନ ଯେତେବେଳେ ବି ଦିଅନ୍ତି ଛପର ଫାଡ଼ିକି ଦିଅନ୍ତି। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ସିଆରା ଗ୍ରାମର ସୁକାନ୍ତ ପ୍ରଧାନଙ୍କ କ୍ଷେତ୍ରରେ ଏଇୟା ହିଁ ଘଟିଛି। ରାତାରାତି ତାଙ୍କ ଭାଗ୍ୟ ବଦଳିଯାଇଛି। କାରଣ ଅନଲାଇନ୍ ଗେମ୍ ଖେଳି ସେ ଜିତିଛନ୍ତି ୩ କୋଟି। ଅଧିକନ୍ତୁ ସେ ଏକ ମହିନ୍ଦ୍ରା ଥାର୍ ମଧ୍ୟ ଜିତିବାରେ ସକ୍ଷମ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, ଗତକାଲି ମୁମ୍ବାଇ ଓ ଗୁଜୁରାଟ ମଧ୍ୟରେ ଆଇପିଏଲ ଟକ୍କର ଚାଲିଥିବା ବେଳେ ସୁକାନ୍ତ ପ୍ରାୟ ୧୪ଟି ଟିମ୍ କରି ମାଇଁ ୧୧ ସର୍କଲ୍‌ରେ ଖେଳିବା ଆରମ୍ଭ କରିଥିଲେ। ରାତି ପ୍ରାୟ ୧୧ଟା ସମୟରେ ତାଙ୍କ ୱାଲେଟ୍‌ରେ ୩ କୋଟି ଟଙ୍କା ଆସିଥିଲା। ଏଥିସହ ସେ ଏକ ମହିନ୍ଦ୍ରା ଥାର୍ ଜିତିଛନ୍ତି। ଏହା ଜାଣିବା ପରେ ସୁକାନ୍ତ ଭାବବିହ୍ୱଳ ହୋଇପଡ଼ିଛନ୍ତି। ତାଙ୍କ ପାଖକୁ ଏବେ ସାଙ୍ଗ ସାଥୀଙ୍କ ଶୁଭେଚ୍ଛାର ସୁଅ ଛୁଟିଛି। ସୁକାନ୍ତ ଜଣେ କ୍ରିକେଟପ୍ରେମୀ ଓ ସେ ବହୁଦିନ ଧରି କ୍ରିକେଟ ଖେଳିଆସୁଛନ୍ତି। ଆର୍ ଅଶ୍ୱିନଙ୍କୁ ଅଧିନାୟକ କରି ଖେଳି ସେ ଏହି ସଫଳତା ହାସଲ କରିଛନ୍ତି। ତେବେ ସେ ଏକକାଳୀନ ଏତେ ଟଙ୍କା ପାଇଥିବାରୁ ଏହାକୁ କେମିତି ଖର୍ଚ୍ଚ କରିବେ, ସେସମ୍ପର୍କରେ ସୁକାନ୍ତ କହିଛନ୍ତି ଯେ ତାଙ୍କ ମୁଣ୍ଡ ଉପରେ ଅନେକ କରଜ ଅଛି। ଜିତିଥିବା ଟଙ୍କାରେ ଏହି ଋଣ ଶୁଝିବେ ଓ ଆଉ କିଛି ଟଙ୍କା ସମାଜ କଲ୍ୟାଣ କାର୍ଯ୍ୟରେ ଲଗାଇବେ। ତେବେ ସୁକାନ୍ତଙ୍କ ଏପରି ସଫଳତା ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

## ସିନେମା ଷ୍ଟାଇଲରେ ଗଞ୍ଜେଇ ବେପାରୀଙ୍କୁ ଧରିଲା ପୁଲିସ

- ୪ ଗିରଫ, ୫୦ କିଗ୍ରା ଗଞ୍ଜେଇ ଜବତ

**ଦାରିଙ୍ଗବାଡ଼ି,୭।୫(ସଂଚାର ବ୍ୟୁରୋ):** ଗଞ୍ଜେଇ ବେପାରୀ ଛନ୍ଦି ହୋଇଛନ୍ତି ପୁଲିସ ପଞ୍ଝାରେ। ତେବେ ଜଣେ କି ଦୁଇ ଜଣ ନୁହଁ, ବରଂ ୪ ଜଣ ଗଞ୍ଜେଇ ବେପାରୀଙ୍କୁ ସିନେମା ଷ୍ଟାଇଲରେ ଗିରଫ କରିବାରେ ସକ୍ଷମ ହୋଇଛି ପୁଲିସ୍। କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନାଞ୍ଚଳର ଜାତୀୟ ରାଜପଥରୁ ଗୋଡ଼ାଇ ଗୋଡ଼ାଇ ଏହି ଗଞ୍ଜେଇ ବେପାରୀମାନଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନାନୁସାରେ, ପ୍ରତିଦିନ ଭଳି ଗତକାଲି ମଧ୍ୟ ପୁଲିସ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ଜାରି ରହିଥିଲା। ତେବେ ଏହି ସମୟରେ ଏକ କାର ଉପରେ ସନ୍ଦେହ ହେବାରୁ ପାଟ୍ରୋଲିଂରେ ଥିବା ପୁଲିସ ତାକୁ ଅଟକାଇଥିଲା। ଉକ୍ତ କାରରେ ଚାଳକଙ୍କ ସହ ଅନ୍ୟ ଦୁଇ ଜଣ ଥିଲେ। ପୁଲିସ୍ ସେମାନଙ୍କୁ ପଚରାଉଚରା କରିବା ପରେ ଚାଳକଙ୍କ କଥାରେ ତାଳମେଳ ରହିନଥିଲା। ଏଥିସହ ଚାଳକଙ୍କୁ ପୂର୍ବରୁ ସବଇନ୍ସପେକ୍ଟର ଜୟନ୍ତ କୁମାର ସେଠୀ ଦେଖିବା ଭଳି ଅନୁଭବ ହେବାରୁ ସେ ତାଙ୍କ ମୋବାଇଲରେ ଏକ ମାମଲାରେ ଅଭିଯୁକ୍ତ ଥିବା ଜଣେ ବ୍ୟକ୍ତଙ୍କ ଫଟୋ ସହ ମେଳ କରିଥିଲେ। ଉକ୍ତ ଚାଳକ ଜଣଙ୍କ ଫେରାର ଅଭିଯୁକ୍ତ ଅରୁଣ ନାହାକ ଓ ତାଙ୍କ ଘର ଗଞ୍ଜାମ ଜିଲ୍ଲା ରମ୍ଭା ଥାନା କଣ୍ଟାପଡ଼ାରେ ବୋଲି ଶ୍ରୀ ସେଠୀ ଜାଣିବାକୁ ପାଇଥିଲେ। ପୂର୍ବରୁ ସେ ଏକ ଗଞ୍ଜେଇ ମାମଲାରେ ପୁଲିସ ପଞ୍ଝାରୁ ଖସି ପଳାଇଥିଲେ। ଅରୁଣ ଓ ତାଙ୍କ ସହଯୋଗୀଙ୍କୁ ଥାନାକୁ ଆଣି ମଧ୍ୟ ପୁଲିସ୍ ପଚରାଉଚରା କରିଥିଲା। ପଚରାଉଚରା ସମୟରେ ଅରୁଣ ପୁଲିସକୁ ସବୁ ସତ କହିବା ସହ ସେମାନେ ମାଷ୍ଟରମାଇଣ୍ଡ ରଞ୍ଜିତ ନାହାକଙ୍କ ସହ ୫ ଜଣ ଗଞ୍ଜେଇ ନେବାକୁ ଆସିଥିବା କହିଥିଲେ। ଏହାର ସୁଯୋଗ ନେଇ ପୁଲିସ ଅରୁଣ ଓ ତାଙ୍କ ସହଯୋଗୀଙ୍କୁ ଥାନାରେ ବସାଇ ତାଙ୍କ କାର ଓ ମୋବାଇଲକୁ ବ୍ୟବହାର କରି ସବଇନ୍ସପେକ୍ଟର ଶ୍ରୀ ସେଠୀ, ତଦନ୍ତକାରୀ ଅଧିକାରୀ ଲକ୍ଷ୍ମୀ ମାଝୀ ସଦଳବଳ ଉକ୍ତ କାରରେ ଗଞ୍ଜେଇ ଥିବା ସ୍ଥାନକୁ ଯାଇ ଅନ୍ୟ ଅଭିଯୁକ୍ତଙ୍କ ସମେତ ଗଞ୍ଜେଇ ଜବତ କରିଥିଲେ। ତେବେ କୌଶଳ କ୍ରମେ ମାଷ୍ଟରମାଇଣ୍ଡ ରଞ୍ଜିତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପୁଲିସ ମୋଟ ୪ ଜଣ ତଥା ଅରୁଣ ନାହାକଙ୍କ ସମେତ ରମ୍ଭା ଥାନା ଅଞ୍ଚଳ ଏଚ. ବୁରୁଡି ଗ୍ରାମର ବିଶ୍ୱଜିତ ନାହାକ, କଣ୍ଟାପଡ଼ା ଗ୍ରାମର ରମାକାନ୍ତ ନାହାକ ଓ ଦାରିଙ୍ଗବାଡି ବାଲିଗୁଡା ଅଞ୍ଚଳ ସାମନବାଡି ଗ୍ରାମର ସଞ୍ଜୀବ ଦିଗଲଙ୍କୁ ଗିରଫ କରିଛି।

# ବେଗୁନିଆରେ ସାଂସଦ ଅପରାଜିତାଙ୍କ ବିଶାଳ ସମାବେଶ

**ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ବେଗୁନିଆରେ ଆଜି ଏକ ବିଶାଳ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ହୋଇଥିଲା। ଏଥିରେ ବେଗୁନିଆର ଶତାଧିକ ନେତା ଓ ରାଜନୈତିକ କର୍ମୀ, ସମିତି ସଭ୍ୟ ପ୍ରକାଶ ବଳିୟାରସିଂଙ୍କ ସହ ବିଜେପିରେ ସାମିଲ ହୋଇଛନ୍ତି। ଏହି ଅବସରରେ ପୂର୍ବତନ ଆଇନଜୀବୀ, ଯୁବନେତା, ମହିଳା ମୋର୍ଚ୍ଚାର ଅନେକ ନେତା ମଧ୍ୟ ପଦ୍ମ ଧରିଛନ୍ତି। ୩ ହଜାରରୁ ଅଧିକ ଲୋକଙ୍କୁ ନେଇ ବେଗୁନିଆ ପୋଷ୍ଟ ଅଫିସଠାରୁ ସାଂସଦ ଅପରାଜିତାଙ୍କୁ ସ୍ୱାଗତ କରିଥିଲା ଏକ ବିଶାଳ ପଦଯାତ୍ରା। ବେଗୁନିଆ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ବିଶାଳ ପଦଯାତ୍ରାରେ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ପାଛୋଟି ନେବା ପରେ ଆୟୋଜିତ ହୋଇଥିଲା ରାଜନୈତିକ ସଭା ଓ ମିଶ୍ରଣ ପର୍ବ। ଏହି ମିଶ୍ରଣ ପର୍ବରେ ୮ ହଜାରରୁ ଅଧିକ ଲୋକ ଯୋଗ ଦେଇଥିଲେ। ବିଜେପିରେ ସାମିଲ ହୋଇଥିବା ପ୍ରତ୍ୟକ ନେତା ଓ କର୍ମୀଙ୍କୁ ସାଂସଦ ଦଳୀୟ ଉପଢୌକନ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ଅବସରରେ ସାମିଲ୍ ହୋଇଥିବା ସମସ୍ତ ନେତା ଓ କର୍ମୀ ଏବଂ ସମବେତ ହଜାର ହଜାର ଜନତାଙ୍କୁ ସମ୍ବୋଧନ କରିଥିଲେ ସାଂସଦ ଅପରାଜିତା। ସେ କହିଥିଲେ ଯେ ରାଜନୀତିରେ ମୋର ମୂଳମନ୍ତ୍ର ହେଉଛି ପ୍ରଥମେ ବିକାଶ, ଦ୍ୱିତୀୟରେ ସେବା, ତୃତୀୟରେ ଅଭିଯୋଗ ଶୁଣାଣି ଓ ଚତୁର୍ଥରେ ଏହାର ସମାଧାନ। ଏହି ତିନୋଟି ଜିନିଷ ମୋତେ ରାଜନୀତି ଶିଖାଇଛି ବୋଲି ଜୋର୍ ଦେଇ କହିଥିଲେ ଅପରାଜିତା। ଏହାକୁ ଆଧାର କରି ମୁଁ ଆଜି ମଧ୍ୟ ରାଜନୀତି ମୈଦାନରେ ଚାଲୁଛି । ଏହା ମୋର ରାଜନୀତିର ପରିଭାଷା, ଲୋକମାନେ ପଚାରନ୍ତି ମାଡାମ ଆପଣ ଏତେ ସାହସ କେଉଁଠୁ ପାଆନ୍ତି, ମୁଁ କହେ ସାଧାରଣ ମା'ମାଉସୀଙ୍କ ହୁଳହୁଳି ଓ କରତାଳି, ବଡ଼ ଭାଇମାନଙ୍କ ସମର୍ଥନ ହିଁ ମୋତେ ବଳ ଯୋଗାଏ। ୨୦୧୯ରୁ ପ୍ରଥମ ଥର ନିର୍ବାଚିତ ହେବା ପରେ ମୁଁ ଚିନ୍ତା କରିଥିଲି, ମୋ ସାଂସଦୀୟ କ୍ଷେତ୍ର ମଧ୍ୟରେ କୌଣସି ଲୋକ ଯେପରି ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଯୋଜନାରୁ ଯେପରି ବଂଚିତ ନହୁଏ। ସେଥିପାଇଁ ମୁଁ ରାଜ୍ୟ ସରକାର ଓ କେନ୍ଦ୍ରର ଅଧିକାରୀଙ୍କ ସହ ଆଲୋଚନା କରି ଆପଣଙ୍କ ନିକଟରେ ବିଜୁଳି ଆଲୁଅ ପହଞ୍ଚି ପାରିନି, ସୌରଶକ୍ତି , ସ୍ୱେରେଜ, ପ୍ରତ୍ୟେକ ଘରେ ପିଇବା ପାଣି, କଚ୍ଚା ଘରରୁ ପକ୍କା ଘର, ମା'ମାଉସୀଙ୍କ ଭତ୍ତା ପହଞ୍ଚାଇବାକୁ ଚେଷ୍ଟା କରିଛି। ଆଜି ମଧ୍ୟ ମୋ ନିର୍ବାଚନମଣ୍ଡଳୀରେ କେହି କଚ୍ଚା ଘରେ ନ ରହୁ, ସେ ନେଇ ଉଦ୍ୟମ କରୁଛି। ଆଜି ବେଗୁନିଆରେ ଆପଣ ଯେଉଁ ଶତାଧିକ ଲୋକ ପଦ୍ମ ଧରିଛନ୍ତି, ବେଗୁନିଆ ଅଞ୍ଚଳରେ ଆମର ଶକ୍ତି ବୃଦ୍ଧି କରିଛି। ବେଗୁନିଆରେ ଏହି ବିଶାଳ ମିଶ୍ରଣ ପର୍ବ ଏବଂ ସଭାରେ ଖୋର୍ଦ୍ଧା ସାଂସଦ ଅପରାଜିତାଙ୍କ ସହ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବେଗୁନିଆ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି, ଖୋର୍ଦ୍ଧା ବିଜେପି ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ସାଂସଦଙ୍କ ପ୍ରତିନିଧି ବିଦ୍ୟୁତ କାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ପଦ୍ମ ଧରିଲେ ଶତାଧିକ ନେତା ଓ କର୍ମୀ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




‘ଅପରେସନ ସିନ୍ଦୂର’ ମହଙ୍ଗା ପଡ଼ିଲା

# ବାଣିଜ୍ୟ କାରବାରରେ ଭାରତୀୟ ମୁଦ୍ରାର ପଛୁଆଗତି



**ମୁମ୍ବାଇ, ୭।୫:** ପହଲଗାମ ଆତଙ୍କବାଦୀ ଘଟଣା ପରେ ଶେଷରେ ଭାରତ ପାକିସ୍ତାନ ବିରୁଦ୍ଧରେ ଆନୁଷ୍ଠାନିକ ପଦକ୍ଷେପ ଗ୍ରହଣ କରିଛି। ଭାରତୀୟ ସେନାର ଅପରେସନ ସିନ୍ଦୂର ପାକିସ୍ତାନକୁ ବଡ଼ ଝଟକା ଦେଇଛି। ଭାରତୀୟ ସଶସ୍ତ୍ର ବାହିନୀ ମଙ୍ଗଳବାର-ବୁଧବାର ଅଧରାତିରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀରରେ ନଅଟି ଅଞ୍ଚଳର ୨୧ ଆତଙ୍କବାଦୀ ଶିବିର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲେ। ବାହାବଲପୁରରେ ଜୈଶ୍-ଏ-ମହମ୍ମଦର ଏକ ଗଡ଼ ଏବଂ ମୁରିଦକେରେ ଲସ୍କର-ଏ-ତୋଇବାର ଆଡ୍ଡା ଧ୍ୱଂସ ହୋଇଯାଇଛି। ଅନ୍ୟପକ୍ଷରେ ଅପରେସନ ସିନ୍ଦୂର ଭାରତୀୟ ମୁଦ୍ରା ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି।

ବୁଧବାର ପ୍ରାରମ୍ଭିକ ବାଣିଜ୍ୟ କାରବାରରେ ଭାରତୀୟ ମୁଦ୍ରାରେ ୩୧ ପଇସାର ଏକ ବଡ଼ ହ୍ରାସ ଦେଖିବାକୁ ମିଳିଛି। ଯାହା ପରେ ଡଲାର ତୁଳନାରେ ଟଙ୍କା ପ୍ରତି ଡଲାର ପିଛା ୮୪.୬୬କୁ ହ୍ରାସ ପାଇଛି।

ପାକିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀରରେ ଆତଙ୍କବାଦୀ ଶିବିର ଉପରେ ସାମରିକ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବା ଦ୍ୱାରା ଭାରତୀୟ ମୁଦ୍ରାର ମୂଲ୍ୟ ପ୍ରଭାବିତ ହୋଇଛି ବୋଲି ବିଦେଶୀ ମୁଦ୍ରା ବ୍ୟବସାୟୀମାନେ କହିଛନ୍ତି। ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବିନିମୟ ବଜାରରେ ଟଙ୍କା ଡଲାର ପ୍ରତି ୮୪.୬୫ ରେ ଖୋଲିଥିଲା। ତା’ପରେ ଏହା ଡଲାର ତୁଳନାରେ ୮୪.୬୬କୁ ହ୍ରାସ ପାଇଥିଲା। ଯାହା ପୂର୍ବ ବନ୍ଦ ମୂଲ୍ୟ ତୁଳନାରେ ୩୧ ପଇସା ହ୍ରାସ ଦର୍ଶାଉଛି। ମଙ୍ଗଳବାର ଦିନ ଆମେରିକୀୟ ଡଲାର ତୁଳନାରେ ଟଙ୍କା ୮୪.୩୫ରେ ବନ୍ଦ ହୋଇଥିଲା। ଏହା ପୂର୍ବରୁ, ଟଙ୍କାରେ ବହୁତ ଭଲ ବୃଦ୍ଧି ଦେଖାଯାଇଥିଲା। ଗତ ସପ୍ତାହରେ ଏହା ୮୩ ଟଙ୍କା ସ୍ତରକୁ ଆସିଥିଲା। ଏହା ପରେ, ଟଙ୍କାର ମୂଲ୍ୟରେ କ୍ରମାଗତ ହ୍ରାସ ଦେଖିବାକୁ ମିଳିଥିଲା।

ଫିନରେକ୍ସ ଟ୍ରେଜେରୀ ଆଡଭାଇଜର୍ସ ଏଲଏଲପିର ଟ୍ରେଜେରୀ ମୁଖ୍ୟ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଭସାଲି କହିଛନ୍ତି ଯେ, ସଟ୍ଟାବାଜ ଏବଂ ଆତଙ୍କିତ ଆମଦାନୀକାରୀଙ୍କ ଦ୍ୱାରା କିଛି ଡଲାର କ୍ରୟ ହୋଇପାରେ, କିନ୍ତୁ ଆମେ ବିଶ୍ୱାସ କରୁଛୁ ଯେ ଟଙ୍କାର କୌଣସି ବଡ଼ ହ୍ରାସକୁ ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ସେଠାରେ ରହିବ। ଭଂସାଲି କହିଛନ୍ତି, ଆମେ ଇକ୍ୱିଟି ବଜାରରେ ଏଫଆଇଇ ଦ୍ୱାରା କିଛି ବିକ୍ରୟ ଆଶା କରୁଛୁ, ଯଦିଓ ଏହା ଧୀର ହୋଇପାରେ କାରଣ ପରବର୍ତ୍ତୀ ଖବର ଆସିବା ପର୍ଯ୍ୟନ୍ତ ନିବେଶକ ଅପେକ୍ଷା କରିବାକୁ ଚାହାନ୍ତି।

ବୁଧବାର ବଜାରରେ ଅସ୍ଥିରତାର ସମ୍ଭାବନା ଅଛି, କିନ୍ତୁ ଆମେ ପୂର୍ବରୁ କହିଥିଲୁ, ବଜାରର ଅସ୍ଥିରତାକୁ ନିୟନ୍ତ୍ରଣ କରିବା ଆରବିଆଇ ଉପରେ ନିର୍ଭର କରିବ। ଏହିକ୍ରମରେ ଆରବିଆଇ ନିଷ୍ପତ୍ତି ନେବ ଯେ,ବୁଧବାର ଟଙ୍କା କେଉଁଠାରେ ଶେଷ ହେବ।

ଏପରିସ୍ଥଳେ ଡଲାର ସୂଚକାଙ୍କ ଛଅଟି ପ୍ରମୁଖ ମୁଦ୍ରା ବିରୁଦ୍ଧରେ ଆମେରିକୀୟ ଡଲାରର ସ୍ଥିତି ଦର୍ଶାଇଛି। ଡଲାର ୦,୩୦ପ୍ରତିଶତ ବୃଦ୍ଧି ପାଇ ୯୯.୫୩ ରେ ପହଞ୍ଚିଛି। ଘରୋଇ ଷ୍ଟକ୍ ବଜାରରେ, ବିଏସଇ ସେନସେକ୍ସ ୧୦୭.୭୪ ପଏଣ୍ଟ ହ୍ରାସ ପାଇ ୮୦,୫୩୩.୩୩ ପଏଣ୍ଟରେ ପହଞ୍ଚିଛି। ସେହିପରି ନିଫ୍ଟି ୨୪.୩୫ପଏଣ୍ଟ ହ୍ରାସ ପାଇ ୨୪,୩୫୫.୨୫ ପଏଣ୍ଟରେ ପହଞ୍ଚିଛି। ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ୦.୬୮ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ୍ ପିଛା ୬୨.୫୭ ଡଲାରରେ ପହଞ୍ଚିଛି। ଷ୍ଟକ୍ ମାର୍କେଟ ତଥ୍ୟ ଅନୁଯାୟୀ, ମଙ୍ଗଳବାର ବିଦେଶୀ ସଂସ୍ଥାଗତ ନିବେଶକମାନେ (ଏଫଆଇଆଇ) କ୍ରେତା ଥିଲେ। ସେମାନେ ୩,୭୯୪.୫୨କୋଟି ଟଙ୍କାର ସେୟାର କିଣିଥିଲେ।

# ଭାରତରେ ହ୍ୟୁଣ୍ଡାଇର ୨୯ ବର୍ଷ ବିକିଛି ୧୨.୭ ନିୟୁତ ଗାଡ଼ି



**ଚେନ୍ନାଇ, ୭।୫:** ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ ଏହାର ୨୯ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ୧୯୯୬ ମେ’ ୬ରେ କମ୍ପାନି ପ୍ରତିଷ୍ଠା ହୋଇଥିଲା ଯାହା ପରବର୍ତ୍ତୀ ସମୟରେ ଭାରତର ସବୁଠୁ ବିଶ୍ୱସନୀୟ ଅଟୋମୋବାଇଲ୍ ବ୍ରାଣ୍ଡରେ ପରିଣତ ହୋଇପାରିଛି। ଏହି ଅବସରରେ କମ୍ପାନିର ପରିଚାଳନା ନିର୍ଦ୍ଦେଶକ ଉନ୍‌ସୋ କିମ୍ କହିଛନ୍ତି ଯେ ବିଶ୍ୱ ବିନିର୍ମାଣ ଓ ବାଣିଜ୍ୟ ପାଇଁ ଭାରତକୁ କେନ୍ଦ୍ର ସ୍ଥଳରେ ରଖି ୨୯ ବର୍ଷ ପୂର୍ବେ ମିଳିତ ପ୍ରଗତିର ଲକ୍ଷ୍ୟ ନେଇ ହ୍ୟୁଣ୍ଡାଇ ଏହାର ଯାତ୍ରା ଆରମ୍ଭ କରିଥିଲା। ବର୍ତ୍ତମାନ ସୁଦ୍ଧା ଆମେ ଯେଉଁ ପଥ ଅତିକ୍ରମ କରିଛୁ, ତାହାକୁ ନେଇ ବେଶ୍ ଗର୍ବିତ। କେବଳ ସ୍ମାର୍ଟ ଗମନାଗମନ ସମାଧାନ ନୁହେଁ, ଗ୍ରାହକଙ୍କ ସହିତ ଗମ୍ଭୀର ସମ୍ପର୍କ ଏକ ନବସୃଜନ ଓ ସ୍ଥାୟିତ୍ୱକୁ ପ୍ରତିଫଳିତ କରୁଥିବା ଏକ ଭବିଷ୍ୟତ ରହିଛି। ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ‘ମାନବତା ପାଇଁ ପ୍ରଗତି’କୁ ପାଥେୟ କରି କମ୍ପାନି ଉତ୍ପାଦ ଓ ସେବାରେ ରୂପାନ୍ତରଣ ଜାରି ରଖି ସମାଜ ପ୍ରତି ଅର୍ଥପୂର୍ଣ୍ଣ ଯୋଗଦାନ ପ୍ରଦାନ କରିବ ବୋଲି ସେ କହିଛନ୍ତି। ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ଅତ୍ୟାଧୁନିକ କାରଖାନା ସହ କମ୍ପାନି ଏହାର ଯାତ୍ରା ଆରମ୍ଭ କରିଥିଲା। ୧୯୯୮ରେ ତାହା କାର୍ଯ୍ୟକ୍ଷମ ହୋଇଥିଲା ଯାହା କୋରିଆ ବାହାରେ କମ୍ପାନିର ପ୍ରଥମ କାରଖାନା ଥିଲା। ସାଣ୍ଟ୍ରୋଠାରୁ କ୍ରେଟା ଏବଂ ଆଓନିକ୍ ୫ ଠାରୁ ଆଇପିଓ ପର୍ଯ୍ୟନ୍ତ ଭାରତର ଯାତ୍ରା ସହ କମ୍ପାନିର ଯାତ୍ରା ସମନ୍ୱିତ ରହିଛି। ଗତ ୨୯ ବର୍ଷ ଯାତ୍ରାରେ କମ୍ପାନି ଭାରତରେ ୬୦୦ କୋଟି ଡଲାର ନିବେଶ କରିଥିବା ବେଳେ ୧୨.୭ ନିୟୁତ ଗାଡ଼ି ବିକ୍ରି କରିଛି ଏବଂ ୧୫୦ରୁ ଅଧିକ ଦେଶକୁ ୩.୭ ନିୟୁତ ଗାଡ଼ି ରପ୍ତାନି କରିଛି। ନିକଟରେ କମ୍ପାନି ଚେନ୍ନାଇ କାରଖାନାର ଆଧୁନିକୀକରଣ ପାଇଁ ୧୫୦୦ କୋଟି ଟଙ୍କା ଆବଣ୍ଟନ କରିଛି। ମହାରାଷ୍ଟ୍ରର ତାଲେଗାଓଁରେ ସ୍ଥାପନ କରାଯାଉଥିବା କମ୍ପାନିର ନୂଆ କାରଖାନାରୁ ୨୦୨୫ ଚତୁର୍ଥ ତ୍ରୈମାସିକରେ ଉତ୍ପାଦନ ଆରମ୍ଭ କରିବା ଆଶା କରାଯାଉଛି।

# ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କଲେ ଭାରତ-ବ୍ରିଟେନ




**ନୂଆଦିଲ୍ଲୀ, ୭।୫:** ପାଲଟା ଶୁଳ୍କ ଲଗାଇବା ଲାଗି ଆମେରିକା ସାରା ବିଶ୍ୱକୁ ଧମକାଉଥିବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ବ୍ରିଟେନ୍ ସହ ମୁକ୍ତ ବାଣିଜ୍ୟ ରାଜିନାମା(ଏଫ୍‌ଟିଏ) ସ୍ୱାକ୍ଷର କରି ଭାରତ ସରକାର ଏକ ଐତିହାସିକ ସଫଳତା ପାଇଛନ୍ତି। ଉଭୟ ଦେଶ ଡବଲ୍ କଣ୍ଟ୍ରିବ୍ୟୁସନ୍ କନ୍‌ଭେନ୍‌ସନ୍ ପାଇଁ ମଧ ସହମତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ୍ ମିଡିଆରେ ଏହି ସୂଚନା ଦେଇଛନ୍ତି। ଡବଲ୍ କଣ୍ଟ୍ରିବ୍ୟୁସନ କନ୍‌ଭେନସନ୍ ହେଉଛି ଏଭଳି ଏକ ଚୁକ୍ତି ଯାହା ଦ୍ୱାରା ବିଦେଶରେ ଯାଇ କାମ କରୁଥିବା ଲୋକମାନେ ଉପକୃତ ହେବେ। ସେମାନଙ୍କୁ ଉଭୟ ଦେଶରେ ସାମାଜିକ ସୁରକ୍ଷା ଯୋଜନାର ଲାଭ ପାଇଁ ଯୋଗଦାନ ଦେବାକୁ ପଡ଼ିବ ନାହିଁ। ଫଳରେ ବେତନରୁ ଦୁଇ ଥର ଯୋଗଦାନ ରାଶି କଟିବ ନାହିଁ। ଏହା ଦ୍ୱାରା ନିଯୁକ୍ତିଦାତା ମଧ ଉପକୃତ ହେବେ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେଅର ଷ୍ଟାରମରଙ୍କ ସହ କଥା ହୋଇ ଖୁସି ଲାଗିଲା। ଉଭୟ ଦେଶ ମିଳିତ ଭାବେ ମୁକ୍ତ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ କରିଛନ୍ତି। ଏହି ଐତିହାସିକ ରାଜିନାମା ଦୁଇ ଦେଶର ସମ୍ପର୍କକୁ ଆହୁରି ମଜବୁତ କରିବ। ଏହା ଦୁଇ ଦେଶରେ ବାଣିଜ୍ୟ, ନିବେଶ, ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି ଓ ନବସୃଜନକୁ ପ୍ରୋତ୍ସାହିତ କରିବ। ଷ୍ଟାର୍‌ମର୍‌ଙ୍କୁ ଭାରତରେ ସ୍ୱାଗତ କରିବାକୁ ମୁଁ ବେଶ୍ ଉତ୍ସାହିତ ଅଛି ବୋଲି ମୋଦୀ ଲେଖିଛନ୍ତି। ଭାରତ-ବ୍ରିଟେନ୍ ମଧ୍ୟରେ ହୋଇଥିବା ରାଜିନାମା ଦ୍ୱାରା ବୟନ, ସାମୁଦ୍ରିକ ଉତ୍ପାଦ, ଚମଡ଼ା ଓ ଜୋତା, କ୍ରୀଡ଼ା ସାମଗ୍ରୀ, ଖେଳନା, ଗହଣା, ରତ୍ନପଥର, ଇଞ୍ଜିନିୟରିଂ ସାମଗ୍ରୀ, ଗାଡ଼ି ଯନ୍ତ୍ରାଂଶ, ଇଞ୍ଜିନ ଓ ଅର୍ଗାନିକ୍ କେମିକାଲ୍ କ୍ଷେତ୍ର ଉପକୃତ ହେବ। ସୂଚନା ପ୍ରଯୁକ୍ତି, ଆର୍ଥିକ ସେବା, ପ୍ରଫେସନାଲ୍ ସେବା ଓ ଶିକ୍ଷା କ୍ଷେତ୍ରକୁ ମଧ ତାହାର ଲାଭ ମିଳିବ। ରାଜିନାମା ପରେ ପ୍ରଫେସନାଲମାନେ ଲାଭବାନ ହେବେ। ଯୋଗ ପ୍ରଶିକ୍ଷକ, ସଙ୍ଗୀତକାର ଓ ସେଫ୍‌ମାନଙ୍କୁ ତାହାର ଲାଭ ମିଳିବ। ମୁକ୍ତ ବାଣିଜ୍ୟ ରାଜିନାମାକୁ ନେଇ ଭାରତ ଓ ବ୍ରିଟେନ୍ ମଧ୍ୟରେ ୨୦୨୨ ଜାନୁଆରି ୧୩ରୁ ଆନୁଷ୍ଠାନିକ କଥାବାର୍ତ୍ତା ଆରମ୍ଭ ହୋଇଥିଲା। ଏହାପରେ ଅନେକ ପର୍ଯ୍ୟାୟରେ ଆଲୋଚନା ହେବା ପରେ ଏବେ ତାହା ଚୂଡ଼ାନ୍ତ ହୋଇଛି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ବ୍ରିଟେନ୍‌ର ବ୍ୟବସାୟ ଓ ବାଣିଜ୍ୟ ସଚିବ ଜୋନାଥନ ରେନଲ୍ଡଙ୍କ ସହ ଏନେଇ ଆଲୋଚନା କରିଥିଲେ। ସାମଗ୍ରୀ ଓ ସେବା ରପ୍ତାନି ବଢ଼ାଇବା ଲାଗି ଭାରତ ସରକାର ୧୩ଟି ମୁକ୍ତ ବାଣିଜ୍ୟ ରାଜିନାମା ଓ ୬ଟି ପ୍ରିଫରେନ୍ସିଆଲ ରାଜିନାମା ସ୍ୱାକ୍ଷର କରିଛନ୍ତି। ୨୦୧୪ ପରଠାରୁ ମରିସସ୍, ୟୁଏଇ, ଅଷ୍ଟ୍ରେଲିଆ, ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଗଠନ ସହ ମୁକ୍ତ ବାଣିଜ୍ୟ ରାଜିନାମା ହୋଇଛି। ୟୁରୋପୀୟ ସଂଘ ସହ ସେଭଳି ରାଜିନାମା କରିବା ଲାଗି ସରକାର ଜୋରଦାର ଆଲୋଚନା ଜାରି ରଖିଛନ୍ତି।

# ବିଶ୍ୱ ଋଣ ବୃଦ୍ଧିରେ ଚୀନ୍, ଫ୍ରାନ୍ସ ଓ ଜର୍ମାନୀ ଆଗୁଆରେ



**ନ୍ୟୁୟର୍କ, ୭।୫:** ଋଣ ବୋଝରେ ସାରା ବିଶ୍ୱ। କେବଳ ଗରିବ ଦେଶ ନୁହେଁ ଧନୀ ଦେଶମାନେ ବି ଋଣ ଭାରରେ ବୁଡ଼ି ରହିଛନ୍ତି। ବିକଶିତ ଦେଶମାନଙ୍କର ଋଣ ବିକାଶଶୀଳ ଦେଶମାନଙ୍କ ଠାରୁ ଢେର୍ ଅଧିକ। ଏକ ବ୍ୟାଙ୍କିଂ ଟ୍ରେଡ୍ ଗ୍ରୁପର ତଥ୍ୟ ଅନୁଯାୟୀ, ବର୍ଷର ପ୍ରଥମ ତିନି ମାସରେ ବିଶ୍ୱ ଋଣ ପ୍ରାୟ ୭.୫ ଟ୍ରିଲିୟନ ଡଲାର ବୃଦ୍ଧି ପାଇ ୩୨୪ ଟ୍ରିଲିୟନ ଡଲାରରୁ ଅଧିକ ରେକର୍ଡ ସ୍ତରରେ ପହଞ୍ଚିଛି। ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟରନ୍ୟାସନାଲ ଫାଇନାନ୍ସ(ଆଇଆଇଏଫ୍) କହିଛି ଯେ ବିଶ୍ୱ ଋଣ ବୃଦ୍ଧିରେ ଚୀନ୍, ଫ୍ରାନ୍ସ ଏବଂ ଜର୍ମାନୀ ସର୍ବାଧିକ ଋଣ କରିଛନ୍ତି। ସେହିପରି କାନାଡା, ୟୁଏଇ ଏବଂ ତୁର୍କୀରେ ଋଣ ସ୍ତର ହ୍ରାସ ପାଇଛି। ଆଇଆଇଏଫ୍‌ର ଗ୍ଲୋବାଲ୍ ଡେଟ୍ ମନିଟର ରିପୋର୍ଟରେ କୁହାଯାଇଛି ଯେ, ଆମେରିକୀୟ ଡଲାରର ମୂଲ୍ୟ ଅନ୍ୟ ପ୍ରମୁଖ ମୁଦ୍ରାଙ୍କ ତୁଳନାରେ ହ୍ରାସ ପାଇବା ଯୋଗୁ ଋଣର ଡଲାର ମୂଲ୍ୟ ବୃଦ୍ଧି ପାଇଛି। ୨୦୨୨ ଶେଷ ଭାଗରୁ ପ୍ରତି ତ୍ରୟମାସରେ ହେଉଥିବା ହାରାହାରି ୧.୭ ଟ୍ରିଲିୟନ ଡଲାର ବୃଦ୍ଧି ତୁଳନାରେ ଏହି ପ୍ରଥମ ତ୍ରୟମାସରେ ଋଣ ବୃଦ୍ଧି ଚାରି ଗୁଣରୁ ଅଧିକ ହୋଇଛି। ବିଶ୍ୱ ଋଣରୁ-ଉତ୍ପାଦନ ଅନୁପାତ ଧୀରେ ଧୀରେ କମିବା ୩୨୫%ରୁ ସାମାନ୍ୟ ଉପରେ ରହିଛି। ତଥାପି, ଏମର୍ଜିଂ ମାର୍କେଟ୍‌ରେ ଏହି ଅନୁପାତ ୨୪୫%ରେ ଏକ ରେକର୍ଡ ଉଚ୍ଚତାରେ ପହଞ୍ଚିଛି। ପ୍ରଥମ ତ୍ରୟମାସିକରେ ଏମର୍ଜିଂ ମାର୍କେଟ୍ ବଜାରରେ ମୋଟ ଋଣ ୩.୫ ଟ୍ରିଲିୟନରୁ ଅଧିକ ବୃଦ୍ଧି ପାଇ ୧୦୬ ଟ୍ରିଲିୟନ ଡଲାରରୁ ଅଧିକ ହୋଇ ରେକର୍ଡ କରିଛି। ଆଇଆଇଏଫ୍ ଅନୁଯାୟୀ,କେବଳ ଚୀନ୍ ୨ ଟ୍ରିଲିୟନରୁ ଅଧିକ ଋଣ କରିଛି। ଚୀନ୍‌ର ସରକାରୀ ଋଣ-ପ୍ରତି-ଡିଜିପି ୯୩% ରହିଛି ଏବଂ ବର୍ଷ ଶେଷ ହେବା ପୂର୍ବରୁ ଏହା ୧୦୦% ଛୁଇଁବ ବୋଲି ଆଶା କରାଯାଉଛି। ସେହିପରି ଭାରତର ଋଣ ୭୧୨ ବିଲିୟନ ଡଲାରରେ ରହିଛି।

ଚୀନ ବ୍ୟତୀତ ଅନ୍ୟ ଉଦୀୟମାନ ବଜାର ଦେଶଗୁଡିକରେ ମଧ ଋଣ ରେକର୍ଡ ସ୍ତରରେ ପହଞ୍ଚିଛି। ବ୍ରାଜିଲ, ଭାରତ ଏବଂ ପୋଲାଣ୍ଡ ନିଜ ଋଣର ଡଲାର ମୂଲ୍ୟରେ ସର୍ବାଧିକ ବୃଦ୍ଧି ଦେଖିଛନ୍ତି। ତେବେ, ଚୀନ ବାଦ ଦେଲେ ଏହି ଦେଶଗୁଡିକର ଋଣ-ଜିଡିପି ଅନୁପାତ ୧୮୦%ରୁ କମକୁ ହ୍ରାସ ପାଇଛି, ଯାହା ରେକର୍ଡ ଉଚ୍ଚତାଠାରୁ ୧୫ ପଏଣ୍ଟ କମ। ଆଇଆଇଏଫ୍ ରିପୋର୍ଟ ଅନୁଯାୟୀ, ୨୦୨୫ ବାକି ସମୟରେ ଏମର୍ଜିଂ ମାର୍କେଟ୍ ବଜାର ଦେଶଗୁଡିକୁ ୭ ଟ୍ରିଲିୟନ ଡଲାରର ବଣ୍ଡ ଏବଂ ଋଣ ପୁନଃପରିଶୋଧ କରିବାକୁ ପଡିବ, ଯେତେବେଳେ ଉନ୍ନତ ଅର୍ଥନୀତି ବିଶିଷ୍ଟ ଦେଶଗୁଡିକ ପାଇଁ ଏହା ୧୯ ଟ୍ରିଲିୟନ ଡଲାର ପାଖାପାଖି।

# ରାତିରେ ଇଲେକ୍ଟ୍ରିକ ଗାଡି ଚାର୍ଜ କରିବା ହେବ ମହଙ୍ଗା



**ନୂଆଦିଲ୍ଲୀ, ୭।୫:** ଗୋଟିଏ ପଟେ, ସରକାର ବୈଦ୍ୟୁତିକ ଯାନ (ଇଭି) କ୍ରୟ ଏବଂ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଅନ୍ୟପଟେ ରାତିରେ ଗାଡି ଚାର୍ଜ କରିବା ଆପଣଙ୍କ ପକେଟ ପାଇଁ ମହଙ୍ଗା ହୋଇପାରେ। କେରଳ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ ଇଭି ଚାର୍ଜିଂ ସମ୍ପର୍କରେ ଏକ ବଡ଼ ପରିବର୍ତ୍ତନ କରିଛି। ଏବେ ରାତିରେ ଚାର୍ଜ କରିବା ପାଇଁ ଆପଣଙ୍କୁ ୩୦% ଅଧିକ ଶୁଳ୍କ ଦେବାକୁ ପଡିବ। ନୂତନ ନିୟମ ଅନୁଯାୟୀ, ଇଭି ଚାର୍ଜିଂକୁ ଏବେ ଦୁଇଟି ସମୟ ଜୋନରେ ବିଭକ୍ତ କରାଯାଇଛି। ନୂଆ ନିୟମ ମୁତାବକ ଯଦି ଆପଣ ସକାଳ ୯ଟାରୁ ଅପରାହ୍ନ ୪ଟା ମଧ୍ୟରେ ଗାଡି ଚାର୍ଜ କରିବେ ତେବେ ଆପଣଙ୍କୁ ୩୦% କମ୍ ଶୁଳ୍କ ଦେବାକୁ ପଡିବ। ଯଦି ପୂର୍ବରୁ ଚାର୍ଜିଂ ପାଇଁ ୧୦୦ ଟଙ୍କା ଖର୍ଚ୍ଚ ହେଉଥିଲା, ତେବେ ଏବେ ଏହା କେବଳ ୭୦ ଟଙ୍କା ହେବ। ଯଦି ଆପଣ ଅପରାହ୍ନ ୪ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ଗାଡି ଚାର୍ଜ କରୁଛନ୍ତି। ତେବେ ଆପଣଙ୍କୁ ୩୦% ଅଧିକ ଶୁଳ୍କ ଦେବାକୁ ପଡିବ। ଏହାର ଅର୍ଥ ହେଉଛି ଚାର୍ଜିଂ ଏବେ ୧୩୦ ଟଙ୍କା ହେବ। ସୂଚନା ପାଇଁ, ଆପଣଙ୍କୁ କହି ରଖୁଛୁ ଯେ ନୂତନ ଶୁଳ୍କ କେବଳ ସାର୍ବଜନୀନ ଇଭି ଚାର୍ଜିଂ ଷ୍ଟେସନଗୁଡ଼ିକରେ ଲାଗୁ ହେବ। ଯଦି ଆପଣ ଘରେ ଗାଡି ଚାର୍ଜ କରନ୍ତି ତେବେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ଏହି ନିୟମ ବର୍ତ୍ତମାନ କେରଳ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ଆଗାମୀ ସମୟରେ ଏହା ଅନ୍ୟ ରାଜ୍ୟଗୁଡ଼ିକରେ ମଧ ଲାଗୁ ହୋଇପାରେ ବୋଲି ଆଶା କରାଯାଉଛି।

# ହୋଣ୍ଡା ଲଞ୍ଚ କଲା ଏଲିଭେଟ୍‌ର ନୂଆ ଆପେକ୍ସ ସମର୍ ଏଡିସନ୍




**ନୂଆଦିଲ୍ଲୀ, ୭।୫:** ହୋଣ୍ଡା କାରସ୍ ଇଣ୍ଡିଆ ଏହାର ଏସୟୁଭି ଏଲିଭେଟର ଆପେକ୍ସ ସମର ଏଡିସନର ମୂଲ୍ୟ ରିଭାଇଜ୍ଡ କରିଛି ଏବଂ ଏହାକୁ ବଜାରରେ ଉପସ୍ଥାପନ କରିଛି। ଏହାର ଏକ୍ସ-ସୋରୁମ୍ ପ୍ରାଇସ ୧୨.୩୯ ଲକ୍ଷ ଟଙ୍କା ସ୍ଥିର କରାଯାଇଛି। ଏହି ଏଡିସନକୁ ପ୍ରଥମେ ସେପ୍ଟେମ୍ବର ୨୦୨୪ରେ ଭି ଏବଂ ଭିଏକ୍ସ ଟ୍ରିମ୍ସରେ ଲଞ୍ଚ କରାଯାଇଥିଲା।

ଆପେକ୍ସ ଏଡିସନରେ ସାମାନ୍ୟ କସମେଟିକ୍ ପରିବର୍ତ୍ତନ କରାଯାଇଛି, ଯେଉଁଥିରେ ‘‘ଆପେକ୍ସ ଏଡିସନ’’ ବ୍ୟାଜ୍ ଏବଂ ଅନ୍ୟାନ୍ୟ ଖାସ୍ ଆସେସୋରିଜ୍ ସାମିଲ ଅଛି। ଏଥି ସହ ହୋଣ୍ଡା ସେଲ ହ୍ରାସର ସମ୍ମୁଖୀନ ହେଉଥିବା ଏଲିଭେଟକୁ ପୁଣି ଥରେ ଗ୍ରାହକଙ୍କ ପସନ୍ଦ କରିବାକୁ ଚେଷ୍ଟା କରୁଛି। ଆପେକ୍ସ ସମର ଏଡିସନ ରେ ହୋଣ୍ଡା ପ୍ରଥମ ଥର ବଡ଼ ୯-ଇଞ୍ଚର ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ୟୁନିଟ୍ ପ୍ରଦାନ କରିଛି, ଯାହା ୩୬୦-ଡିଗ୍ରୀ କ୍ୟାମେରାକୁ ସପୋର୍ଟ କରିଥାଏ। ଏହି ଫିଚର ଏପର୍ଯ୍ୟନ୍ତ କମ୍ପାନୀ କୌଣସି କାରରେ ଦିଆ ଯାଇନଥିଲା।

ଏହି ଏଡିସନରେ ବ୍ଲାକ ଏବଂ ଇଭୋରୀ ରଙ୍ଗର ଥିମ୍ ସହିତ ଏକ ଡ୍ୟାସବୋର୍ଡ ସହିତ ଇଭୋରୀ ଲେଦର ସିଟ୍ ଅଛି। ଡୋର ପ୍ୟାଡ୍ ଏବଂ ଡ୍ୟାସବୋର୍ଡରେ ସଫ୍ଟ ଟଚ୍ ମେଟେରିଆଲର ବ୍ୟବହାର ଏହାକୁ ଅଧିକ ପ୍ରିମିୟମ୍ କରିଥାଏ। ହେଲେ ଭେଣ୍ଟିଲେଟେଡ୍ ସିଟ୍ ବିଷୟରେ କହିଲେ, ସେଗୁଡ଼ିକ ଏବେ ବି ଏକ ଆସେସୋରିଜ୍ ଭାବରେ ଉପଲବ୍ଧ ଏବଂ ଏହାକୁ ଏକ ଷ୍ଟାଣ୍ଡାର୍ଡ ଫିଚର ଭାବରେ ବିବେଚନା କରାଯାଏ ନାହିଁ। ହୋଣ୍ଡା ଏଲିଭେଟ୍‌ରେ ୧.୫-ଲିଟର ଚାର-ସିଲିଣ୍ଡର ଭିଟିଇସି ପେଟ୍ରୋଲ୍ ଇଞ୍ଜନ୍ ମିଳିଥାଏ, ଯାହା ୧୨୧ପିଏସର ପାୱାର ଏବଂ ୧୪୫ଏନଏମର ଟର୍କ ଜେନେରେଟ୍ କରିଥାଏ। ଏହି ଇଞ୍ଜିନ୍ ୬-ସ୍ପିଡ୍ ମାନୁଆଲ୍ ଏବଂ ସିଭିଟି ଅଟୋମେଟିକ୍ ଟ୍ରାନ୍ସମିସନ୍ ଅପ୍ସନ୍ ସହିତ ଆସିଥାଏ। ଏଥି ସହ ଏହି ଏସୟୁଭିର ମାଇଲେଜ୍ ୧୬ ରୁ ୧୭ କିଲୋମିଟର ପର୍ଯ୍ୟନ୍ତ ହୋଇପାରେ।

ଆପେକ୍ସ ସମର ଏଡିସନ ର ଇଣ୍ଟେରିୟରରେ ବହୁତ ପରିବର୍ତ୍ତନ କରିନାହିଁ, କିନ୍ତୁ ‘‘ଆପେକ୍ସ’’ ବ୍ୟାଜିଂ ଏବଂ ସୀମିତ କଲର ଅପ୍ସନ ଏହାକୁ ସ୍ୱତନ୍ତ୍ର କରିଥାଏ। ସେଫ୍ଟି ଦୃଷ୍ଟିକୋଣରୁ, ଏହି ଭର୍ସନରେ ଏକ ଷ୍ଟାଣ୍ଡାର୍ଡ ଫିଚର ଭାବରେ ୩୬୦-ଡିଗ୍ରୀ କ୍ୟାମେରା ସାମିଲ ଅଛି, ଯାହା ଏବେ ଭିଏକ୍ସ ଟ୍ରିମ୍ସରେ ମଧ ଉପଲବ୍ଧ ହେବ।

ସୂଚନାଯୋଗ୍ୟ, ହୋଣ୍ଡା ଏଲିଭେଟ୍ ଆପେକ୍ସ ଏଡିସନକୁ ତିନୋଟି ପ୍ରମୁଖ ଭାରିଆଣ୍ଟରେ ଉପସ୍ଥାପନ କରାଯାଇଛି। ଭି ଏମଟି ଆପେକ୍ସ ଏଡିସନ ମାନୁଆଲ୍ ଟ୍ରାନ୍ସମିସନ୍ ସହିତ ଆସିଥାଏ ଏବଂ ଏହାର ଏକ୍ସ-ଶୋରୁମ୍ ପ୍ରାଇସ୍ ୧୨.୮୬ ଲକ୍ଷ ଟଙ୍କା ରହିଛି। ଭିଏକ୍ସ ସିଭିଟି ଆପେକ୍ସ ଏଡିସନ ଅଟୋମଟିକ୍ ଟ୍ରାନ୍ସମିସନ୍ ସହିତ ଉପଲବ୍ଧ ହେବ ଏବଂ ଏହାର ପ୍ରାଇସ୍ ୧୫.୨୫ ଲକ୍ଷ ଟଙ୍କା ହେବ। ଏଥି ସହ ଲିମିଟେଡ୍ ଟାଇମ୍ ପାଇଁ ଉପଲବ୍ଧ ଆପେକ୍ସ ସମର ଏଡିସନ ମାନୁଆଲ୍ ଟ୍ରାନ୍ସମିସନରେ ଆସିଥାଏ ଏବଂ ଏହାର ଏକ୍ସ-ଶୋରୁମ୍ ପ୍ରାଇସ୍ ୧୨.୩୯ ଲକ୍ଷ ଟଙ୍କା ରଖାଯାଇଛି।

## ଆଜିର ସୁନା ଦର



ସୁନା କିଣିବାକୁ ଚାହୁଁଛନ୍ତି କି ? ସପ୍ତାହ ଆରମ୍ଭରୁ ସୁନା ଦରରେ ହେଲା ପରିବର୍ତ୍ତନ। ଆକାଶ ଛୁଆଁ ସୁନା ଦର। ତେବେ ଆସନ୍ତୁ ଜାଣିବା, ସୁନା ଦର କେଉଁଠି କେତେ ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୬୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୪୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯, ୦୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୭୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯,୦୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯, ୧୫୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦, ୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯, ୦୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦,୭୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୯, ୦୦୦ ଓ ୯୦,୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୧ ,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ପେଟ୍ରୋଲ ଦରରେ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

### ନାଗାବଳି ପାଣି କଳାହାଣ୍ଡି ଓ ରାୟଗଡ଼ା ଲୋକେ ବ୍ୟବହାର ଦିଗରେ ସରକାର ଦୃଷ୍ଟିଦେବାକୁ ଦାବି

# ଓଡ଼ିଶା ନଦୀରୁ, ଫାଇଦା ଉଠାଉଛି ଆନ୍ଧ୍ର



**କଳାହାଣ୍ଡି,୭।୫(ସଂଚାର ବ୍ୟୁରୋ):** ଓଡ଼ିଶାର କଳାହାଣ୍ଡି ଜିଲାରୁ ନାଗାବଳୀ ନଦୀ ଉତ୍ପତ୍ତି ହୋଇଥିବାବେଳେ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଗୋଟିଏ ବି ବ୍ୟାରେଜ ନିର୍ମାଣ କରିପାରିନାହାନ୍ତି। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ନାଗାବଳୀ ନଦୀ ଉପରେ ୨ଟି ବ୍ୟାରେଜ ନିର୍ମାଣ କରି ଏହାର ଜଳକୁ ଜଳସେଚନରେ ବ୍ୟବହାର କରୁଛି। ଓଡ଼ିଶା ସରକାର ୨୧ବର୍ଷ ପୂର୍ବେ ରାୟଗଡ଼ାର ମୀନାଝୋଲାଠାରେ ଶିଳାନ୍ୟାସ କରି ଚୁପ୍ ବସିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୁଣପୁର ପଞ୍ଚାୟତର ବାଲିସରା ନିକଟ ଲାଖବାହାଲ ଗ୍ରାମ ନିକଟରୁ ନାଗାବଳୀ ନଦୀ ଉତ୍ପତ୍ତି ହୋଇଛି। ଏଠାରୁ ଏହି ନଦୀ ବାହାରି କଳାହାଣ୍ଡି ଜିଲାର ନାକରୁଣ୍ଡି, କେରପାଇ, ରାୟଗଡ଼ା ଜିଲାର କଲ୍ୟାଣୀସିଂପୁର, ରାୟଗଡ଼ା, ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଦେଇ କଳିଙ୍ଗପଟନମଠାରେ ବଙ୍ଗୋପସାଗରରେ ମିଶିଛି। ନାଗାବଳୀ ନଦୀ ଲାଖବାହାଲଠାରୁ କଳିଙ୍ଗପଟନମ ପର୍ଯ୍ୟନ୍ତ ପ୍ରାୟ ୨୫୬.୫ କି.ମି. ନିଜର ଗତିପଥ ବିସ୍ତାର କରିଛି। ଓଡ଼ିଶାରେ ୮ହଜାର ବର୍ଗ କି.ମି. ଥିବାବେଳେ ଆନ୍ଧ୍ର ପ୍ରଦେଶରେ ୨୮୦୦ ବର୍ଗ କି.ମି. ରହିଛି। ଓଡ଼ିଶାରେ ୧୬୦ କି.ମି. ଯାଇଥିବାବେଳେ ଅବଶିଷ୍ଟ ଆନ୍ଧ୍ରପ୍ରଦେଶରେ ରହିଛି। ଓଡ଼ିଶାରୁ ଏହି ନଦୀ ବାହାରିଥିଲେ ମଧ୍ୟ ଓଡିଶା ସରକାରଙ୍କ ପକ୍ଷରୁ ଏଯାବତ ବ୍ୟାରେଜ ନିର୍ମାଣ ପାଇଁ କୋଣସି ଆଗ୍ରହ ପ୍ରକାଶ ପାଉ ନ ଥିବାରୁ କଳାହାଣ୍ଡି ଓ ରାୟଗଡ଼ା ଜିଲା ଜଳସେଚନରୁ ବଞ୍ଚିତ ହେଉଛି। ୨୦୦୪ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ପକ୍ଷରୁ ରାୟଗଡ଼ା ଜିଲାର ମୀନାଝୋଲାଠାରେ ବହୁମୁଖୀ ଜଳବିଦ୍ୟୁତ୍ ପ୍ରକଳ୍ପ ନିମନ୍ତେ ଶିଳାନ୍ୟାସ ହୋଇଥିଲା। କିନ୍ତୁ ସରକାରଙ୍କ ଅବହେଳା ଯୋଗୁଁ ଅର୍ଥ ମଞ୍ଜୁର ନ ହେବାରୁ ଏହା ପଡ଼ିରହିଛି। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲାରେ ଗୋଟା ଓ ନାରେଡି ନାମରେ ୨ଟି ବ୍ୟାରେଜ ନିର୍ମାଣ ହୋଇସାରିଛି। ୧୯୬୨ ମସିହା ସେପ୍ଟେମ୍ବର ୩୦ରେ ଆନ୍ତଃରାଜ୍ୟ ଜଳ ବିବାଦ ନେଇ ଓଡିଶା କମିଶନ ପାଖରେ ଫେରାଦ ହୋଇଥିଲା। ତତ୍କାଳୀନ ଅଧ୍ୟକ୍ଷ ଜଷ୍ଟିସ ମୁକୁନ୍ଦମ ଶର୍ମା ଏହି ବିବାଦର ଶୁଣାଣି କରି ଉଭୟ ଓଡିଶା ଓ ଆନ୍ଧ୍ରପ୍ରଦେଶ ୫୦% ଲେଖାଏ ପାଣି ବ୍ୟବହାର କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଓଡିଶା ବୁନ୍ଦାଏ ପାଣି ମଧ୍ୟ ଜଳସେଚନ ନିମନ୍ତେ ବ୍ୟବହାର କରିପାରିନାହିଁ। ନାରେଡି ବ୍ୟାରେଜ ଦ୍ୱାରା ଏହାର ବାମମୁଖ୍ୟ କେନାଲରେ ୧ଲକ୍ଷ ୪୮ ହଜାର ଏକର ଓ ଦକ୍ଷିଣ ମୁଖ୍ୟ କେନାଲରେ ୬୨ହଜାର ୭ଶହ ଏକର ଜମି ଜଳସେଚିତ ହେଉଛି। ନାଗାବଳୀକୁ ନେଇ ଆନ୍ଧ୍ରପ୍ରଦେଶ ଫାଇଦା ଉଠାଉଥିବାବେଳେ ଓଡ଼ିଶା ଜଳକା ହୋଇ ରହିଛି। ଦୀର୍ଘ ୨୧ ବର୍ଷ ପରେ ମଧ୍ୟ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ମୀନାଝୋଲାଠାରେ ବ୍ୟାରେଜ ନିର୍ମାଣ ମରୀଚିକା ପାଲଟିଛି। ରାଜ୍ୟ ସରକାର ବ୍ୟାରେଜ ନିର୍ମାଣ କରି ନାଗାବଳୀ ନଦୀର ପାଣିକୁ ଓଡ଼ିଶାର ରାୟଗଡ଼ା ଓ କଳାହାଣ୍ଡି ଜିଲାରେ ବ୍ୟବହାର ନିମନ୍ତେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

> ➤ ଆନ୍ଧ୍ର ପକ୍ଷରୁ ନାରେଡି ଓ ଗୋଟା ବ୍ୟାରେଜ ନିର୍ମାଣ
> ➤ ମିନା ଝୋଲା ପାଇଁ ଓଡିଶା ଚୁପ

## ଆଇପିଏଲ ବେଟିଂ; ୫ ଗିରଫ

● ମୋବାଇଲ, ଗାଡି, ଟଙ୍କା ଜବତ୍



**ବ୍ରହ୍ମପୁର,୭।୫(ସଂଚାର ବ୍ୟୁରୋ):** ଆଇପିଏଲ ବେଟିଂରେ ଲିପ୍ତ ବ୍ୟକ୍ତିଙ୍କୁ କାବୁ କରିବାରେ ବ୍ରହ୍ମପୁର ପୋଲିସ୍ ସଫଳ ହୋଇଛି। ଏହି ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସ୍ଥାନୀୟ ଟାଉନ ଥାନା ପକ୍ଷରୁ ୪ ଓ ବୈଦ୍ୟନାଥପୁର ଥାନା ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି।ଗିରଫ ଅଭିଯୁକ୍ତ ମାନେ ହେଲେ, ବୃନ୍ଦାବନ ଓରଫ ମଲ୍ଲା ପାଣିଗ୍ରାହୀ(୪୨), ମଣ୍ଟୁ ଓରଫ ରମାକାନ୍ତ ସାମନ୍ତରା(୪୨), ପି ସନ୍ତୋଷ କୁମାର(୪୦), ମୁରଲୀଧର ବିଶ୍ୱାଳ(୪୦), ଶ୍ରୀଧର ସାହୁ(୨୬)। ଏମାନଙ୍କ ନିକଟରୁ ୬ଟି ମୋବାଇଲ ଫୋନ୍, ୩ ଟି ଦୁଇ ଚକିଆ ଯାନ, ଟଙ୍କା ନେଣଦେଣ ବିବରଣୀ ସହ ନଗଦ ୭୦ ହଜାର ଟଙ୍କା ଜବତ୍ କରାଯାଇଥିବା ପୋଲିସ୍ ସୂଚନା ଦେଇଛି। ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ମାନେ ମୋବାଇଲ ଏବଂ ଲାପଟପ୍ ଦ୍ୱାରା ସ୍କାଏ ଏକ୍ସଚେଞ୍ଜ ଓ ବିଭିନ୍ନ ୱେବସାଇଟ୍ ଜରିଆରେ ଗୁଜୁରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ୍ ରେ ବେଟିଂ ରେ ଲିପ୍ତ ଥିଲେ। ପୋଲିସ୍ ମୋବାଇଲ ଯାଞ୍ଚ କରିବା ପରେ ଅନଲାଇନ ଟଙ୍କା ନେଣଦେଣ ଏବଂ ମେସେଜ ଚାର୍ଟ ରୁ ବିଭିନ୍ନ ଟିମ୍ ର ବେଟିଂ ସମ୍ପର୍କରେ ରେକର୍ଡ ମିଳିଥିଲା। ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଗୁଡିକର ଟ୍ରାଞ୍ଜାକ୍ସନ୍ ଉପରେ ରୋକ୍ ଲଗାଇବା ସହ ଏଥିରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି ସେମାନଙ୍କୁ ଧରିବାକୁ ପୋଲିସ୍ ତଦନ୍ତ ଚଳାଇଛି।

## ଗରିବ ପରିବାରକୁ ବିଧାୟକଙ୍କ ସହାୟତା



**ବ୍ରହ୍ମପୁର,୭।୫(ସଂଚାର ବ୍ୟୁରୋ):** ବ୍ରହ୍ମପୁରର ଜଣେ ଗରିବ ପରିବାରର ଘର ନିର୍ମାଣ ପାଇଁ ସହାୟତାର ହାତ ବଢାଇଛନ୍ତି ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର। ସ୍ଥାନୀୟ ୨୩ ନମ୍ବର ୱାର୍ଡ ଅନ୍ତର୍ଗତ ମା କାଳୀ ମନ୍ଦିର ରୋଡ଼ ସ୍ଥିତ ଆନନ୍ଦ ସ୍ୱରାଣୀ ଅଞ୍ଚଳରେ ରହୁଥିବା ଜଣେ ପରିବାରକୁ ବିଧାୟକ ଏହି ସହାୟତା ପ୍ରଦାନ କରିଛନ୍ତି। ଦୀର୍ଘ ଦିନ ଧରି ଏହି ପରିବାରର ଘର ଭାଙ୍ଗିରୁଜି ରହିଥିଲା। ଯାହା ବିଧାୟକଙ୍କ ଦୃଷ୍ଟିକୁ ଆସିଥିଲା। ଏହି ଅବସ୍ଥା ସମ୍ପର୍କରେ ବୁଝିବା ପରେ ବିଧାୟକ ପ୍ରଭାବିତ ପରିବାରକୁ ନଗଦ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ସହ ଗୃହ ନିର୍ମାଣରେ ଆବଶ୍ୟକୀୟ କିଛି ସାମଗ୍ରୀ ଯୋଗାଇ ଦେଇଛନ୍ତି। ବିଧାୟକଙ୍କ ଏଭଳି ସହଯୋଗକୁ ସ୍ଥାନୀୟ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି।

## ପଶ୍ଚିମ ଶମ୍ଭୁ କପିଳେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

**କଣାସ,୭।୫(ସଂଚାର ବ୍ୟୁରୋ):** କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାତର ତ୍ରିଲୋଚନପୁର ଗ୍ରାମର ଆରାଧ୍ୟ ଠାକୁର ପଶ୍ଚିମ ଶମ୍ଭୁ କପିଳେଶ୍ୱର ଦେବଙ୍କ ପୀଠରେ ପ୍ରତିବର୍ଷ ପରି ଆଜିଠାରୁ ତ୍ରିୟବିଶଂତମ ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଯଜ୍ଞ ୧୨ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ଅନୁଷ୍ଠିତ ହେବ। ଅଙ୍କୁରୋପଣ, ସାଲା ମଣ୍ଡନ, ଜଳଯାତ୍ରା, ସୌରାଗ୍ନି ଗ୍ରହଣ, ସୂର୍ଯ୍ୟପୂଜା, ସାଲାପୂଜା, ରୁଦ୍ରାଭିଷେକ, ଆହୁତି, ଯଜ୍ଞ ବିହିତପୂଜା, ଗୀତା ଆହୁତି, ଯଜ୍ଞ ବିହିତ କର୍ମ, ଚଣ୍ଡୀପାଠ, ଚଣ୍ଡୀଆହୁତି, ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହେବ।

## ସାମ୍ବାଦିକଙ୍କ ମାତୃ ବିୟୋଗ



**ସୁବର୍ଣ୍ଣପୁର,୭।୫(ସଂଚାର ବ୍ୟୁରୋ):** ସୋନପୁର ଗଡ଼ଭିତର ନିବାସୀ ଶିକ୍ଷାବିତ୍ ବିଧୁ ଭୂଷଣ ପାଣିଗ୍ରାହୀଙ୍କ ଧର୍ମପତ୍ନୀ ତଥା ସାମ୍ବାଦିକ ମନୋରଞ୍ଜନ ପାଣିଗ୍ରାହୀଙ୍କ ମା' ଶୈବାଳିନୀ ପାଣିଗ୍ରାହୀ(୬୮)ଙ୍କ ଗତକାଲି ବିୟୋଗ ଘଟିଛି। ଦୀର୍ଘବର୍ଷ ହେଲା ସେ ମଧୁମେୟ, ହୃଦ୍ ଜନିତ ସମସ୍ୟାରେ ପୀଡ଼ିତ ଥିଲେ। ଗତକାଲି ଅପରାହ୍ନରେ ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟା ପ୍ରାୟ ୭ଟାରେ ତାଙ୍କ ବିୟୋଗ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ଚାରି ପୁତ୍ର ମନୋରଞ୍ଜନ, ମାନସରଞ୍ଜନ, ସିଦ୍ଧାର୍ଥ, ବେଦପ୍ରକାଶ, ତିନି ପୁତ୍ରବଧୂ, ନାତି ଜିତାମିତ୍ର, ଶୀତିକଣ୍ଠ, ସମ୍ବବ, ନାତୁଣୀ ସାମ୍ବବୀ ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗତା ପାଣିଗ୍ରାହୀ ଜଣେ ଧର୍ମପରାୟଣା, ସ୍ନେହୀ, ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ଆଜି ପ୍ରତ୍ୟୁଷରେ ସୋନପୁର ରାମେଶ୍ୱରସ୍ଥିତ ତ୍ରିବେଣୀ ସଙ୍ଗମ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସତ୍କାର କରାଯାଇଥିଲା। ବଡ଼ପୁଅ ମନୋରଞ୍ଜନ ମୁଖାଗ୍ନି ଦେଇଥିଲେ। ଶବାଧାରରେ ସହରର ଅନେକ ବ୍ୟକ୍ତିବିଶେଷ, ବନ୍ଧୁବର୍ଗ, ଆତ୍ମୀୟ ସ୍ୱଜନ ସାମିଲ ଥିଲେ। ତାଙ୍କ ବିୟୋଗରେ ପରିଚିତ ମହଲରେ ଶୋକପ୍ରକାଶ ପାଇଛି।

## 'ଆମ କଥା ଆମ ଭବିଷ୍ୟତ'ର ଡିଜିଟାଲ ସଂସ୍କରଣ ଲୋକାର୍ପିତ




**ଭୁବନେଶ୍ୱର,୭।୫(ସଂଚାର ବ୍ୟୁରୋ):** ଡିଜିଟାଲ ମେଡ଼ିଆ କ୍ଷେତ୍ରରେ ନୂଆ ପଦକ୍ଷେପ ସ୍ୱରୂପ 'ଆମ କଥା ଆମ ଭବିଷ୍ୟତ'ର ଡିଜିଟାଲ ସଂସ୍କରଣ ଭୁବନେଶ୍ୱର ଲୋହିଆ ଏକାଡେମୀ ଠାରେ ପ୍ରଫେସର ସ୍ୱାଧୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପଣ କରାଯାଇଛି। ଏହି ଲୋକାର୍ପଣ ସନ୍ଧ୍ୟାରେ ପ୍ରଫେସର ଧନେଶ୍ୱର ସାହୁ, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ, ଛାଇର ସମ୍ପାଦକ ସତୀଶ ମିଶ୍ର ପ୍ରମୁଖ ଅତିଥି ଯୋଗଦେଇ ସମ୍ବାଦ, ଇତିହାସ, ଅର୍ଥନୀତି, ଖେଳ, ସାହିତ୍ୟ ପରି ସମାଜର ବିଭିନ୍ନ ଦିଗକୁ ଏହା ଅଧିକ ଆଲୋକିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ କୋଭିଡ ମହାମାରୀର କାଳ ସ୍ପର୍ଶରେ ଜନ୍ମ ନେଇଥିବା 'ଆମ କଥା ଆମ ଭବିଷ୍ୟତ' ଏକ ଲୋକପକ୍ଷର ମଞ୍ଚ, ଯାହା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସାମ୍ବାଦିକତା ଦୃଷ୍ଟିକୋଣର ଏକ ଜୀବନ୍ତ ଓ ପ୍ରେରଣାଦାୟକ ଉଦାହରଣ। ମହାତ୍ମା ଗାନ୍ଧୀ ସାମ୍ବାଦିକତାକୁ କେବଳ ଖବର ପ୍ରସାରଣର ମାଧ୍ୟମ ଭାବରେ ନୁହେଁ, ବରଂ ଏହାକୁ ଜନମଙ୍ଗଳ, ସତ୍ୟ ପ୍ରତି ନିଷ୍ଠା ଓ ନୈତିକ ଜାଗରଣର ଉପକରଣ ଭାବେ ଦେଖୁଥିଲେ। ସେ ତାଙ୍କର ପତ୍ରିକା 'ଇଣ୍ଡିଆନ ଓପିନିଅନ', 'ହରିଜନ' ଓ 'ୟଙ୍ଗ ଇଣ୍ଡିଆ' ମାଧ୍ୟମରେ ଶେଷ ଧାଡିରେ ଥିବା ମଣିଷଙ୍କ ଦୁଃଖ, ଅନ୍ୟାୟ ଓ ଦାୟିତ୍ୱବୋଧକୁ ସାମ୍ବାଦିକତା ଭାଷାରେ ସ୍ପଷ୍ଟ ଭାବରେ ଉପସ୍ଥାପନ କରିଥିଲେ।

## ଅଧ୍ୟାପିକାଙ୍କୁ କ୍ରୀଡ଼ା ଶିକ୍ଷକଙ୍କ ଦୁର୍ବ୍ୟବହାର, ଥାନାରେ ଏତଲା

**କଣାସ,୭।୫(ସଂଚାର ବ୍ୟୁରୋ):** କଣାସ ବ୍ଲକ ଗଡ଼ସାନପୁଟ ପଞ୍ଚାୟତ ରେ ପ୍ରତିଷ୍ଠିତ ଚୌଦ ମୌଜା ବିଦ୍ୟୁତ ବିଦ୍ୟାଳୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧ୍ୟାପିକା ଡଃ ଲକ୍ଷ୍ମୀପ୍ରିୟା ସାହୁ ସେହି ବିଦ୍ୟାଳୟର ଖେଳ ଶିକ୍ଷକ ରଜନୀକାନ୍ତ ବଡଜେନା ଦୁର୍ବ୍ୟବହାର କରିବାରୁ ଡଃ ସାହୁ ଅଧ୍ୟକ୍ଷଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ଅଧ୍ୟକ୍ଷ କୌଣସି କାର୍ଯ୍ୟ ଅନୁଷ୍ଠାନ ଗ୍ରହଣ ନକରିବାରୁ ସେ ମନ୍ଦାରବସ୍ତ ଫାଣ୍ଡି ରେ ଏତଲା ଦେଇଥିବା ଜଣାପଡ଼ିଛି। ଏତଲାରୁ ପ୍ରକାଶ ଡଃ ଲକ୍ଷ୍ମୀପ୍ରିୟା ସାହୁ ପରୀକ୍ଷା ନିର୍ବାହ କରୁଥିବା ସମୟରେ ଉକ୍ତ ବିଦ୍ୟାଳୟର ଖେଳ ଶିକ୍ଷକ ରଜନୀକାନ୍ତ ବଡଜେନା ପରୀକ୍ଷାରେ ଅସତ ଉପାୟ ଅବଲମ୍ବନ କଲେ ମୁଁ ମନା କରିବାରୁ ସେ ମୋର ଫାଇଲ ପତ୍ର ବାହାରକୁ ଫିଙ୍ଗି ଦେବା ସହିତ ଅସଭ୍ୟ ଭାଷାରେ ଗାଳି ଗୁଲଜ କଲେ। ସେହି ଦିନ ଠାରୁ ମୋ କାମରେ ପ୍ରତିବନ୍ଧକ ସୃଷ୍ଟି କରିଆସୁଛନ୍ତି ମୁଁ କଲେଜ ଆସିପାରିବି ନାହିଁ ବୋଲି ଧମକ ଦେଉଛନ୍ତି। ମୁଁ ଏ ସମ୍ପର୍କରେ ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟଙ୍କୁ ଜଣାଇଥିଲି ସେ କୌଣସି କାର୍ଯ୍ୟ ଅନୁଷ୍ଠାନ ଗ୍ରହଣ କଲେ ନାହିଁ। ବାଧ୍ୟ ହୋଇ ମନ୍ଦାରବସ୍ତ ଫାଣ୍ଡି ଓ କଣାସ ଥାନାରେ ଅଭି ଯୋଗ କରିଛି। ସାତ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟ ଅନୁଷ୍ଠାନ ହୋଇ ନାହିଁ। ଏ ସମ୍ପର୍କରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଲେ ଘଟଣା ଘଟିବାର ଦିନକ ପରେ ମୋ ନିକଟରେ ଅଭି ଯୋଗ କରିଥିଲେ। ମିଁ ଯାହା କହିଲି ମୋ କଥା ମାନିଲେ ନାହିଁ। ଏ ସମ୍ପର୍କରେ କଣାସ ଥାନା ପ୍ରଦୀପ କୁମାର ଜୁଝାରସିଂହଙ୍କୁ ପଚାରିବାରୁ ସେ କୁହନ୍ତି ମନ୍ଦାରବସ୍ତ ଫାଣ୍ଡିର ଏଏସଆଇ କୃଷ୍ଣ ଚନ୍ଦ୍ର ବେହେରାଙ୍କୁ ଏକ ଲିଖିତ ଅଭି ଯୋଗ ଦେଇଥିବାରୁ ଶ୍ରୀ ବେହେରା ମୋତେ ଅଭି ଯୋଗ ସମ୍ପର୍କରେ ସୂଚନା ଦେଇଥିଲେ ମୁଁ ତାଙ୍କୁ ତଦନ୍ତ କରି କେସ କରିବା ପାଇଁ ନିର୍ଦ୍ଦେଶ ଦେଇଛି।

### ଆତ୍ମରକ୍ଷା ପାଇଁ କୌଶଳ ପ୍ରଦର୍ଶନ

## ସୁରକ୍ଷିତ ରହିବା ପାଇଁ ବାଜିଲା ସାଇରନ



**କାକଟପୁର/ଅସ୍ତରଙ୍ଗ,୭।୫(ସଂଚାର ବ୍ୟୁରୋ):** ଜାମ୍ମୁ କାଶ୍ମୀର ପହଲଗାମରେ ଗତ ମାସ ୨୨ତାରିଖ ଦିନ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ପରିସ୍ଥିତି ଉପୁଜିଛି। ଏହାରି ମଧ୍ୟରେ ଭାରତ ସରକାର ଦେଶର ଜନତା ଙ୍କୁ ଜାଗ୍ରତ କରିବା ନେଇ ଯୁଦ୍ଧ ପ୍ରସ୍ତୁତି ପାଇଁ ମକଡ୍ରିଲ କରାଯାଇଛି। ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସ୍ଥିତ କେଉଟଜଙ୍ଘା ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରଥମ ସାଇରନ ବାଜିବା ପରେ ମକଡ୍ରିଲ ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ଆଉ ଥରେ ସାଇରନ ବାଜିଲା ପରେ ଅଭିଯାନ ବନ୍ଦ କରାଯାଇଥିଲା। ଯୁଦ୍ଧ ସମୟରେ ଓ ବୋମା ବିସ୍ଫୋରଣ ହେବ କି ଅଗ୍ନିକାଣ୍ଡ ଘଟଣାର ପରବର୍ତ୍ତୀ ସମୟରେ କିଭଳି ମୁକାବିଲା କରାଯାଇ ପାରିବ ଅଭ୍ୟାସ କରାଯାଇଛି। ଏହି ଅଭ୍ୟାସ ଦ୍ୱାରା ଲୋକ ମାନେ ପରିସ୍ଥିତି କୁ ଭଲ ଭାବରେ ବୁଝିବେ। ଜରୁରୀ କାଳୀନ ସମୟରେ କିଭଳି ଆତ୍ମ ରକ୍ଷା କରିବେ ଶିକ୍ଷାଲାଭ କରିପାରିବେ, ସେହିପରି ଉଦ୍ଧାରକାରି ଟିମ୍ ଅସୁବିଧାରେ ପଡ଼ିଥିବା ଲୋକଙ୍କୁ କିଭଳି ଉଦ୍ଧାର କରିବେ ତାହାର ଅଭ୍ୟାସ ହେଉଛି ମକଡ୍ରିଲ। ସାଧାରଣତଃ ଯୁଦ୍ଧ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଏହିଭଳି ସାଇରନ ବାଜିଥାଏ। ଯୁଦ୍ଧ ସମୟରେ ସାଇରନ ବାଜିବାର ଗୁରୁତ୍ୱ ରହିଛି, ଯେଉଁଥିରେ ଲୋକଙ୍କୁ ଆକାଶରୁ ଆକ୍ରମଣ ନେଇ ଚେତାବନୀ, ଏୟାର ଫୋର୍ସ ସହିତ ରେଡ଼ିଓ ସମ୍ପର୍କ ପରିଚାଳନା, ବ୍ଲାକ ଆଉଟ ଓ ନିୟନ୍ତ୍ରଣ କକ୍ଷର ପ୍ରସ୍ତୁତି ଯାଞ୍ଚ କରିବା ପାଇଁ ଅଭ୍ୟାସ କରାଯାଇଥାଏ। ଯୁଦ୍ଧର ସାଇରନ ୨ରୁ ୫କିଲୋମିଟର ପର୍ଯ୍ୟନ୍ତ ଶୁଣାଯାଇଥାଏ। ଏହା ବିକଟାଳ ଶବ୍ଦ କରୁଥିବା ଚେତାବନୀ ସିଷ୍ଟମ, ଯାହାକି ୧୨୦ରୁ ୧୪୦ଡେସିବେଲ ପର୍ଯ୍ୟନ୍ତ ଶବ୍ଦ ଶୁଣାଯାଇଥାଏ।ଏହି ଶବ୍ଦ ବାଜିଲେ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ସଚେତନ କରାଯିବା ସହ ସ୍ଥାନୀୟ ଅଞ୍ଚଳବାସୀ ମକଡ୍ରିଲ ଭାଗ ନେଇ ବାତ୍ୟା ଆଶ୍ରୟସ୍ଥଳୀ କୁ ସୁରକ୍ଷିତ ଭାବି ଦୌଡ଼ି ଆସିଥିଲେ। ଏହି ମକଡ୍ରିଲ ସମୟରେ ଆଶା ନୋଡାଲ ଏନଜିଓ ଅନୁସୟା ପରିଡା, ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ,ଜି ଆର ଏସ ଓ ନିକଟସ୍ତ ବିଦ୍ୟାଳୟ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡାରେ ଜଣେ ଓ ନଦୀରେ ବୁଡି ଜଣେ ମୃତ୍ୟୁ

**କଳିଙ୍ଗନଗର,୭।୫(ସଂଚାର ବ୍ୟୁରୋ):** ଆଜି ଦୁଇଜଣଙ୍କର ଦୁଇଟି ଭିନ୍ନ ଭିନ୍ନ ଅଘଟଣରେ ଅକସ୍ମାତ ମୃତ୍ୟୁ ହୋଇଛି, ଖବର ମତେ ଗୋଲା ଗାଁ ଗ୍ରାମର କଳାକାର ବେହେରାଙ୍କ ପୁଅ କୁମେରଶ୍ୱର ବେହେରା (୨୮) ଙ୍କୁ ଏକ ବିଷଧର ସର୍ପ କାମୁଡିଦେବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି, କଳିଙ୍ଗନଗର ପୋଲିସ କେସ ନମ୍ବର ୧୨/୨୫ ରେ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି ସେହିପରି ଆଉ ଏକ ଦୁଃଖଦ ଘଟଣା ପିଙ୍ଗଲ ଗାଁର କ୍ଷେତ୍ରବାସୀ ରାଉତଙ୍କ ଝିଅ ସୁପ୍ରିୟା ରାଉତ (୧୨) ବର୍ଷ ନଦୀରେ ଗାଧୋଇବା ସମୟରେ ଅସାବଧାନତା ବଶତଃ ବୁଡିଯାଇ ମୃତ୍ୟୁ ବରଣ କରିଛି, ପୋଲିସ କେସ ନମ୍ବର ୧୩/୨୫ ରେ ଏକ ଅପମୃତ ମାମଲା ରୁଜୁକରି ପରିବାରକୁ ଶବ ହସ୍ତାନ୍ତର କରିଥିବା ଜଣା ପଡ଼ିଛି ।

## ସରପଞ୍ଚ ଦାୟିତ୍ୱ ନେଲେ ନାଏବ ସରପଞ୍ଚ



**କର୍ଲାମୁଣ୍ଡା,୭।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତରେ ଗତ ଦୁଇ ତାରିଖ ଶୁକ୍ରବାର ସରପଞ୍ଚ ସ୍ୱର୍ଗତ ପଞ୍ଚାନନ ବାଗ୍‌ଙ୍କ ବିୟୋଗ ପରେ ସରପଞ୍ଚ ପଦବୀ ଖାଲି ପଡ଼ିଥିଲା। ତେବେ କର୍ଲାମୁଣ୍ଡା ପଞ୍ଚାୟତ ସମିତି ପତ୍ର ସଂଖ୍ୟା ୧୭୩୫ ତାରିଖ ୫.୫.୨୦୨୫ ଅନୁସାରେ ବୁଧବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତୁ ଜାନୀ ୱାର୍ଡସଭ୍ୟ।/ସଭ୍ୟମାନଙ୍କ ଉପସ୍ଥିତରେ ନାଏବ ସରପଞ୍ଚ ପୂର୍ଣ୍ଣମୀ ମାଝୀଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ କରିଥିଲେ। ଏଥିରେ ସମିତିସଭ୍ୟ ଆନନ୍ଦ ନାଗଙ୍କ ସମେତ ପଞ୍ଚାୟତ ପ୍ରତିନିଧି, ପଞ୍ଚାୟତ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ସହଯୋଗରେ ପଞ୍ଚାୟତର ବିକାଶ କରିବି ବୋଲି ନୂତନ ଭାବେ ସରପଞ୍ଚ ଦାୟିତ୍ୱ ନେଇଥିବା ପୂର୍ଣ୍ଣମୀ ମାଝୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ବସ ଟର୍ମିନାଲ ନିର୍ମାଣରେ ବାଧକ ସାଜିଛି

## ପ୍ରଶାସନର ଅପାରଗତା ଓ ନେତାଙ୍କର ମିଥ୍ୟା ପ୍ରତିଶ୍ରୁତି



**ବୈଶିଙ୍ଗା,୭।୫(ସଂଚାର ବ୍ୟୁରୋ):** ନିର୍ବାଚନ ସମୟର ପ୍ରତିଶ୍ରୁତି ଏବଂ ପରେ ଅକୃତକାର୍ଯ୍ୟ ହେବା ସବୁ ନେତାଙ୍କର ନିତିଦିନିଆ ଘଟଣା। ୨୦ବର୍ଷ ପୂର୍ବେ ତତ୍କାଳୀନ ବୈଶିଙ୍ଗା ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରମିଳା ଗିରି ଙ୍କ ପ୍ରଚେଷ୍ଟାରେ ବୈଶିଙ୍ଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସଂଲଗ୍ନ ବୈଶିଙ୍ଗା ଗ୍ରାମ୍ୟ ଜଙ୍ଗଲ ଜମି ମଧ୍ୟରୁ ଦୁଇ ଏକର ପଞ୍ଚତିରିଶ ଡେସିମିଲି ଜମି ବୈଶିଙ୍ଗା ବସଷ୍ଟାଣ୍ଡ ପାଇଁ ସଂରକ୍ଷିତ କରା ଯାଇଥିଲା। ତତ୍କାଳୀନ ବିଧାନ ସଭା ଗୃହ କମିଟୀର ଚେୟାରମ୍ୟାନ ତଥା ବିଧାୟକ ରମେଶ ଚନ୍ଦ୍ର ଚାଉ ପଟ୍ଟନାୟକ ଏବଂ କମିଟୀର ସଦସ୍ୟ ମାନେ ବୈଶିଙ୍ଗା ଠାରେ ଏକ ବସ ଟର୍ମିନାଲ ର ଆବଶ୍ୟକତାକୁ ଉପଲବ୍ଧି କରି ବେତନଟୀ ତହସିଲଦାରଙ୍କୁ ଏହି ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଇଥିଲେ।ତଦନୁସାରେ ସରକାରୀ କାଗଜପତ୍ରରେ ବସଷ୍ଟାଣ୍ଡ ପାଇଁ ଜମି ସଂରକ୍ଷିତ ହେଲା ସତ ମାତ୍ର ଚିହ୍ନଟ କରାଗଲା ନାହିଁ। ୨୦୦୯ ନିର୍ବାଚନ ପୂର୍ବରୁ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ଫଳରେ ବୈଶିଙ୍ଗା ନିର୍ବାଚନ ମଣ୍ଡଳୀ ଲୀନ ହୋଇଯାଇ ବଡସାହି (ସଂ) ଆସନ ସୃଷ୍ଟି ହେଲା। ଏହାର ପ୍ରଥମ ବିଧାୟକ ଭାବେ ବିଜେଡି ଦଳର ମନୋରଞ୍ଜନ ସେଠୀ ଦାୟିତ୍ୱ ନେବା ପରେ ବସ ଟର୍ମିନାଲ କଥା ଭୁଲିଗଲେ। ୨୦୧୪ରେ ସେହି ବିଜେଡି ଦଳର ବିଧାୟକ ଭାବେ ଗଣେଶ୍ୱର ପାତ୍ର ଶପଥ ନେବା ପରଠାରୁ ଅଞ୍ଚଳର ଦୁରାବସ୍ଥା କୁ ଗୁରୁତ୍ୱ ଦେବା ବଦଳରେ ନିଜର ମହତ୍ତ୍ୱାକାଂକ୍ଷା ପୂରଣ କରିବାରେ ସିଦ୍ଧ ହସ୍ତ ହୋଇଗଲେ। ୨୦୧୯ ନିର୍ବାଚନର ପଟ ପରିବର୍ତ୍ତନ ହେବା ସହିତ ବିଜେପିର ସନାତନ ବିଜୁଳି ବଡସାହି ଗଡ଼ ଦଖଲ କରିଲେ। ଚାରି ବର୍ଷ ପର୍ଯ୍ୟନ୍ତ ସାଂଗଠନିକ ପରମ୍ପରାକୁ ଭୁଲିଯାଇ କର୍ମୀଙ୍କ ପକ୍ଷ ଛେଦନ କରିବାରେ ଲାଗିପଡ଼ିଲେ। ଅଞ୍ଚଳର ବିକାଶ ପାଇଁ ଦଳୀୟ କର୍ମକର୍ତ୍ତାଙ୍କ ପରାମର୍ଶ ନ ନେଇ ନିଜର ହାତ ପାଣ୍ଠି ନିଜ ଇଚ୍ଛାରେ ବ୍ୟୟ କରିଚାଲିଲେ। ଫଳରେ ସଙ୍ଗଠନ ଏକ ପାଖିଆ ହୋଇଗଲା। ବୈଶିଙ୍ଗା ଠାରେ ଜମି ଚିହ୍ନଟ ହୋଇଛି, ଏଠାରେ ବସ ଟର୍ମିନାଲ କରିବା ପାଇଁ ସରକାରଙ୍କ ଉପରେ ଚାପ ପକାଇଲେ ନିଶ୍ଚିତ ହୋଇ ପାରିବ। ବିଭିନ୍ନ ଅଣ ରାଜନୈତିକ ସଙ୍ଗଠନ ଦାବୀ କରିଥିଲେ ମଧ୍ୟ ବିଧାୟକ ଶ୍ରୀଯୁକ୍ତ ବିଜୁଳି ଭ୍ରୁକ୍ଷେପ କରିନଥିଲେ। ପରନ୍ତୁ ବେତନଟୀ ଏବଂ ବଡସାହି ଠାରେ ସରକାରଙ୍କ ପକ୍ଷରୁ ବସ ଟର୍ମିନାଲ ହୋଇ ପାରିଲା। ଏହିଭଳି ରାଜନେତାଙ୍କ ଦୂରଦୃଷ୍ଟି ବିହୀନ ଜନସେବା ଏବଂ ପ୍ରଶାସନର ଅପାରଗତା ଯୋଗୁଁ ଆଜି ପର୍ଯ୍ୟନ୍ତ ଟର୍ମିନାଲ ତିଆରି ହୋଇ ପାରୁନାହିଁ। ଫଳରେ ଯାତ୍ରୀମାନଙ୍କୁ ହଇରାଣ ହରକତ ହେବାକୁ ପଡୁଛି। ଏହି ଜମି ଚିହ୍ନଟ ହୋଇଥିଲେ ମଧ୍ୟ ଅଧିଗ୍ରହଣ ନ ହେବା ଦ୍ୱାରା ଜବରଦଖଲକାରୀ ମାନେ ଅନାୟାସରେ ଏହି ସ୍ଥାନରେ ପକ୍କା ଘର ମାନ ତିଆରି କରିସାରିଲେଣି। ତତ୍ ସହିତ ଏହି ଜମିକୁ ବାହାର ଜିଲ୍ଲାର ସଂଖ୍ୟାଲଘୁ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ଏହି ଜବରଦଖଲକାରୀ ମାନେ ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରୀ କରୁଥିବାର ଅଭିଯୋଗ କରିଛନ୍ତି କିଛି ଗ୍ରାମବାସୀ। ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୂର୍ବ ତହସିଲଦାର ସୁରଥ ଚନ୍ଦ୍ର ରାଉତ ହଟାଇବାରେ ସକ୍ଷମ ହୋଇ ପାରି ନ ଥିଲେ।

## ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା, ଜୀବଜନ୍ତୁଙ୍କ ରକ୍ଷା ନେଇ ସଚେତନତା

**କେସିଙ୍ଗା,୭।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ସ୍ଥିତ ବଗାଡ଼ ବନସୁରକ୍ଷା ସମିତିର ସଭାପତି ଧନୁ ଭୋଇଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଟାଙ୍ଗରା କଟା ପରିସରରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମିତିର ସମ୍ପାଦକ ତଥା ବନପାଳ ଯଶୋବନ୍ତ ନାଏକଙ୍କ ନେତୃତ୍ୱରେ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନ ସୁରକ୍ଷା ସମିତି ବଗାଡ଼ର ମୃତ ସଦସ୍ୟଙ୍କ ପାଇଁ ପ୍ରଥମେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସମିତିର ସମ୍ପାଦକ ତଥା ବନପାଳ ଯଶୋବନ୍ତ ନାଏକ ବିବରଣୀ ପଠନ କରିଥିଲେ। ଜଙ୍ଗଲ ସୁରକ୍ଷା, ଜଙ୍ଗଲ ଓ ଜୀବଜନ୍ତୁଙ୍କୁ ନିଆଁ ଦାଉରୁ କିପରି ସୁରକ୍ଷା କରିବା ଆଦି



ବିଷୟରେ ବନପାଳ ବିସ୍ତୃତ ଭାବେ ଉପସ୍ଥିତ ସମିତି ସଦସ୍ୟଙ୍କୁ ବୁଝାଇ ଥିଲେ। ସମିତିର ସଭାପତି ଧନୁ ଭୋଇ, ବନପାଳ ଯଶୋବନ୍ତ ନାଏକଙ୍କ ସମେତ ବନ କର୍ମଚାରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିବାବେଳେ ସମ୍ପାଦକ ଧନ୍ୟବାଦ ଦେଇଥିଲେ।

## ବିବାଦରେ ପଡ଼ିଲା ପୂର୍ଣ୍ଣଚ୍ଛେଦ, ମତ୍ସ୍ୟ ବିଭାଗ ଅଧୀନରେ ହୁମା ଶୁଖୁଆ ହାଟ

**ଗଞ୍ଜାମ,୭।୫(ସଂଚାର ବ୍ୟୁରୋ):** ଦୁଇ ସପ୍ତାହ ଧରି ପଞ୍ଚାୟତ ଜନପ୍ରତିନିଧି ଓ ପଞ୍ଚୁଦୋଳ ଯାତ୍ରା ପରିଚାଳନା କମିଟି ମଧ୍ୟରେ ଲାଗି ରହିଥିବା ବିବାଦ ବୁଧବାର ସମାଧାନ ହୋଇଛି। ଏସିଆ ମହାଦେଶର ସର୍ବ ବୃହତ ପ୍ରସିଦ୍ଧ ହୁମା ଶୁଖୁଆ ହାଟ ମତ୍ସ୍ୟ ବିଭାଗ ଅଧୀନକୁ ଚାଲିଯିବା ନେଇ ବିଜ୍ଞପ୍ତି ପ୍ରକାଶ ଏବଂ ସରକାର ପଟ୍ଟା ହେବା ପରେ ବିବାଦ ଉପୁଜିଥିଲା। ଏହି ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବା ଜଣାପଡ଼ିଛି । ଏନେଇ ବୁଧବାର ପୂର୍ବାହ୍ନରେ ହାଟପଡ଼ିଆଠାରେ ଜିଲା ଉଚ୍ଚ ପ୍ରଶାସନର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ଦେବାଶିଷ ବରାଳ, ମତ୍ସ୍ୟ ବିଭାଗ ଡେପୁଟି ଡାଇରେକ୍ଟର ସୁରେଶ ଚନ୍ଦ୍ର ବେହେରା, ବିଡିଓ ଅଚ୍ୟୁତାନନ୍ଦ ଯାନୀ, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଜିଲା ମତ୍ସ୍ୟ ଅଧିକାରୀ ବିଭୂତି ଭୂଷଣ ଶାହ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ସୁବ୍ରତ କୁମାର ପଟ୍ଟନାୟକ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ବିଭୂ ପ୍ରସାଦ ସ୍ୱାଇଁ, ହୁମା ଫାଣ୍ଡି ଅଧିକାରୀ ଶୁଭଜିତ ସାମନ୍ତରାୟ, ହୁମା ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ, ପଞ୍ଚୁଦୋଳ ଯାତ୍ରା ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ସାହୁ, ସଂସ୍କୃତିକ ସମ୍ପାଦକ ଯୋଗେଶ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ରାମା ରାଓ ରେଡ୍ଡୀଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା, ୮ ଖଣ୍ଡ ଗ୍ରାମର ଭଦ୍ର ବ୍ୟକ୍ତି ଓ ଶୁଖୁଆ ବ୍ୟବସାୟୀ ପ୍ରମୁଖ ଉପସ୍ଥିତ ଥିଲେ।





# ଦେଖାହେଲେ ଔରଙ୍ଗଜେବ୍‌ଙ୍କୁ ଚାପୁଡ଼ାଟେ ଦେବି !

ଏକ କୌତୂହଳପୂର୍ଣ୍ଣ ମନ୍ତବ୍ୟ ଦେଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି ସାଉଥ୍ ସୁପରଷ୍ଟାର୍ ବିଜୟ ଦେବର୍‌କୋଣ୍ଡା। ସେ କହିଛନ୍ତି, ଯଦି କେବେ ସମ୍ଭବ ହୁଏ ତେବେ ସେ ମୋଗଲ ସମ୍ରାଟ୍ ଔରଙ୍ଗଜେବ୍ ଓ ବ୍ରିଟିସ୍ ଅଧିକାରୀଙ୍କୁ ଚାପୁଡ଼ା ମାରିବାକୁ ଚାହିବେ। ହାଇଦ୍ରାବାଦରେ ସାଉଥ୍ ସୁପରଷ୍ଟାର୍ ସୂର୍ଯ୍ୟଙ୍କ ନୂଆ ଚଳଚ୍ଚିତ୍ର 'ରେଟ୍ରୋ' ପାଇଁ ଏକ ପ୍ରି-ରିଲିଜ୍ ଇଭେଣ୍ଟ୍ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜୟ ଦେବର୍‌କୋଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେବା ବେଳେ ଏପରି ମତ ଦେଇଥିଲେ।

କାର୍ଯ୍ୟକ୍ରମର ଉପସ୍ଥାପିକା ସୁମା ତାଙ୍କୁ ପଚାରିଥିଲେ ଯେ, ଆପଣ କିଛି ବର୍ଷ ତଳକୁ ଫେରିଯାଇ କେଉଁ ଐତିହାସିକ ବ୍ୟକ୍ତିତ୍ୱଙ୍କୁ ଭେଟିବାକୁ ଚାହିବେ ? ଉତ୍ତରରେ ବିଜୟ କହିଥିଲେ, ସେ ବ୍ରିଟିସ୍‌ମାନଙ୍କୁ ଭେଟିବାକୁ ଚାହାନ୍ତି। ଏହାସହ ସେମାନଙ୍କୁ ଚାପୁଡ଼ା ମଧ୍ୟ ମାରିବାକୁ ଚାହାନ୍ତି।

ତାଙ୍କ କହିବା ମୁତାବକ, "ମୁଁ କୌଣସି ବ୍ରିଟିସ୍ ଶାସକଙ୍କୁ ଭେଟି ସେମାନଙ୍କୁ ଦୁଇଟି ଶକ୍ତ ଚାପୁଡ଼ା ଦେବାକୁ ଚାହୁଁଛି। ଫିଲ୍ମ 'ଛାବା' ଦେଖିବାପରେ ମୋର ଏଭଳି କରିବାକୁ ଇଚ୍ଛାହେଉଛି। କାରଣ ଫିଲ୍ମର କାହାଣୀରେ ଭାରତୀୟ ଶାସକଙ୍କ ପ୍ରତି ସେମାନଙ୍କ ଛଳନା ଏବଂ ଅତ୍ୟାଚାର ମୋତେ କ୍ରୋଧିତ କରିଥିଲା। ମୁଁ ମୋଗଲ ଶାସକ ଔରଙ୍ଗଜେବ୍‌ଙ୍କୁ ମଧ୍ୟ ଭେଟି ଦୁଇରୁ ତିନୋଟି ଶକ୍ତ ଚାପୁଡ଼ା ମାରିବାକୁ ଚାହୁଁଛି। ମୁଁ ଏପରି ଆହୁରି ଅନେକଙ୍କୁ ଭେଟିବାକୁ ଚାହୁଁଛି, କେବଳ ସେମାନଙ୍କୁ ଚାପୁଡ଼ା ମାରିବା ପାଇଁ। ବର୍ତ୍ତମାନ, ମୁଁ କେବଳ ଏତିକି ହିଁ ଭାବିପାରୁଛି।"

ଉଲ୍ଲେଖଯୋଗ୍ୟ, ଭିକ୍କି କୌଶଲ୍ ଓ ଅକ୍ଷୟ ଖାନ୍ନା ଅଭିନୀତ 'ଛାବା' ଛତ୍ରପତି ଶିବାଜୀଙ୍କ ପୁତ୍ର ସମ୍ଭାଜୀଙ୍କ ବୀରତ୍ୱ ଓ ସଂଘର୍ଷମୟ ଜୀବନ କାହାଣୀ ଉପରେ ଆଧାରିତ। ଔରଙ୍ଗଜେବ୍ କିଭଳି ତାଙ୍କୁ ଛଳରେ ପରାଜିତ କରି ବନ୍ଦୀ କରି ଅକଥନୀୟ ନିର୍ଯାତନା ଦେଇଥିଲେ ତାହା ଏଥିରେ ଉପସ୍ଥାପିତ ହୋଇଛି।

# ପ୍ରଥମ ଥର ଅଭିଷେକ-ଅର୍ଲିନ୍





ପୁଣି ଏକ ନୂଆ ଯୋଡ଼ିକୁ ଖୁବ୍ ଶୀଘ୍ର ବଡ଼ ପରଦାରେ ଭେଟିବାକୁ ଯାଉଛନ୍ତି ଓଡ଼ିଆ ଦର୍ଶକ। ଦୁହେଁ କଳାକାର ଭାବେ ବେଶ୍ ଜଣାଶୁଣା, ହେଲେ ଉଭୟ ପ୍ରଥମଥର ଏକାଠି କାମ କରିଛନ୍ତି। ଅଭିଷେକ ରଥ ଓ ଅର୍ଲିନ୍ ଅଙ୍କିତାଙ୍କ ଯୋଡ଼ି ନୂଆ ଚଳଚ୍ଚିତ୍ର 'ସାର୍'ରେ ଅଭିନୟ କରୁଛନ୍ତି। କେଶବ ମଲ୍ଲିକ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଥିବା ବେଳେ 'ଗଙ୍ଗଶିଉଳି' ଫେମ୍ ଡକ୍ଟର କମଳଲୋଚନ ସାହୁ ଏହାର ପ୍ରଯୋଜନା କରିବା ସହ କାହାଣୀ ଓ ସଂଳାପ ରଚନା କରିଛନ୍ତି। ସେ ବି ପ୍ରାୟ ୨୭ ବର୍ଷ ପରେ ଓଲିଉଡ୍‌କୁ ଫେରିଛନ୍ତି।

ସୂଚନାଯୋଗ୍ୟ, 'ଏସିପି ସାଗରିକା' ଚଳଚ୍ଚିତ୍ରରେ ଓଡ଼ିଆ ଚଳଚ୍ଚିତ୍ରକୁ ପ୍ରବେଶ କରିଥିବା ଅଭିଷେକଙ୍କୁ ପରେ 'କେହି ନୁହେଁ କାହାର', 'ଚୁପ୍ ଚୁପ୍ ଚୋରି ଚୋରି', 'କଥା ଦେଲି ମଥା ଛୁଇଁ' ଏବଂ 'କଟି ପତଙ୍ଗ' ଆଦି ସିନେମାରେ ଦେଖିବାକୁ ମିଳିଛି । ଏସବୁ ସିନେମାରେ ଅଭିଷେକ ରଥ ପ୍ରକୃତି ମିଶ୍ର, ଏଲିନା ଓ ରୀୟାଙ୍କ ଭଳି ଜଣାଶୁଣା ନାୟିକାଙ୍କ ସହ ନଜର ଆସିଛନ୍ତି।

ଏଣେ ଅର୍ଲିନ୍ ଅଙ୍କିତା 'ମାୟାବୀ', 'ସନାତନୀ' ଓ 'ରାକେଟ୍' ଆଦି ଓଡ଼ିଆ ଛବିରେ ନାୟିକା ଭୂମିକାରେ ନଜର ଆସିଛନ୍ତି। ଏଥିରେ ତାଙ୍କୁ ଯଥାକ୍ରମେ ଅଙ୍କିତ ପଟ୍ଟନାୟକ, ସମ୍ବିତ୍ ଓ ଦୁଷ୍ମନ୍ତଙ୍କ ବିପକ୍ଷରେ ଦେଖିବାକୁ ପାଇଛନ୍ତି ସିନେପ୍ରେମୀ। କମଳ ସିନେ ପ୍ରଡକ୍‌ସନ୍ସ ନିବେଦିତ 'ସାର୍'ରେ ଦର୍ଶକ ଅଭିଷେକ ରଥ-ଅର୍ଲିନ୍ ଅଙ୍କିତା ଯୋଡ଼ିକୁ କେତେ ପସନ୍ଦ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା।

# ତିନି ନାୟିକାଙ୍କ ପ୍ରେମରେ ଦୁଷ୍ମନ୍ତ





ଗୁଞ୍ଜନ

ଅୟନା

ନାୟକ ଜଣେ, ହେଲେ ତାଙ୍କ ବିପକ୍ଷରେ ଅଛନ୍ତି ତିନିଜଣ ନାୟିକା। ଓଡ଼ିଆ ଚଳଚ୍ଚିତ୍ର 'ଲାଇଫ୍ ପାର୍ଟନର୍'ରେ ଦେଖିବାକୁ ମିଳିବ ଏଭଳି କୌତୂହଳପୂର୍ଣ୍ଣ ପ୍ରେମ କାହାଣୀ। ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ତଥା ସଂଗ୍ରାମ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ନାୟକ ଦୁଷ୍ମନ୍ତଙ୍କ ବିପକ୍ଷରେ ଅଛନ୍ତି ତିନିଜଣ ନାୟିକା। କାହାଣୀ ଅନୁଯାୟୀ, ତିନି ନାୟିକା ନାୟକଙ୍କ ଜୀବନର ଭିନ୍ନ ଭିନ୍ନ ମୋଡ଼ରେ ଆସିଛନ୍ତି ଓ ପ୍ରେମ ସଂପର୍କରେ ଯୋଡ଼ିହୋଇଛନ୍ତି। ହେଲେ ପରବର୍ତ୍ତୀ ସମୟରେ କିଏ ରହିଛି ଓ କିଏ ଅଲଗା ରାସ୍ତାରେ ଯାଇଛି, ତାହାକୁ ନେଇ କାହାଣୀରେ ଟ୍ୱିଷ୍ଟ ରହିଛି। 'ଲାଇଫ୍ ପାର୍ଟନର୍'ରେ ଗୁଞ୍ଜନ ଗୁଡ଼ି ଚରିତ୍ରରେ, ପୁଣ୍ୟତୋୟା ପିହୁ ଭୂମିକାରେ ଥିବା ବେଳେ ଅୟନାଙ୍କ ଅଭିନୀତ ଚରିତ୍ରର ନାଁ ସାଇନା। ସେହିପରି ଦୁଷ୍ମନ୍ତଙ୍କୁ ଏଥିରେ ଜିତ୍ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ। ଜିତ୍‌ଙ୍କ ପ୍ରଥମ ପ୍ରେମିକା ଗୁଡ଼ି। ଦୀର୍ଘଦିନର ପ୍ରେମ ସଂପର୍କ ପରେ ବି ଜିତ୍ ଘଟଣାଚକ୍ରରେ ପିହୁଙ୍କୁ ବିବାହ କରୁଛନ୍ତି। ହେଲେ ବିବାହର କିଛିଦିନ ପରେ ପିହୁଙ୍କର ମୃତ୍ୟୁ ଘଟୁଛି। ପତ୍ନୀ ବିଚ୍ଛେଦ ଯନ୍ତ୍ରଣାରେ ଜିତ୍ ନିଶାସକ୍ତ ହୁଅନ୍ତି। ସେହି ସମୟରେ ଅତ୍ୟାଧୁନିକ ଚିନ୍ତାଧାରାର ଯୁବତୀ ସାଇନା ଜିତ୍ ପ୍ରତି ଆକର୍ଷିତ ହୋଇ ତାଙ୍କୁ ନିଜଆଡ଼ୁ ଭଲପାଇ ବସନ୍ତି। ଏଣେ ସାଇନା ଏକପାଖିଆ ପ୍ରେମରେ ଜିତ୍‌କୁ ବାନ୍ଧିବାକୁ ପ୍ରୟାସ କରୁଥିବା ବେଳେ ତେଣେ ଏଭଳି ପରିସ୍ଥିତିରେ ଗୁଡ଼ି ବି ଜିତ୍‌ଙ୍କ ଫେରିବା ବାଟକୁ ଅପେକ୍ଷା କରୁଛନ୍ତି। ଶେଷରେ ଜିତ୍ ଗୁଡ଼ିଙ୍କ ପାଖକୁ ଫେରୁଛନ୍ତି ନା ସାଇନାଙ୍କ ପ୍ରେମକୁ ସ୍ୱୀକାର କରୁଛନ୍ତି, ତାହା କାହାଣୀର କ୍ଲାଇମାକ୍ସରେ ଦେଖିବାକୁ ପାଇବେ ଦର୍ଶକ।

# ଶିବାନୀ ଏବେ ସୁଲୋଚନା

ଯୁବତୀଙ୍କୁ ବୟସ ତେଇଶି କି ଚବିଶ, ହେଲେ କଥାବାର୍ତ୍ତା ଓ କାର୍ଯ୍ୟକଳାପ ଗୋଟିଏ ନଅ/ଦଶ ବର୍ଷର ଝିଅ ପରି। ନାଁ ତାଙ୍କର ସୁଲୋଚନା। ଘଟଣାକ୍ରମେ ସେ ଜଗା ନାମକ ଅବଢ଼ା ବୋଝିଆଙ୍କୁ ବିବାହ କରନ୍ତି। ଆଉ ତା'ପରେ ଉଭୟଙ୍କ ଜୀବନରେ କ'ଣ ସବୁ ଘଟୁଛି, ତାହାକୁ ନେଇ ନିର୍ମାଣ ହୋଇଛି ଏକ ଓଡ଼ିଆ ସିନେମା। ଏହି ଛବିରେ ମାନସିକ ସ୍ତରରେ ଅନଗ୍ରସର ଯୁବତୀ ଭୂମିକାରେ ନଜର ଆସିବେ ଓଲିଉଡ୍‌ର ଚୁଲ୍‌ବୁଲି ନାୟିକା ଶିବାନୀ। ୯ ବର୍ଷର କ୍ୟାରିୟର୍‌ରେ ପ୍ରଥମ ଥର ଲାଗି ଏଭଳି ଚରିତ୍ର ପାଇଥିବାରୁ ସେ ଖୁବ୍ ଖୁସି। ଏହା ତାଙ୍କ ଲାଗି ଚ୍ୟାଲେଞ୍ଜିଂ ଥିଲେ ବି ଖୁବ୍ ପ୍ରଭାବଶାଳୀ ଢଙ୍ଗରେ ଚରିତ୍ରକୁ ନିଭାଇଛନ୍ତି ସେ। ଏଠାରେ ରମେଶ ବାରିକଙ୍କ ପ୍ରଯୋଜିତ ତଥା ସୁଧାଂଶୁମୋହନ ସାହୁଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ଗଣ୍ଡ ଭୈରବ' କଥା କୁହାଯାଉଛି।

ଏଥିରେ ଶିବାନୀଙ୍କ ବିପକ୍ଷରେ ନାୟକ ଭୂମିକାରେ ନଜର ଆସିବେ ଦେବାଶିଷ। ଦର୍ଶକ ପ୍ରଥମଥର ଲାଗି ଦେବାଶିଷ-ଶିବାନୀଙ୍କ ଯୋଡ଼ିକୁ ପରଦାରେ ଭେଟିବେ। ଲୋକପ୍ରିୟ ନାୟକ ବାବୁସାନ୍‌ଙ୍କ ବିପକ୍ଷରେ ନାୟିକା ସାଜି କ୍ୟାରିୟର୍ ଆରମ୍ଭ କରିଥିବା ଶିବାନୀ ପରେ ବଡ଼ ପରଦାରେ ଅନୁଭବ, ଅରିନ୍ଦମ ଓ ସ୍ୱରାଜ ଆଦି ନାୟକଙ୍କ ନାୟିକା ଭାବେ ଅଭିନୟ କରିଛନ୍ତି।

'ଗଣ୍ଡ ଭୈରବ'ରେ ଦେବାଶିଷ-ଶିବାନୀ ଯୋଡ଼ି ବ୍ୟତୀତ ଶଙ୍କର ବସୁମଲ୍ଲିକ, ପୃଥ୍ୱୀରାଜ, ପୁଷ୍ପା ପଣ୍ଡା, ଅସିତ, ସୋମା ଭୌମିକ, କେ କେ ଓ ଶୁଭ୍ରାଂଶୁ ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି। ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ ଉପରେ ଆଧାରିତ ଏହି ସିନେମାର ସଙ୍ଗୀତକାର ହେଲେ ଗୌରବ ଆନନ୍ଦ।



## ହାଲ୍‌ଚାଲ୍

- ପ୍ରଯୋଜକ ସୀତାରାମ ଅଗ୍ରୱାଲ୍‌ଙ୍କ ପ୍ରଯୋଜିତ ତଥା ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶିତ 'ସପନର ପଥେ ପଥେ'



ଜରିଆରେ ଓଲିଉଡ୍‌ରେ ପଦାର୍ପଣ କରିଥିବା ସଙ୍ଗୀତକାର ଅସଦ ନିଜାମ୍ ଏବେ ପୁଣି ସୀତାରାମ-ସୁଶାନ୍ତଙ୍କ ନୂଆ ସିନେମା 'ଛି ଛି ଛିରେ ନନୀ ଛି'ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି।

- ଓଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସୁଧାଂଶୁମୋହନ ସାହୁ ଆଉ ଏକ ନୂଆ ଓଡ଼ିଆ ଛବିର ନିର୍ଦ୍ଦେଶନା ଦେବାକୁ ପ୍ରସ୍ତୁତ ହେଉଛନ୍ତି। ଇତିମଧ୍ୟରେ ଏହାର ସ୍କ୍ରିପ୍ଟ କାମ ଶେଷହୋଇଛି। ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଏକ ସାହିତ୍ୟକୃତି ଉପରେ ଏହାର କଥାବସ୍ତୁ ଆଧାରିତ। ଖୁବ୍ ଶୀଘ୍ର ଏହାର ଶୀର୍ଷକ ଘୋଷଣା କରାଯିବ ବୋଲି ସୂଚନା ରହିଛି।



- ରାସେଶ ମହାନ୍ତିଙ୍କ ନିର୍ଦ୍ଦେଶିତ 'ଦେବକନ୍ୟା'ର ପୋଷ୍ଟ ପ୍ରଡକ୍‌ସନ୍ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାଯାଇଛି। ଏହା ଖୁବ୍ ଶୀଘ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ସୁରେଶ ସାହୁ ଓ ଭାର୍ଗବ ତ୍ରିପାଠୀ ଏହାର ପ୍ରଯୋଜନା କରିଥିବା ବେଳେ ଶଙ୍କର ତ୍ରିପାଠୀ କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି। ବିକାଶ ଦାସ ଏଥିରେ ସ୍ୱରସଂଯୋଜନା କରିଛନ୍ତି। ଏହାର ସିନେମାଟୋଗ୍ରାଫି ଦାୟିତ୍ୱରେ ଅଛନ୍ତି ସୁଦର୍ଶନ ସେନାପତି। ଏଥିରେ ଶୁଭାଶିଷ, ସୁଶ୍ରୀ, ନୂତନ, ଅଶ୍ରୁମୋଚନ, କୁନା ତ୍ରିପାଠୀ ଓ କେଦାର ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି।



# ଲୁଚିକି ସିନେମା ଯାଇଥିଲୁ ଗାଳି ଆଉ ବର୍ଷାମାଡ଼ ଖାଇଲୁ

**ପିଲାଦିନ ଚାଲିଯାଏ ହେଲେ ପିଲାଦିନର ସ୍ମୃତି କେବେ ବି ପିଛା ଛାଡ଼େନି। ବୟସ ବଢ଼ିବା ସାଥେ ସାଥେ ପିଲାଦିନେ ଘଟିଥିବା ଖଟାମିଠା କଥା ସବୁ ବେଶି ବେଶି ମନେପଡ଼େ। ସ୍ମୃତି ଅଧିକ ଅଧିକ ପାକଳ ହେବାକୁ ଲାଗେ। କେବେ ନା କେବେ ଏକାନ୍ତରେ ଆସି ଓଠରେ ହସ ଦିଏ, ନହେଲେ ଆଖିରେ ଦୁଇ ଧାର ଲୁହ। ଆଜି ଆମ ସହ ପିଲାଦିନର ସ୍ମୃତିକୁ ବାଣ୍ଟିଛନ୍ତି ଜଣାଶୁଣା ହାସ୍ୟାଭିନେତା ତଥା ଓଲିଉଡ୍‌ର ଚିହ୍ନା ଚେହେରା ଜୀବନ ପଣ୍ଡା।**





ଅଭିନେତା ଜୀବନ ପଣ୍ଡାଙ୍କ ମନଛୁଆଁ ଅଭିନୟ ଆମେ 'ଲଭ୍ ଷ୍ଟେସନ୍', 'ଲଭ୍ ପାଇଁ କୁଛ୍ ଭି କରେଗା', 'ଗୋଲ୍‌ମାଲ୍ ଲଭ୍', 'ପିଲାଟା ବିଗିଡ଼ିଗଲା', 'ସଞ୍ଜୁ-ସଞ୍ଜନା', 'ସୁପର୍ ମିଛୁଆ' ଭଳି ବହୁ ଚଳଚ୍ଚିତ୍ରରେ ଦେଖିଛେ। ଓଡ଼ିଆ ଚଳଚ୍ଚିତ୍ରର ଲୋକପ୍ରିୟ ହାସ୍ୟାଭିନେତା ବାପା ରାଧା ପଣ୍ଡାଙ୍କ ପଦାଙ୍କ ଅନୁସରଣ କରି ସେ ବି ହାସ୍ୟାଭିନୟରେ ମନୋନିବେଶ କରିଛନ୍ତି। ତେବେ ଅଭିନୟ ବ୍ୟତୀତ ଚିତ୍ର କରିବା ଓ ଲେଖାଲେଖି ପ୍ରତି ବି ତାଙ୍କର ରୁଚି ରହିଛି। ପିଲାଦିନେ ସେ ମାଟି, ପାଣି ଓ ବ୍ୟାଟେରି ଭିତରୁ ବାହାରୁଥିବା କଳା କାର୍ବନ୍‌କୁ ମିଶ୍ରଣ କରି ଚମତ୍କାର ଚିତ୍ର ସବୁ ଆଙ୍କୁଥିଲେ। ବାପାଙ୍କ ସମର୍ଥନ ଓ ପ୍ରେରଣା ପାଇ ସେ ଏପରି ନିଆରା କଳାକୁ ଆପଣାଇଥିଲେ। ଏକ ଶୃଙ୍ଖଳିତ ପରିବାରରେ ବଢ଼ିଥିବାରୁ ଜୀବନ ବିଶେଷ ଦୁଷ୍ଟାମି କରିବାର ସୁଯୋଗ ପାଇନାହାନ୍ତି। ହେଲେ ପିଲାଦିନର କିଛି କଥା ଆଜି ମଧ ତାଙ୍କୁ ଆନ୍ଦୋଳିତ କରେ ଏବଂ ସେ ସେସବୁକୁ ମନେପକାଇ ଆତ୍ମବିଭୋର ହୋଇଉଠନ୍ତି।

"ପିଲାଦିନରୁ ମୋର ସିନେମା ପ୍ରତି ପ୍ରବଳ ଆକର୍ଷଣ ଥାଏ। ୧୯୮୧ ମସିହାର କଥା। ସେତେବେଳେ ଅମିତାଭ ବଚ୍ଚନଙ୍କ ସିନେମା 'ଲାୱାରିସ୍' ଆସିଥାଏ। ସେ ଫିଲ୍ମରେ ଅମିତାଭ ବଚ୍ଚନ ଗାଇଥିବା 'ମେରେ ଅଙ୍ଗନେ ମେଁ ତୁହ୍ମାରା କ୍ୟା କାମ୍ ହେ..' ଗୀତଟି ଖୁବ୍ ଲୋକପ୍ରିୟ ହୋଇଥାଏ। 'ଲାୱାରିସ୍' ଭୁବନେଶ୍ୱରର ଶ୍ରୀୟା ଟକିଜ୍‌ରେ ପଡ଼ିଥାଏ । ଆମେ ୪/୫ ଜଣ ସାଙ୍ଗ ସିନେମାଟି ଦେଖିବାକୁ ଯୋଜନାକଲୁ ଏବଂ ଦେଖିବାକୁ ଗଲୁ ମଧ। ସଂଧ୍ୟା ସୋ' ଯାଇଥାଉ ଏବଂ ସିନେମା ସରୁ ସରୁ ରାତି ୯ଟା ହୋଇଗଲା। ହେଲେ ଦୁର୍ଭାଗ୍ୟକୁ ସିନେମା ସରିବା ପରେ ଆମେ ହଲ୍‌ରୁ ବାହାରି ଦେଖୁ ତ ପ୍ରବଳ ବର୍ଷା ଚାଲିଛି। ପଦାକୁ ବାହାରିଲା ମାନେ ଓଦା। ଏପଟେ ଆମର ବିଳମ୍ବ ହେଉଥାଏ। ସେପଟେ ଘରେ ଆମେ କାହାକୁ କିଛି ନକହି ସିନେମା ଦେଖିବାକୁ ଆସିଥାଉ। କାଳେ ଘରେ ଛାଡ଼ି ନଥାନ୍ତେ ବୋଲି ଆମେ ସମସ୍ତେ ଲୁଚିକି ଆସିଥିଲୁ। ଚିନ୍ତାରେ ପଡ଼ିଗଲୁ, ପ୍ରବଳ ବର୍ଷାରେ ସାଇକେଲ୍ ନେଇ ଘରକୁ ଫେରିବୁ କେମିତି ? ହଲ୍‌ରୁ ଘର ଅତିକମ୍‌ରେ ଅଧଘଣ୍ଟାର ରାସ୍ତା। ଯାହାବି ହେଉ, ବର୍ଷା ଟିକେ କମିଲାରୁ ଆମେ ଘରକୁ ଫେରିଲୁ। ଘରେ ପହଞ୍ଚୁ ପହଞ୍ଚୁ ରାତି ୧୦ ପାର୍। ସେଦିନ ଘରେ ଯେଉଁ ଗାଳି, ଆଉ କୁହନ୍ତୁନି। ତା'ପରଠୁ ଆଉ ସେପରି ଭୁଲ୍ ହୋଇନାହିଁ। ସେ ଦିନ ଚାଲିଯାଇଛି, କ'ଣ ଗାଳି ଶୁଣିଥିଲି ତାହା ବି ଭୁଲିଯାଇଛି। ହେଲେ କିପରି ସିନେମା ଦେଖିବା ପରେ ସାଙ୍ଗମାନଙ୍କ ସହ ବର୍ଷାରେ ଭିଜି ଭିଜି ଘରକୁ ଫେରିଥିଲି ସେ ସ୍ମୃତି ଏବେ ବି ସ୍ପଷ୍ଟ ମନେଅଛି।"

# ସହରରେ ନକଲି ନୋଟ ଗୁଜବ, ବ୍ୟବସାୟୀ ସତର୍କ

**ସୋନପୁର,୭।୫(ସଂଚାର ବ୍ୟୁରୋ):** ଗତ କାଲି ଠାରୁ ସୋନପୁର ସହର ରେ ବିଭିନ୍ନ ଜାଗା ରେ ପାଞ୍ଚ ଶହ ଟଙ୍କିଆ ନକଲି ନୋଟ ଦୋକାନ ରୁ ଦୋକାନ ଘୁରୁଥିବା ବିଷୟ ସହର ସାରା ଚର୍ଚ୍ଚା ହେଉଛି। ଯାହା ଫଳରେ କି ଏକ କକୁଆ ଭୟ ସୃଷ୍ଟି ହୋଇଛି। ଏ ନକଲି ନୋଟ ଧରି ଦୋକାନ ମାନଙ୍କ ରେ ଜିନିଷ କିଣା ବିକା କରୁଥିବା ବେଳେ ଦୋକାନୀ ମାନେ ସେହି ଗ୍ରାହକ କୁ ଫେରାଇ ଦେଇଥିବା ଖବର ମିଳୁଛି। କିନ୍ତୁ ଉକ୍ତ ଦୋକାନୀ ମାନେ ଏ ବିଷୟରେ ପୋଲିସ କୁ ଅଭିଯୋଗ କରି ନ ଥିବା ଜଣା ଯାଇଛି। ଉକ୍ତ ନୋଟ କୁ ନୋଟ କାଉଣ୍ଟି ମେସିନ ରେ ଦେଲା ପରେ ଏହା ନକଲି ନୋଟ ବୋଲି ଜଣା ପଡ଼ିଥିବା ଖବର ଲୋକଙ୍କ ମଧ୍ୟରେ ଗୁଞ୍ଜରଣ ହେଉଥିବା ଜଣା ଯାଇଛି। ଏଥିରୁ ଅନୁମାନ କରାଯାଉଛି ଯେ ନିଶ୍ଚିତ ଭାବେ ଜଣେ ବଡ଼ ବ୍ୟବସାୟୀ ଙ୍କ ପାଖକୁ ଏ ନକଲି ନୋଟ ବାଲା ଗ୍ରାହକ ଜିନିଷ କିଣିବାକୁ ଯାଇଛି।




## ଗିରଫ ଜେଲ୍ ଆଉ ବେଲ୍‌ରେ ଅପରାଧ ନିୟନ୍ତ୍ରଣ ସମ୍ଭବ କି ?

# ସିଲ୍କ ସିଟି ଏବେ କ୍ରାଇମ୍ ସିଟି

**ବ୍ରହ୍ମପୁର,୭।୫(ସଂଚାର ବ୍ୟୁରୋ):** ରେଶମ ସହର ବ୍ରହ୍ମପୁରରେ ଅପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ହତ୍ୟା, ହତ୍ୟା ଉଦ୍ୟମ, ବୋମା ମାଡ଼, ଚୋରି, ଦାଦାଗିରି, ହତ୍ୟା ଧମକ୍ ଭଳି ଘଟଣା ସାମ୍ନାକୁ ଆସିବା ସହରର ଶାନ୍ତ ବାତାବରଣକୁ ଅଶାନ୍ତ କରିଦେଇଛି। ବ୍ରହ୍ମପୁର ପୋଲିସ୍ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ପ୍ରତିଦିନ ଏଭଳି ଅପରାଧିକ କାଣ୍ଡ ଘଟି ଚାଲିଛି। ଯାହା ସାଧାରଣ ଲୋକଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଘଟଣା ଘଟିବାର କମ୍ ସମୟ ମଧ୍ୟରେ ଯଦିଓ ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରୁଛି ତଥାପି ଅପରାଧୀଙ୍କ ଅପରାଧ ଉପରେ ବ୍ରେକ୍ ଲଗାଇବା ସମ୍ଭବପର ହେଉନାହିଁ। ଗତ କିଛି ଦିନ ମଧ୍ୟରେ ବ୍ରହ୍ମପୁର ପୋଲିସ୍ ଜିଲ୍ଲା ଅଧୀନରେ ମାଳ ମାଳ ଅପରାଧିକ ଘଟଣା ଲୋକ ଲୋଚନକୁ ଆସିଛି ।



ପୋଲିସ୍ ଆଖିରେ ଧୂଳି ଦେଇ ଅପରାଧୀ ମାନେ ଅପରାଧିକ କାଣ୍ଡ ଭିଆଇ ଚାଲିଛନ୍ତି। କିଛି ଘଟଣାର ପର୍ଦ୍ଦାଫାସ ହୋଇଥିବା ବେଳେ ଆଉ କିଛି ମାମଲାର ପୋଲିସ୍ ତଦନ୍ତ କରୁଛି। ବିଭିନ୍ନ ଘଟଣାରେ ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍ ପଠାଉଥିବା ବେଳେ ଏମାନେ ପୁଣି ବେଲ୍ ରେ ଆସି ଅଶାନ୍ତି ସୃଷ୍ଟି କରୁଥିବା ସାଧାରଣରେ ଆଲୋଚନା ହେଉଛି। ଚର୍ଚ୍ଚା ପ୍ରକାରେ, ବ୍ରହ୍ମପୁର ପୋଲିସର କାର୍ଯ୍ୟାନୁଷ୍ଠାନକୁ ଅପରାଧୀ ଖାତିର କରୁନାହାନ୍ତି। ଜେଲ୍ ଯାଇ ବେଲ୍ ରେ ଆସିବା ଅପରାଧିକଙ୍କ ପାଇଁ ଅଭ୍ୟାସରେ ପରିଣତ ହେଲାଣି। ଏଥିସହ ପୂର୍ବ ଭଳି ଥାନା ମାନଙ୍କରେ ଆଉ ଗୁଣ୍ଡା ପ୍ୟାରେଡ଼ କରାଯାଉନାହିଁ। ପୁରୁଣା ଅପରାଧୀଙ୍କୁ ପୋଲିସ୍ ନିଜ ସ୍କାନରରେ ରଖିବାକୁ ଭୁଲିଯାଇଛି। ସେହିପରି ପୋଲିସ୍ ର ପେଟ୍ରୋଲିଂ ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସମସ୍ତ ଥାନା ଇଲାକାରେ ପେଟ୍ରୋଲିଂ ସଠିକ୍ ଭାବେ ହେଉନଥିବାରୁ ଅପରାଧୀ ମାନେ ଅଧିକ ମାତ୍ରାରେ ସକ୍ରିୟ ହୋଇ ଯାଇଛନ୍ତି। ଅଧିକାଂଶ ବଡ ବଡ଼ ଅପରାଧିକ ଘଟଣାରେ ବ୍ରହ୍ମପୁର ପୋଲିସ୍ କୁ ସଫଳତା ମିଳିଛି। କିନ୍ତୁ ଅପରାଧ ନିୟନ୍ତ୍ରଣକୁ ନ ଆସିବା ଏବେ ସାଧାରଣ ଲୋକଙ୍କ ସମେତ ପୋଲିସ୍ ପାଇଁ ମଧ୍ୟ ଚିନ୍ତାର କାରଣ ସାଜିଥିବା କୁହାଯାଉଛି।ଏଭଳି ସ୍ଥଳେ ବିଭିନ୍ନ ଥାନା ଇଲାକରେ ପେଟ୍ରୋଲିଂ ଆହୁରି କଡ଼ାକଡି ସହ ଅପରାଧୀଙ୍କ ପ୍ରତି ପୋଲିସ୍ ଆହୁରି କୋଠର ହେବା ଉଚିତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ମାଫିଆଙ୍କ ଦ୍ୱାରା ଶାଳ ଜଙ୍ଗଲ ଲୁଟ

**ବେତନଟୀ,୭।୫(ସଂଚାର ବ୍ୟୁରୋ):** ବେତନଟୀ ବନାଞ୍ଚଳ ଅଧୀନ ଭାଲିଆ ପ୍ରସ୍ତାବିତ ସଂରକ୍ଷିତ ଶାଳ ଜଙ୍ଗଲର ଶାଳ ଗଛ ମାଫିଆଙ୍କ ଦ୍ୱାରା ଲୁଟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥିପାଇଁ ଭାଲିଆ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚୋରା କାଠ ବ୍ୟବସାୟୀମାନେ ନିର୍ଭୟରେ ଜଙ୍ଗଲରେ ପଶି ଶାଳ ଗଛ କାଟି ବାଲେଶ୍ୱର ଅଞ୍ଚଳକୁ ଲୁଟ କରି ନେଉଥିବା ବେଳେ ବେତନଟୀ ବନ ବିଭାଗ କିପରି ସୂଚନା ପାଉନାହିଁ ବୋଲି ପ୍ରଶ୍ନ ଉଠାଇ ଛନ୍ତି। ଏହି କାଠ ଚୋରି ଦିନକୁ ଦିନ ବଢୁଥିବା ବେଳେ ମଙ୍ଗଳବାର ଦିନ ଗ୍ରାମବାସୀଙ୍କଠାରୁ ସୂଚନା ପାଇ ବେତନଟୀ ଫୋରେଷ୍ଟର ପ୍ରଶାନ୍ତ ସିଂ ସାମନ୍ତ ସଦଳବଳେ ଭାଲିଆ ସଂରକ୍ଷିତ ଶାଳ ଜଙ୍ଗଲ ଚଢ଼ାଉ କରିଥିବା ବେଳେ କାଠ ମାଫିଆମାନେ ଫୋରେଷ୍ଟରଙ୍କୁ ଦେଖି ଚମ୍ପଟ ମାରିଥିଲେ। ଏହି କାଠ ମାଫିଆମାନେ ସାତଟି ମୂଲ୍ୟବାନ ବଡ ଶାଳ ଗଛ କାଟି ୨୧ଟି ଗଡ଼ କରି ବାଲେଶ୍ୱର ଅଭିମୁଖେ ଚାଲାଣ ପାଇଁ ଉଦ୍ୟମ କରୁଥିବା ବେଳେ ବନ ବିଭାଗ ଟିମ ଚଢ଼ାଉ କରିବାରେ ସଫଳ ହୋଇଛନ୍ତି। ଅଭିଯୁକ୍ତମାନଙ୍କୁ ବନବିଭାଗ ଧରିପାରି ନଥିବା ବେଳେ ଜବତ ହୋଇଥିବା କାଠ ଗଣ୍ଡିକୁ ଦୁର୍ଗାପୁର ବିଟ ହାଉସ ନିକଟରେ ରଖାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଏହି କାଠ ମାଫିଆମାନେ ନିକଟ ଅତୀତରେ ଦୁର୍ଗାପୁର ବିଟ ହାଉସ ଅଧୀନ ଚିଲବସା, କରମଶୋଳ ଓ ଭାଲିଆ ଅଞ୍ଚଳରୁ ଗଛ କାଟି ବୈଶିଙ୍ଗା ଦେଇ ବାଲେଶ୍ୱରକୁ ଚାଲାଣ କରୁଛନ୍ତି। ଏସମ୍ପର୍କରେ ବେତନଟୀ ଫୋରେଷ୍ଟର ପ୍ରଶାନ୍ତ କୁମାର ସିଂ ସାମନ୍ତଙ୍କୁ ପଚାରିବାରୁ କହନ୍ତି ଗଛ କଟାଯାଉଥିବା ଖବର ପାଇ ଆମ୍ଭେ ସାଙ୍ଗେ ସାଙ୍ଗେ ଚଢ଼ାଉ କରିଥିଲୁ, ଗ୍ରାମବାସୀ ଏଥିପାଇଁ ସହଯୋଗ କଲେ ଚୋରା କାଠ ବେପାରୀଙ୍କୁ ଧରାଯାଇପାରିବ।

## ୮ମାସ ପୂର୍ବରୁ ନାବାଳକ ନିରୁଦ୍ଦିଷ୍ଟ, ପୁଅକୁ ନପାଇ ଭାଙ୍ଗିପଡ଼ିଛନ୍ତି ବାପା ମାଆ



**ନୀଳଗିରି,୭।୫(ସଂଚାର ବ୍ୟୁରୋ):** ଦୀର୍ଘ ୭/୮ମାସ ପୂର୍ବରୁ ଜଣେ ନାବାଳକ ନିଖୋଜ ଥିବାବେଳେ ଏପର୍ଯ୍ୟନ୍ତ ତାର କୌଣସି ଖୋଜଖବର ମିଳିନାହିଁ। ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ସାନନୂଆଗାଁ ଗ୍ରାମର ଶିବ ସିଂଙ୍କ ନାବାଳକ ପୁଅ ମିଲୁ ସିଂ(୧୩) ଗତ ୭ରୁ ୮ମାସ ତଳେ ଘରୁ କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ବନ୍ଧୁବାନ୍ଧବ, ପରିଜନ, ସାଙ୍ଗସାଥୀ ମାନଙ୍କ ଘରେ ଖୋଜାଖୋଜି କରିଥିଲେ ମଧ୍ୟ ତାର କୌଣସି ପତ୍ତା ମିଳିନାହିଁ। ତାଙ୍କୁ କେହି ଅପହରଣ କରିଥାଇପାରେ କିମ୍ବା କେଉଁଆଡେ ଚାଲିଯାଇଥାଇ ପାରେ ବୋଲି ଅନୁମାନ କରାଯାଇଛି।ଶେଷରେ ପରିବାର ଲୋକେ ବରହମପୁର ଥାନାରେ ପୁଅ ନିଖୋଜ ଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ବରହମପୁର ଥାନାରେ ୨୨/୨୫ରେ ମାମଲା ରୁଜୁ କରି ନିଖୋଜ ବାଳକକୁ ଖୋଜୁଥିବା ଜଣାଯାଇଛି।

## ଓଷ୍ଟା ସଂଘ ବେତନଟୀ ବ୍ଲକ ପକ୍ଷରୁ ଏ-୧ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ




**ବୈଶିଙ୍ଗା,୭।୫(ସଂଚାର ବ୍ୟୁରୋ):** ଓଷ୍ଟା ସଂଘ ବେତନଟୀ ବ୍ଲକ ଆନୁକୂଲ୍ୟରେ ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ-୧ ଗ୍ରେଡ ପାଇ କୃତକାର୍ଯ୍ୟ ହୋଇଥିବା ବ୍ଲକର ଛାତ୍ର ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ବୁଧବାର ଏକ ସମ୍ବର୍ଦ୍ଧନା ସଭା ବୈଶିଙ୍ଗା ଥାନା ଅନ୍ତର୍ଗତ ବାଲକା ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକ ଓଷ୍ଟା ସଂଘ ର ସଭାପତି ଶିଶିର କୁମାର ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନୀତ ଅତିଥି ଭାବରେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର, ଏମ୍ ପି ସି ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ଜିଲ୍ଲା ଓଷ୍ଟା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ପୂର୍ବତନ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ରମାକାନ୍ତ ମହାନ୍ତ, ରଘୁନାଥ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା, ବାଲକା ହାଇସ୍କୁଲ ର ପ୍ରଧାନ ଶିକ୍ଷକ ରଂଜନ କୁମାର ବାରିକ ପ୍ରମୁଖ ଯୋଗଦାନ କରିଥିଲେ। ଏ-୧ ଗ୍ରେଡ଼ ରେ କୃତିତ୍ୱ ହାସଲ କରିଥିବା ପ୍ରିୟଙ୍କା ମହାପାତ୍ର, ଶ୍ରେୟମ ସାହୁ, ଅଲିଭା ରାଉତ, ଲିପ୍ସିତା ପରିଡ଼ା, ଲଲାଟେନ୍ଦୁ ମହାନ୍ତ, ଓମ୍ ପ୍ରକାଶ ପୃଷ୍ଟି, କ୍ରିସ ଗୁପ୍ତା, ଅଙ୍କିତ ମିଶ୍ର, ସୁଭମ ଓଝା, ଧର୍ମଜୟ ରାଉତ ଙ୍କୁ ଅତିଥି ବୃନ୍ଦ ଟ୍ରଫି ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ଓଷ୍ଟା ବ୍ଲକ୍ ସଂପାଦକ ସୁର୍ଯ୍ୟାନନ୍ଦ ନାୟକ, ଉପ ସଭାପତି ପ୍ରକାଶ କେଶରୀ ପ୍ରଧାନ, ସଂପାଦକ ଧିରେନ୍ଦ୍ର ପ୍ରଧାନ, ଭବାନୀ ବାଗ, ନିହାର କାନ୍ତି ବେହେରା, ସ୍ନେହଲତା ରାଉତ, ଶୁଶାନ୍ତ ପଣ୍ଡା, ପର୍ଶୁରାମ ଦାସ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଛାତ୍ର, ଛାତ୍ରୀ ଓ ଅଭିଭାବକ ସେମାନଙ୍କର ପ୍ରସ୍ତୁତି ଓ ସହଯୋଗ, ଭବିଷ୍ୟତ ବିଷୟରେ ବର୍ଣ୍ଣନା କରିଥିଲେ।ସର୍ବ ଶେଷରେ ଶିକ୍ଷକ ନିରଞ୍ଜନ ବେଜ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଞ୍ଜ ଅଧୀନସ୍ଥ ଗ୍ରାମକୁ ନୟାନ୍ତ କଲେଣି ହାତୀପଲ



**ବୈଶିଙ୍ଗା,୭।୫(ସଂଚାର ବ୍ୟୁରୋ):** ବେତନଟୀ ରେଞ୍ଜକୁ ଘର କରି ବସିଲେଣି ଝାଡ଼ଖଣ୍ଡି ହାତୀପଲ। ଗତ ଏକ ସପ୍ତାହରୁ ଉର୍ଦ୍ଧ୍ୱ ଧରି ୬୭ଟିକିଆ ବିଶାଳ ହାତୀପଲ ବେତନଟୀ ରେଞ୍ଜ ପଶି ବିଭିନ୍ନ ବନକ୍ଷେତ୍ର ଏବଂ ଗ୍ରାମଗୁଡିକରେ ବ୍ୟାପକ କ୍ଷତି ଘଟାଇ ବର୍ତ୍ତମାନ ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ଅଧୀନରେ ପହଞ୍ଚିଛନ୍ତି। ଏହି ହାତୀ ପଲ ଯିବା ପରେ ଅନ୍ୟ ଏକ ୩୭ ଟକିଆ ହାତୀପଲ ବେତନଟୀ ରେଞ୍ଜର ବଡ଼ାମପୁର ବନାଞ୍ଚଳ ଅଧୀନ କୁରାଡିକ ଜଙ୍ଗଲରେ ରହିଥିବାର ବନବିଭାଗ ଠାରୁ ପ୍ରକାଶ। ସେହିପରି କେସିପୁର ବନାଞ୍ଚଳ ଅଧୀନ ଗଣ୍ଡିଗଧା ଜଙ୍ଗଲରେ ଦୁଇଟି ହାତୀ ରହିଥିବାର ଜଣାଯାଇଛି। ଚାଷ କାର୍ଯ୍ୟ ଚାଲୁଥିବା ସମୟରେ ଝାଡଖଣ୍ଡୀ ହାତୀ ମାନଙ୍କର ବେତନଟୀ ରେଞ୍ଜ ଅଧୀନର ବିଭିନ୍ନ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟାଇବା ସହ ବହୁତ ଧନ ଜୀବନ ନଷ୍ଟ କରୁଥିବାର ଅନେକ ନଜିର ରହିଛି। ବର୍ତ୍ତମାନ ସମୟରେ ହାତୀପଲ ଗୁଡିକ ରବି ଧାନ ଫସଲ ସହ ପନିପରିବା ଚାଷ କୁ ସମ୍ପୂର୍ଣ୍ଣ ନଷ୍ଟ କରୁଥିବାର ଦେଖିବାକୁ ମିଳିଛି। ଯାହା ଫଳରେ ଚାଷୀଙ୍କ କ୍ଷୟକ୍ଷତି ର ପ୍ରକୃତ ଆକଳନ ହେଉନଥିବା ବେଳେ ଏବେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଥିବାର ଦେଖାଯାଇଛି। ହାତୀପଲଙ୍କ ଗତିପଥ ଉପରେ ବେତନଟୀ ରେଞ୍ଜ ଅଧିକାରୀ ମନଓ୍ୱର ଖାଁ, ବନପାଳ ପ୍ରଶାନ୍ତ ସିଂ ସାମନ୍ତ, ବନପାଳ ଦୀପକ ପାତ୍ର, ଗଜସାଥୀ ଏବଂ ବନରକ୍ଷୀ ତୀକ୍ଷ୍ଣ ନଜର ରଖିଥିବାର ଜଣାଯାଇଛି।

## କଠିନ ପରିଶ୍ରମ ସଫଳତା ଆଣିଦିଏ

# ମାଟ୍ରିକ ପରୀକ୍ଷା ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

**କାକଟପୁର/ଅସ୍ତରଙ୍ଗ,୭।୫(ସଂଚାର ବ୍ୟୁରୋ):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ୨୦୨୪-୨୫ଶିକ୍ଷା ବର୍ଷର ପ୍ରକାଶ ପାଇଥିବା ଫଳାଫଳ ଅନୁସାରେ ପୁରୀ ଜିଲ୍ଲା କାକଟପୁର ବ୍ଲକ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ରେ ଏ ୱାନ ଗ୍ରେଡ଼ ଓ ଏ ଟୁ ଗ୍ରେଡ଼ରେ ଉତୀର୍ଣ୍ଣ ହୋଇଥିବା ଛାତ୍ର, ଛାତ୍ରୀଙ୍କ ମଧ୍ୟରେ କାକଟପୁର ବ୍ଲକ ଟପ୍ପର ହୋଇଛନ୍ତି ଅଂଶୁମାନ ରାଉତ। ମୋଟ ୬୦୦ନମ୍ବର ରୁ ୫୬୦ନମ୍ବର ରଖି ବିଦ୍ୟାଳୟ ପାଇଁ ତଥା କାକଟପୁର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଖବର ମୁତାବକ ସୋମବାର ପୂର୍ବାହ୍ନରେ ପୁରୀ ଜିଲ୍ଲା କାକଟପୁର ବ୍ଲକ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର ଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତି ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି



ପ୍ରମୋଦ କୁମାର ପୃଷ୍ଟି, କାକଟପୁର ସଂକୁଳ ପ୍ରମୁଖ ସୁରେନ୍ଦ୍ର କୁମାର ମାଣିକ, ଅଧ୍ୟାପକ ମନୋଜ କୁମାର ସାହୁ, ସହ ପ୍ରଧାନଆଚାର୍ଯ୍ୟ ଜୟନ୍ତୀ ବାଳା ନନ୍ଦ, ସଦସ୍ୟ ରାଜକିଶୋର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଯୋଗଦାନ କରି ସଦ୍ୟ ପ୍ରକାଶିତ ମାଟ୍ରିକ ପରୀକ୍ଷାରେ କାକଟପୁର ବ୍ଲକ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ର ଅଧ୍ୟୟନ ରତ ଛାତ୍ର ବ୍ଲକ ଟପ୍ପର ହୋଇଥିବା ଅଂଶୁମାନ ରାଉତ (୫୬୦)ଙ୍କ ସହ ପ୍ରତୀକ୍ଷା ତ୍ରିପାଠୀ (୫୫୮), ଅଙ୍କିତା ମିଶ୍ର (୫୫୪), ସ୍ୱାତୀଲିନା ଦାସ (୫୪୧) ଏ ଟୁ ଗ୍ରେଡ଼ ହୋଇଥିବା ଅର୍ଚ୍ଚନା ବେହେରା (୫୩୦), ସଞ୍ଜିତା ଜେନା (୫୩୧), ଶୁଭଲକ୍ଷ୍ମୀ ବିଶ୍ୱାଳ (୫୦୨), ଅମ୍ରିତା ସୁବୁଦ୍ଧି (୫୦୨), ସୋହମ ସାହୁ (୪୯୩), ପ୍ରତିଜ୍ଞା ବିଶ୍ୱାଳ (୪୯୨), ପ୍ରତ୍ୟୁଷ ସେଠୀ (୪୯୦) ନମ୍ବର ରଖିଥିବା ବେଳେ ବି ୱାନ ଗ୍ରେଡ଼ ୧୧ଜଣ, ବି ଟୁ ଗ୍ରେଡ଼ ୮ଜଣ, ସି ଗ୍ରେଡ଼ ୯ଜଣ ଓ ଡି ଗ୍ରେଡ଼ ୦୪ଜଣ ପାଇଛନ୍ତି। ଯାହା ଫଳରେ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ରେ ଶିକ୍ଷା ଦାନ କରୁଥିବା ଛାତ୍ର ଛାତ୍ରୀ କୃତ କାର୍ଯ୍ୟ ହେବା ସହ ବିଦ୍ୟାଳୟରେ ଶତପ୍ରତିଶତ ଫଳାଫଳ ହୋଇଛି।

## ବାୟୁସେନା ଅଧିକାରୀଙ୍କୁ ଗାଁ ମାଟିରେ ସ୍ୱାଗତ ସମ୍ବର୍ଦ୍ଧନା ଦେଲେ ଗ୍ରାମବାସୀ




**ଯାଜପୁର ରୋଡ଼,୭।୫(ସଂଚାର ବ୍ୟୁରୋ):** ଦେଶ ମାତୃକାର ସେବାରେ ଜୀବନର ଅଧାରୁ ଅଧିକ ସମୟ କାର୍ଯ୍ୟ ନିର୍ବାହ ପରେ ସେନା ଅଧିକାରୀଙ୍କ ଅବସର ନେବା ପରେ ନିଜ ଜନ୍ମିତ ଗାଁ ମାଟିକୁ ଫେରି ଆସିଛନ୍ତି।ସୂଚନା ଥାଉକି ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ତାରାକୋଟ ପଂଚାୟତର କେଶୁଆ ଗ୍ରାମର ପିତାମ୍ବର ବଳ ଯିଏକି ଦୀର୍ଘ ୩୮ ବର୍ଷ ଧରି ଭାରତୀୟ ବାୟୁ ସେନାରେ କାର୍ଯ୍ୟରତ ଥିଲେ.ସେ ପ୍ରଥମେ ୧୯୮୭ ମସିହାରେ ଭାରତୀୟ ବାୟୁ ସେନାରେ ଜୟପୁର ଠାରେ ଯୋଗ ଦେଇଥିଲେ, ପରେ ତାଙ୍କ ଚାକିରି ସମୟର ଜାମ୍ମୁ, ସିଂହର୍ଷି, ବରଦା, କର୍ଷୀଙ୍ଗା, ଗାନ୍ଧୀ ନଗର, ନ୍ୟୁ ଦିଲ୍ଲୀ ବାୟୁ ସେନା ଭବନ, ଦରଭଙ୍ଗା, ବେଙ୍ଗଲୁରୁ, କଳିକୁଣ୍ଡ ଓ ଶେଷ ସମୟେ ସେ କାଶ୍ମୀର ପହଲଗମର ବୈସରନ ଘାଟିରେ ଥିବା ବାୟୁ ସେନା କ୍ୟାମ୍ପରୁ ଅବସର ମିଳିଛି।ଏହା ମଧ୍ୟ ସୂଚନା ଥାଉକି ୨୨ ତାରିଖ ଯେଉଁ ଆତଙ୍କବାଦୀ ଆକ୍ରମଣ ପର୍ଯ୍ୟଟକଙ୍କୁ ହୋଇଥିଲା ସେଇ ଦିନ ତାଙ୍କର ପହଲଗମରେ ଥିଲା ଶେଷ କାର୍ଯ୍ୟ ଦିବସ।ସେ ତାଙ୍କ କାର୍ଯ୍ୟକାଳ ସମରେ ୧୯୯୬ ମସିହାରେ ଯୁଧାଭ୍ୟାସ ସମୟରେ ବାୟୁ ସେନା ଚେକ୍ ପୋଷ୍ଟ ଗୁଡ଼ିକୁ ୪ ଟି ବିମାନ ଆକାଶ ମାର୍ଗରୁ ଖାଦ୍ୟ ପ୍ରଦାନ କରୁଥିବା ବେଳେ ହଟାତ୍ ୩ ଟି ଯୁଦ୍ଧ ବିମାନ ଦୁଘଟଣାଗ୍ରସ୍ତ ହୋଇଥିଲା ସୌଭାଗ୍ୟ ବସତ୍ ଶ୍ରୀ ବଳଙ୍କ ବିମାନଟି ବର୍ତି ଯାଇଥିଲା, ଗ୍ରାମ ଦେବତୀ ଓ ଅଞ୍ଚଳ ବାସୀଙ୍କ ଅଶିର୍ବାଦ୍ ପାଇଁ ବଞ୍ଚି ଯାଇଥିବା କଥା ତାଙ୍କ ମୁହଁରୁ ବଖାଣି ଥିଲେ।

## ସର୍ବସାଧାରଣ ପୋଖରୀ ଜବରଦଖଲ

**ନୂଆପଡ଼ା,୭।୫(ସଂଚାର ବ୍ୟୁରୋ):** ନୂଆପଡ଼ା ସଦର ବ୍ଲକ ଚୂନାଭାଟ ପଞ୍ଚାୟତ ଭଏଁଷାଦାଦର ଗାଁରେ ଥିବା ସର୍ବସାଧାରଣ ପୋଖରୀକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ସେମାନେ ଏ ନେଇ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବରେ ଜଣାଇଛନ୍ତି। ଏହାର ତଦନ୍ତକରି ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । ସୂଚନା ଅନୁଯାୟୀ ଭଏଁଷାଦାଦର ଗାଁରେ ୧୧ ଏକର ୫୫ ଡେସିମିଲ ପରିମିତ ଏକ ସର୍ବସାଧାରଣ ପୋଖରୀ କୁସୁମକଟା ରହିଛି। ଗାଁ ଲୋକେ ଦୈନିକ ପୋଖରୀ ପାଣି ବ୍ୟବହାର କରିବା ସହ ଗୃହପାଳିତ ପଶୁ ଓ ବନ୍ୟଜନ୍ତୁ ପାଣି ପିଉଛନ୍ତି । ଏପରିସ୍ଥଳେ ପୋଖରୀର କିଛି ଅଂଶକୁ କେତେଜଣ ଲୋକ ପୋତି ଚାଷ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଗ୍ରାମବାସୀ ଅନେକ ଥର ସଭାକରି ମନାକଲା ପରେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ସମ୍ପୂର୍ଣ୍ଣ ପୋଖରୀ ଚାଷଜମିରେ ପରିଣତ ହୋଇଯିବ ବୋଲି ଗ୍ରାମବାସୀ ଦର୍ଶାଇଛନ୍ତି। ଏହି ସମୟରେ ଭକ୍ତବନ୍ଧୁ ଧରୁଆ, ଭାଗବତ ମାଝି, ହୀରା ରାଉତ, ଗୋଜ ମାଝି, ନେହେରୁ ଶବର ପ୍ରମୁଖ ଉପସ୍ଥିତ ଥିଲେ ।

## କଲ୍ୟାଣପୁର-ପଟପରପାଲି ରାସ୍ତାବସ୍ଥା ଶୋଚନୀୟ

**ନୂଆପଡ଼ା,୭।୫(ସଂଚାର ବ୍ୟୁରୋ):** ନୂଆପଡ଼ା ସଦର ବ୍ଲକ୍ ଆମସେନା ପଞ୍ଚାୟତର କଲ୍ୟାଣପୁର-ପଟପରପାଲି ରାସ୍ତା ଶୋଚନୀୟ ହୋଇପଡିଛି। ଫଳରେ କଲ୍ୟାଣପୁର ସମେତ ଆଖପାଖ ୫ଖଣ୍ଡ ଗ୍ରାମର ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ପରଠାରୁ ପ୍ରାୟ ୨୦ ବର୍ଷ ହେବ ମରାମତି କାର୍ଯ୍ୟ କରାଯାଇ ନାହିଁ। ଦୈନିକ ଏହି ରାସ୍ତାରେ ଭାରିଯାନ ଚଳାଚଳ କରିବା ଦ୍ୱାରା ଖାଲଖମାରେ ପରିଣତ ହୋଇଛି। ଅସରାଏ ବର୍ଷା ହେଲେ ପାଣି ଜମି ମଶାମାଛିଙ୍କ ବଂଶ ବୃଦ୍ଧି ହୋଇ ରୋଗର କାରଣ ସାଜୁଛି।

## ପୋଖରୀ ପୁନରୁଦ୍ଧାର ଅର୍ଥ ନୂଆ ପୋଖରୀ ଖୋଳାରେ ଖର୍ଚ୍ଚ ହେଉଛି

**କଣାସ,୭।୫(ସଂଚାର ବ୍ୟୁରୋ):** କଣାସ ବ୍ଲକ ଅନ୍ତର୍ଗତ ଗଡ଼ଶାହି ଗ୍ରାମପଞ୍ଚାୟତର କୋଟକଣା ଗ୍ରାମର ପୋଖରୀ ପୁନରୁ ଉଦ୍ଧାର ନିମନ୍ତେ ପୂର୍ବତନ ବିଧାୟକ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ନିର୍ବାଚନ ଆଚରଣ ବିଧି ଲାଗିଯିବାରୁ କାର୍ଯ୍ୟାଦେଶ ମିଳିନଥିଲା ସମ୍ପ୍ରତି କାର୍ଯ୍ୟାଦେଶ ଦିଆଯାଇଛି କିନ୍ତୁ ଗ୍ରାମରେ ଥିବା ପୋଖରୀ ପୋତି ହୋଇ ଯାଇଥିଲେ ମଧ୍ୟ ପୁନରୁ ଉଦ୍ଧାର କରାନଯାଇ ଗ୍ରାମଠାରୁ ଏକ କିଲୋମିଟର ଦୂରରେ ଏକ ନୂଆ ପୋଖରୀ ଖୋଳାଯାଉଛି। ଯେଉଁ ସ୍ଥାନରେ ଏହି ନୂଆ ପୋଖରୀ ଖୋଳାଯାଉଛି ତାହା କୋଟକଣା ମୌଜାର ପ୍ଲଟ ନମ୍ବର ୩୦, ୩୧, ୩୨, ୩୩ ଓ ୩୬ ରେ କରାଯାଉଛି। ଏହି ଜମି ପ୍ଲଟ ଗୁଡିକ ପାଣି ନାଳ, ରକ୍ଷିତ ଅନାବାଦୀ ଓ ନୀଳକଣ୍ଠେଶ୍ୱର ଦେବଓଗେର ଗ୍ରାମବାସୀଙ୍କ ମାର୍ଫତରେ ରହିଅଛି। ଏଥିପାଇଁ ମଧ୍ୟ କୌଣସି ଗ୍ରାମସଭା କରାଯାଇ ନାହିଁ। ଗ୍ରାମବାସୀମାନେ ଏ ସମ୍ପର୍କରେ କଣାସ ବିଡିଓ, ତହସିଲଦାର, ଜିଲ୍ଲାପାଳ ପୁରୀଙ୍କୁ ଜଣାଇଛନ୍ତି। ଏ ସମ୍ପର୍କରେ କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଅଭି ଯୋଗ ପାଇଛି ତହସିଲଦାରଙ୍କୁ ପୋଖରୀ ଖୋଳାଯାଉଥିବା ସ୍ଥାନ ସମ୍ପର୍କରେ ରିପୋର୍ଟ ମାଗିଛି। ପୋଖରୀ ଖୋଳାଯାଉଥିବା ଅର୍ଥ ରିପୋର୍ଟ ମିଳିବା ପରେ ପେମେଣ୍ଟ ଦିଆଯିବ।

## ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧନା ସଭା

**ବେତନଟୀ,୭।୫(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଓଷ୍ଟା ସଂଘ ଦ୍ୱାରା ବେତନଟୀ ବ୍ଲକ ରେ ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ୧ ଗ୍ରେଟ୍ ପାଇ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ବେତନଟୀ ବ୍ଲକ ଅନ୍ତର୍ଗତ ବାଲକା ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକ ଓଷ୍ଟା ସଂଘ ର ସଭାପତି ଶିଶିର କୁମାର ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନୀତ ଅତିଥି ଭାବରେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର, ଏମ୍ ପି ସି ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ଜିଲ୍ଲା ଓଷ୍ଟା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ପୂର୍ବତନ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ରମାକାନ୍ତ ମହାନ୍ତ, ରଘୁନାଥ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା, ବାଲକା ହାଇସ୍କୁଲ ର ପ୍ରଧାନ ଶିକ୍ଷକ ରଂଜନ ବାରିକ ପ୍ରମୁଖ ଯୋଗଦାନ କରିଥିଲେ।ଏ୧ ରେ କୃତିତ୍ୱ ହାସଲ କରିଥିବା ପ୍ରିୟଙ୍କା ମହାପାତ୍ର, ସ୍ରେୟମ ସାହୁ, ଅଲିଭା ରାଉତ, ଲିପ୍ସିତା ପରିଡ଼ା, ଲଲାଟେନ୍ଦୁ ମହାନ୍ତ, ଓମ୍ ପ୍ରକାଶ ପୃଷ୍ଟି, କ୍ରିସ ଗୁପ୍ତା, ଅଙ୍କିତ ମିଶ୍ର, ସୁଭମ ଓଝା, ଧର୍ମଜୟ ରାଉତ ଙ୍କୁ ଅତିଥି ବୃନ୍ଦ ଟ୍ରଫି ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ଓଷ୍ଟା ବ୍ଲକ୍ ସଂପାଦକ ସୁର୍ଯ୍ୟାନନ୍ଦ ନାୟକ, ଉପ ସଭାପତି ପ୍ରକାଶ କେଶରୀ ପ୍ରଧାନ, ସହ ସଂପାଦକ ଧିରେନ୍ଦ୍ର ପ୍ରଧାନ, ଭବାନୀ ବାଗ, ନିହାର କାନ୍ତି ବେହେରା, ସ୍ନେହଲତା ରାଉତ, ଶୁଶାନ୍ତ ପଣ୍ଡା, ପର୍ଶୁରାମ ଦାସ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଛାତ୍ର, ଛାତ୍ରୀ ଓ ଅଭିଭାବକ ସେମାନଙ୍କର ପ୍ରସ୍ତୁତି ଓ ସହଯୋଗ, ଭବିଷ୍ୟତ ବିଷୟରେ ବର୍ଣ୍ଣନା କରିଥିଲେ।ସର୍ବ ଶେଷରେ ଶିକ୍ଷକ ନିରଞ୍ଜନ ବେତ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଳତା ସମାଜ ଅର୍ଥ କମିଟି ସଚିବଙ୍କ ପରଲୋକ

**ନର୍ଲା,୭।୫(ସଂଚାର ବ୍ୟୁରୋ):** କଳାହାଣ୍ଡି କୁଳତା ସମାଜ ଅର୍ଥ କମିଟି ସଚିବ ଦେବାର୍ଚ୍ଚନ ପଧାନଙ୍କ ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ବୟସ ହେଉଥିଲା। ସେ ଦୀର୍ଘ ସମୟ ଧରି କିଡନୀ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ଦିନ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ବୁଧବାର ତାଙ୍କର ମରଶରୀର ପୈତୃକ ଗ୍ରାମ ଲିମପଡାରେ ପହଞ୍ଚିବା ପରେ ଶେଷକୃତ୍ୟ ସଂପନ୍ନ ହୋଇଛି। କଳାହାଣ୍ଡି କୁଳତା ସମାଜର କର୍ମକର୍ତ୍ତା, ପରିବାର ବର୍ଗ ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ସ୍ୱର୍ଗତ ପଧାନଙ୍କ ପୁତୁରା ଶିବପ୍ରସାଦ ମୁଖାଗ୍ନି ଦେଇଥିଲେ।

# ବିଦ୍ୟୁତ ଆଲୁଅ ଦେଖିନାହାନ୍ତି ବେଲା ଡଲି, ବିଜାମାରି ଓ କ୍ଲିଉ ଗ୍ରାମବାସୀ

**ଫୁଲବାଣୀ,୭।୫(ସଂଚାର ବ୍ୟୁରୋ):** ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ୍ୟ କିଛି ଏମିତି ଗାଁ ରହିଛି ଯଉ ଗାଁ ମାନଙ୍କରେ ବିଦ୍ୟୁତ ସଂଯୋଗ ହୋଇପାରିନଥିବା ବେଳେ ବିଦ୍ୟୁତ ଆଲୋକ ଦେଖିନାହାନ୍ତି ଏହି ଗାଁ ର ଗ୍ରାମବାସୀ ମନୋ ନିର୍ବାଚନ ଆସିଲେ ଭୋଟ ଦିଅନ୍ତି ଏହି ଗାଁ ମାନଙ୍କୁ ନିର୍ବାଚନ ସମୟରେ ନେତା ମନ୍ତ୍ରୀ ସମସ୍ତେ ଭୋଟ ମାଗିବା ପାଇଁ ଯାନ୍ତି । ବିଦ୍ୟୁତ ସଂଯୋଗ କରିଦେବା ପାଇଁ ପ୍ରତିଶୃତି ମଧ୍ୟ୍ୟ ଦିଅନ୍ତି । କିନ୍ତୁ ନିର୍ବାଚନ ସରିଲେ ସମସ୍ତେ ଦେଇଥିବା ପ୍ରତିଶୃତି କୁ ଭୁଲି ଯାନ୍ତି। ସତେ ଯେମିତି ଏହା ଏହି ଗ୍ରାମବାସୀ ମାନଙ୍କ ପାଇଁ ଚିରାଚରିତ ପ୍ରଥା ପାଲଟି ଯାଇଛି । ସବୁପରେ ଏହି ଗାଁ ମାନଙ୍କୁ ବିଦ୍ୟୁତ ସଂଯୋଗ ହୋଇନଥିବାରୁ ଗାଁ ମାନଙ୍କରେ ବସବାସ କରିଆସୁଥିବ ଲୋକଙ୍କୁ ନହିନଥିବା ଅସୁବିଧାର ସମ୍ମୁଖୀନ ହବାକୁ ପଡୁଥିବା ବେଳେ ଡିବିରୀ ଆଲୁଅ ଏକମାତ୍ର ଭରସା ସାଜିଛି। କଥାଟି ଆଶ୍ଚର୍ଯ୍ୟ ଲାଗିଥିଲେବି ସତ । ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପକାରୀ ପଞ୍ଚାୟତ ରେ । ଏହି ପଞ୍ଚାୟତ ଅଧୀନରେ ରହିଛି ବେଲା ଡ଼ଲି, ବିଜାମାରି ଓ କ୍ଲିଉ ଗାଁ । ଗାଁରେ ପ୍ରାୟ ୧୭ ରୁ ଟି ପରିବାର ଆବାହମାନ କାଳରୁ ରହିଆସୁଥିବା ବେଳେ ଆଜି ପର୍ଯ୍ୟନ୍ତ ଗାଁକୁ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ ବିଦ୍ୟୁତ ସଂଯୋଗ କରିବା ପାଇଁ ଗ୍ରାମବାସୀ ବାରମ୍ବର ବିଭିନ୍ନ ସରକାରୀ ଓ ବେସରକାରୀ ସ୍ତରରୁ ଆରମ୍ଭ କରି ମନ୍ତ୍ରୀ ବିଧାୟକ ଓ ଜିଲ୍ଲାପାଳ ଙ୍କୁ ମଧ୍ୟ୍ୟ ବହୁବାର ଗୁହାରି କରିସାରିଛନ୍ତି ତଥାପି ଗାଁରେ ହୋଇପାରୁନି ବିଦ୍ୟୁତ ସଂଯୋଗ । ଶେଷରେ ରବିବାର



ଗ୍ରାମବାସୀ ବିଜେପି ର ପଞ୍ଚାୟତ ସଭାପତି ଦାୟିତ୍ୱ ରେ ଥିବା ବାବୁଲା କହଁର ଙ୍କ ଅଧକ୍ଷତାରେ ଏକ ବୈଠକ କରି ଚରମ ନିଷ୍ପତି ନେଇଛନ୍ତି । ଆଗାମୀ ଆଗାମୀ ଦିନରେ ଏହି ଗାଁକୁ ବିଦ୍ୟୁତ ସଂଯୋଗ ନହଲେ ବାଧ୍ୟହୋଇ ରାଜରାସ୍ତା କୁ ଓହ୍ଲାଇ ଆନ୍ଦୋଳନ କରିବେ । ଅନ୍ୟପଟେ ଏହି ଗାଁ ର ଏହି ବିଦ୍ୟୁତ ସମସ୍ୟା ବିଷୟରେ ଫିରିଙ୍ଗିଆ ଦାୟିତ୍ୱ ରେ ଥିବା କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ସାହୁ ଙ୍କୁ ପଚାରିବାରୁ ଗାଁ ଗୁଡିକ ବଣପାହାଡ଼ ମଧ୍ୟ୍ୟରେ ଥିବାରୁ ଗାଁକୁ କମ୍ୟୁନିକେସନ ର ସୁବିଧା ହୋଉପାରୁନାହିଁ । ଯାହାପାଇଁ ଏହି ଗାଁ ଗୁଡିକରେ ବିଦ୍ୟୁତ ସଂଯୋଗ ହୋଇପାରୁନାହିଁ । ଆଗାମୀ ଦିନରେ ଏହି ଗାଁ ଗୁଡିକରେ ସୋଲାର ସିଷ୍ଟମ ମାଧ୍ୟମରେ ବିଦ୍ୟୁତ ସଂଯୋଗ କରାଯିବ ବୋଲି ସୂଚନା ଦେଇଛନ୍ତି । ତେବେ ଦେଖିବାକୁ ବାକି ରହିଲା ଏହି ଗାଁ ଗୁଡିକ ଉପରେ କେବେ ପ୍ରଶାସନ ର ଦୃଷ୍ଟି ପଡୁଛି ଓ ଗ୍ରାମବାସୀ କେବେ ବିଦ୍ୟୁତ ଆଲୋକ ଦେଖିବେ ।